

ନୀତିଶ, ନବୀନଙ୍କୁ ମିଳୁ ଭାରତ ରତ୍ନ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ବ୍ୟକ୍ତିଗତ ଜୀବନରେ ପର୍ଫେକ୍ଟ ନୁହନ୍ତି ବୋଲି କହିଲେ ଅମୀର୍ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୬୭ Vol. 21 No-267 26 DECEMBER 2024 THURSDAY BHUBANESWAR ଗୁରୁବାର, ୨୬ ଡିସେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ସ୍ଥଗିତ ରହିଲା ରତ୍ନଭଣ୍ଡାର ମରାମତି କାର୍ଯ୍ୟ

ପୁରୀ, ୨୫।୧୨ (ଭାସ୍କର ନ୍ୟୁଜ): ବୁଧବାରଠାରୁ ଜାନୁଆରୀ ୨ ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସ୍ଥଗିତ ରଖାଯାଇଛି। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଇଂରାଜୀ ନୂଆବର୍ଷ ଓ ଛୁଟି ଯୋଗୁ ଶ୍ରଦ୍ଧାଳୁଙ୍କ ଭିଡ ସହ ଶୃଙ୍ଖଳିତ ନୀତିକାନ୍ତି ଓ ଦର୍ଶନକୁ ଦୃଷ୍ଟିରେ ରଖାଯାଇ ଏହି ନିଷ୍ପତ୍ତି ଶ୍ରୀମନ୍ଦିର ପ୍ରଶାସନ ନେଇଛି। ୩ ତାରିଖରୁ ପୁଣି ଯଥାରୀତି ମରାମତି କାର୍ଯ୍ୟ ଆରମ୍ଭ ହେବ। ସୂଚନାଯୋଗ୍ୟ ଯେ ଗତ ୧୭ ତାରିଖରୁ ଶ୍ରୀମନ୍ଦିର ରତ୍ନ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା।

### ଓଡ଼ିଶାକୁ କେନ୍ଦ୍ର ଦେଲା ୪୫୫ କୋଟି

ଭୁବନେଶ୍ୱର, ୨୫।୧୨ (ଭାସ୍କର ନ୍ୟୁଜ): ପଞ୍ଚଦଶ ଅର୍ଥ କମିଶନ ମଞ୍ଜୁର କରିଥିବା ୪୫୫ କୋଟି ଟଙ୍କା କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡ଼ିଶା ସରକାରଙ୍କୁ ପ୍ରଦାନ କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ କିସ୍ତିକୁ ମିଶାଇ ଏହି ଅର୍ଥ ପ୍ରଦାନ କରାଯାଇଛି। ଏହି ଅର୍ଥ ୩୦ ଜିଲ୍ଲାର ୩୧୪ଟି ବ୍ଲକର ୬୭୯୪ ଗ୍ରାମ ପଞ୍ଚାୟତରେ ଖର୍ଚ୍ଚ କରାଯିବ।


### ବର୍ଷା ଆଉ ୨୪ ଘଣ୍ଟା

ଭୁବନେଶ୍ୱର, ୨୫।୧୨ (ଭାସ୍କର ନ୍ୟୁଜ): ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ବର୍ଷା ଜାରି ରହିଛି। ଏହି ବର୍ଷା ଆଉ ୨୪ ଘଣ୍ଟା ଜାରି ରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାକୁ ଛାଡ଼ିଦେଲେ ବାକି ସମସ୍ତ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସେନ୍‌ସେକ୍ସ: ୭୮,୪୭୨.୮୭
ସର୍ବାଧିକ: ୨୧.୦ ଡିଗ୍ରୀ
ସର୍ବନିମ୍ନ: ୧୮.୨ ଡିଗ୍ରୀ

**୨୫।୧୨।୨୦୨୪ର ମତାମତ**

ମୋଦୀ, ଶାହଙ୍କ ଘନଘନ ଓଡ଼ିଶା ଗସ୍ତ ବିଜେପି ସଂଗଠନକୁ ମଜବୁତ କରିବ କି?





**ଆଜିର ପ୍ରସଙ୍ଗ**

କେନ୍ଦ୍ର ସରକାରଙ୍କ ନୂତନ ଶିକ୍ଷାନୀତି ବିଦ୍ୟାର୍ଥୀଙ୍କ ଭବିଷ୍ୟତ ଗଠନରେ ସହାୟକ ହେବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଓଡିଶା ପାଇଲା ନୂଆ ରାଜ୍ୟପାଳ
ଜ୍ଞାନୀ, ଗୁଣି, ଡକଟର
କାର୍ଯ୍ୟକାଳ ଥାଇ ଆଉ ବହୁ ବାକି
ବିଦା ହେଲେ ରଘୁବୀର ।
ହୋଇ ଏତେ ଧୁରନ୍ଧର,
ପୁଅ ପାଇଁ ଛନ୍ଦି ହୋଇ ବିବାଦରେ
ପାଇଲେ ଏ ପୁରସ୍କାର ।

## 'ସୁଭଦ୍ରା'କୁ ନେଇ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା

# ମାର୍ଚ୍ଚରେ ମିଳିବ ଦ୍ୱିତୀୟ କିସ୍ତି



**ଜାନୁଆରୀରେ ୨୦ଲକ୍ଷରୁ ଅଧିକ ହିତାଧିକାରୀ ପାଇବେ ସହାୟତା**

**ତିନୋଟି ପର୍ଯ୍ୟାୟରେ ୮୦ଲକ୍ଷ ମହିଳା ଉପକୃତ**

**୧ କୋଟି ହିତାଧିକାରୀଙ୍କୁ ସହାୟତା ପ୍ରଦାନ ଲକ୍ଷ୍ୟ**

ଭୁବନେଶ୍ୱର, ୨୫।୧୨ (ଭାସ୍କର ନ୍ୟୁଜ): ସୁଭଦ୍ରା ଯୋଜନା ଆବେଦନକାରୀଙ୍କ ପାଇଁ ବଡ଼ ଖବର। ଜାନୁଆରୀ ମାସସୁଦ୍ଧା ପ୍ରଥମ କିସ୍ତିର ୧ କୋଟି ହିତାଧିକାରୀଙ୍କୁ ମିଳିବ ସୁଭଦ୍ରା ସହାୟତା। ଏହାପରେ ମାର୍ଚ୍ଚ ମାସରେ ଆରମ୍ଭ ହେବ ଦ୍ୱିତୀୟ କିସ୍ତି ପ୍ରଦାନ। ଦ୍ୱିତୀୟ କିସ୍ତିରେ ଏକକାଳୀନ କୋଟିଏ ହିତାଧିକାରୀଙ୍କୁ ଏହି ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ସେ କହିଛନ୍ତି, ପ୍ରତି ଜିଲ୍ଲାରେ ସର୍ଭେପାଇଁ ମନ୍ତ୍ରୀମାନଙ୍କୁ ପଠାଯାଉଛି। ସେମାନେ ସର୍ଭେ କରି ରିପୋର୍ଟ ପ୍ରଦାନ କରିବେ। ଜାନୁଆରୀରେ ୨୦ଲକ୍ଷରୁ ଅଧିକ ହିତାଧିକାରୀଙ୍କ ଆକାଉଣ୍ଟକୁ ଏହି ସହାୟତା ରାଶି ପଠାଯିବ । ତେବେ ପ୍ରଥମ ପର୍ଯ୍ୟାୟର ଚତୁର୍ଥ ପର୍ଯ୍ୟାୟ ପାଇବେ ମାଲକାନଗିରିର ବଣ୍ଡା ହିତାଧିକାରୀ। ତେବେ ବର୍ତ୍ତମାନ ସୁଦ୍ଧା ପ୍ରଥମ ପର୍ଯ୍ୟାୟର ୩ଟି କିସ୍ତିରେ ୮୦ଲକ୍ଷ ମହିଳା ହିତାଧିକାରୀ ସୁଭଦ୍ରା ଯୋଜନାରେ ଉପକୃତ ହୋଇଛନ୍ତି। ଆଗକୁ ଚତୁର୍ଥ ପର୍ଯ୍ୟାୟରେ ମୋଟ ୨୦ଲକ୍ଷ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯିବାର ଲକ୍ଷ୍ୟ ରଖାଯାଇଛି। ଏ ନେଇ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚନା ଦେବା ସହ ଜମିକୁ ନେଇ କାଗଜପତ୍ର ଯାଞ୍ଚ ପରେ ସମସ୍ତ ଯୋଗ୍ୟ ହିତାଧିକାରୀ ଏହି ଯୋଜନାର ଲାଭ ଉଠାଇପାରିବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ଆସନ୍ତା ମାର୍ଚ୍ଚ ୭ ତାରିଖରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଶେଷ ପର୍ଯ୍ୟାୟ ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ଯିବ। ମାର୍ଚ୍ଚ ୮ ତାରିଖରୁ ଦ୍ୱିତୀୟ କିସ୍ତି ପ୍ରଦାନ କରାଯିବ। ସେ ଆହୁରି କହିଥିଲେ, ଏବେ ବି ଆବେଦନ ଲାଗି ସମୟ ରହିଛି। ଏଣୁ କୌଣସି ହିତାଧିକାରୀ ଏ ନେଇ ବ୍ୟତିବ୍ୟସ୍ତ

● ପୃଷ୍ଠା ୫ ଦେଖନ୍ତୁ

## କଂଗ୍ରେସ ଉପରେ ବର୍ଷିଲେ ମୋଦୀ

# ଆମ୍ବେଦକରଙ୍କ ଅବଦାନକୁ କରୁଥିଲା ଅଣଦେଖା



ନୂଆଦିଲ୍ଲୀ, ୨୫।୧୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ସିଧାସଳଖ ପୂର୍ବରୁ କ୍ଷମତାରେ ଥିବା କଂଗ୍ରେସ ନେତୃତ୍ୱାଧୀନ ସରକାରକୁ ଟାର୍ଗେଟ କରିଛନ୍ତି। କଂଗ୍ରେସ କ୍ଷମତାରେ ଥିବାବେଳେ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକୁ ବିଳମ୍ବିତ କରୁଥିବା ଓ ପ୍ରଭାବୀ ନୀତିକୁ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିଲା ବୋଲି ମୋଦୀ ଅଭିଯୋଗ କରିଛନ୍ତି। ଗୁଡ୍ ଗଭର୍ଣ୍ଣାସ ଦିବସରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୋଦୀ କହିଥିଲେ ଯେ ଦେଶର ସର୍ବପୁରାତନ ରାଜନୈତିକ ଦଳ ଜଳ ସଂରକ୍ଷଣ ନୀତିକୁ ଅଣଦେଖା କରିଥିଲା ଓ ଚାଷୀଙ୍କ ଆବଶ୍ୟକତାକୁ ପୂରଣ କରିବାରେ ବିଫଳ ହୋଇଥିଲା। ବିଶେଷକରି ବୁନ୍ଦେଲଖଣ୍ଡର ଚାଷୀମାନେ ଏହାଦ୍ୱାରା ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ। ମୋଦୀ ଆହୁରି ଦାବି କରିଛନ୍ତି ଯେ ବାବା ସାହେବ ଆମ୍ବେଦକରଙ୍କର ଭାରତର ଜଳସଂରକ୍ଷଣ ନୀତିକୁ ଉପଯୁକ୍ତ ରୂପ ଦେବାକୁ ଚେଷ୍ଟା କରୁଥିବାବେଳେ କଂଗ୍ରେସ ନିୟମିତ ଭାବେ ତାଙ୍କ ଅବଦାନକୁ ଅଣଦେଖା କରି ଆସୁଥିଲା। ସ୍ୱାଧୀନତା ପରେ ବାବା ସାହେବଙ୍କ ଦୂରଦୃଷ୍ଟି ଭାରତର ଜଳଉତ୍ସ ଓ ସଂରକ୍ଷଣ ଉଦ୍ୟମକୁ ଆଗକୁ ନେଇଥିଲା। ଏବେ ବି କେନ୍ଦ୍ରୀୟ ଜଳ କମିଶନ ରହିଛି। ଏହାପଛରେ ବାବା ସାହେବଙ୍କ ଭୂମିକା ରହିଛି। କିନ୍ତୁ କଂଗ୍ରେସ କେବେହେଲେ ଏଥିପାଇଁ ତାଙ୍କୁ ଶ୍ରେୟ ଦେଇନାହିଁ ବୋଲି ମୋଦୀ କହିଥିଲେ। ମୋଦୀ ଆହୁରି କହିଥିଲେ ଯେ କଂଗ୍ରେସର ବିଶ୍ୱାସ ଗଭର୍ଣ୍ଣାସ ହେଉଛି ତାଙ୍କର ଜନ୍ମଗତ ଅଧିକାର। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବାରେ ସେମାନେ ବିଫଳ। ଲୋକଙ୍କୁ କୌଣସି ଫାଇଦା ନ ଦେଇ ସେମାନେ ଯୋଜନା ବିଫଳ କରିବାରେ ମାହିର। ବିଜେପିର କାର୍ଯ୍ୟକ୍ରମଗୁଡ଼ିକୁ ଦୃଷ୍ଟି ଆକର୍ଷଣ କରି ମୋଦୀ କହିଥିଲେ ଯେ ପିଏମ୍ କିଷାନ ସମ୍ମାନନିଧି ଯୋଜନା ଓ ମଧ୍ୟପ୍ରଦେଶର ଲାଡ୍‌ଲୀ ବେହନା ଯୋଜନା ଚାଷୀ ଓ ମହିଳାମାନଙ୍କୁ ଶକ୍ତି ଦେଉଛି।

## କାଜାଖସ୍ତାନରେ ବିମାନ ଦୁର୍ଘଟଣା

# ୪୨ ଯାତ୍ରୀ ମୃତ



**ଜଳିଗଲେ ୨୫ ଯାତ୍ରୀ**

**ସମଗ୍ର ଅଞ୍ଚଳ ଧୂଆଁମୟ**

**ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ**

ନୂଆଦିଲ୍ଲୀ, ୨୫।୧୨: କାଜାଖସ୍ତାନର ଅକତାଉରେ ବୁଧବାର ଏକ ବିମାନ ଦୁର୍ଘଟଣା ଘଟିଛି। ଜରୁରି ଅବତରଣ ପାଇଁ ଅନୁମତି ମାଗିବାର କିଛି ସମୟ ପରେ ଏହି ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପରେ ବିମାନଟିରେ ନିଆଁ ଲାଗି ଯାଇଥିଲା। ଫଳରେ ୨୫ଜଣ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଥିବାବେଳେ ମୋଟ ୪୨ଜଣଙ୍କର ମୃତ୍ୟୁ ଘଟିଛି। ତେବେ ସଠିକ୍ ମୃତ୍ୟୁସଂଖ୍ୟା ଜଣାପଡ଼ିନାହିଁ । ବିମାନଟିରେ ମୋଟ ୬୭ ଯାତ୍ରୀ ଓ ୫ଜଣ କ୍ରୁ ସଦସ୍ୟ ରହିଥିଲେ। ବିମାନ ଦୁର୍ଘଟଣାସ୍ଥଳରେ ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ବିମାନଟିରେ ଭୟଙ୍କର ବିସ୍ଫୋରଣ ଓ ନିଆଁ ଲାଗିଯିବା ଯୋଗୁ ସମଗ୍ର ଅଞ୍ଚଳ ଧୂଆଁମୟ ହୋଇଯାଇଛି। ଏହି ବିମାନଟି ଆଜରବୈଜାନ ଏୟାରଲାଇନ୍ସର ବୋଲି କୁହାଯାଉଛି। ତାଜାକିସ୍ତାନର ଜରୁରିକାଳୀନ ମନ୍ତ୍ରଣାଳୟ ସୂଚନା ଦେଇଛି ଯେ ଆଜରବୈଜାନରୁ ବିମାନଟି ବାକୁରୁଗ୍ରୋଜନି ଆଡକୁ ଯାଉଥିଲା। ଏଥିରେ ଅଧିକାଂଶ ଆଜରବୈଜାନ ଓ ରୁଷ ନାଗରିକ ଥିବା କୁହାଯାଉଛି। ମନ୍ତ୍ରଣାଳୟ ଆହୁରି ସୂଚନା ଦେଇଛି ଯେ ଘନକୁହୁଡ଼ି ଯୋଗୁ ବିମାନଟି ଗ୍ରୋଜନି ଆଡକୁ ଯାଇପାରି ନଥିଲା। ଫେରିଆସି ତାଜାକିସ୍ତାନ ବିମାନବନ୍ଦରରେ ଜରୁରିକାଳୀନ ଲ୍ୟାଣ୍ଡିଂ କରିବା ପାଇଁ ଅନୁମତି ମାଗିଥିଲା। ଏହାର କିଛି ସମୟପରେ ବିମାନଟି ଦୁର୍ଘଟଣାର ଶିକାର ହୋଇଥିଲା। ବିମାନ ଦୁର୍ଘଟଣାର ସଠିକ କାରଣ ଜଣାପଡ଼ି ନଥିବାବେଳେ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏବେ ବି ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଆହତଙ୍କ ମଧ୍ୟରେ ଅଧିକାଂଶଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢିବ ବୋଲି ଆଶଙ୍କା କରାଯାଉଛି। ତେବେ ଏହି ଦୁର୍ଘଟଣା କୁହୁଡ଼ି ପାଇଁ ହୋଇଥିବା କୁହାଯାଉଥିଲେ ମଧ୍ୟ ଆଉ କେତେକ ପକ୍ଷୀ ମାଡ଼ ଯୋଗୁ ଏଭଳି ଘଟିଥିବା ମତ ଦେଉଛନ୍ତି। ତେବେ ତଦନ୍ତ ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ସୂଚନା ଦିଆଯାଇଛି।

## ଓଡ଼ିଶାବାସୀଙ୍କୁ ସଲାମ ଜଣାଇଲେ ବିଦାୟୀ ରାଜ୍ୟପାଳ

# ସେବା କରିବାର ସୁଯୋଗ ପାଇଥିବାରୁ ଭାଗ୍ୟବାନ



- ଶ୍ରୀଜିଉଙ୍କୁ ଦର୍ଶନ କଲେ, ଆଶୀର୍ବାଦ ନେଲେ
- ଦଳ ଯେଉଁ ଦାୟିତ୍ୱ ଦେବ ନିର୍ବାହ କରିବି
- ୨୦୩୬ ସୁଦ୍ଧା ଓଡ଼ିଶା ହେବ ବିକଶିତ ରାଜ୍ୟ

ପୁରୀ/ଭୁବନେଶ୍ୱର, ୨୫।୧୨ (ଭାସ୍କର ନ୍ୟୁଜ): ଓଡ଼ିଶାର ରାଜ୍ୟପାଳ ଥିବା ରଘୁବର ଦାସ ତାଙ୍କ ପଦରୁ ଇସ୍ତଫା ଦେବାପରେ ଓଡ଼ିଶାର ରାଜ୍ୟପାଳ ଭାବେ ମିଜୋରାମ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତିଙ୍କୁ ରାଷ୍ଟ୍ରପତି ନିଯୁକ୍ତି ଦେଇଛନ୍ତି। ଅନ୍ୟପକ୍ଷରେ ରଘୁବରଙ୍କ ଇସ୍ତଫାକୁ ରାଷ୍ଟ୍ରପତି ଗ୍ରହଣ କରି ନେଇଛନ୍ତି। ତେବେ ହଠାତ୍ ରାଜ୍ୟପାଳ ପଦରୁ ରଘୁବରଙ୍କ ଇସ୍ତଫାକୁ ନେଇ ଚର୍ଚ୍ଚା ଲାଗି ରହିଥିବାବେଳେ ବୁଧବାର ସକାଳେ ସେ ପୁରୀ ଯାଇ ଶ୍ରୀଜିଉଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଓଡ଼ିଶାରେ ସେବା କରିବାର ସୁଯୋଗ ପାଇଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛି ବୋଲି ରଘୁବର କହିଛନ୍ତି। ଏଥିସହ ଓଡ଼ିଶାର ଲୋକଙ୍କ ମଧ୍ୟରେ ଥିବା ଉତ୍ସାହକୁ ସଲାମ ଜଣାଉଛି ବୋଲି ମଧ୍ୟ କହିଛନ୍ତି। ଶ୍ରୀ ଦାସ ଆହୁରି କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ବିକଶିତ ହେଉଛି। ୨୦୩୬ ବେଳକୁ ଓଡ଼ିଶା ବିକଶିତ ରାଜ୍ୟରେ ପରିଣତ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏବେ ମୋର ଆଗାମୀ ଭୂମିକା କ'ଣ ହେବ ତାହା ଦଳ ନିଷ୍ପତ୍ତି ନେବ। ଦଳ ଯେଉଁ ଦାୟିତ୍ୱ ଦେବ ତାହା ନିର୍ବାହ କରିବି ବୋଲି ରଘୁବର କହିଛନ୍ତି। ସେ ଆହୁରି କହିଥିଲେ ଯେ ଓଡ଼ିଶାବାସୀ ତାଙ୍କୁ ଯେଉଁ ଅପାର ସ୍ନେହ, ଶ୍ରଦ୍ଧା ଓ ଖୁସି ପ୍ରଦାନ କରିଛନ୍ତି ତାହା ଅନ୍ୟ କେଉଁଠି ପାଇନଥିଲେ। ଓଡ଼ିଶା କେବଳ ପ୍ରାକୃତିକ ସମ୍ପଦରେ ଭରପୂର ନୁହେଁ, ବରଂ ଅଦ୍ୱିତୀୟ ପ୍ରାକୃତିକ ସୁନ୍ଦରତା, ସୁବିସ୍ତୀର୍ଣ୍ଣ ସମୁଦ୍ର ତଟ, ସବୁଜ ବନାନୀ ଓ ଭବ୍ୟ ମନ୍ଦିର ପାଇଁ ସୁପ୍ରସିଦ୍ଧ। ନିଜର ସମୃଦ୍ଧ ସଂସ୍କୃତି, ଗୌରବଶାଳୀ ପରମ୍ପରା ପାଇଁ ଓଡ଼ିଶା ନିଜର ପରିଚୟ ସୃଷ୍ଟି କରିଛି। ଓଡ଼ିଶାର ଲୋକଙ୍କ ଉତ୍ସାହ, ଅତୁଳନୀୟ ଆତିଥ୍ୟ ମୋ ହୃଦୟରେ ଗଭୀର ଛାପ ଛାଡ଼ିଛି। ମୁଁ ଓଡ଼ିଶା ଲୋକଙ୍କ ଅଦମ୍ୟ ଭାବନାକୁ ଅତି ନିକଟରୁ ଦେଖିଛି। ପରମ୍ପରାକୁ ପାଥେୟ କରି ପ୍ରଗତି ଆଡକୁ ଅଗ୍ରସର ହେବା ଓଡ଼ିଶାର ସଫଳତା ବାସ୍ତବିକ ପ୍ରେରଣାଦାୟୀ। ଆହ୍ୱାନକୁ ସମ୍ମୁଖୀନ କରିବା, ପର୍ବପର୍ବାଣୀରେ ଉଲ୍ଲସିତ ହେବା ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମିଳିମିଶି କାମ କରିବା ଓଡ଼ିଶାବାସୀଙ୍କର ବିଶେଷ ଗୁଣ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ବିଜେପି ରାଜ୍ୟସଭାପତି ମନମୋହନ ସାମଲ କହିଛନ୍ତି ଯେ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ କେନ୍ଦ୍ରୀୟ ସ୍ତରରେ ଚର୍ଚ୍ଚା ଆଲୋଚନା ପରେ ସେ ଇସ୍ତଫା ଦେଇଥିବେ। ଏହା ଉପରେ ଟିପ୍ପଣି ଦେବା ଠିକ୍ ହେବ ନାହିଁ। ସେହିପରି ରାଜ୍ୟ ସରକାର ଓ ରାଜ୍ୟପାଳଙ୍କ ମଧ୍ୟରେ ବିବାଦ ଥିବା ନେଇ ଯେଉଁ ଚର୍ଚ୍ଚା ଚାଲିଛି ତାହା ମନଗଢା, କପୋଳକଳ୍ପିତ ବୋଲି ସେ କହିଛନ୍ତି। ସେହିପରି ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି ଯେ ଏମିତି କିଛି ଚର୍ଚ୍ଚା ନାହିଁ ଏହା ତାଙ୍କ ନିର୍ଣ୍ଣୟ। ତାଙ୍କର ଇଚ୍ଛା ରାଜନୀତିକୁ ଆସିବା ପାଇଁ । ତାଙ୍କୁ ଆଗକୁ କ'ଣ ଦାୟିତ୍ୱ ଦିଆଯିବ ତାହା ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଷ୍ପତ୍ତି ନେବେ ବୋଲି ବିଜୟପାଲ ସିଂ ତୋମାର କହିଛନ୍ତି।

## ଆଇଏଫ୍‌ଜେ ରିପୋର୍ଟ

# ୨୦୨୪ରେ ୧୦୪ ସାମ୍ବାଦିକଙ୍କୁ ହତ୍ୟା

ନୂଆଦିଲ୍ଲୀ, ୧୫।୧୨: ସାରା ବିଶ୍ୱର ସାମ୍ବାଦିକଙ୍କ ପାଇଁ ୨୦୨୪ ଏକ ମାରାତ୍ମକ ବର୍ଷ ଭାବେ ସାବ୍ୟସ୍ତ ହୋଇଛି । ଚଳିତ ବର୍ଷ ବିଭିନ୍ନ ଦେଶରେ ୧୦୪ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ହତ୍ୟା କରାଯାଇଛି । ଇଣ୍ଟରନ୍ୟାସନାଲ ଫେଡେରେସନ୍ ଅଫ୍ ଜର୍ଣ୍ଣାଲିଷ୍ଟସ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହି ତଥ୍ୟ ପ୍ରଦାନ କରାଯାଇଛି । ତେବେ ଏଥିମଧ୍ୟରୁ ଅଧାରୁ ଅଧିକ ହତ୍ୟା ଗାଜାରେ ଘଟିଛି । ୨୦୨୩ରେ ରେକର୍ଡ ହୋଇଥିବା ୧୨୯ଜଣ ସାମ୍ବାଦିକଙ୍କ ମୃତ୍ୟୁ ତୁଳନାରେ ଏହା ସାମାନ୍ୟ କମ୍ ହୋଇଥିଲେ ମଧ୍ୟ ଏହି ସଂଖ୍ୟା ଚିନ୍ତାଜନକ ରହିଛି । ଏହି ଦୁଇବର୍ଷ ସାମ୍ବାଦିକଙ୍କ ପାଇଁ ସବୁଠାରୁ ଖରାପ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି । ଗାଜାରେ ୨୦୨୪ରେ ୫୫ଜଣ ସାମ୍ବାଦିକ ଇସ୍ରାଏଲ ଆକ୍ରମଣରେ ପ୍ରାଣ ହରାଇଛନ୍ତି । ୨୦୨୩ ଅକ୍ଟୋବର ୭ରେ ଯୁଦ୍ଧ ଆରମ୍ଭ ହେବା ପରେ ପାଲେଷ୍ଟାଇନର ୧୩୮ଜଣ ସାମ୍ବାଦିକ ପ୍ରାଣ ହରାଇଥିବା ଆଇଏଫ୍‌ଜେ ପକ୍ଷରୁ କୁହାଯାଇଛି । ଗାଜାରେ ଅନେକ ସାମ୍ବାଦିକଙ୍କୁ ଜାଣିଶୁଣି ଟାର୍ଗେଟ୍ କରାଯାଉଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି । ୨୦୨୪ରେ ଏସିଆ ମଧ୍ୟ ସାମ୍ବାଦିକଙ୍କ ପାଇଁ ଦ୍ୱିତୀୟ ମାରାତ୍ମକ ଅଞ୍ଚଳ ଭାବେ ସାବ୍ୟସ୍ତ ହୋଇଛି । ଏସିଆର ବିଭିନ୍ନ ଦେଶରେ ୨୦ଜଣ ସାମ୍ବାଦିକଙ୍କୁ ହତ୍ୟା କରାଯାଇଛି । ପାକିସ୍ତାନ, ବାଂଲାଦେଶ ଓ ଭାରତ ସାମ୍ବାଦିକଙ୍କ ପାଇଁ ସବୁଠାରୁ ବିପଜ୍ଜନକ ଦେଶ ଥିଲା । ପାକିସ୍ତାନରେ ୬ଜଣ ସାମ୍ବାଦିକଙ୍କୁ ହତ୍ୟା କରାଯାଇଥିବା ବେଳେ ବାଂଲାଦେଶରେ ୫ଜଣ ଓ ଭାରତରେ ୩ଜଣ ସାମ୍ବାଦିକଙ୍କୁ କର୍ମକ୍ଷେତ୍ରରେ ହତ୍ୟା କରାଯାଇଥିବା ରିପୋର୍ଟରେ କୁହାଯାଇଛି । ସେହିପରି ୟୁକ୍ରେନ୍ ଓ ଋଷିଆ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଅନେକ କର୍ତ୍ତବ୍ୟରତ ସାମ୍ବାଦିକଙ୍କ ଜୀବନ ମଧ୍ୟ ଯାଇଛି । ଆଇଏଫ୍‌ଜେ ରିପୋର୍ଟ ଅନୁଯାୟୀ ବିଶ୍ୱବ୍ୟାପୀ ବନ୍ଦୀ ଥିବା ସାମ୍ବାଦିକଙ୍କ ସଂଖ୍ୟା ମଧ୍ୟ ଚିନ୍ତାଜନକ ଭାବେ ବୃଦ୍ଧି ପାଇଛି । ୨୦୨୪ ଶେଷ ସୁଦ୍ଧା ୫୨୦ଜଣ ସାମ୍ବାଦିକ ଜେଲରେ ରହିଥିବା ବେଳେ ୨୦୨୩ରେ ଏହି ସଂଖ୍ୟା ୪୨୭ ରହିଥିଲା । ତେବେ ଏ କ୍ଷେତ୍ରରେ ଚୀନ୍ ସବୁଠାରୁ ଆଗରେ ରହିଛି । ସେଠାରେ ୧୩୫ଜଣ ସାମ୍ବାଦିକଙ୍କୁ ଅଟକ ରଖାଯାଇଛି ।

## ୧୫୪୨ ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତିର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ଗ୍ରାମ୍ୟ ଅର୍ଥନୀତିର ଇଞ୍ଜିନ ହେବ ସମବାୟ ସଂସ୍ଥା




- ସମବାୟ ବ୍ୟାଙ୍କ ଜମାକାରୀଙ୍କୁ ଜମାରାଶି ଫେରସ୍ତ କରିବେ ସରକାର
- ସବୁ ପ୍ରାଥମିକ ସମବାୟ ସମିତିର ଖାତାପତ୍ର ଅଡିଟ୍ ପାଇଁ ନିର୍ଦ୍ଦେଶ
- ଚାଷୀଙ୍କ ସମସ୍ୟା ଠିକ୍ ସମୟରେ ସମାଧାନ ପାଇଁ ପରାମର୍ଶ

ଭୁବନେଶ୍ୱର, ୨୫।୧୨ (ଭାସ୍କର ନ୍ୟୁଜ): ଗ୍ରାମ୍ୟ ଅର୍ଥନୀତିର ଇଞ୍ଜିନ ପାଲଟିବ ସମବାୟ ସଂସ୍ଥା। ବୁଧବାର ୧୫୪୨ଟି ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତିର ଶୁଭାରମ୍ଭ କରିବା ଅବସରରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି, ସମବାୟ ଆନ୍ଦୋଳନକୁ ଲୋକାଭିମୁଖୀ କରିବା ପାଇଁ କେନ୍ଦ୍ର ସରକାରଙ୍କ ସମବାୟ ବିଭାଗ ଆନୁକୂଲ୍ୟରେ ବିଭିନ୍ନ ନୂତନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ଆମ ସରକାର ପ୍ରାଧାନ୍ୟ ଦେଉଛନ୍ତି। ସମୁଦାୟ ୫୪ଟି କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ବିଶେଷକରି ସମବାୟ ସଂସ୍ଥାଗୁଡ଼ିକୁ ବହୁମୁଖୀ କରିବା ସହ ମଡେଲ ବାଇଲ' ପ୍ରଚଳନ, କମ୍ପ୍ୟୁଟରୀକରଣ, ସ୍ୱଚ୍ଛ ଓ ମଜବୁତ କରିବା, ସାର ଓ ବିହନ ଯୋଗାଣ, ବୈଜ୍ଞାନିକ ପଦ୍ଧତିରେ ଶସ୍ୟ ସଂରକ୍ଷଣ, କୃଷି ସେବାକେନ୍ଦ୍ର ସ୍ଥାପନ ଇତ୍ୟାଦି ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୭୭ଟି ପ୍ୟାକ୍ସକୁ ମଡେଲ ପ୍ୟାକ୍ସ ଭାବରେ ବିକଶିତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ନୂଆ ସରକାର ସମବାୟ କ୍ଷେତ୍ରକୁ କ୍ରିୟାଶୀଳ ଓ ଚଳଚଞ୍ଚଳ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ସମବାୟ ସଂସ୍ଥା ଉପରେ ଲୋକଙ୍କ ଆସ୍ଥା ଫେରାଇ ଆଣିବା ସହିତ ଏହାକୁ ଗ୍ରାମ୍ୟ ଅର୍ଥନୀତି ବିକାଶର ପ୍ରମୁଖ ଇଞ୍ଜିନ ଭାବରେ ପରିଣତ କରିବାକୁ ଆମର ଉଦ୍ୟମ ଜାରି ରହିବ। ଚାଷୀମାନଙ୍କ ସମସ୍ୟାକୁ ସଠିକ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସେ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ,

● ପୃଷ୍ଠା ୫ ଦେଖନ୍ତୁ

## ୟୁକ୍ରେନ ଉପରେ ରୁଷିଆର ବଡ଼ ଧରଣର ଆକ୍ରମଣ

# ୭୦ ମିସାଇଲ, ୧୦୦ ଡ୍ରୋନ୍ ମାଡ଼



ନୂଆଦିଲ୍ଲୀ, ୨୫।୧୨: ବୁଧବାର ସାରା ବିଶ୍ୱ ଆନନ୍ଦ ଉଲ୍ଲାସର ସହ ଖ୍ରୀଷ୍ଟମାସ ଉତ୍ସବ ପାଳନ କରୁଥିବାବେଳେ ବୁଧବାର ରୁଷ ପକ୍ଷରୁ ୟୁକ୍ରେନରେ ଏକ ବଡ଼ଧରଣର ଆକ୍ରମଣ କରାଯାଇଛି। ରୁଷ ପକ୍ଷରୁ ୭୦ରୁ ଅଧିକ ମିସାଇଲ ଓ ୧୦୦ରୁ ଅଧିକ ଡ୍ରୋନ୍ ମାଡ଼ କରାଯାଇଛି। ଏଥିରେ ୟୁକ୍ରେନର ବିଭିନ୍ନ ସହର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଅନେକ ସାଧାରଣ ଲୋକ ଆହତ ହୋଇଛନ୍ତି। ୟୁକ୍ରେନ ରାଷ୍ଟ୍ରପତି ଭ୍ଲୋଦମିର ଜେଲନସ୍କି କହିଛନ୍ତି ଯେ ଏହି ଆକ୍ରମଣ ଅତ୍ୟନ୍ତ ଅମାନବୀୟ ଓ ଏଥିରେ ଜଣକର ମୃତ୍ୟୁ ଘଟିଛି। ଏହାଫଳରେ ୟୁକ୍ରେନର ଶକ୍ତି ଭିତ୍ତିଭୂମି ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଜେଲେନସ୍କି ଅଭିଯୋଗ କରିଛନ୍ତି ଯେ ରୁଷ ରାଷ୍ଟ୍ରପତି ପୁଟିନ ଜାଣିଶୁଣି ୟୁକ୍ରେନର ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟ କରିଛନ୍ତି। ରୁଷର ପ୍ରତିଟି ବଡ଼ ହମଲା ପାଇଁ ପ୍ରସ୍ତୁତି ଆବଶ୍ୟକ ଥିବାବେଳେ ଏହା କେବେହେଲେ ଗୋଟିଏ ଅଚାନକ ନିଷ୍ପତ୍ତି ହୋଇନପାରେ। ଏହାଏକ ଯୋଜନାବଦ୍ଧ ଆକ୍ରମଣ। ଯୋଜନାବଦ୍ଧଭାବେ କେବଳ ଟାର୍ଗେଟକୁ ଚୟନ କରାଯାଇନାହିଁ ବରଂ ତାରିଖ ଓ ସମୟକୁ ମଧ୍ୟ ପୂର୍ବରୁ ସ୍ଥିର କରାଯାଇଛି। ପୁଟିନ ଜାଣିଶୁଣି ଖ୍ରୀଷ୍ଟମାସକୁ ଆକ୍ରମଣ ପାଇଁ ବାଛିଛନ୍ତି। ଏହାଠାରୁ ଅମାନବୀୟ ଆଉ କିଛି ନାହିଁ । ଏହି ଆକ୍ରମଣରେ ଆମର ଶକ୍ତି ଉତ୍ସ ଓ ବ୍ୟବସ୍ଥାକୁ ଧ୍ୱଂସ କରାଯାଇଛି। ସୂଚନାଯୋଗ୍ୟ ଯେ ଏଥିପୂର୍ବରୁ ୟୁକ୍ରେନ ପକ୍ଷରୁ ରୁଷ ଉପରେ ଏକ ବଡ଼ଧରଣର ଆକ୍ରମଣ କରାଯାଇଥିଲା। ଏହାର ପ୍ରତିଶୋଧ ନେବେ ବୋଲି ପୁଟିନ ପୂର୍ବରୁ ଚେତାଇ ଦେଇଥିଲେ। ତେଣୁ ଏହି ଆକ୍ରମଣ ହୋଇଥିବା ଚର୍ଚ୍ଚା ଜୋର ଧରିଛି।



ଚିକିଟି(ଭାସ୍କର ନ୍ୟୁଜ୍): ଏହି ନିର୍ବାଚନ ମଣ୍ଡଳୀରେ ଚାଷୀ ନିଜର ସବୁ ଧନ ସମ୍ପତି ପାଣିରେ ପକାଇଦେଲାଣି । ଏହି ଖରିଫ ଋତୁରେ ଚାଷୀ ନିଜର ସମୟ ଅନୁସାରେ ଧାନ ତଳି ପକାଇ, ଧାନ ରୁଆ କାମ ସାରି ସାର, କୀଟନାଶକ ଆଦି ଜମିରେ ପ୍ରୟୋଗ କରି ଧାନ ଅମଳ କରିବାକୁ ନିଶ୍ଚିତ ହୋଇଥିଲା। କିନ୍ତୁ ଗତ କିଛିଦିନ ତଳେ ବାତ୍ୟା ଦାନ ପ୍ରବାହରେ କିଛି କିଛି ପାଚିଲା ଧାନ ନଷ୍ଟ ହୋଇ ଯାଇଥିଲା। ପାଗ ଶୁଖିଲା ହେବା ପରେ ବଳକା ଧାନ ଅମଳ କରିବା ସକାଶେ ଧାନ କଟା ସାରି ବିଲରେ ରଖିଥିଲା । କେହି କେହି କଟା ଯାଇଥିବା ଧାନକୁ ବିଲ ମଧ୍ୟରେ ଗାଦି କରି ମଧ୍ୟ ରଖିଥିଲା । ଆଉ କେତେକ ଜାଗାରେ ଚାଷୀର ବିଲର ପାଚିଲା ଧାନ ଗଛ ଉପରେ ପାଣି ଚାଲି ପୁରା ନଷ୍ଟ ହୋଇଯାଇଥିବା ମଧ୍ୟ ଦେଖିବାକୁ ମିଳୁଛି । ବାତ୍ୟା ଦାନା ପରେ ଆସିଥିବା ଲଘୁଚାପ ବର୍ଷା ହେତୁ ଏଠାକାର ସମସ୍ତ ଧାନ ଫସଲ ଉଜୁଡି ଯାଇଛି ।ବଳକା ଥିବା ଧାନ ଗଦା ଓ ଚାଷବିଲର ଧାନ ଗଛ ଏବର ଲଗାଣ ବର୍ଷାରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳୁଛି । ଏଣୁ କହିବାକୁ ଗଲେ ଚାଷୀ ନିଜର ଜମିରେ ଧାନ ଚାଷ କରିବା ସକାଶେ ବ୍ୟାଙ୍କ ଋଣ ଆଦି ଆଣି ଥିବା ବେଳେ ମେଘବର୍ଷା ଫସଲ ନଷ୍ଟ କରିଥିବା ଏକ ପ୍ରକାର ବୋଝ ହୋଇଯାଇଛି ।

# ବଳଦେବଜିଉ ମନ୍ଦିରରେ କାର୍ଯ୍ୟରତ ସେବାୟତମାନଙ୍କ ଦରମା ଓ ସୁବିଧା ପ୍ରଦାନ ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ବଳଦେବଜୀଉ ମନ୍ଦିର ରେ କାର୍ଯ୍ୟରତ ସେବାୟତମାନଙ୍କର ଦରମା ବଢାଇବା ତଥା ବିଭିନ୍ନ ସୁବିଧା ପ୍ରଦାନ ଦାବିରେ ମଙ୍ଗଳବାର ଦିନ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାର ଏକ କିତା ନକଲ କେନ୍ଦୁଝର, ଦେବୋତ୍ତର କମିଶନ, ଆଇନ ମନ୍ତ୍ରୀ ଓଡିଶା ଏବଂ ମୁଖ୍ୟମନ୍ତ୍ରୀ ଓଡିଶାଙ୍କ ଅବଗତି ନିମନ୍ତେ ପଠାଇଛନ୍ତି। ମନ୍ଦିର ରେ ୪୦ ଜଣ ସେବାୟତ ବିଭିନ୍ନ ପଦ ପଦବୀରେ ରହି ବଳଦେବଜୀଉଙ୍କର ସମସ୍ତ ପର୍ବପର୍ବାଣୀ ତଥା ଦୈନନ୍ଦିନ ନୀତିକାନ୍ତି ସୂଚାରୁରୂପେ କରିଆସୁଛନ୍ତି। ବର୍ତ୍ତମାନ ମନ୍ଦିର ପ୍ରଶାସନ ତଥା ଦେବୋତ୍ତର ତରଫରୁ ଯେତିକି ମାସିକ ଆର୍ଥିକ ସହାୟତା ପ୍ରଦାନ କରାଯାଇଅଛି ତାକୁ ନେଇ ସେବାୟତମାନଙ୍କର ପରିବାର ଭରଣପୋଷଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ ଯେ ହେତୁ ମନ୍ଦିରରେ ନିୟୋଜିତ ହୋଇଥିବା ସମସ୍ତ ସେବାୟତ ବଳ ଦେବଜୀଉଙ୍କର ଦୈନନ୍ଦିନ ନୀତିକାନ୍ତି ଛଡା ଅନ୍ୟ କୌଣସି ବାହାର କାର୍ଯ୍ୟରେ ଲିପ୍ତ ରୁହନ୍ତି ନାହିଁ। ଏହାଛଡ଼ା ମାସିକ ପାରିଶ୍ରମିକ ବ୍ୟତୀତ ମନ୍ଦିର କିମ୍ବା ଦେବୋତ୍ତର ବିଭାଗ ତରଫରୁ ଅନ୍ୟ କୌଣସି ଆର୍ଥିକ ପ୍ରୋତ୍ସାହନ ପ୍ରଦାନ




କରାଯାଉନାହିଁ। ଦିନକୁ ଦିନ ବଜାରର ସମସ୍ତ ଦ୍ରବ୍ୟର ଦାମ ବଢିବଢି ଚାଲିଛି କିନ୍ତୁ ବଡ଼ ପରିତାପର ବିଷୟ ଏହି କି ଯେ ସମସ୍ତ ସେବାୟତ ବାରମ୍ବାର ପ୍ରଶାସନର ଅବଗତି ନିମନ୍ତେ ଦରମା ବଢାଇବା ସଂକ୍ରାନ୍ତରେ ଅଭିଯୋଗକଲେ ମଧ୍ୟ ପ୍ରଶାସନ କିମ୍ବା ଦେବୋତ୍ତର ବିଭାଗ କୌଣସି କର୍ଣ୍ଣପାତ କରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ବଳଦେବଜୀଉ ମନ୍ଦିର ରେ କାର୍ଯ୍ୟରତ ସେବାୟତ ମାନେ। ବାରମ୍ବାର ଦରମା ବଢାଇବା ନିମନ୍ତେ ଅନୁରୋଧ କଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ ଏହା ଛଡା କୌଣସି ସେବାୟତ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ପ୍ରାଣତ୍ୟାଗ କଲେ ପ୍ରଶାସନ ତରଫରୁ ମାତ୍ର ପାଞ୍ଚଶହ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଅଛି, ଯାହାକି କୌଣସି କାମ କାର୍ଯ୍ୟରେ ଆସୁନାହିଁ। ଯଦି କୌଣସି ସେବାୟତଙ୍କୁ ଅତି ଜରୁରୀ ପରିସ୍ଥିତିରେ ଯଥା ବିବାଘର, ବ୍ରତଘର ତଥା ଶୁଦ୍ଧିକ୍ରିୟା କାର୍ଯ୍ୟରେ ଜଣେ ସେବାୟତ ଆର୍ଥିକ ସହାୟତା ନେବାକୁ ଚାହୁଁଅଛି ତାଙ୍କୁ ମଧ୍ୟ ପ୍ରଦାନ କରାଯାଉନାହିଁ ଯାହା ଫଳରେ ସେମାନେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଅଛି । ଏଣୁ ଯେତେବେଳେ କୌଣସି ସେବାୟତ ଆର୍ଥିକ ସହାୟତା ପାଇଁ ନିବେଦନ କଲେ ତାଙ୍କୁ ଅତିକମରେ ଏକ ବର୍ଷର ଦରମା ଅଗ୍ରମ ହିସାବରେ ପ୍ରଦାନ କରାଯିବା ସହିତ ମାସିକ ବେତନରୁ କିସ୍ତି ଆକାରରେ ପରିଶୋଧ କରାଯିବାକୁ ଦାବୀ କରିଛନ୍ତି ସେବାୟତମାନେ। ଯଦି କୌଣସି ସେବାୟତ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ପ୍ରାଣତ୍ୟାଗ କରନ୍ତି ତାହେଲେ ତାଙ୍କ ପରିବାରକୁ ଅନ୍ୟୁନ୍ୟ (ଚାରିଲକ୍ଷ) ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉ ଏତବ୍ୟତୀତ ପ୍ରତ୍ୟେକ ମାସ ସବୁ ସେବାୟତ ମାସର ତା ୨୦ରିଖ ପରେ ସେମାନଙ୍କର ମାସିକ ଦରମା ପାଉଛନ୍ତି । ଯାହାଫଳରେ ତାଙ୍କର ପରିବାର ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଅଛି। ତେଣୁ ପ୍ରତ୍ୟେକ ମାସର ୫ ତାରିଖ ମଧ୍ୟରେ ସମସ୍ତ ସେବାୟତ ମାନଙ୍କର ଦରମା ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଉ ବୋଲି ଜିଲ୍ଲାପାଳଙ୍କ ନିକଟରେ ସେବାୟତ ମାନେ ଦାବୀ କରିଛନ୍ତି। ବଳଦେବଜୀଉଙ୍କର ସେବିକା ୪ଜଣ ପାଳିୟାତି କୁ ଯେତିକି ମାସିକ ଦରମା ପ୍ରଦାନ କରାଯାଉଅଛି ସେହି ଅର୍ଥରୁ ସେମାନେ ଖଲି ଏବଂ ପତର ଓ ଅନ୍ୟାନ୍ୟ ସରଞ୍ଜାମ ବଜାରରୁ କିଣୁଛନ୍ତି ଏବଂ ବଳଦେବଜୀଉଙ୍କର ଦୈନନ୍ଦିନ ନୀତିକାନ୍ତିରେ ଯୋଗାଉଛନ୍ତି। ଏବାବଦରେ ସେମାନଙ୍କୁ ମାସିକ ଦରମା ବ୍ୟତୀତ ଅଧିକ କିଛି ପାରିଛମିକ ପ୍ରଦାନ କରାଯାଉନାହିଁ । ଯାହାଫଳରେ ବିଭିନ୍ନ ପ୍ରକାର ଅସୁବିଧା ସମ୍ମୁଖୀନ ହେଉଛନ୍ତି ଏମାନେ। ଯଦି ଆସନ୍ତା ୩୦/୧୨/୨୦୨୪ ତାରିଖ ସୁଦ୍ଧା ଏହି ଦାବୀ ଗୁଡିକ ପୂରଣ କରାନଯାଏ ତାହେଲେ ବଳଦେବଜୀଉ ମନ୍ଦିରରେ ନିୟୋଜିତ ସମସ୍ତ ସେବାୟତ ବଳଦେବ ଜୀଉଙ୍କର ସମସ୍ତ ନୀତିକାନ୍ତି ବନ୍ଦ କରିବାପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଅଛି କହିଛନ୍ତି ବଳଦେବଜୀଉଙ୍କର ସେବାୟତମାନେ।

## ପରକ୍ଷିତ ପ୍ରଧାନ ହତ୍ୟା ମାମଲା

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

ଭଞ୍ଜନଗର (ଭାସ୍କର ନ୍ୟୁଜ): ଦଣ୍ଡିପଦର ଗାଁ କମିଟି ସଦସ୍ୟ ପରକ୍ଷିତ ପ୍ରଧାନ ହତ୍ୟା ମାମଲାର ଚୂଡାନ୍ତ ରାୟ ପ୍ରକାଶ ପାଇଛି। ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଦେବଦତ୍ତ ପଟ୍ଟନାୟକ ଏହି ହତ୍ୟାକାଣ୍ଡ ମାମଲାର ବିଚାର କରି ଅଭିଯୁକ୍ତ ରବିନ୍ଦ୍ର ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ତାକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମିଳିଥିବା ସୂଚନା ପ୍ରକାରେ ଭଞ୍ଜନଗର ଥାନା ଅନ୍ତର୍ଗତ ଦଣ୍ଡିପଦର ଗ୍ରାମର ଗାଁ କମିଟି ସଭ୍ୟ ପରକ୍ଷିତ ପ୍ରଧାନ ତାଙ୍କ ସାନଭାଇ କୃଷ୍ଣ ପ୍ରଧାନଙ୍କ ସହ ମିଶି ଗତ ୨୦୧୬ ଜୁଲାଇ ୧୫ ତାରିଖରେ ସାର୍ଦ୍ଦୁଳ ଗ୍ରାମକୁ ଏକ ଭୋଜି ଖାଇବାକୁ ଯାଇଥିଲେ। ରାତିରେ ଭୋଜି ଖାଇସାରି ଦୁଇଭାଇ ଘରକୁ ଫେରିବାବେଳେ ଗାଁ ଦାଣ୍ଡରେ ସେହି ଗ୍ରାମର ରବିନ୍ଦ୍ର ପ୍ରଧାନ ପ୍ରଚୁର ମଦ୍ୟପାନ କରି ଗାଁଲୋକଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରୁଥିବା ଦେଖି ତାକୁ ପାଟି କରିଥିଲେ। କାହିଁକି ଗାଳି କରୁଛୁ, ଘରକୁ ଯା ବୋଲି କହି ତାକୁ ଉକ୍ତ ସ୍ଥାନରୁ ଘଉଡାଇ ଦେଇ ନିଜ ଘରକୁ ଯାଇଥିଲେ। ରାତି ପ୍ରାୟ ୧୦ଟା ବେଳେ ରବିନ୍ଦ୍ର ପ୍ରଧାନ ତା'ର ଆଉ ଜଣେ ସହଯୋଗୀ କେଶବ ଗୌଡଙ୍କ ସହ ପରକ୍ଷିତଙ୍କ ଘରକୁ ଆସି କବାଟ ବାଡେଇ ଥିଲା। କିଏ ରାତିରେ ଡାକୁଛି ଭାବି ରବିନ୍ଦ୍ର ଘରର କବାଟ ଖୋଲିଥିଲେ। ଆଉ ଏହି ସମୟରେ ପୂର୍ବରୁ ପ୍ରସ୍ତୁତ ହୋଇ ଆସିଥିବା ରବିନ୍ଦ୍ରଙ୍କ ସହଯୋଗୀ କେଶବ ଗୌଡ ପରକ୍ଷିତଙ୍କୁ ଧରି ପକାଇଥିବାବେଳେ ଏହାର ସୁଯୋଗରେ ରବିନ୍ଦ୍ର ଏକ ଧାରୁଆ ଛୁରୀରେ ପରକ୍ଷିତଙ୍କ ପେଟ ଓ ଛାତିକୁ ବାରମ୍ବାର ଆଘାତ କରିଥିଲେ। ଏହାଦେଖି ପରକ୍ଷିତଙ୍କ ପତ୍ନୀ ଛୁରୀଟିକୁ ଧରିଦେଇଥିବାବେଳେ ତାଙ୍କର ହାତ ମଧ୍ୟ ଏଥିରେ କଟି ଯାଇଥିଲା। ଏହି ଘଟଣା ପରେ ଉଭୟ ଅଭିଯୁକ୍ତ ସେଠାରୁ ଚମ୍ପଟ ମାରିଥିଲେ। ପରେ ଗୁରୁତର ଆହତ ପରକ୍ଷିତଙ୍କୁ ତୁରନ୍ତ ପରିବାର ଲୋକମାନେ ଭଞ୍ଜନଗର ମେଡିକାଲରେ ଆଣି ଭର୍ତ୍ତି କରିଥିଲେ ମଧ୍ୟ ମେଡିକାଲରେ ଡାକ୍ତର ପରକ୍ଷିତଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ପରକ୍ଷିତଙ୍କ ଭାଇ କୃଷ୍ଣ ପ୍ରଧାନଙ୍କ ଏତଲା ଆଧାରରେ ଭଞ୍ଜନଗର ପୋଲିସ ଥାନା କେସ୍ ନମ୍ବର - ୨୪୪/୧୬ ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ରବିନ୍ଦ୍ର ପ୍ରଧାନଙ୍କୁ ଗିରଫ କରି କୋର୍ଟଚାଲଣ କରିଥିଲେ। ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ଏସଟି-୧୭୧/୧୭ ରେ ଏହି ମାମଲା ରୁଜୁ ହେବା ସହ ବିଚାର ଆରମ୍ଭ ହୋଇଥିଲା। ମୋଟ ୧୬ ଜଣ ସାକ୍ଷ୍ୟ ଗ୍ରହଣ କରି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଦେବଦତ୍ତ ପଟ୍ଟନାୟକ ଅଭିଯୁକ୍ତ ରବିନ୍ଦ୍ର ପ୍ରଧାନଙ୍କୁ ଭାରତୀୟ ପିଙ୍ଗଲ କୋର୍ଡର ଦଫା ୩୦୨ ଓ ୩୪ ପ୍ରକାରେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଆଉ ଏକବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ବରିଷ୍ଠ ଓକିଲ ଉଷାକାନ୍ତ ପଟ୍ଟନାୟକ ଏହି ମାମଲାର ପରିଚାଳନା କରୁଥିଲେ।

# ବଣିଆପାଟ ଶିଶୁବିଦ୍ୟାମନ୍ଦିରର ୨୭ତମ ବାର୍ଷିକ ଉତ୍ସବ




କେନ୍ଦୁଝର(ଭାସ୍କର ନ୍ୟୁଜ୍): କଲେଜ ରୋଡସ୍ଥ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ୨୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳ ସମିତିର ସଭାପତି ଅବସରପ୍ରାପ୍ତ ପ୍ରଧାପକ ଡଃ ଅନିଲ କୁମାର ଦାସଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା କରାଯାଇଥିଲାବେଳେ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳସଚିବ ଦୁଃଖବନ୍ଧୁ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜରେ ଶିଶୁ ମନ୍ଦିରର ଭୂମିକା ବିଷୟରେ କହିଥିଲ । ସଂପାଦକ ଭାଗୀରଥି ଗିରି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲାବେଳେ ପ୍ରଧାନାଚାର୍ଯ୍ୟ ଦୀନବଂଧୁ ମହାକୁଡ଼ ବାର୍ଷିକ ବିବରଣୀ ପାଠ କରିଥିଲେ।୨୦୨୩-୨୪ବାର୍ଷିକ ପରୀକ୍ଷାରେ ଶ୍ରେଣୀରେ ପ୍ରଥମ ହୋଇଥିବା ଶିଶୁ ଭାଇଭଉଣୀ, ଖେଳରେ ଚମ୍ପିଆନ ତଥା ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କାର କରାଯାଇଥିଲା। ବିଦ୍ୟ ।ସଭାକାର୍ଯ୍ୟ ପରେ ଶିଶୁମାନଙ୍କଦ୍ୱାରା ରଂଗାରୀ କାର୍ଯ୍ୟକ୍ରମ ବେଶ ମନ ମୁଗଧକର ହୋଇଥିଲା। ବିଦ୍ୟାଳୟର ସମସ୍ତ ସେବାବ୍ରତୀ ପରିଚାଳନା କରିଥିଲାବେଳେ ଉପସଭାପତି ହୃଦାନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ପ୍ରେସ ଫୋରମର ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ

# ସମ୍ବର୍ଦ୍ଧିତ ହେବେ ୧୦ ପ୍ରତିଭାବାନ ବ୍ୟକ୍ତି

ବ୍ୟାସନଗର(ଭାସ୍କର ନ୍ୟୁଜ୍): ବ୍ୟାସନଗର ପ୍ରେସ ଫୋରମର ବାର୍ଷିକ ତଥା ସ୍ୱନକ୍ଷତ୍ର ଉତ୍ସବ ଲାଗି ଏକ ପ୍ରସ୍ତୁତି ବୈଠକ ଜେମ୍ସ ସ୍କୁଲ ପରିସର ସ୍ଥିତଫୋରମ କାର୍ଯ୍ୟାଳୟ ପରସରରେ ଅନୁଷ୍ଠିତ ହୋଇଥିଲା। ଫୋରମର ସଭାପତି ଅଭୟ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂପାଦକ ମଳୟ କୁମାରମଲ୍ଲିକ ଆସନ୍ତା ଜାନୁୟାରୀ ୧୦ତାରିଖ ବାର୍ଷିକ ଉତ୍ସବ ହେବା ନିମନ୍ତେ କାର୍ଯ୍ୟସୂଚୀ ଉପରେ ଆଲୋଚନା କରିଥିଲେ । ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ଚିକିତ୍ସକ,କ୍ରୀଡାବିତ, ଶିକ୍ଷାବିତ, ସଙ୍ଗଠକ, ସାମ୍ବାଦିକ ୨ଜଣ (ମୁଦ୍ରିତ ଓ ବୈଦ୍ୟୁତିକ), ସିନେ କଳାକାର, ଶିଳ୍ପ, ସମାଜସେବୀ ପ୍ରମୁଖ ବିଭାଗର ୧୦ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବ । ଏନେଇ ମନୋନୟନ କମିଟିର ଦ୍ୱାରା ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ସଂପର୍କରେ ଆଲୋଚନା କରାଯାଇଥିଲା । ଉତ୍ସବ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେବ ଓ ଏଥିରେ କେଉଁ ଅତିଥିମାନେ ଯୋଗଦେବେ ସେ ନେଇ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ସଭାପତି ନିତ୍ୟାନନ୍ଦ ମହାଲିକ, ଉପସଭାପତି ଦୟାନିଧି ନାୟକ, କାର୍ଯ୍ୟାଳୟ ସଂପାଦକ ବାଇଧର ମାଝୀ, ବରିଷ୍ଠ ସଦସ୍ୟ ଆଶୁତୋଷ ମିଶ୍ର, ସୁଶାନ୍ତ କୁମାର ଭୂୟାଁ, ମାନସ ଆଏଚ, ଦୀପକ ଦାସ, ପ୍ରଶାଦନ୍ତ କୁମାର ଗେଡି ପ୍ରମୁଖ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଉପସଭାପତି ଦୟାନିଧି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ନାବାଳିକା ଦୁଷ୍କର୍ମକାରୀଙ୍କୁ ୨୦ବର୍ଷ ଜେଲ୍‌ଦଣ୍ଡ

## ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କା ସହାୟତା ନିର୍ଦ୍ଦେଶ

ବ୍ରହ୍ମପୁର,(ଭାସ୍କର ନ୍ୟୁଜ): ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଜଣେ ନାବାଳିକା (୧୬)ଙ୍କୁ ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାରଣା ସହ ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ବିଚାରପତି ପ୍ରଣତି ପଟ୍ଟନାୟକ ୧୨ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ପାଟପୁର ଥାନା ଅଧୀନ ଗଙ୍ଗାପୁର ଗ୍ରାମର ଅନୀଲ କୁମାର ସାହୁକୁ ଦୋଷୀ ସାବ୍ୟସ୍ତ କରିବା ସହ ତାକୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଏହାସହିତ ୯ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରାଯାଇଛି। ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ଅନୀଲର ଜ୍ୱାଇଁ ପ୍ରମୋଦ କୁମାର ସାହୁ ଓରଫ୍ ପ୍ରଦୀପଙ୍କୁ ପ୍ରମାଣ ଅଭାବରୁ କୋର୍ଟ ନିଧଷ ସାବ୍ୟସ୍ତ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ଆସିକା ଥାନା ଇଲାକାର ଜଣେ ନାବାଳିକାଙ୍କ ସହ ଅନୀଲର ପ୍ରେମ ସଂପର୍କ ଗଢ଼ି ଉଠିଥିଲା ଓ ବିବାହର ପ୍ରତିଶ୍ରୁତି ଦେଇ ନାବାଳିକାଙ୍କ ସହ ସେ ଶାରୀରିକ ସମ୍ପର୍କ ରଖିଥିଲା। ପରେ ନାବାଳିକାଙ୍କ ବାପା ସପରିବାର ବିଜୟୱାଡ଼ା ଯାଇ ସେଠାରେ ରହୁଥିଲେ। ୨୦୨୧ ମସିହାରେ ଅନୀଲ ଓ ତା'ର ଜ୍ୱାଇଁ ପ୍ରଦୀପ ସେଠାରେ ପହଞ୍ଚି ନାବାଳିକାଙ୍କୁ ଅପହରଣ କରି ହାଇଦ୍ରାବାଦ ନେଇଯାଇଥିଲେ। ସେଠାରେ ଅନୀଲ ନାବାଳିକାଙ୍କୁ ବିବାହ କରିଥିଲା । ପରବର୍ତ୍ତୀ ସମୟରେ ନାବାଳିକା ଜଣକ ଗର୍ଭବତୀ ହେବା ଜାଣି କୌଶଳକ୍ରମେ ଅନୀଲ ଓ ପ୍ରଦୀପ ତାଙ୍କୁ ବିଜୟୱାଡ଼ାରେ ଛାଡ଼ି ପଳାଇଥିଲେ। ନାବାଳିକା ଜଣକ ଗାଁକୁ ଫେରି ଘଟଣା ବିଷୟରେ ପରିବାରବର୍ଗଙ୍କୁ ଜଣାଇଥିଲେ। ସେମାନଙ୍କ ଏତଲା କ୍ରମେ ଆସିକା ଥାନାରେ ମାମଲା ରୁଜୁ ସହ ପୁଲିସ ଅଭିଯୁକ୍ତ ଅନୀଲ ଓ ତା'ର ଜ୍ୱାଇଁ ପ୍ରଦୀପକୁ ଗିରଫ କରିଥିଲା। ଆଜି ଆବଶ୍ୟକ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି କୋର୍ଟ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନରେ ବାର୍ଷିକ ଉତ୍ସବ

କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝରଗଡ଼ ମାଇନିଂ ରୋଡସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ ରେ ୨୩ ତାରିଖ ସୋମବାର ଦିନ ୪୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଅପରାହ୍ନ ୪ଟାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇ ରାତି ୯ଟା ରେ ଶେଷ ହୋଇଥିଲା । ମୁଖ୍ୟ ଅତିଥି ଇଂ କୃଷ୍ଣଚନ୍ଦ୍ର ରାଉତ ଅଧ୍ୟକ୍ଷ ଓଡିଶା ଖଣିଯାନ୍ତ୍ରିକ ବିଦ୍ୟାଳୟ , କେନ୍ଦୁଝର, ସମ୍ମାନୀୟ ଅତିଥି ଶ୍ରୀମତୀ ନିକୁସାହୁ ଅଧ୍ୟକ୍ଷା ପୌରପାଳିକା କେନ୍ଦୁଝରଗଡ଼ ଓ ଜିଲ୍ଲା ଶିକ୍ଷ କେନ୍ଦ୍ର ସାଧାରଣ ପରିଚାଳକ ଶ୍ରୀଯୁକ୍ତ ଛତିଶ ଚନ୍ଦ୍ର ନାଏକ ଓ ଶ୍ରୀଯୁକ୍ତ ଶ୍ରୀଚନ୍ଦନ ଦାସ,ଅଧ୍ୟକ୍ଷ , ଏଗ୍ରୋ ପଲିଟେକ୍ନିକ୍ କେନ୍ଦ୍ର କେନ୍ଦୁଝର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସଭା ପ୍ରାରମ୍ଭରେ ବିଦ୍ୟାଳୟର ସଭାପତି ଦାଶରଥି ମିଶ୍ର ସ୍ୱାଗତ ଅଭିଭାଷଣ ଦେଇଥିଲେ ଓ ବିଦ୍ୟାଳୟର ଶିକ୍ଷକ ମହେଶ୍ୱର ନାଥ




ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ପଦ୍ମ ଲୋଚନ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟଅତିଥି ଓ ସମ୍ମାନୀତ ଅତିଥି ପିଲାମାନଙ୍କ ଶିକ୍ଷା ଓ ମାନସିକ ସ୍ତର ବିକାଶ କିପରି ହୋଇ ପାରିବ ସେହି ଉପରେ ଗୁରୁତ୍ୱ ଦେବାପାଇଁ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ଅନୁରୋଧ କରିଥିଲେ । ବାର୍ଷିକ ପ୍ରତିଯୋଗିତା ରେ ଉତୀର୍ଣ୍ଣ କରିଥିବା ଛାତ୍ରଛାତ୍ରୀ ମାନେ ଅତିଥି ମାନଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ବିଦ୍ୟାଳୟର ଅଲରାଉଣ୍ଡର ଦଶମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ସନମୟୀ ସାହୁ ଓ ଦଶମ ଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ହିତେଶ କୁମାର ନାୟକ ଅତିଥିମାନଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ପୁରସ୍କାର ବିତରଣ ପରେ ବିଦ୍ୟାଳୟର ଉପାଧ୍ୟକ୍ଷ ଶ୍ରୀ ଯୁକ୍ତ ଅରୁଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସଭାସଙ୍ଗ ପରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥଲା । ମହେଶ୍ୱର ନାଥ , ରାଜଶ୍ରୀ ସାହୁ , ମଞ୍ଜୁସିଂ , ଅମିତ୍ ପାଣିଗ୍ରାହୀ , ଯୀଶୁ ଖ୍ରୀଷ୍ଟ ରାଉତ , ଅଜୟ କୁମାର ପଲେଇ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ସଦସ୍ୟା , ମାତୃନିଳୟ କର୍ମକର୍ତ୍ତା , ବିଦ୍ୟାଳୟର କର୍ମକର୍ତ୍ତା ଗୀତା ଶ୍ରୀ ମହାନ୍ତି, ପଦ୍ମିନୀ ଦେଇ, ଭାବି ପ୍ରିୟା ସାହୁ , ପ୍ରତିଭା ଦାଶ, ସ୍ୱାଗତିକା ମହାପାତ୍ର , ଚନ୍ଦ୍ରିକାମୟୀ ଦାଶ , ସବିତା ମିଶ୍ର , ଚିତ୍ତରଂଜନ ଜେନା, ନରେନ୍ଦ୍ର ମହାନ୍ତ , ମହେନ୍ଦ୍ର ମହାନ୍ତ , ଅଯୋଧ୍ୟା ଦେହୁରୀ , ସତ୍ୟ ନାରାୟଣ ବାରିକ , କାନ୍ତି ଦେହୁରୀ, ଗୋକୁଳ ନାଏକ , କହ୍ନେଇ ନାଏକ , ପୂର୍ଣ୍ଣଚନ୍ଦ୍ର ନାଏକ କାର୍ଯ୍ୟକ୍ରମରେ ସହଯୋଗ କରି ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।

# ଖୋଲା ଆକାଶତଳେ ଭିଜୁଛି ୧୦୦୦ରୁ ଉର୍ଦ୍ଧ୍ୱ ଧାନବସ୍ତା

କୋଷାଗୁମୁଡା(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର ବଡଆମଡା ଗତ ୧୧ ତାରିଖରେ ଧାନ ମଣ୍ଡିର ଶୁଭ ଉଦ୍ଘାଟନ ହେବା ପରେ ୧୬ତାରିଖରୁ

## ଲଘୁଚାପ ବର୍ଷା ସାଜିଲା କାଳ

ଚାଷୀମାନେ ମଣ୍ଡିରେ ଧାନଦେବା ଆରମ୍ଭ କରିଥିଲେ ।ହେଲେ ମିଲର୍ସ ମାନେ ନଆସିବାରୁ ଧାନସବୁ ସେମିତି ହିଁ ପଡି ରହିଥିଲା ।ଗତକାଲି ସନ୍ଧ୍ୟାରୁ ଜିଲ୍ଲାରେ ଲଘୁଚାପ ଜନିତ ବର୍ଷା ଆରମ୍ଭ ହୋଇଛି ।ଦୀର୍ଘ ୧୨ଘଣ୍ଟାରୁ ଉର୍ଦ୍ଧ ହେବ ବର୍ଷା ଲାଗିରହିଛି ତେଣୁ ଚାଷୀ ମନରେ ଭାଳେଣି ପଶିଯାଇଛି ।ମଣ୍ଡିରେ ସର୍ବମୋଟ ୨୭୦ଜଣ ଚାଷୀଙ୍କ ୨୫ହଜାର ବସ୍ତା ଧାନ



ପଡିରହିଥିବା ବେଳେ ପାଖାପାଖି ୧୦୦୦ରୁ ଉର୍ଦ୍ଧ୍ୱ ବସ୍ତା ଧାନ ଖୋଲା ଆକାଶ ତଳେ ପଡିରହିଛି । ଯେଉଁ ଚାଷୀ ମାନଙ୍କ ଧାନ ଖୋଲା ଆକାଶ ତଳେ ପଡି ରହିଥିଲା ବର୍ତମାନ ସେ ଚାଷୀମାନେ ବଡ଼ ଚିନ୍ତାରେ ପଡିଯାଇଛନ୍ତି । ବର୍ଷାରେ ଧାନ ସବୁ ଭିଜିଯାଇଛି । ପ୍ରଶାସନ ପକ୍ଷରୁ ମଧ୍ୟ ଧାନକୁ ସୁରକ୍ଷିତ ରଖିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ।ବାହାରେ ଖୋଲା ଆକାଶ ତଳେ ପଡି ବର୍ଷାରେ ଭିଜୁଥିବା ଧାନକୁ ପ୍ରଥମେ ଉଠେଇବା ପାଇଁ ପ୍ରସାଦ ବିଷୋୟୀ, ରିଙ୍କୁ ବିଷୋୟୀ, ସୁନ୍ଦରମଣି ବିଷୋୟୀ ପ୍ରଫୁଲ୍ଲ କୁମାର ମାଝୀ, ମଞ୍ଚା ଭତରା, ଚନ୍ଦ୍ରସେନ ବିଷୋୟୀ, ରାଜାରାମ ବିଷୋୟୀ, ଖିରୋଦ କୁମାର ବିଷୋୟୀ, ସୁରେଶ ବିଷୋୟୀ ଆଦି ଚାଷୀ ଦାବୀ କରୁଛନ୍ତି ।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମେଳା ଉଦ୍‌ଘାଟିତ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲାରେ ଦୁଇଦିନିଆ,ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମେଳା ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ , ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଯୋଗଦାନ କରିଥିଲେ । ଏହି ଉତ୍ସବରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ ଦିଗପହଣ୍ଡି ଡା ସିଦ୍ଧାନ୍ତ ମହାପାତ୍ର, ମାନ୍ୟବର ବିଧାୟକ ଖଲ୍ଲିକୋଟ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଉପଜିଲ୍ଲାପାଳ ସୁଶ୍ରୀ ଦିନା ଦସ୍ତଗିର ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ମନୋଜ କୁମାର ସାହୁ ସଭାର ପରିଚାଳନା କରି ମଞ୍ଚସ୍ଥ ବ୍ୟକ୍ତି ବିଶେଷଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଜିଲ୍ଲାର ଭୌଗୋଳିକ ଅବସ୍ଥିତି ଏବଂ ସମୁଦ୍ର ତଟ ଯଥେଷ୍ଟ ସହାୟକ ହେତୁ ଓଡ଼ିଶାରେ ପ୍ରାଣୀ ପାଳନ ଓ ମତ୍ସ୍ୟ ଚାଷରେ ଗଞ୍ଜାମ ଜିଲ୍ଲା ଉଲ୍ଲେଖନୀୟ ଯୋଗଦାନ କରିଆସିଛି। ଗ୍ରାମାଞ୍ଚଳ ଅର୍ଥନୀତିରେ ପାଖାପାଖି ଏକ ଚତୁର୍ଥାଂଶ ପ୍ରାଣୀ ପାଳନରୁ ମିଳିଆସିଛି। ଜିଲ୍ଲାର ଘୁମୁସୁରି ଗାଇ ପ୍ରଜାତି ଏବଂ ଗଞ୍ଜାମ ଛେଳି, ମେଣ୍ଢା ଜାତୀୟସ୍ତରରେ ମାନ୍ୟତାପ୍ରାପ୍ତ କରିଛି। ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଆମ ଜିଲ୍ଲା ଅଙ୍ଗୀକାରବଦ୍ଧ ବୋଲି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ତାଙ୍କ ସ୍ୱାଗତ ସମ୍ଭାଷଣରେ ଉଲ୍ଲେଖ କରିଥିଲେ। ଗାଇ, ମଇଁଷି ,ମାଂସାଳ କୁକୁଡ଼ା, ଅଣ୍ଡା ଦିଆ କୁକୁଡ଼ା, ଛେଳି ,ମେଣ୍ଢା ,ଘୁଷୁରୀ ପାଳନରେ ଦିଆ ଯାଉଥିବା ସରକାରୀ ସହାୟତା ଆମ ଚାଷୀଙ୍କ ମନୋବଳ କୁ ସୁଦୃଢ କରିବା ସଙ୍ଗେ ସକର୍ମକ




ଭାବେ ଆଗକୁ ବଢିବାର ବାଟ ଦେଖେଇ ଆସୁଛି। ଗ୍ରାମାଞ୍ଚଳର ଆର୍ଥିକ ସୀମାରେଖା ତଳେ ଥିବା ଲୋକଙ୍କ ପାଇଁ ଘର ଅଗଣାରେ କୁକୁଡ଼ା ଓ ବତକ ପାଳନ ଏକ ନିଆରା ପଦକ୍ଷେପ। ଏକ ନୂତନ ଯୋଜନା ନିମନ୍ତେ ମୁଖ୍ୟ ମନ୍ତ୍ରୀ କାମଧେନୁ ଯୋଜନା ଗୋ ବଂଶର ବିକାଶ ସୁରକ୍ଷା ତଥା ଦୁଗ୍ଧ ଉତ୍ପାଦନରେ ସ୍ୱାବଲମ୍ବୀ କରିବା ପାଇଁ ଏକ ଅଭିନବ ପ୍ରୟାସ ବୋଲି ମାନ୍ୟବର ମନ୍ତ୍ରୀ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ରେ ଆମ ଜିଲ୍ଲାର ଚାଷୀମାନେ ସଫଳ ଉଦ୍ୟୋଗୀ ହୋଇ ଏହି ଯୋଜନା ରେ ଏକୀଭୂତ ଚାଷକୁ ପ୍ରଧାନ ଦେବା ପାଇଁ ବିଧାୟକ ଡ଼ା ସିଦ୍ଧାର୍ଥ ମହାପାତ୍ର ଲୋକ ମାନଙ୍କୁ ବୁଝାଇଥିଲେ। ନୂତନ ଜ୍ଞାନ କୌଶଳ ଯୁକ୍ତ ବାୟୋଫ୍ଲକ୍ ମାଛ ଚାଷ, ମାଛ ଜାଆଁଳା ଚାଷ, ଗାଁ ପୋଖରୀ ରେ ମାଛ ଚାଷ ଏବଂ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାକୁ ଅଧିକ ତ୍ୱରାନିତ କରିବା ପାଇଁ ମୁଖ୍ୟ ଅତିଥି ଆଲୋକପାତ କରିଥିଲେ। ଏହି ମେଳା ର ସାର୍ଥକତା ସେତେବେଳେ ପ୍ରତିପାଦିତ ହେବ ଯେତେବେଳେ ଆମ ଚାଷୀ ମାନେ ଏଠାରୁ ମିଳୁଥିବା ବାର୍ତ୍ତା ଓ ଜ୍ଞାନ କୌଶଳ ର ସଠିକ୍ ଉପଯୋଗ କରିବେ ବୋଲି ମାନ୍ୟବର ବିଧାୟକ ଖଲ୍ଲିକୋଟ ପୂର୍ଣ୍ଣଚନ୍ଦ୍ର ସେଠୀ ତାଙ୍କର ଅନୁଭବି ଭାଷଣ ରେ ଦର୍ଶାଇ ଥିଲେ । ବ୍ରହ୍ମପୁର ଉପ ଜିଲ୍ଲାପାଳ ସରକାରୀ ଯୋଜନା ଗୁଡିକର ସଫଳ ରୂପାନ୍ତରଣରେ ଅଧିକାରୀ ମାନେ ପୂର୍ଣ୍ଣ ମାତ୍ରା ରେ ସହଯୋଗ କରିବାକୁ ମତ ବ୍ୟକ୍ତ କରିଥିଲେ। ମେଳାରେ ଗଞ୍ଜାମ ଜିଲ୍ଲା ପ୍ରାଣୀ ଓ ମତ୍ସ୍ୟ ପାଳନ ର ବିକାଶ ପୁସ୍ତିକା ଉନ୍ମୋଚନ ହେଇଥିଲା ଏବଂ ବିଭିନ୍ନ କ୍ଷେତ୍ର ରେ ସଫଳ ହୋଇଥିବା ଚାଷୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସର୍ବ ଶେଷରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ନିମାଇ ଚରଣ ବସ୍ତିଆ ଧନ୍ୟବାଦ ଅର୍ପଣ ପୂର୍ବକ ଉଦ୍ଘାଟନୀ ସଭା ର ପରିସମାପ୍ତି ଘଟାଇଥିଲେ। ଶେଷରେ ସମସ୍ତ ମାନ୍ୟଗଣ ଅତିଥି ମେଳାର ବିଭିନ୍ନ ଷ୍ଟଲ ଗୁଡ଼ିକ ପରିଦର୍ଶନ କରିଥିଲେ। ଗଞ୍ଜାମ ଜିଲ୍ଲାର ପ୍ରାଣୀ ଓ ମତ୍ସ୍ୟ ପାଳକ ମାନେ ଏହି ମେଳାରେ ଯୋଗଦାନ କରି ଅତି ଉତ୍ସାହିତ ଥିଲେ ଏବଂ ଏହା ତାଙ୍କର ପ୍ରାଣୀ ପାଳନର ଜ୍ଞାନ କୌଶଳକୁ ବଢାଇବାର ସହାୟକ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ।

ଓଡ଼ିଶା ଭାସ୍କର

# ମହାନଗର



କଟକ(ଭାସ୍କର ନ୍ୟୁଜ): ପୋଲିସ୍ ଓ ମେଜର୍ ଓ ବିବାଦ ଘଟଣାରେ ନିଜ ଆଡୁ ରୁଜୁ କରିଥିବା ଜନହିତ ମାମଲାର ଶୁଣାଣିରେ ଅନ୍ତ ଘଟାଇଛନ୍ତି ହାଇକୋର୍ଟ। ସେନା କର୍ମଚାରୀ ଓ ଅଧିକାରୀଙ୍କୁ ଥାନାରେ କିପରି ପୁଲିସ୍ ବ୍ୟବହାର କରିବ ସେ ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ଏସ୍‌ଓପିକୁ ଗ୍ରହଣ କରି ଏହାକୁ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେବା ସହ ଅଦାଲତ ମାମଲାର ଶୁଣାଣିରେ ପୂର୍ଣ୍ଣଛେଦ ପକାଇଛନ୍ତି। ବିଶେଷ କରି ୨୦୨୫ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟର ସମସ୍ତ ଥାନା ଓ ଫାଣ୍ଡିରେ ସିସିଟିଭି ଲଗାଇବା ସହ କାର୍ଯ୍ୟକ୍ଷମ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି। ଅତ୍ୟାଧୁନିକ ଜ୍ଞାନକୌଶଳରେ ଏକ କେନ୍ଦ୍ରୀୟ ନିୟନ୍ତ୍ରଣ ରୁମ ମନିଟରିଂ ସିଷ୍ଟମ କାର୍ଯ୍ୟ ମଧ୍ୟ ଉକ୍ତ ଅବଧି ମଧ୍ୟରେ କାର୍ଯ୍ୟକ୍ଷମ କରିବାକୁ ହାଇକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ପୁଲିସ୍ ପକ୍ଷରୁ ସେନା କର୍ମଚାରୀଙ୍କୁ କିପରି ବ୍ୟବହାର କରାଯିବ ସମ୍ପର୍କରେ ଜାରି କରାଯାଇଥିବା ଏସ୍‌ଓପି ବାବଦରେ ସଚେତନ କରିବା ସହ ଏହାର ପ୍ରଚାର ପ୍ରସାର କରିବାକୁ ମଧ୍ୟ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିବା ଆଦେଶରେ ସ୍ପଷ୍ଟ କରିବା ସହ ମାମଲାର ଅନ୍ତ ଘଟାଇଛନ୍ତି। ମାମଲାରେ ପୂର୍ବତନ ଏଡିଜି ଦୟାଲ ଗାଙ୍ଗୁଆର୍ ହାଇକୋର୍ଟରେ ହାଜର ହୋଇ ସତ୍ୟପାଠ ଦାଖଲ କରିଥିଲେ। ଦାଖଲ ସତ୍ୟପାଠରେ ରାଜ୍ୟର ସବୁ ଥାନାରେ ସିସିଟିଭି କ୍ୟାମେରା ଲଗାଇବା ଉପରେ ଉଲ୍ଲେଖ କରିବା ସହ ରାଜ୍ୟ ପୁଲିସ ବିଭାଗ ପକ୍ଷରୁ ଭିଡିଓ ମ୍ୟାନେଜମେଣ୍ଟ ସିଷ୍ଟମ ଆରମ୍ଭ କରାଯାଉଛି ବୋଲି ଦର୍ଶାଇଥିଲେ।








ଟ୍ୱିନ୍‌ସିଟିର ବିଭିନ୍ନ ଚର୍ଚ୍ଚରେ ପ୍ରଭୁ ଯୀଶୁଙ୍କ ଧରାବତରଣ ପାଇଁ ପୂଜାର୍ଚ୍ଚନା...

## ୯ମ ଅଟଳ ସମ୍ମାନ କାର୍ଯ୍ୟକ୍ରମ

# ଅଟଳ ଜୀ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବେ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୧୯୨୪ ଡିସେମ୍ବର ୨୫ ତାରିଖରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଜନ୍ମଗ୍ରହଣ କରିଥିଲେ। କୃଷି, ବିଜ୍ଞାନ, ସୁରକ୍ଷା, ଟେଲିକମ, ଖାଦ୍ୟ ସୁରକ୍ଷା, ଶିକ୍ଷା, ଜାତୀୟ ରାଜପଥର ଉନ୍ନତୀକରଣ ତଥା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଆଦି ଅନେକ କ୍ଷେତ୍ରରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ। ପ୍ରଧାନମନ୍ତ୍ରୀତ୍ୱ କାଳରେ ଅଟଳଜୀ ଦେଶରେ ସୁଶାସନ ବ୍ୟବସ୍ଥା କରିଥିଲେ। ସେଥିଲାଗି ପ୍ରତିବର୍ଷ ସାରା ଭାରତରେ ଡିସେମ୍ବର ୨୫ତାରିଖକୁ 'ସୁଶାସନ ଦିବସ' ଭାବେ ପାଳନ କରାଯାଉଛି। ଚଳିତ ବର୍ଷ ରାଜ୍ୟ ବିଜେପି କାର୍ଯ୍ୟାଳୟ ପରିସରରେ ସ୍ୱର୍ଗତଃ ବାଜପେୟୀଜୀଙ୍କ ୧୦୦ ତମ ଜନ୍ମ ଦିବସ ତଥା ଜନ୍ମ ଶତବାର୍ଷିକ ପାଳନ ଅବସରରେ 'ଅଟଳ ସମ୍ମାନ -୨୦୨୪' କାର୍ଯ୍ୟକ୍ରମ ଆୟୋଜନ ହେବା ସହ ସୁଶାସନ ଦିବସ ପାଳିତ ହୋଇଥିଲା। ପ୍ରତିକୂଳ ପରିସ୍ଥିତିରେ ଅସାଧାରଣ ବ୍ୟକ୍ତିତ୍ୱ ପ୍ରଦର୍ଶନ, ମହାନୁଭବତା, ମହନୀୟତା ତଥା ବିକାଶର ଅଭିଳାଷକୁ ବୁଣି ସାରା ଭାରତବର୍ଷକୁ ସଡ଼କ ପଥରେ ଏକାକାର କରିବାର ଯୁଗପୁରୁଷ, ସ୍ୱାଧୀନ ଭାରତବର୍ଷର ସୁଶାସନର ପ୍ରବର୍ତ୍ତକ, ସାରସ୍ୱତ ସାଧକ, ପାଞ୍ଚ ଦଶନ୍ଧିର ସାଂସଦ, ଯୁଗାନ୍ତକାରୀ, ମହାମାନବ, ଭାରତରତ୍ନ ଭୂତପୂର୍ବ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଆମ ଭାରତୀୟଙ୍କ ପାଇଁ ସର୍ବଦା ଆଦର୍ଶ ପୁରୁଷ ଓ ପ୍ରେରଣାର ଉତ୍ସ ହୋଇ କାଳେ କାଳେ ରହିବେ। ନିଜର ବ୍ୟକ୍ତିତ୍ୱ ବଳରେ ବିରୋଧୀଙ୍କୁ ଆକର୍ଷିତ କରିପାରୁଥିଲେ ଅଟଳଜୀ। ଏନ୍‌ଡିଏ ମେଣ୍ଟ ଗଠନ କରି ସୁଶାସନ ଦେଇ ଉଦାହରଣ ସୃଷ୍ଟି କରିଥିଲେ। ସେଥିପାଇଁ ଅଟଳଜୀଙ୍କୁ ଅଜାତଶତ୍ରୁ ବୋଲି କୁହାଯାଉଥିଲା। ତାଙ୍କ ନୀତି ଓ ଆଦର୍ଶକୁ ଆଧାର କରି ଆଜି ବିଜେପି ବିଶ୍ୱର ସବୁଠୁ ବଡ ରାଜନୈତିକ ଦଳ ଭାବେ ଛିଡା ହୋଇଛି। ସୁଶାସକ ରୂପେ ଅଟଳଜୀ ନିଜକୁ ପ୍ରତିଷ୍ଠିତ କରାଇବାରେ ସଫଳ ହୋଇଥିବାବେଳେ ଆଜି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେହି ଧାରାକୁ ଆଗକୁ ବଢ଼ାଇ ଚାଲିଛନ୍ତି। ଦେଶର ୨୦ଟି ରାଜ୍ୟରେ ବିଜେପି ନେତୃତ୍ୱାଧିନ ସରକାର। ଦିନ ଥିଲା ଓଡିଶାକୁ ସାଇନ ବୋର୍ଡ ପାର୍ଟି କୁହାଯାଉଥିଲା। କିନ୍ତୁ ଆଜି ରାଜ୍ୟରେ ବିଜେପିର ଡବଲ ଇଂଜିନ ସରକାର। ନିର୍ବାଚନୀ ସଂକଳ୍ପପତ୍ର ଘୋଷଣାକୁ ପୂରଣ କରାଯିବ। ୨୦୩୬ ସୁଦ୍ଧା ବିକଶିତ ଓଡିଶା କରିବା ପାଇଁ ଭିଜନ-୨୦୩୬ ଲୋକଙ୍କ ପାଖରେ ସରକାର ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅଟଳଜୀଙ୍କ ପ୍ରେରଣାକୁ ପାଥେୟ କରି ଓଡ଼ିଶାକୁ ଭାରତବର୍ଷର ଶ୍ରେଷ୍ଠ ଓ ସମୃଦ୍ଧଶୀଳ ରାଜ୍ୟ ଭାବେ ଗଢି ତୋଳିବା ଆମର ଲକ୍ଷ୍ୟ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ବିକଶିତ ଭାରତ ଗଢ଼ିବା ପାଇଁ ସେ ଯେଉଁ ପ୍ରୟାସ କରିଥିଲେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଜୀ ତାହାକୁ ପୂରଣ କରି ଚାଲିଛନ୍ତି। ସ୍ୱର୍ଗତ ବାଜପେୟୀଙ୍କ ମାର୍ଗରେ ଆମେ ସମସ୍ତେ ଆଗକୁ ବଢ଼ିବା ଆବଶ୍ୟକ ବୋଲି ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର କହିଛନ୍ତି। ଏହି ଅବସରରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ଯେ, ସ୍ୱର୍ଗତ ବାଜପେୟୀ ଓଡ଼ିଶାବାସୀଙ୍କୁ ଅନ୍ତରର ସହ ଭଲପାଉଥିଲେ। ସେ ଓଡ଼ିଶାର କଳା, ସଂସ୍କୃତି ଉପରେ ଗଭୀର ଅନୁଧ୍ୟାନ କରିଥିଲେ। ବାଜପେୟୀ ଜଣେ ଯୋଗଜନ୍ମା ଥିଲେ, ସେ ଜଣେ ହୃଦୟବାନ ରାଜନୈତଜ୍ଞ, କବି, ଜ୍ଞାନୀ ଓ ବାଗ୍ମୀଭାବେ ବିବେଚିତ ହେଉଥିଲେ। ସଂସ୍କାର ଓ ସଂସ୍କୃତି ତାଙ୍କ ମୂଳ ଆଧାର ଥିଲା। ସମଗ୍ର ଭାରତବର୍ଷକୁ ସଂସ୍କୃତି ସମ୍ପନ୍ନ କରିବା ପାଇଁ ସେ ଆପ୍ରାଣ ଉଦ୍ୟମ କରିଥିଲେ। ସ୍ୱର୍ଗତ ବାଜପେୟୀଙ୍କ କେହି ଶତ୍ରୁ ନ ଥିଲେ। ବିରୋଧୀମାନେ ମଧ୍ୟ ତାଙ୍କୁ ଭଲ ପାଉଥିଲେ। ସମଗ୍ର ବିଶ୍ୱରେ ଭାରତର ଗରିମା ବୃଦ୍ଧି କରିଥିଲେ ସ୍ୱର୍ଗତ ବାଜପେୟୀ। ସ୍ୱାମୀ ବିବେକାନନ୍ଦ ଦିନେ କହିଥିଲେ ଭାରତ ବିଶ୍ୱଗୁରୁ ହେବ। ନରେନ୍ଦ୍ର ମୋଦି ଆଜି ଏହାକୁ ପ୍ରମାଣ କରି ଦେଖାଇଛନ୍ତି। ଏଥିପାଇଁ ପ୍ରେରଣା ତାଙ୍କୁ ସ୍ୱର୍ଗତ ବାଜପେୟୀଙ୍କଠାରୁ ମିଳିଛି ବୋଲି ମୁଖ୍ୟବକ୍ତା ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରଫେସର ଡ.ନିରଞ୍ଜନ ପାଢ଼ୀ କହିଛନ୍ତି। କାର୍ଯ୍ୟକ୍ରମ ଅବସରରେ ଅଟଳଜୀଙ୍କ ଜୀବନୀ ଉପରେ ଆଧାରିତ ପ୍ରଦର୍ଶନୀ ଏବଂ ବାଜପେୟୀଜିଙ୍କ ବାଲୁକା କୃତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ରାଜନେତା, ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବିଜେପି ରାଜ୍ୟ ସଭାପତି ବିଶ୍ୱାଧର କୁଅଁରଙ୍କୁ ୯ମ 'ଅଟଳ ସମ୍ମାନ -୨୦୨୪'ରେ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ କବୟତ୍ରୀ କାନନବାଲା ପଟ୍ଟନାୟକଙ୍କୁ 'ଅଟଳ କବିତା ସମ୍ମାନ -୨୦୨୪'; ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀଙ୍କୁ 'ଅଟଳ ସାମ୍ବାଦିକ ସମ୍ମାନ-୨୦୨୪' ଏବଂ ବିଶିଷ୍ଟ ସମାଜସେବୀ ରୁଦ୍ର ନାରାୟଣ ମହାପାତ୍ରଙ୍କୁ 'ଅଟଳ ସେବା ସମ୍ମାନ -୨୦୨୪'ରେ ସମ୍ମାନିତ କରାଯାଇଛି। ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭାପତି, ରାଜ୍ୟ ପ୍ରଭାରୀ, ପୂର୍ବତନ ରାଜ୍ୟ ସଭାପତି ପ୍ରମୁଖ ଉପଢୌକନ, ମାନପତ୍ର, ଫଳକ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଥିଲେ। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ 'ଅଟଳ ସମ୍ମାନ-୨୦୨୪' କାର୍ଯ୍ୟକ୍ରମକୁ ବିଜେପି ସାଂସ୍କୃତିକ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ପିଙ୍କି ପ୍ରଧାନ, ପଞ୍ଚାନନ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଅଟଳଜୀଙ୍କ ନୀତିଆଦର୍ଶକୁ ଆଧାର କରି ବିଜେପି ବିଶ୍ୱର ସବୁଠୁ ବଡ଼ ରାଜନୈତିକ ଦଳ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଷମ ପରିସ୍ଥିତିର ସାମ୍ନା କରି ସବୁବେଳେ ଅଟଳ ରହୁଥିଲେ ବାଜପେୟୀ। ତାଙ୍କ ନୀତି ଆଦର୍ଶକୁ ଆଧାର କରି ଆଜି ବିଜେପି ବିଶ୍ୱର ସବୁଠୁ ବଡ଼ ରାଜନୈତିକ ଦଳ ଭାବେ ଛିଡ଼ା ହୋଇଛି। ବୁଧବାର ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତାବ୍ଦୀ ସମାରୋହରେ ମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖି ଏହା କହିଛନ୍ତି। ଓଡ଼ିଶା ସମେତ ୧୩ଟି ରାଜ୍ୟରେ ବିଜେପିର ଶାସନ। ୭ଟି ରାଜ୍ୟରେ ଏନଡିଏ ମେଣ୍ଟ ସରକାର କରିଛି। ଏମିତି ୨୦ଟି ରାଜ୍ୟରେ ଏବେ ବିଜେପି ନେତୃତ୍ୱାଧୀନ ସରକାର ଅଛି। ପ୍ରଥମେ ଦୁଇଟି ସିଟରେ ଜିତିଥିଲା ବିଜେପି। ନିଜେ ଅଟଳ ବିହାରୀ ବାଜପେୟୀ ହରିଯାଇଥିଲେ। ହେଲେ କେବେ ନିଜ ମନୋବଳକୁ କ୍ଷୀଣ କରିନଥିଲେ ଅଟଳ। ସେହିଦିନ ଠାରୁ ଅକ୍ଲାନ୍ତ ପରିଶ୍ରମ କରି ୧୫ ବର୍ଷ ପରେ ପୁଣି ବିଜେପିକୁ କ୍ଷମତାକୁ ଆଣି ଦେଖାଇଥିଲେ। ଦିନେ ବିଜେପିକୁ ଓଡ଼ିଶାରେ ସାଇନ୍ ବୋର୍ଡ ପାର୍ଟି କୁହାଯାଉଥିଲା। କିନ୍ତୁ ଆଜି ରାଜ୍ୟରେ ବିଜେପି ଡବଲ ଇଞ୍ଜିନ ସରକାର ତିଆରି କରିପାରିଛି। ନିଜର ବ୍ୟକ୍ତିତ୍ୱ ବଳରେ ବିରୋଧୀଙ୍କୁ ଆକର୍ଷିତ କରିପାରିଥିଲେ ବାଜପେୟୀ। ଏନଡିଏ ଗଠନ କରି ସୁଶାସନ ଦେଇ ଉଦାହରଣ ସୃଷ୍ଟି କରିଥିଲେ। ଅଟଳଙ୍କୁ ସେଥିପାଇଁ ଅଜାତ ଶତ୍ରୁ ବୋଲି କୁହାଯାଉଥିଲା। ପୋଖରାନ ପରମାଣୁ ପରୀକ୍ଷା ବେଳେ କାହାର ଚାପର ଶିକାର ହୋଇନଥିଲେ। ନିର୍ବାଚନୀ ସଂକଳ୍ପ ପତ୍ରରେ କହିଥିଲୁ ସବୁ ଘୋଷଣାକୁ ପୂରଣ କରିବୁ। ସୁଭଦ୍ରା ଯୋଜନାରେ ମହିଳାଙ୍କୁ ଧାନ ଏମଏସପି ୩୧୦୦ ଟଙ୍କା ଠାରୁ ଆରମ୍ଭ କରି ଅନେକ ପ୍ରତିଶ୍ରୁତି ପୂରଣ କରୁଛନ୍ତି ସରକାର। ବର୍ତ୍ତମାନ ସୁଦ୍ଧା ୮୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ସୁଭଦ୍ରା ଯୋଜନାରେ ଆର୍ଥିକ ସହାୟତା ପାଇଲେଣି। ଜାନୁଆରୀ ଶେଷ ସୁଦ୍ଧା ୧ କୋଟି ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯିବ। ମାର୍ଚ୍ଚ ମାସରେ ଦ୍ୱିତୀୟ କିସ୍ତି ମିଳିବ। ମନ୍ତ୍ରୀ ମାନଙ୍କୁ ସର୍ଭେ କରିବା ପାଇଁ ପ୍ରତି ଜିଲ୍ଲାକୁ ପଠାଯାଉଛି। ଲକ୍ଷପତି ଦିଦି ହେବାର ଲକ୍ଷ୍ୟ ରଖିଛନ୍ତି ବୋଲି ମହିଳା ମାନେ କହୁଛନ୍ତି। ୧୯୩ ଦିନ ଭିତରେ ୧୦୧ ଦିନ ପ୍ରତି ଜିଲ୍ଲାକୁ ଗସ୍ତ କରିବା ଓ ୪୨ ଦିନ ସେହି ଜିଲ୍ଲାରେ ରାତିରେ ରହିବା କାମ ନିରନ୍ତର ଭାବେ ଚାଲିଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା କରିବା ପାଇଁ ଭିଜନ ୨୦୩୬ ଲୋକଙ୍କ ପାଖରେ ରଖିଛନ୍ତି ସରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଫୁଟ୍‌ପାଥ୍‌ରେ ବାସହୀନଙ୍କୁ କମ୍ବଳ ବାଣ୍ଟିଲା କମିଶନରେଟ୍ ପୋଲିସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମାନବିକତା ଦେଖାଇଲା କମିସନରେଟ ପୋଲିସ। ଶୀତ ରାତିରେ ବାହାରେ ଶୋଉଥିବା ବାସହୀନ ଲୋକଙ୍କୁ କମ୍ବଳ ବାଣ୍ଟିଲା କମିସନରେଟ ପୋଲିସ। ରାଜଧାନୀର କଳ୍ପନା ଛକ ଠାରୁ ଆରମ୍ଭ କରି ରେଲୱେ ଷ୍ଟେସନ ପର୍ଯ୍ୟନ୍ତ ଯେଉଁଠି ଲୋକମାନେ ଖୋଲାରେ ଶୋଇଥିଲେ ସେମାନଙ୍କୁ କମିସନରେଟ ପୋଲିସର ଏସିପି ମାନେ କମ୍ବଳ ଘୋଡାଇ ଦେଇଥିଲେ। ପୋଲିସ କମିସନର ଓ ଭୁବନେଶ୍ୱର ଡିସିପିଙ୍କ ନିର୍ଦ୍ଦେଶ ରାଜଧାନୀ ଏବଂ ଉପକଣ୍ଠରେ ଶୀତ ରାତିରେ ଯେଉଁମାନେ ଖୋଲାସ୍ଥାନରେ ଶୋଉଛନ୍ତି ସମସ୍ତଙ୍କୁ କମ୍ବଳ ବଣ୍ଟନ କରାଯିବ।

## ରାଜ୍ୟପାଳ ଅପସାରିତ, ଏଏସ୍‌ଓ ଏବେବି ନ୍ୟାୟ ପାଇବାରୁ ବଞ୍ଚିତ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ରାଜ୍ୟପାଳ ପଦରୁ ରଘୁବର ଦାସ ଅପ୍ରତ୍ୟାଶିତ ଭାବେ ତାଙ୍କ ପଦବୀରୁ ଅପସରି ଯାଇଛନ୍ତି କିନ୍ତୁ ରହିଯାଇଛି ତାଙ୍କ ପୁଅ ଦ୍ୱାରା ଜଣେ କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କ ଉପରେ ଅକଥନୀୟ ଓ ଅମାନବୀୟ ଅତ୍ୟାଚାରର ବିବାଦ। ରାଜ୍ୟପାଳଙ୍କ ଅପ୍ରତ୍ୟାଶିତ ବିଦାୟ ଉପରେ ପ୍ରତିକ୍ରିୟା ଦେଇ ବିଜେଡି ପ୍ରେସ ବିବୃତ୍ତି ମାଧ୍ୟମରେ ଦଳ ମୁଖପାତ୍ର ଡ଼ଃ ଲେନିନ ମହାନ୍ତି କହିଛନ୍ତି, ରାଜ୍ୟପାଳଙ୍କ ପୁଅ ଦ୍ୱାରା ଜଣେ ସରକାରୀ କର୍ମଚାରୀଙ୍କୁ ମାଡ଼ମାରି ଜୋତା ଚଟାଇବା ପରି ସଙ୍ଗୀନ ଅଭିଯୋଗ ମାମଲାରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ରାଜ୍ୟ ସରକାରଙ୍କ ଅପାରଗତାକୁ ପଦାରେ ପକାଇଛି। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବା ପରେ ପୁରୀ ରାଜଭବନ ଭିତରେ ରାଜ୍ୟପାଳଙ୍କ ପୁଅ ଦ୍ୱାରା ଜଣେ ସରକାରୀ ଅଧିକାରୀଙ୍କୁ ମାଡ଼ ମାରିବା ଓ ପରେ ଜୋତାରେ ଛେପ ପକାଇ ତାକୁ ଚାଟିବାକୁ ବାଧ କରାଯିବା ଭଳି ସଙ୍ଗୀନ ଅଭିଯୋଗ ଆସିଥିଲା। ଏହି ସମ୍ବେଦନଶୀଳ ଘଟଣା ରାଜ୍ୟବାସୀଙ୍କ ମନରେ ଗଭୀର ଆଲୋଡନ ସୃଷ୍ଟି କରିଥିଲା। ବିଜେଡି ସମେତ ରାଜ୍ୟର ଅନ୍ୟ ରାଜନୈତିକ ଦଳମାନେ ଅଭିଯୁକ୍ତ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବୀରେ ବିଧାନସଭାକୁ ଅଚଳ କରିଥିଲେ। ରାଜ୍ୟ ସରକାର ଏହି ଘଟଣାରେ ପୁରୀର ଜିଲ୍ଲାପାଳ ତଦନ୍ତ କରି ୧୫ ଦିନରେ ରିପୋର୍ଟ ଦେବେ ବୋଲି ଘୋଷଣା କରିଥିଲେ। କିନ୍ତୁ ଏହି ଘୋଷଣା କେବଳ ଘୋଷଣାରେ ସୀମିତ ରହି ଯାଇଥିଲା ଓ କୌଣସି କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳିନଥିଲା। ଡ଼ଃ ମହାନ୍ତି କହିଛନ୍ତି, ଆଇନ ସମସ୍ତଙ୍କ ପାଇଁ ସମାନ ଓ ଆଇନରୁ ଉର୍ଦ୍ଧ୍ୱରେ କେହି ନୁହଁନ୍ତି, ଆଇନର ବ୍ୟାପକତାକୁ ନେଇ ଏହି ଉକ୍ତି ବିଜେପି ଶାସନ କାଳରେ କେବଳ କଥାରେ ସୀମିତ ହୋଇ ରହି ଯାଇଛି।

## କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୦ତମ ବାର୍ଷିକ ଉତ୍ସବ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦୁଇଦିନ ଧରି କିଟ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୨୦ତମ ବାର୍ଷିକ ଉତ୍ସବ (ଉତ୍ସବ-୨୦୨୪) ବିଦ୍ୟାଳୟ ପରିସରରେ ପାଳିତ ହାଇଯାଇଛି। କିଟ୍‌ର ପ୍ରତିଷ୍ଠାତା ସଭ୍ୟ ତଥା ଉକ୍ତ ବିଦ୍ୟାଳୟର ଚେୟାରମ୍ୟାନ ଡ଼ଃ. ଚିତ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଦୁଇ ଦିନର ଉତ୍ସବ ପାଳିତ ହୋଇଥିବା ବେଳେ ପ୍ରଥମ ଦିନ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର(ଡ଼ଃ.) ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଉପରେ ଆଲୋକ ପାତ କରିଥିଲେ। ବିଦ୍ୟାଳୟର ବାର୍ଷିକ ପତ୍ରିକା 'ବିଜ୍ଞାନୀ'କୁ ଉନ୍ମୋଚନ କରିବା ଅବସରରେ ବିଦ୍ୟାଳୟର ସକାରାତ୍ମକ କାର୍ଯ୍ୟ ଶୈଳିକୁ ଭୁରିଭୂରି ପ୍ରସଂଶା କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଚେୟାରମ୍ୟାନ ଶିକ୍ଷାବିତ୍ ପ୍ରଫେସର (ଡ଼ଃ.) ସମ୍ସନ୍ ମହାରଣା ଅନ୍ୟତମ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନେ କିପରି ଭାବରେ ମୋବାଇଲ୍ ବ୍ୟବହାରଠାରୁ ଦୂରରେ ରହି ଅଧିକ ସମୟ ପୁସ୍ତକ ପଠନ ଏବଂ ଲେଖାଲେଖିରେ ମନ ଦେଲେ ଜଣେ ଜଣେ ଉତ୍ତମ ଛାତ୍ରଛାତ୍ରୀ ହୋଇପାରିବ ସେ ବିଷୟରେ ବୁଝାଇଥିଲେ। ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବରେ ଖଲିକୋଟ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର(ଡ଼ଃ) ପ୍ରଫୁଲ୍ଲ କୁମାର ମହାନ୍ତି ଓ ଅନ୍ୟତମ ଅତିଥି ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ବାଣିଜ୍ୟ ବିଭାଗର ପ୍ରଫେସର (ଡ଼ଃ.) ପ୍ରଦିପ୍ତ କେଶରି ପ୍ରଧାନ ଯୋଗଦେଇ ଯେକୌଣସି ପାଠର ସାଧାରଣ ଜ୍ଞାନ ବିଷୟରେ ଜାଣିବା ନିହାତି ଆବଶ୍ୟକ ବୋଲି ପିଲାଙ୍କୁ ନିଖୁଣ ଭାବରେ ବୁଝାଇବା ସହ ଶୃଙ୍ଖଳିତ କ୍ୟାରିୟର ଗଢିବା ପାଇଁ ମଧ୍ୟ ଉପଦେଶ ଦେଇଥିଲେ ଓ ବିଭିନ୍ନ ବିଭାଗରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଅନୁଷ୍ଠାନର ଚେୟାରମ୍ୟାନ ସମସ୍ତ ଅତିଥିମାନଙ୍କୁ ଉତ୍ତରି ଓ ଉପଢକନ ଦେଇ ସମ୍ବର୍ଦ୍ଧିତ କରିଥିବା ବେଳେ ଅନୁଷ୍ଠାନ ତରଫରୁ ପ୍ରଫେସର (ଡ଼ଃ.) କାହ୍ନୁଚରଣ ସ୍ୱାଇଁଙ୍କୁ ଜଣେ ସଫଳ ଶିକ୍ଷାବିତ୍ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ସମସ୍ତ ଅତିଥିମାନଙ୍କୁ ପରିଚୟ ପ୍ରଦାନ କରିଥିବା ବେଳେ ଉପାଧ୍ୟକ୍ଷ ଡ଼ଃ. ରୁଦ୍ରମୋହନ ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀମାନେ ନିଜ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ କରି ଦୁଇଦିନର ବାର୍ଷିକ ଉତ୍ସବକୁ ମହାସମାରୋହରେ ପାଳିତ କରିଥିଲେ। ଅନୁଷ୍ଠାନ ଚେୟାରମ୍ୟାନ ଡ଼ଃ. ମିଶ୍ର କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରି ଓ କର୍ମଚାରିମାନେ ନିଷ୍ଠାର ସହିତ ସହଯୋଗ କରି ଦୁଇଦିନର ବାର୍ଷିକ ଉତ୍ସବକୁ ସଫଳ କରିଥିବାରୁ ସେମାନଙ୍କୁ ଅଶେଷ ଧନ୍ୟବାଦ ଦେଇଥିଲେ।

## ବଡଦିନର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବଡଦିନର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମେରୀ କ୍ରିସମାସ। ଆପଣ ପାଇଁ ଆଜିର ଦିନଟି ଖୁସି, ଆନନ୍ଦ ଓ ପ୍ରେମରେ ପରିପୂର୍ଣ୍ଣ ହେଉ। ସେହିପରି ବଡଦିନର ଶୁଭକାମନା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ ଦେଶବାସୀଙ୍କୁ ମେରି କ୍ରିସମାସ କହି ଶୁଭେଚ୍ଛା ଜଣାଇଛନ୍ତି।

## କୁଖ୍ୟାତ ବନ୍ଧୁକ ଚୋରା ଚାଲାଣକାରୀ ଗ୍ୟାଙ୍ଗ୍‌କୁ ଗିରଫ କଲା ପୋଲିସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କୁଖ୍ୟାତ ବନ୍ଧୁକ ଚୋରା ଚାଲାଣକାରି ଗ୍ୟାଙ୍ଗକୁ ଗିରଫ କଲା କମିସନରେଟ ପୋଲିସ। ୫ଜଣ ଅଭିଯୁକ୍ତ ଗିରଫ। ସେମାନଙ୍କଠାରୁ ୫ଟି ବନ୍ଧୁକ, ୧୫ଟି ଜୀବନ୍ତ ଗୁଳି, ୭ଟି ମୋବାଇଲ ଏବଂ ୮୪ହଜାର ଟଙ୍କା ଜବତ କରିଛି କମିସନରେଟ ପୋଲିସ। ଏହାସହ ଗୋଟିଏ ଚାରି ଚକିଆ ଗାଡି ମଧ୍ୟ ଜବତ ହୋଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଭବାନୀ ପ୍ରସାଦ ମହାନ୍ତି, ଏସ କେ ରେହମତ ଅଲ୍ଲୀ, ଏମଡି ଜାକିର, ଦୀପକ କୁମାର ସାହୁ ଏବଂ ଚନ୍ଦନ ଓରଫ ସଂଗ୍ରାମ ପ୍ରଧାନ। ଏମାନଙ୍କ ବିରୁଦ୍ଧରେ କମିସନରେଟ ପୋଲିସ ବ୍ୟତୀତ କଟକ, ଖୋର୍ଦ୍ଧା, ପୁରୀ ଏବଂ ଜଗତସିଂହପୁରର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଗିରଫ ଅଭିଯୁକ୍ତଙ୍କର ଜାମିନ ଖାରଜ ପାଇଁ କୋର୍ଟକୁ ଚିଠି ଲେଖିବ କମିସନରେଟ ପୋଲିସ।

## ନୂଆ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତିଙ୍କୁ ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନୂଆ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ନୂତନ ରାଜ୍ୟପାଳ ଭାବେ ନିଯୁକ୍ତି ପାଇଥିବା ଡକ୍ଟର ହରିବାବୁ କମ୍ଭମପତିଙ୍କୁ ଶୁଭେଚ୍ଛା। ତାଙ୍କର ଉପସ୍ଥିତି ଓଡ଼ିଶାରେ ସୁଶାସନ ଓ ଲୋକକଲ୍ୟାଣକାରୀ କାର୍ଯ୍ୟକ୍ରମକୁ ଆଗେଇ ନେବାରେ ବିଶେଷ ସହାୟକ ହେବ।

## ୧୫ତମ ବାର୍ଷିକ ବିଶ୍ୱ ଓଡ଼ିଶୀ ନୃତ୍ୟ ଉତ୍ସବର ତୃତୀୟ ଦିନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସାଂସ୍କୃତିକି କଲଚୁରାଲ ସୋସାଇଟି ତଥା ଓଡ଼ିଶୀ ନୃତ୍ୟଶିଳ୍ପୀ ଓ ଓଡ଼ିଶୀ ନୃତ୍ୟ ଅନୁଷ୍ଠାନର ଏକ ବିଶ୍ୱସ୍ତରୀୟ କେନ୍ଦ୍ର ଓଡ଼ିଶୀ ଇଣ୍ଟରନ୍ୟାସନାଲ ଫୋରମ୍ ଆନୁକୂଲ୍ୟରେ ଏବଂ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ ୧୫ତମ ବାର୍ଷିକ ବିଶ୍ୱ ଓଡ଼ିଶୀ ନୃତ୍ୟ ଉତ୍ସବ ତୃତୀୟ ଦିନରେ ଦେଖିବାକୁ ମିଳିଥିଲା ଓଡ଼ିଶୀ ନୃତ୍ୟର ଏକକ, ଦ୍ୱୈତ୍ୟ ଓ ଦଳଗତ ପରିବେଷଣ। ପୂର୍ବାହ୍ନ ଅଧିବେଶନର ୧୦ ବର୍ଷରୁ କମ୍ ବର୍ଗରେ ଅଂଶଗ୍ରହଣ କରିଥିବା ଶିଳ୍ପୀମାନେ ହେଲେ ଭୁବନେଶ୍ୱରର ଦେବାଂଶୀ ମୁଖାର୍ଜୀ, ବେଙ୍ଗାଲୁରୁର ଶ୍ରଦ୍ଧା ମହାନ୍ତି, ଭୁବନେଶ୍ୱରର ଶ୍ରେୟା ସ୍ୱତ୍ୱିକ୍ ସାହୁ, ଆମେରିକାର ମାଇରହ କର, କାନାଡ଼ାର ଶିବାଂଶୀ ଘୋଷ, ୨୦ବର୍ଷରୁ କମ୍ ବର୍ଗରେ ଅଂଶଗ୍ରହଣ କରିଥିବା ଶିଳ୍ପୀମାନେ ହେଲେ ବାଙ୍ଗାଲୁରୁର ଶିୟା ନନ୍ଦ, ଭୁବନେଶ୍ୱରର ଶ୍ରୀଜିତା ସୁମନ୍, ବେଙ୍ଗାଲୁରୁର ଆରାଧ ମହାନ୍ତି, ଆମେରିକାର ତରଙ୍ଗ ଯାଦବ, ଭୁବନେଶ୍ୱରର ପରିଦିକ୍ଷା ପଟ୍ଟନାୟକ, ସମ୍ବଲପୁରର ଅଂଶିକା ତ୍ରିପାଠୀ, ଆମେରିକାର କାବ୍ୟା ଲାୟର, ଆମେରିକାର ପ୍ରୀୟଦର୍ଶିନୀ ଅବନ୍ତି ବଙ୍ଗା, କଲିକତାର ଚିରଶ୍ରୀ ଭଣ୍ଡାରୀ, ଭୁବନେଶ୍ୱରର ତେଜଲ୍ ମିଶ୍ର, ରାଞ୍ଚିର ରିୟାଶ୍ରୀ ପଣ୍ଡା, ମୁମ୍ବାଇର ତନେସ୍ଥା ପତି, ରାଉରକେଲାର ଅମଲିକା ପ୍ରଧାନ ଏବଂ ସ୍ୱୟଙ୍ଗ ସମ୍ପର୍ଣ୍ଣ। ସନ୍ଧ୍ୟା ଅଧିବେଶନର ପ୍ରଥମ କାର୍ଯ୍ୟକ୍ରମ ଥିଲା ରୋଜାଲୀନ ମହାପାତ୍ରଙ୍କ ଅନୁଷ୍ଠାନ ଦେବଦାସୀର ଶିଳ୍ପୀଙ୍କ ଦ୍ୱାରା ଅଭିନୟ ମୋହନ ମୁରଲୀ ଛାଇ ଓ ପରେ ତନିସା ତନୁଶ୍ରୀଙ୍କ ଦ୍ୱାରା ଏକକ ନୃତ୍ୟ ପରିବେଷଣ। ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ଓଡ଼ିଶୀ ଦ୍ୱୈତ୍ୟ ନୃତ୍ୟ ଯାହାକୁ ପରିବେଷଣ କରିଥିଲେ ଜଲପାଇଗୁଡ଼ିର ଚନ୍ଦ୍ରିମା ଦେ ଓ ସୌପାଲ ଦାସ। ପରେ ଭାରତୀ ନୃତ୍ୟ ମନ୍ଦିରର ଶିଳ୍ପୀଙ୍କ ଦ୍ୱାରା ଆହେ ନିଳ ସଇଳ ଓ ପିତାମ୍ବର ବିଶ୍ୱାଳଙ୍କ ସୁରଭି ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ଆନନ୍ଦ ଭୈରବୀ ପଲ୍ଲବୀ ପରିବେଷିତ ହୋଇଥିଲା। ଶେଷରେ ଶୁଭଲକ୍ଷ୍ମୀ ପାଢୀଙ୍କ ଉଡ୍ର ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ନିୟତୀ ପରିବେଷିତ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସୃଜନ ଅନୁଷ୍ଠାନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ଶ୍ୟାମହରି ଚକ୍ରଙ୍କ ଦ୍ୱାରା ସମଗ୍ର ଉତ୍ସବଟିକୁ ପରିକଳ୍ପିତ କରାଯାଇଥିଲା ବେଳେ ଆୟୋଜନରେ ସହଯୋଗ କରିଥିଲେ ସଙ୍ଗମିତ୍ରା ମୁଦୁଲୀ, ସୁଚେତା ମିଶ୍ର, ଡକ୍ଟର ପମ୍ପି ପଲ୍, ମନୋସ୍ୱିନୀ ମହାନ୍ତୀ, ଦିନବନ୍ଧୁ ପତି ଓ ସ୍ୱାଧୀନ କୁମାର।

## ଏମ୍ସ ଭୁବନେଶ୍ୱର ପ୍ରତିଷ୍ଠାତା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦୂରଦୃଷ୍ଟି ଓ ସଂକଳ୍ପର ରାଷ୍ଟ୍ରନେତା, ପୂର୍ବତନ ପ୍ରଧାନମନ୍ତ୍ରୀ, କିମ୍ବଦନ୍ତୀ ପୁରୁଷ, ବିଶିଷ୍ଟ ଜନନାୟକ ତଥା ଏମ୍‌ସ ଭୁବନେଶ୍ୱର ପ୍ରତିଷ୍ଠାତା ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କର ୧୦୦ତମ ଜନ୍ମବାର୍ଷିକୀ ଅବସରରେ ଏମ୍‌ସ ଭୁବନେଶ୍ୱର ପକ୍ଷରୁ 'ସୁଶାସନ ଦିବସ' ପାଳିତ ହୋଇଯାଇଛି। ଏହି ଅବସରରେ ଯୁଗଦ୍ରଷ୍ଟା ଅଟଳ ବିହାରୀଙ୍କୁ ଏମ୍‌ସ ଭୁବନେଶ୍ୱର ପକ୍ଷରୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। ଏନେଇ ଆଜି ଏମ୍‌ସ ଭୁବନେଶ୍ୱର ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଭାରତରତ୍ନ ଅଟଳ ବିହାରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଏମ୍‌ସ ଭଳି ଏକ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ପ୍ରତିଷ୍ଠା ନିମନ୍ତେ ବାଜପେୟୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ପ୍ରତିଷ୍ଠା ତଥା ବିକାଶରେ ଅଟଳ ବିହାରୀ ବାଜପେୟୀଙ୍କ ଅବଦାନ ଅବିସ୍ମରଣୀୟ। ଦିବଂଗତ ଜନନାୟକଙ୍କ ଦୂରଦ୍ରଷ୍ଟୀ ବିଚାର କାରଣରୁ ଜନସେବା ନିମିତ୍ତ ସ୍ଥାପିତ ଏହି ଅନୁଷ୍ଠାନ ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ଜନସାଧାରଣଙ୍କ ଅଶେଷ କଲ୍ୟାଣ କରୁଥିବା ମତବ୍ୟକ୍ତ କରିଥିଲେ ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ) ଆଶୁତୋଷ ବିଶ୍ୱାସ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିନ୍ ଡ. ସୌଭାଗ୍ୟ କୁମାର ଜେନା, ମେଡିକାଲ୍ ଅଧିକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଅଭିଜିତ ସରକାର, ବରିଷ୍ଠ ପ୍ରାଶାସନିକ ଅଧିକାରୀ ରଶ୍ମି ରଞ୍ଜନ ସେଠୀ, ଡ. ଅଶୋକ କୁମାର ଜେନା ପ୍ରମୁଖଙ୍କ ସମେତ ଅତିଥି, ଅଧ୍ୟାପକ/ଅଧ୍ୟାପିକା, ଛାତ୍ର ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ଏମ୍‌ସ ପରିସରରେ ଥିବା ଭାରତରତ୍ନ ଅଟଳ ବିହାରୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଏମ୍‌ସ ଭୁବନେଶ୍ୱର ଭଳି ଏକ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ପ୍ରତିଷ୍ଠା ଫଳରେ ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଆସିଥିବା ମତପ୍ରକାଶ କରିଥିଲେ।

## ସରିଲା ଅଷ୍ଟାଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ

# ଓଡ଼ିଶୀ, ଭାରତନାଟ୍ୟମ୍ ନୃତ୍ୟ ସହ ଢ଼େମ୍‌ସା ଓ ପ୍ରହଲ୍ଲାଦ ନାଟକରେ ଦର୍ଶକ ବିମୋହିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନୃତ୍ୟ ପ୍ରତିଭା ଦ୍ୱାରା ଆୟୋଜିତ ଅଷ୍ଟାଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ ୨୦୨୪ର ଉଦ୍‌ଯାପନୀ ଉତ୍ସବରେ ପରିବେଷିତ ହୋଇଥିଲା ଅତ୍ୟନ୍ତ ମନୋଜ୍ଞ ଓ ଚିତ୍ତାକର୍ଷକ ନୃତ୍ୟ କାର୍ଯ୍ୟକ୍ରମ। ଉଦ୍‌ଯାପନୀ ସଂଧ୍ୟାର ଅତିଥି ଭାବେ ଭୁବନେଶ୍ୱରର ମାନ୍ୟବର ସାଂସଦ ଅପରାଜିତା ଷଡଙ୍ଗୀ, ପୂର୍ବତନ ମନ୍ତ୍ରୀ ସମିର ଦାସ, ଏମ୍‌ସିଏଲ୍‌ର ନିର୍ଦ୍ଦେଶକ (ଅର୍ଥ) ଅଜିତ୍ ବେହୁରା, ପୂର୍ବତନ ଭାରତୀୟ ପ୍ରଶାସନିକ ଅଧିକାରୀ ଅଶୋକ କୁମାର ତ୍ରିପାଠୀ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ତଥା ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଡକ୍ଟର ସ୍ନେହପ୍ରଭା ସାମନ୍ତରାୟ; ବିଶ୍ୱ ଓଡ଼ିଶା ସମାଜର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ନୃତ୍ୟ ପ୍ରତିଭାର ସଭାପତି ଡକ୍ଟର ରଜନୀ ରଞ୍ଜନ ଦାଶ, ନୃତ୍ୟ ପ୍ରତିଭାର ଉପ ସଭାପତି ବଙ୍କିମ ଚନ୍ଦ୍ର ନାୟକ ଓ ନୃତ୍ୟ ପ୍ରତିଭାର ସମ୍ପାଦିକା ପ୍ରତିଭା ପଣ୍ଡାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାର ମ୍ଭରେ ଚଉଷଠି ଯୋଗିନୀ ନୃତ୍ୟ ପ୍ରତିଭା ସମ୍ମାନ ୨୦୨୪ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ନିରଞ୍ଜନ ରାଉତଙ୍କୁ ପ୍ରଦାନ କରାଯାଇଥିଲା। ସଂଧ୍ୟାର ପ୍ରଥମ ଉପସ୍ଥାପନା ଥିଲା ଗୁରୁ ନିରଞ୍ଜନ ରାଉତଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ ପରେ ପରେ କଲିକତାରୁ ଆସିଥିବା ଗୁରୁ ମୋନଜିତ୍ ସାହାଙ୍କ ଅନୁଷ୍ଠାନ ନିପୁନ୍ ନୃତ୍ୟାଳୟର ଶିଳ୍ପୀମାନଙ୍କ ଦ୍ୱାରା ଭାରତନାଟ୍ୟମ ନୃତ୍ୟ ପରିବେଷିତ ହୋଇଥିଲା। ସଂଧ୍ୟାର ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ନୂପୁର ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ। ପରେ ପରେ କୋରାପୁଟର ବୋଣ୍ଡା ଆଦିମ ଜନଜାତି ନୃତ୍ୟ ଦଳ ଢେମସା ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟଶିଳ୍ପୀମାନେ ପରସ୍ପରକୁ ଅଣ୍ଟା ଓ କାନ୍ଧରେ ଧରି ପାରମ୍ପାରିକ ବାଦ୍ୟ ଯଥା ଢୋଲ, ତମକ, ଚଙ୍ଗୁ ଓ ମହୁରୀର ତାଳେ ତାଳେ ରଙ୍ଗ ବେରଙ୍ଗର ବେଶଭୂଷା ଓ ଅଳଙ୍କାରରେ ସଜ୍ଜିତ ହୋଇ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ତ୍ରିଧାରା ଅନୁଷ୍ଠାନର ଗୁରୁ ଡ଼କ୍ଟର ଗଜେନ୍ଦ୍ର ପଣ୍ଡା ଓ ସାଥୀ ଶିଳ୍ପୀମାନଙ୍କ ଦ୍ୱାରା ପ୍ରହଲ୍ଲାଦ ନାଟକ ପରିବେଷିତ ହୋଇଥିଲା। ପ୍ରହଲ୍ଲାଦ ନାଟକରେ ହିରଣ୍ୟକଶିପୁଙ୍କ ପୁତ୍ର ପ୍ରହଲ୍ଲାଦଙ୍କ କାହାଣୀକୁ ନୃତ୍ୟାଭିନୟ ମାଧ୍ୟମରେ ବଖାଣିଥିଲେ ଶିଳ୍ପୀମାନେ ଯାହାର ନୃତ୍ୟ ସଂରଚନା ଗୁରୁ ଡ଼. ଗଜେନ୍ଦ୍ର କୁମାର ପଣ୍ଡା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଡ଼କ୍ଟର ମୃତ୍ୟୁଞ୍ଜୟ ରଥ ଏବଂ ପରିଚାଳନାରେ ସହଯୋଗ କରିଥିଲେ ଗୁରୁ ପ୍ରତିଭା ପଣ୍ଡା।



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ




## ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା

# ନୂଆ ସରକାରଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ

ଓଡ଼ିଆ ଜାତିର ପରମ ଆରାଧ୍ୟ ଦେବତା, ସର୍ବଧର୍ମ ସମନ୍ୱୟର ପ୍ରତୀକ ତଥା ଜଗତର ନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଜେସ୍ଥଳୀ ପୁରୀର ଶ୍ରୀମନ୍ଦିରକୁ ପ୍ରତିଦିନ ବିଶ୍ୱର କୋଣ ଅନୁକୋଣରୁ ଶ୍ରଦ୍ଧାଳୁ ଭକ୍ତଙ୍କର ସୁଅ ଛୁଟିଥାଏ। କେତେକ ନିର୍ଦ୍ଦିଷ୍ଟ ପର୍ବପର୍ବାଣୀରେ ଶ୍ରୀମନ୍ଦିରରେ ଏଭଳି ଭିଡ଼ ଦେଖିବାକୁ ମିଳିଥାଏ, ଯଦ୍ୱାର ମନ୍ଦିରର ଗର୍ଭଗୃହ ଓ ଅନ୍ୟାନ୍ୟ ସ୍ଥାନରେ ଠେଲାପେଲା ଯୋଗୁଁ ମହିଳା ଏବଂ ବୟସ୍କ ନାଗରିକମାନେ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେବାର ଦୃଷ୍ଟାନ୍ତ ରହିଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତି ଓ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ଅତୀତରେ ଅନେକ ପଦକ୍ଷେପ ନିଆଯାଇଛି। ବିଭିନ୍ନ ସମୟରେ ଏକାଧିକ କଟକଣା ମଧ ଲାଗୁ ହୋଇଥିଲା। ପୂର୍ବତନ ବିଜେଡ଼ି ସରକାର ମନ୍ଦିରର ଚାରିଦ୍ୱାରରେ ପ୍ରବେଶକୁ ନିଷେଧ କରି କେବଳ ଗୋଟିଏ ଦ୍ୱାର ବାଟେ ଭିତରକୁ ପ୍ରବେଶ ନିମନ୍ତେ ଅନୁମତି ପ୍ରଦାନ କରିଥିଲେ। ମାତ୍ର ନିର୍ବାଚନ ପରେ କ୍ଷମତାସୀନ ହୋଇଥିବା ବିଜେପି ସରକାର ଚାରିଦ୍ୱାର ପ୍ରବେଶ ଉପରେ ରହିଥିବା କଟକଣାକୁ ଉଠାଇ ଦେଇଥିଲେ। ଏବେ ନୂତନ ସରକାର ଶ୍ରୀମନ୍ଦିରରେ ଦର୍ଶନ ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ନୂଆବର୍ଷରୁ ଶ୍ରୀଜଗନ୍ନାଥ ମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି। ନୂତନ ବ୍ୟବସ୍ଥା ଅନୁଯାୟୀ ଭକ୍ତମାନେ ସାତ ପାହାଚ ଦେଇ ଭିତରକୁ ପ୍ରବେଶ କରିବେ ଏବଂ ଶ୍ରୀଜିଉଙ୍କୁ ଦର୍ଶନ ସାରି ଘଣ୍ଟି ଦ୍ୱାର ଓ ଗାରଦ ଦ୍ୱାର ଦେଇ ପ୍ରସ୍ଥାନ କରିବେ। ତିନିଦିନ ପୂର୍ବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହ ସମୀକ୍ଷା ବୈଠକରେ ଯୋଗ ଦେବାପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ବୟାନ ଅନୁଯାୟୀ ମହିଳା, ଛୋଟ ପିଲା ଓ ବୟସ୍କ ବ୍ୟକ୍ତିଙ୍କ ଲାଗି ଦର୍ଶନ ବ୍ୟବସ୍ଥାକୁ ସୁବିଧାଜନକ କରିବା ନିମନ୍ତେ ପୃଥକ୍ ପଦକ୍ଷେପ ଗ୍ରହଣ କରାଯାଉଛି। ମହିଳା ଓ ବରିଷ୍ଠ ନାଗରିକମାନେ ଘଣ୍ଟିଦ୍ୱାର ଦେଇ ପ୍ରସ୍ଥାନ କରିବେ ଏବଂ ପୁରୁଷମାନେ ଗାରଦ ଦ୍ୱାର ଦେଇ ବାହାରିବେ। ନାଟ ମଣ୍ଡପରେ କାଠ ରାମ୍ପରେ ଛ'ଟି ଧାଡ଼ି ବ୍ୟବସ୍ଥା କରାଯିବ। ତିନୋଟି ଧାଡ଼ିରେ ମହିଳା, ଶିଶୁ ଓ ବୃଦ୍ଧ-ବୃଦ୍ଧା ମନ୍ଦିର ଭିତରକୁ ପ୍ରବେଶର ବ୍ୟବସ୍ଥା ହୋଇଥିବା ବେଳେ ଅନ୍ୟ ତିନୋଟି ଧାଡ଼ିରେ ପୁରୁଷମାନେ ମନ୍ଦିରକୁ ଯିବେ। ଜାନୁଆରୀ ପହିଲାରୁ ବିଧିବଦ୍ଧ ଭାବେ ଏହି ନିୟମ ଲାଗୁ ହେବା ପୂର୍ବରୁ ଆସନ୍ତା ୩୦ ଓ ୩୧ ତାରିଖରେ ପରୀକ୍ଷାମୂଳକ ଭାବରେ ଧାଡ଼ି ଦର୍ଶନର ରିହର୍ସାଲ କରାଯିବ। ତେବେ ଅନୁଭୂତିରୁ ଦେଖାଯାଏ ଯେ ଅତୀତରେ ଶ୍ରୀମନ୍ଦିରରେ ଭକ୍ତମାନଙ୍କ ଦର୍ଶନକୁ ଶୃଙ୍ଖଳିତ କରିବା ସଙ୍ଗେ ସଙ୍ଗେ ମନ୍ଦିର ପରିସରରେ ସଂସ୍କାର ଆଣିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଯେତେସବୁ ପଦକ୍ଷେପ ନିଆଯାଇଛି ତାହା ସଠିକ୍ ଭାବରେ କାର୍ଯ୍ୟକାରୀ ନହୋଇ ବାଟବଣା ହୋଇଛି। ଉଦାହରଣ ସ୍ୱରୂପ ଗତବର୍ଷ ଜାନୁଆରୀ ପହିଲାରୁ ମନ୍ଦିର ପରିସରରେ ପାନ ଓ ଗୁଟ୍‌ଖା ସେବନକୁ ସମ୍ପୂର୍ଣ୍ଣ ନିଷେଧ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲେ ହେଁ, କାର୍ଯ୍ୟକ୍ଷେତ୍ରରେ ତାହା ସମ୍ଭବ ହୋଇନାହିଁ ଏବଂ ଭକ୍ତମାନେ ଏବେ ବି ପାନ ଓ ଗୁଟ୍‌ଖା ସେବନ କରୁଛନ୍ତି। ସେହିପରି ଶ୍ରଦ୍ଧାଳୁ ଭକ୍ତ ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ କରିବାକୁ ଯେଉଁ ନିଷ୍ପତ୍ତି ହୋଇଥିଲା, ଗୋଟିଏ ବର୍ଷ ବିତିଯାଇଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ସେହି ଦୃଷ୍ଟିରୁ ଆସନ୍ତା ନବବର୍ଷରୁ ଶୃଙ୍ଖଳିତ ଧାଡ଼ି ଦର୍ଶନ ନିମନ୍ତେ ନୂତନ ସରକାରଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ ହେଲେ ହେଁ ତାହାକୁ ସଠିକ୍ ଭାବରେ କାର୍ଯ୍ୟକାରୀ କରାଯିବା ନେଇ କିଛିଟା ସନ୍ଦେହ ରହୁଛି। ତେଣୁ ବିଭାଗୀୟ ମନ୍ତ୍ରୀ ତଥା ଶ୍ରୀମନ୍ଦିର ପରିଚାଳନା କର୍ତ୍ତୃପକ୍ଷ ଏହାର ବାସ୍ତବ କାର୍ଯ୍ୟକାରୀତା ପ୍ରତି ବିଶେଷ ଧ୍ୟାନ ଦେବା ଏକାନ୍ତ ଆବଶ୍ୟକ।

## ନୀତିବାଣୀ



**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥**

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନ ଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# କୁଏତର ବିକାଶରେ ଭାରତ ଏକ ଅବିଚ୍ଛେଦ୍ୟ ଅଙ୍ଗ



**ମାନସ କୁମାର କର**
କୋଟାଙ୍ଗ, କୋଣାର୍କ
ମୋ: ୭୩୮୧୩୮୨୨୧୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିକଟରେ କୁଏତ ଗସ୍ତ ଭାରତ-କୁଏତ ସମ୍ପର୍କକୁ ରଣନୀତିକ ଭାଗିଦାରୀରେ ବୃଦ୍ଧି କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ୪୩ ବର୍ଷ ମଧ୍ୟରେ କୁଏତକୁ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗସ୍ତ ଥିଲା, ଏହା ପୂର୍ବରୁ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଗଲ୍ଫ ଅଞ୍ଚଳରେ ଭାରତର ବୃଦ୍ଧି ପାଉଥିବା ଗୁରୁତ୍ୱକୁ ଦର୍ଶାଇଥିଲା। କୁଏତ, ଯଦିଓ ଭୌଗୋଳିକ ଦୃଷ୍ଟିରୁ ଏକ ଛୋଟ ଦେଶ, କିନ୍ତୁ ଗଲ୍ଫ ଦେଶମାନଙ୍କ ମଧ୍ୟରେ ଏହାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ଶକ୍ତି ସୁରକ୍ଷା, ପ୍ରତିରକ୍ଷା ସହଯୋଗ ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିଛି।

କୁଏତ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଯୋଗାଣକାରୀ ଏବଂ ଭାରତର ମୋଟ ଶକ୍ତି ଆବଶ୍ୟକତାର ତିନି ପ୍ରତିଶତ କୁଏତରୁ ଆସିଛି। ୨୦୨୩-୨୦୨୪ ମସିହାରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ୧୦.୪୭୯ ବିଲିୟନ ଡ଼ଲାରରେ ପହଞ୍ଚିଥିଲା। କୁଏତକୁ ଭାରତର ରପ୍ତାନି ୨.୧ ବିଲିୟନ ଡ଼ଲାରରେ ପହଞ୍ଚିଛି ଏବଂ ବାର୍ଷିକ ୩୪.୭୮ ପ୍ରତିଶତ ଅଭିବୃଦ୍ଧି ଘଟିଛି। ୨୦୨୨ ମସିହାରେ ଭାରତ କୁଏତରୁ ୧୫ ବିଲିୟନ ଡଲାର ମୂଲ୍ୟର ଅଶୋଧିତ ତୈଳ, ଗ୍ୟାସ ଏବଂ ପେଟ୍ରୋକେମିକାଲ୍ ଉତ୍ପାଦ ଆମଦାନୀ କରିଥିଲା। କୁଏତର ଷଷ୍ଠ ବୃହତ୍ତମ ଅଶୋଧିତ ତୈଳ ଆମଦାନକାରୀ ହେଉଛି ଭାରତ। କୁଏତର ମୋଟ ଜନସଂଖ୍ୟା ୪୩ ଲକ୍ଷରେ ୧୦ ଲକ୍ଷରୁ ଅଧିକ ଭାରତୀୟ ଅଛନ୍ତି ଏବଂ ଏଠାରେ ଥିବା ମୋଟ ଶ୍ରମିକଙ୍କ ୩୦ ପ୍ରତିଶତ ଭାରତୀୟ ଅଟନ୍ତି। ଏହି ପ୍ରବାସୀ କୁଏତର ବିଭିନ୍ନ କ୍ଷେତ୍ରରେ ଯଥା ଇଲେକ୍ଟ୍ରୋନିକ୍ସ, ଶିଳ୍ପ ଉତ୍ପାଦନ, ସ୍ୱାସ୍ଥ୍ୟସେବା ଏବଂ ଇଞ୍ଜିନିୟରିଂରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। କୁଏତର ଭାରତୀୟ ନାଗରିକମାନେ ପ୍ରତିବର୍ଷ ଭାରତକୁ ତିନି ବିଲିୟନ ଆମେରିକୀୟ ଡଲାରରୁ ଅଧିକ ଟଙ୍କା ପଠାନ୍ତି, ଯାହା ଭାରତର ଅର୍ଥନୀତିରେ ଏକ ପ୍ରମୁଖ ଅବଦାନ ଅଟେ।

ପଶ୍ଚିମ ଏସିଆରେ ଚାଇନାର ବଢୁଥିବା ପ୍ରଭାବ, ବିଶେଷକରି ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ (ବିଆରଆଇ) ଏବଂ ସାମରିକ ସହଯୋଗ ଦ୍ୱାରା ଆଞ୍ଚଳିକ ସ୍ଥିରତା ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି । ଦୁଇ ଦେଶ ମଧ୍ୟରେ ହୋଇଥିବା ଚୁକ୍ତିନାମା ଚୀନ୍‌ର ଏହି ପ୍ରଭାବକୁ ସନ୍ତୁଳିତ କରିବା ଦିଗରେ ଠୋସ୍ ପଦକ୍ଷେପ ନେଇଛି। ପ୍ରତିରକ୍ଷା ସହଯୋଗରେ ଭାରତ ଏବଂ କୁଏତ ମିଳିତ ସାମରିକ ତାଲିମ ଏବଂ ଭାରତରୁ ସାମରିକ ଉପକରଣ ଯୋଗାଣ ପାଇଁ ସହଯୋଗ ବୃଦ୍ଧି କରିବାକୁ ଯୋଜନା କରିଛନ୍ତି। ଏହି ସହଯୋଗ କେବଳ କୁଏତର ସୁରକ୍ଷାକୁ ମଜବୁତ କରିବ ନାହିଁ ବରଂ ଏହି ଅଞ୍ଚଳରେ ଭାରତର ସାମରିକ ଉପସ୍ଥିତି ବଢାଇବ, ଯାହା ଚୀନ୍‌ର ସାମରିକ ସକ୍ରିୟତାକୁ ଚ୍ୟାଲେଞ୍ଜ କରିବ। ଏଥିସହ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶରେ କୁଏତ ସହ ସହଭାଗିତା ଅନୁସନ୍ଧାନ ଆରମ୍ଭ କରିଛି। ଏହା କୁଏତର ପୁଞ୍ଜି ବିନିଯୋଗ ଏବଂ ଭାରତର ଅଭିଜ୍ଞତାକୁ ଉଭୟ ଦେଶକୁ ସମାନ ସୁବିଧା ପ୍ରଦାନ କରିପାରିବ। କୁଏତରେ ଥିବା ଭାରତୀୟ ସମ୍ପ୍ରଦାୟ, ଯାହା ସମୁଦାୟ ଜନସଂଖ୍ୟାର ୨୧ ପ୍ରତିଶତ ଅଟେ, ଦୁଇ ଦେଶ ମଧ୍ୟରେ ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ଅଟେ । ଏହି ପ୍ରବାସୀମାନଙ୍କ ମଧ୍ୟରୁ ଅଧିକାଂଶ ସ୍ୱାସ୍ଥ୍ୟସେବା, ଶିଳ୍ପ ଉତ୍ପାଦନ ଏବଂ ଇଞ୍ଜିନିୟରିଂ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । କୁଏତର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟରେ ବହୁ ସଂଖ୍ୟକ ଭାରତୀୟ ଡାକ୍ତର ଏବଂ ପାରାମେଡିକ୍ସ ମଧ କାର୍ଯ୍ୟ କରୁଛନ୍ତି। କୁଏତର ଶାସକ ଶ୍ରେଣୀ ଭାରତୀୟ ସମ୍ପ୍ରଦାୟକୁ ପ୍ରଶଂସା କରି ସେମାନଙ୍କୁ 'କୁଏତର ବିକାଶର ଏକ ଅବିଚ୍ଛେଦ୍ୟ ଅଙ୍ଗ' ବୋଲି କହିଛନ୍ତି । ଭାରତ ଏବଂ କୁଏତ ମଧ୍ୟରେ ସାମୂହିକ ପ୍ରୟାସ ଏହି ବିଦେଶୀ ସମ୍ପ୍ରଦାୟର ସମ୍ଭାବନାକୁ ଆହୁରି ବଢାଇପାରେ, କାରଣ ଏହି ସମ୍ପ୍ରଦାୟ କେବଳ ଆର୍ଥିକ ଦୃଷ୍ଟିରୁ ନୁହେଁ ବରଂ ସାଂସ୍କୃତିକ ଭାବରେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ମଧ ମଜବୁତ କରିଥାଏ। ଭାରତରୁ ଆସୁଥିବା କର୍ମଚାରୀ ଏବଂ ବୃତ୍ତିଗତ କାର୍ଯ୍ୟରତ ମାନଙ୍କ ପାଇଁ ଉତ୍ତମ ସୁଯୋଗ ସୃଷ୍ଟି କରିବା ସହିତ କୁଏତ-ଭାରତ ସମ୍ପର୍କକୁ ମଧ ବୃଦ୍ଧି କରିବ।

ଦୁଇ ଦେଶ ମଧ୍ୟରେ ଆର୍ଥିକ ସହଯୋଗ ମଧ ବୃଦ୍ଧି ପାଇଛି। ପ୍ରଥମ ଥର ପାଇଁ କୁଏତକୁ ଭାରତର ରପ୍ତାନି ଦୁଇ ବିଲିୟନ ଡଲାରରେ ପହଞ୍ଚିଛି। ଏଥିସହ ଭାରତରେ କୁଏତ ନିବେଶ ପ୍ରାଧିକରଣର ବିନିଯୋଗ ୧୦ ବିଲିୟନ ଡଲାରରୁ ଅଧିକ ହୋଇଛି। ଏହା ଦୁଇ ଦେଶ ମଧ୍ୟରେ ଆର୍ଥିକ ସହଯୋଗକୁ ଏକ ନୂତନ ଉଚ୍ଚତାକୁ ନେବ, ଏଥିରେ କୌଣସି ସନ୍ଦେହ ନାହିଁ । କୁଏତରେ ଭାରତ ସହିତ ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ଚୀନ୍‌ର 'ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍' ଭଳି ପ୍ରକଳ୍ପ ପାଇଁ ଏକ ଚ୍ୟାଲେଞ୍ଜ ହୋଇପାରେ। ଦୁଇ ଦେଶ ମଧ୍ୟରେ ବଢୁଥିବା ବାଣିଜ୍ୟିକ ସମ୍ପର୍କ କୁଏତର ବିକାଶରେ ଭାରତୀୟ ବୈଷୟିକ ଜ୍ଞାନକୌଶଳ ଏବଂ ବ୍ୟବସାୟିକ ଦକ୍ଷତାକୁ ଅନ୍ତର୍ଭୁକ୍ତ କରିବ, ଯେତେବେଳେ କି ଚୀନ୍‌ର ପ୍ରକଳ୍ପଗୁଡ଼ିକର ଭୂମିକା ହ୍ରାସ ପାଇବ ।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ ଏପରି ଏକ ସମୟରେ ହୋଇଛି, ଯେତେବେଳେ ପଶ୍ଚିମ ଏସିଆ ଗୁରୁତର ଆହ୍ୱାନର ସମ୍ମୁଖୀନ ହୋଇଥିଲା। ସିରିଆ ସଙ୍କଟ, ଇସ୍ରାଏଲ୍-ପାଲେଷ୍ଟାଇନ ବିବାଦ, ଲେବାନନରେ ଅଶାନ୍ତି ଭଳି ପ୍ରସଙ୍ଗ ଏହି ଅଞ୍ଚଳର ସ୍ଥିରତା ଉପରେ ପ୍ରଭାବ ପକାଉଥିଲା। ଗାଜାରେ ଅସ୍ତ୍ରବିରତି ଚୁକ୍ତି ଦିଗରେ ଅଗ୍ରଗତି ଏହି ଅଞ୍ଚଳରେ ଶାନ୍ତି ପାଇଁ ଆଶା ବଢାଇ ଦେଇଛି। ଏଭଳି ପରିସ୍ଥିତିରେ ଦୁଇ ଦେଶ ମଧ୍ୟରେ ବଢୁଥିବା ସମ୍ପର୍କ ଏହି ଅଞ୍ଚଳରେ ସ୍ଥିରତା ବଜାୟ ରଖିବାର ଭୂମିକାକୁ ଆହୁରି ଦୃଢକରିବ। କୁଏତ ପରି ଏକ ଶକ୍ତି ସମୃଦ୍ଧ ଦେଶ ସହିତ ଏହି ସହଭାଗିତା ଭାରତ ପାଇଁ ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହୋଇପାରେ, କାରଣ ଏହା କେବଳ ଶକ୍ତି ଯୋଗାଣକୁ ସୁନିଶ୍ଚିତ କରିବ ନାହିଁ ବରଂ ଗଲ୍ଫ ଅଞ୍ଚଳରେ ଚୀନ୍‌ର ବଢୁଥିବା ପ୍ରଭାବକୁ ମଧ ସନ୍ତୁଳିତ କରିବ। କୁଏତକୁ ମୋଦିଙ୍କ ଗସ୍ତ ପ୍ରମାଣିତ କରିଛି ଯେ ପଶ୍ଚିମ ଏସିଆରେ ସ୍ଥିରତା-ନିରାପତ୍ତା ସୁନିଶ୍ଚିତ କରିବାରେ ରଣନୀତିକ ଭାଗିଦାରୀ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ। ଦ୍ୱିପାକ୍ଷିକ ସମ୍ପର୍କ ବଢାଇବା ବ୍ୟତୀତ ଏହି ଗସ୍ତ ଭାରତର ନରମ ଶକ୍ତି, ପ୍ରତିରକ୍ଷା କ୍ଷମତା ଏବଂ ଆଞ୍ଚଳିକ ନେତୃତ୍ୱକୁ ମଧ ପ୍ରୋତ୍ସାହିତ କରୁଛି। ଯଦି ଏହି ଚୁକ୍ତିନାମାଗୁଡିକ ଏକ ଦୀର୍ଘ ମିଆଦି ରଣନୀତି ସହିତ ଆଗକୁ ନିଆଯାଏ, ତେବେ ଏହା କେବଳ ଭାରତ-କୁଏତ ସମ୍ପର୍କକୁ ନୂତନ ଉଚ୍ଚତାକୁ ନେଇପାରିବ ନାହିଁ ବରଂ ପଶ୍ଚିମ ଏସିଆରେ ଭାରତର ସ୍ଥିର ତଥା ପ୍ରଭାବଶାଳୀ ଉପସ୍ଥିତି ମଧ ନିଶ୍ଚିତ କରିବ।

# ଉଜୁଡ଼ିଯାଉଛି ସବୁଜିମା



**ଡ. ଅରୁନ୍ଧତୀ ଦେବୀ**
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦

ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ଏହାର ପ୍ରଭାବ ଖାଦ୍ୟଶସ୍ୟ ଉତ୍ପାଦନ ଉପରେ ପଡ଼ିବା ଆରମ୍ଭ କଲାଣି। ପରିବେଶ ସୁରକ୍ଷା ପାଇଁ ଜଙ୍ଗଲ ସମ୍ପଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମାତ୍ର ବିକାଶ ନାଁରେ ଏହି ପ୍ରାକୃତିକ ସମ୍ପଦ ଉଜୁଡ଼ି ଯାଉଛି। ପ୍ରତ୍ୟେକ ବର୍ଷ ବିଭିନ୍ନ ପ୍ରକଳ୍ପ ସକାଶେ ଜଙ୍ଗଲ ଜମିକୁ ଅଣ ଜଙ୍ଗଲ କିସମରେ ପରିଣତ କରିବା କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ଜଙ୍ଗଲ ସଫା ହେଉଥିବାରୁ ରାଜ୍ୟକୁ ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପଦ ମଧ ବଢ଼ି ଚାଲିଛି। ଏପରି ଧାରା ବଜାୟ ରହିଲେ ରାଜ୍ୟରେ ଏହି ପ୍ରାକୃତିକ ସମ୍ପଦ ପଦା ହେବା ସହ ଆଗାମୀ ଦିନରେ ବିପଦ ଆହୁରି ଘନେଇ ବୋଲି ପରିବେଶବିତମାନେ ଚେତାବନୀ ଦେଇଛନ୍ତି। ବିଭିନ୍ନ ପ୍ରକଳ୍ପ ପାଇଁ ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ୨୩୧୦୭,୩୩୫ ହେକ୍ଟର ଜଙ୍ଗଲ ଜମିକୁ ଅଣ ଜଙ୍ଗଲ କିସମରେ ପରିଣତ କରାଯାଇଛି। ଏଥିସହ ପ୍ରାୟ ୧୦ ଲକ୍ଷ ବୃକ୍ଷ କଟାଯାଇଛି। ନିକଟରେ ଶେଷ ହୋଇଥିବା ବିଧାନସଭାରେ ଭାଜପା ସଭ୍ୟ ପ୍ରଶାନ୍ତ ଜଗଦେବଙ୍କ ଏକ ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ନିମନ୍ତେ, ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ବନ ସଂରକ୍ଷଣ ଓ ସମ୍ବର୍ଦ୍ଧନା ଆଇନ, ୧୯୮୦ରେ ଧାରା (୨) ଅନୁଯାୟୀ ଜଙ୍ଗଲ ଜମିକୁ ବିଭିନ୍ନ ଅଣଜଙ୍ଗଲ କାର୍ଯ୍ୟ ଉଦ୍ଦେଶ୍ୟରେ ଅପସାରଣ ନିମନ୍ତେ ଅନୁମୋଦନ ପ୍ରଦାନ କରିଛନ୍ତି। ଉପରୋକ୍ତ ଆଇନର ବ୍ୟବସ୍ଥା ଅନୁଯାୟୀ ଅପସାରିତ ହୋଇଥିବା ଜଙ୍ଗଲ ଜମିର ସମପରିମାଣ ଅଣଜଙ୍ଗଲ ଜମିରେ କିମ୍ବା ଦୁଇଗୁଣା ଉଜୁଡ଼ା ଜଙ୍ଗଲ ଜମିର କ୍ଷତିପୂରକ ବନୀକରଣ କରାଯିବାର ନିୟମ ରହିଛି।

ବିଗତ ଦଶ ବର୍ଷରେ ୨୦୧୪-୨୦୨୪ ଶିକ୍ଷାନୁଷ୍ଠାନ, ଖଣିଖାଦାନ, ନଦୀବନ୍ଧ, ସରକାରୀ ଓ ଘରୋଇ କୋଠାବାଡ଼ି ପ୍ରକଳ୍ପ ନିମନ୍ତେ ସର୍ବମୋଟ ୨୩୧୦୭,୩୩୫ ହେକ୍ଟର ସଂରକ୍ଷିତ ଜଙ୍ଗଲ ଜମି, ପ୍ରସ୍ତାବିତ ରକ୍ଷିତ ଜଙ୍ଗଲ ଜମି, ଗ୍ରାମ୍ୟ ଜଙ୍ଗଲ ଜମି, ଡିଏଲସି ଜମି ଓ ଅନ୍ୟାନ୍ୟ କିସମର ଜଙ୍ଗଲ ଜମିକୁ ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର ପାଇଁ ଭାରତ ସରକାରଙ୍କ ପରିବେଶ ମନ୍ତ୍ରଣାଳୟ ଅନୁମତି ଦେଇଛନ୍ତି। ଏହାର କ୍ଷତି ପୂରଣ ନିମନ୍ତେ ୨୦୨୩ ଜାନୁୟାରୀ ସୁଦ୍ଧା ୩୨୧୯୮.୬୧୫ ହେକ୍ଟର ଜମିରେ କ୍ଷତିପୂରକ ବନୀକରଣ କରାଯାଇ ନୂତନ ଜଙ୍ଗଲ ସୃଷ୍ଟି କରାଯାଇଅଛି। ଆସନ୍ତା ବର୍ଷଗୁଡ଼ିକରେ ବାକିଥିବା କ୍ଷତିପୂରକ ବନୀକରଣ କରାଯିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏହାଛଡ଼ା ରାଜ୍ୟ ସରକାର ମଧ ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁଯାୟୀ ବିଭିନ୍ନ ପ୍ରକଳ୍ପ ପାଇଁ ବିଗତ ବର୍ଷଗୁଡ଼ିକରେ ୭୮.୩୪୮ ହେକ୍ଟର ଜଙ୍ଗଲ ଜମିର କିସମକୁ ବଦଳାଇଛନ୍ତି। ଏଥିସହିତ ଗତ କିଛି ବର୍ଷ ମଧ୍ୟରେ ରାଜ୍ୟରେ ବିଭିନ୍ନ ପ୍ରକଳ୍ପ ପାଇଁ ଲକ୍ଷ ଲକ୍ଷ ବୃକ୍ଷକୁ ବଳି ଦେବାକୁ ପଡ଼ିଛି। ୨୦୦୬ରୁ ୨୦୧୨ ମଧ୍ୟରେ ଶିଳ୍ପ, ଖଣି, ଜଳସେଚନ, ରାସ୍ତା ନିର୍ମାଣ, ବିଦ୍ୟୁତ ଆଦି ପାଇଁ ୮୮୨୦.୭୭ ହେକ୍ଟର ଜଙ୍ଗଲ ଜମିକୁ ନଷ୍ଟ କରାଯାଇଛି। ତେବେ ଯେତେ ସଂଖ୍ୟକ ଗଛ କଟାଯାଉଛି ସେହି ପରିମାଣରେ ବୃକ୍ଷରୋପଣ ହେଉନାହିଁ। ଯେଉଁ ବୃକ୍ଷରୋପଣ ହେଉଛି ସେଥିରୁ ଅଧିକାଂଶ ରକ୍ଷଣାବେକ୍ଷଣ ଅଭାବରୁ ଅଣଜଙ୍ଗଲ ଅଞ୍ଚଳରେ ଗୋଟିଏ ଗଛ କାଟିଲେ ଏହା ବଦଳରେ ୨ରୁ ୧୦ ଗୁଣ ଗଛ ଲଗାଇବା ନେଇ ସରକାରୀ ଗାଇଡ଼ଲାଇନ ରହିଛି। ଏହାକୁ ଠିକ ଭାବେ ଅନୁସରଣ କରାଯାଉ ନଥିବାରୁ ପରିବେଶବିତ୍ ଚିନ୍ତା ପ୍ରକଟ କରିଛନ୍ତି। ସାମାଜିକ କର୍ମୀ ବିଶ୍ୱପ୍ରିୟ କାନୁନଗୋ କହିଛନ୍ତି, ଭୁବନେଶ୍ୱର, କଟକ ଜାତୀୟ ରାଜପଥ ହେଉ କିମ୍ବା ସହର ଭିତରେ ରାସ୍ତା ସମ୍ପ୍ରସାରଣ ପାଇଁ ବହୁ ସଂଖ୍ୟାରେ ବଡ଼ ବଡ଼ ଗଛକୁ କାଟି ଦିଆଯାଇଛି। ଏହା ବଦଳରେ ସେତିକି ପରିମାଣ ଗଛ ନଥିବାରୁ ସହରରେ ତାପମାତ୍ରା ବଢ଼ିବା ସାଙ୍ଗକୁ ପରିବେଶ ଉତ୍ତପ୍ତ ହେଉଛି। ଏହି କାରଣରୁ ଅନେକ ପଶୁପକ୍ଷୀ ମଧ ଲୋପ ପାଇଗଲେଣି। ବୃକ୍ଷରୋପଣ ଉପରେ ସବୁ ସ୍ତରରେ ପଦକ୍ଷେପ ନିଆଯିବା ଦରକାର ବୋଲି ସେ କହିଛନ୍ତି।

# ଓଡ଼ିଶା ଓ ବାଜପେୟୀ



**ଗୁରୁକଲ୍ୟାଣ ମହାପାତ୍ର**
'ଉତ୍କଳ ପ୍ରସଙ୍ଗ'ର ପୂର୍ବତନ ମୁଖ୍ୟ ସମ୍ପାଦକ,
ଭୁବନେଶ୍ୱର, ମୋ: ୯୪୩୭୦୧୨୧୨୩

ସେତେବେଳେ ମୁଁ ଦୈନିକ 'ପ୍ରଜାତନ୍ତ୍ର'ରେ କଟକ ଦାୟିତ୍ୱରେ ଥାଏ। ଶ୍ରୀ ଭର୍ତ୍ତୃହରି ମହତାବ ସମ୍ପାଦକ ଥିଲେ। ସମ୍ବାଦପତ୍ରର ପ୍ରଭାତୀ ସଂସ୍କରଣ ନଥାଏ। ତଡିତ ଗଣମାଧ୍ୟମର ସମାଚାରର ଏତେ ବଳିଷ୍ଠ ଭୂମିକା ବି ନଥିଲା। ଓଡ଼ିଆ ସମ୍ବାଦପତ୍ର ଗୁଡିକ ମଧ୍ୟରେ ସମାଜ ଓ ପ୍ରଜାତନ୍ତ୍ରର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ସାମାଜିକ ଗଣମାଧ୍ୟମ ପ୍ରବେଶ କରିନଥାଏ ଆଜି ଭଳି।

କେତେ ବର୍ଷ ତଳର କଥା। ବାଲିଯାତ୍ରା ପଡ଼ିଆରେ କଟକ ଠାରେ ଆମେସବୁ ଅପେକ୍ଷା କରିଥାଉଁ ତତ୍କାଳୀନ ବିଜେପି ନେତା ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ଶୁଣିବାକୁ। ସେଠାର ସେ ବିଳମ୍ବରେ ଆସିଲେ। ଆସୁ ଆସୁ ସଭାସ୍ଥଳରେ କ୍ଷମା ମାଗିନେଲେ। କିଛି ସମୟ ରହିଯାଇ ସେ ପଚାରିଲେ ଆମ ସମସ୍ତଙ୍କୁ -ବିଳମ୍ବର କାରଣ କାହିଁକି ବୋଲି ଯେ କେହି ପଚାରିଲେ ନାହିଁ? ତାଙ୍କର ଭାଷଣ ଦେବାର ଶୈଳୀ ଏପରି କଥା କହିବା ଢଙ୍ଗରେ। ସେ ନିଜେ ଟିକେ ରହିଯାଇ ଉତ୍ତର ରଖିଲେ, ମୋତେ ଭୁବନେଶ୍ୱର ରାଜ୍ୟ ଅତିଥି ଭବନ ବା State Guest House ରେ ରହିବାକୁ ଜାଗା ଦେଲେନି କଂଗ୍ରେସ ସରକାର। କାରଣ କ'ଣ? ଆଉଜଣେ ସାଂସଦଙ୍କୁ ସେଠାରେ ରହିବାକୁ ଅନୁମତି ମିଳିଲା, ଅଥଚ ମୋତେ ମିଳିଲା ନାହିଁ ଜଣେ ସାଂସଦ ଭାବେ। କାରଣ କ'ଣ ବୋଲି ସେ ଅଗଣିତ ଦର୍ଶକ ଓ ଶ୍ରୋତାଙ୍କୁ ପଚାରିଲେ ଆଉ ନିଜେ କହି ପକାଇଲେ, 'ସେ ସାଂସଦ ଜଣକ ପ୍ରଧାନମନ୍ତ୍ରୀଙ୍କ ଗର୍ଭରୁ ଜନ୍ମ ହୋଇଥିଲେ, କିନ୍ତୁ ସେପରି ମୁଁ ଜନ୍ମ ହୋଇନଥିଲି। (ତତ୍କାଳୀନ କଂଗ୍ରେସ ସାଂସଦ ରାଜୀବ ଗାନ୍ଧୀଙ୍କୁ ଲକ୍ଷ୍ୟରେ ରଖି) ଜନତା ହସି ଉଠି ଖୁବ ଜୋର୍‌ରେ ତାଳି ମାରିଲେ, ବାଜପେୟୀଜୀ କିନ୍ତୁ ଆଦୌ ହସିଲେ ନାହିଁ। ସେ ପୁଣି ପ୍ରସଙ୍ଗ ବଦଳାଇ ଭାଷଣ ଦେଲେ।

ଆଉ ଗୋଟିଏ ଘଟଣା। ସେଦିନ ବିଜୁ ବାବୁଙ୍କ ନାମରେ ନାମିତ ନୂତନ ଭୁବନେଶ୍ୱର ବିମାନ ବନ୍ଦରଟିର ଉଦ୍‌ଘାଟନ ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ବାଜପେୟୀ ଭୁବନେଶ୍ୱର ବିମାନବନ୍ଦରରେ ଆସି ପହଞ୍ଚିବା ପରେ ମଞ୍ଚାସୀନ ହେଲେ। ତାଙ୍କ ନିକଟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ଭୁବନେଶ୍ୱର ବିଜେପି ବିଧାୟକ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଥିଲେ। ଜଣେ ସାମ୍ବାଦିକ ଭାବେ ଏ ଲେଖକ ମଧ ମଞ୍ଚ ତଳେ ଉପସ୍ଥିତ ଥିଲା। ମୁଖ୍ୟମନ୍ତ୍ରୀ ଜାନକୀବାବୁ ଉଦ୍ରାମି ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କୁ ବିଶ୍ୱଭୂଷଣଙ୍କ ସହ ପରିଚୟ କରାଇ ଦେଲେ। ମାତ୍ର ବାଜପେୟୀଜୀ ଟିକେ ହସିଦେଇ କହିଲେ, 'ତାଙ୍କୁ ପରିଚୟ କରିବାର ଆବଶ୍ୟକତା ନାହିଁ। ସେ ମୋର ଅତି ଘନିଷ୍ଠ ଓ ଅନେକ ଦିନରୁ ପରିଚିତ।'

ବାଜପେୟୀ ଜଣେ ହିନ୍ଦୀ ଭାଷାର ଭଲ କବି ଥିଲେ। ଥରେ ମୋର ପିତୃବ୍ୟ, ବିଶିଷ୍ଟ ସାହିତ୍ୟିକ, ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ମନ୍ତ୍ରୀ ନିତ୍ୟାନନ୍ଦ ମହାପାତ୍ର (ଏବେ ସ୍ୱର୍ଗରେ)ଙ୍କ ଖାରବେଳ ନଗରସ୍ଥିତ ବାସଭବନରେ ମୁଁ ରହୁଥିଲା ବେଳେ ଏବର ବିଜେପି ରାଜ୍ୟ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ମନମୋହନ ସାମଲ ଓ ଆଉ କେତେଜଣ ବିଜେପି ଓ ବିଦ୍ୟାର୍ଥୀ ପରିଷଦର ସଦସ୍ୟଙ୍କ ସହ ସେଠାରେ ପହଞ୍ଚିଲେ। ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ପକ୍ଷରୁ ପ୍ରଚଳିତ ବିଶିଷ୍ଟ ଓଡ଼ିଆ କବି ଗଙ୍ଗାଧର ମେହେରଙ୍କ ନାମରେ ଏକ ଜାତୀୟସ୍ତରର ପୁରସ୍କାର ପ୍ରଚଳିତ ହୋଇଥାଏ। (ଏବେ ସେ ପୁରସ୍କାର ଦିଆଯାଉଛି କି ନାହିଁ ଏ ଲେଖକର ଧାରଣା ଅବଶ୍ୟ ନାହିଁ। ସେତେବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପ୍ରତିମାସ ପ୍ରକାଶ ପାଉଥିବା 'ସପ୍ତର୍ଷି' ପତ୍ରିକାରେ ମୋ କବିତା ପ୍ରକାଶ ପାଉଥିଲା। ଏବେ ପ୍ରକାଶ ପାଉଛି କି ନାହିଁ ଜାଣେ ନାହିଁ।) ପିତୃବ୍ୟ ନିତ୍ୟାନନ୍ଦ ସେହି ପୁରସ୍କାର ଚୟନ କମିଟିର ଜଣେ ବିଚାରକ ଥିଲେ। ସେ ବାଜପେୟୀଙ୍କ ଲିଖିତ କବିତା ପୁସ୍ତକକୁ ଭଲଭାବେ ସୁପାରିଶ କରିଦେଲେ ମନମୋହନଙ୍କ ଅନୁରୋଧରେ। ପିତୃବ୍ୟ ସମ୍ଭବତଃ କହିଲେ ଜଣେ ରାଜନେତା ଭାବେ ବାଜପେୟୀ ଆଦୃତ ହେଲେ ହେଁ ତାଙ୍କ କବିତା ସବୁ କାଳଜୟୀ। ଏହା ପରେ ବାଜପେୟୀଜୀ ମର୍ଯ୍ୟାଦାଜନକ 'ଗଙ୍ଗାଧର ମେହେର' ପୁରସ୍କାର ଲାଭ କରିଥିଲେ। ଆମେ ସବୁ ଖୁସି ହୋଇଥିଲୁ ସେଥିଯୋଗୁଁ।

# ବାର୍ଦ୍ଧକ୍ୟର ଗତିରୋଧ



**ଡାକ୍ତର ପ୍ରଫୁଲ୍ଲ କୁମାର ଦାସ**
କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ,
ଏମ୍‌ଆର୍‌ଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୨୩୪୪୩

ଲୋଳିତ ଚର୍ମ, ହ୍ରାସ ପାଉଥିବା ସ୍ମୃତି ଶକ୍ତି, କର୍କଟ ଓ ହୃଦରୋଗର ଭୟ ସହ ବାର୍ଦ୍ଧକ୍ୟର ସ୍ପର୍ଶ ଆମ ସମସ୍ତଙ୍କ ଜୀବନରେ ଅବସମ୍ଭାବୀ। ଯେଉଁଥିରୁ ବର୍ତ୍ତିବା ଅସମ୍ଭବ ନିଶ୍ଚୟ। ତଥାପି ହଜାର ହଜାର ବର୍ଷ ଧରି ମାନବ ଚେଷ୍ଟା କରି ଆସୁଛି ଏହି ବାର୍ଦ୍ଧକ୍ୟକୁ ଦୂରେଇ ରଖିବା ପାଇଁ। ଆମ ଦୈନନ୍ଦିନ ଜୀବନର ଆହାରର ମାତ୍ରାଧିକ ପ୍ରଭାବ ବାର୍ଦ୍ଧକ୍ୟର ଆଗମନ ଉପରେ ପ୍ରଭାବ ରଖିଛି ବୋଲି ଗବେଷଣାରୁ ଜଣାପଡ଼ିଛି। ଜଣେ ବୟସ୍କ ବ୍ୟକ୍ତି ନିଜ ଦୈନନ୍ଦିନ ଆହାରରେ ବାର୍ଦ୍ଧକ୍ୟର ପ୍ରଭାବକୁ କିଛିଟା ପ୍ରତିହତ କରିପାରିବ ବୋଲି ଗବେଷକମାନେ ମତ ଦେବା ଆରମ୍ଭ କଲେଣି। ଆମ ଖାଦ୍ୟରେ ଥିବା ପୁଷ୍ଟିସାର ବା ପ୍ରୋଟିନ ଆମ ମଧ୍ୟରେ ବୃଦ୍ଧାବସ୍ଥାର ସଙ୍କେତ ଗୁଡ଼ିକୁ ଆଣିବାରେ ସହାୟକ ହୋଇଥାଏ ବୋଲି କିଛି ଦିନ ତଳେ କୋଲକାତା ବିଶ୍ୱବିଦ୍ୟାଳୟର ଜନୈକ ବାୟୋକେମେଷ୍ଟ୍ରି ବିଭାଗର ପ୍ରଫେସର ମୃଣାଳକାନ୍ତି ପୋଦ୍ଦାର ନିଜ ଗବେଷଣାରୁ ଜାଣିପାରିଛନ୍ତି। ଏହି ଖବର ନିକଟରେ ଇଣ୍ଟରନେଟରେ ସବିଶେଷ ସୂଚୀତ ହୋଇଛି। ପୋଦ୍ଦାର ହେଉଛନ୍ତି ପ୍ରଥମ ବୈଜ୍ଞାନିକ ଯିଏ ହେଉଛନ୍ତି ଆମ ଖାଦ୍ୟରେ ଥିବା ପ୍ରୋଟିନ, ଆମ ହରମୋନ, ସ୍ନାୟୁତନ୍ତୁ ତଥା ରୋଗପ୍ରତିରୋଧକ ଶକ୍ତି ମଧ୍ୟରେ ଥିବା ନିବିଡ଼ ଗୁଢ଼ ସମ୍ପର୍କକୁ ସୂଚାଇ ପାରିଛନ୍ତି ବୈଜ୍ଞାନିକ ଭିତ୍ତିରେ। ତାଙ୍କ ଗବେଷଣାରଲବ୍ଧ ତଥ୍ୟ ସୂଚୀତ କରୁଛି କି ଯେ ଖାଦ୍ୟରେ ଅତ୍ୟଧିକ ପ୍ରୋଟିନର ଅବସ୍ଥିତି ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକର ଦ୍ରୁତ ଆଗମନରେ ସହାୟକ ହୁଏ। ଜୀବିତ ପ୍ରାଣୀମାନଙ୍କ ଦେହ ଉପରେ ପ୍ରୋଟିନର ପ୍ରଭାବ ବିଚିତ୍ର। ପରୀକ୍ଷାରୁ ଜଣାପଡ଼ିଛି ଖାଦ୍ୟରେ ଅଧିକ ପରିମାଣର ପ୍ରୋଟିନ ତରୁଣ ମୂଷା ମାନଙ୍କ ରୋଗପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ କିନ୍ତୁ ବୟସ୍କ ମୂଷା ମାନଙ୍କ କ୍ଷେତ୍ରରେ ଆହାରରେ ଅଧିକ ପରିମାଣର ପ୍ରୋଟିନ ରୋଗପ୍ରତିରୋଧକ ଶକ୍ତିକୁ ହ୍ରାସ କରାଏ। କିଛି ମୂଷାଙ୍କୁ ଅଲଗା ଅଲଗା ଭାବରେ ମାତ୍ରାଧିକ ପ୍ରୋଟିନ, ସନ୍ତୁଳିତ ପ୍ରୋଟିନ ଓ ଅଳ୍ପ ପ୍ରୋଟିନ ସମ୍ବଳିତ ଖାଦ୍ୟ ଦେଇ କିଛି ଦିନ ରଖାଯାଇଥିଲା। ତାହାପରେ ସେ ମୂଷା ମାନଙ୍କ ଦେହରେ ଥିବା କର୍ଟିକଷ୍ଟେରୋନ ନାମକ ଆଡ୍ରେନାଲ ହରମୋନର ମାତ୍ରାକୁ ଅନୁଧ୍ୟାନ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ତନ୍ୟପାୟୀ ପ୍ରାଣୀ ମାନଙ୍କ କ୍ଷେତ୍ରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଦେହରେ କର୍ଟିକଷ୍ଟେରୋନର ମାତ୍ରା ହ୍ରାସ ପାଏ ଓ ରୋଗ ପ୍ରତିରୋଧକ ଶକ୍ତି କମ ଥିବା ଅବସ୍ଥାରେ ଦେହରେ ଏହି ହରମୋନର ମାତ୍ରା ବୃଦ୍ଧି ପାଏ। ଅନୁଧ୍ୟାନରୁ ଜଣାପଡ଼ିଲା ଯେ ଅଧିକ ପ୍ରୋଟିନ ଖାଉଥିବା ବୟସ୍କ ମୂଷାମାନଙ୍କ ଦେହରେ କର୍ଟିକଷ୍ଟେରୋନର ମାତ୍ରା ଥିଲା ସର୍ବାଧିକ। ପୋଦ୍ଦାର କହିଛନ୍ତି ଦେହର କର୍ଟିକଷ୍ଟୋରୋନ ମାତ୍ରା ମସ୍ତିଷ୍କରେ ହେଉଥିବା ପରିବର୍ତ୍ତନକୁ ମଧ ଦର୍ଶାଏ। କର୍ଟିକଷ୍ଟେରୋନର କ୍ଷରଣକୁ ମସ୍ତିଷ୍କର ହାଇପୋଥାଲାମସ ନିୟନ୍ତ୍ରଣ କରେ। ମାନସିକ ଚାପ ଓ ପରିଶ୍ରମ ବୃଦ୍ଧି ପାଇଲେ ହାଇପୋଥାଲାମସ ମସ୍ତିଷ୍କରେ ଅବସ୍ଥିତ ପିଟ୍ୟୁଟାରି ଗ୍ଲାଣ୍ଡକୁ ଏକ ବିଶେଷ ପ୍ରକାରର ହରମୋନ କ୍ଷରଣ କରିବାକୁ ନିର୍ଦ୍ଦେଶ ଦିଏ ଯାହା ଆମର ଆଡ୍ରେନାଲ ଗ୍ରନ୍ଥିକୁ ପ୍ରଭାବିତ କରେ। ଏହାପରେ ଆଡ୍ରେନାଲ ଗ୍ରନ୍ଥି କର୍ଟିକଷ୍ଟେରୋନ କ୍ଷରଣ କରିବା ଆରମ୍ଭ କରିଦିଏ। ତେଣୁ ଏହା ନିଶ୍ଚିତ ଯେ ବୟସ୍କ ଲୋକମାନେ ମାତ୍ରାଧିକ ପ୍ରୋଟିନ ଖାଇବା ଦ୍ୱାରା ନିଜର ରୋଗ ପ୍ରତିରୋଧକ ଶକ୍ତି କମାଇ ଚାଲନ୍ତି। ପ୍ରଫେସର ପୋଦ୍ଦାର ମସ୍ତିଷ୍କରେ ଥିବା ଅନ୍ୟ ଦୁଇଟି ରସାୟନ ଯଥା ଗାବା ଓ ଗ୍ଲୁଟମେଟରେ ହେଉଥିବା ପରିବର୍ତ୍ତନକୁ ମଧ ଅନୁଧ୍ୟାନ କରିଥିଲେ। ଏହି ଦୁଇ ରସାୟନର ପରିମାଣ ବୟସ ସହ ପରିବର୍ତ୍ତିତ ହୁଏ ଓ ଏହି ଉପାଦାନ ଗୁଡ଼ିକ ମସ୍ତିଷ୍କ ମଧ୍ୟରେ ସଂଚାର ବ୍ୟବସ୍ଥାରେ ସହାୟତା କରନ୍ତି। ସନ୍ତୁଳିତ ଆହାର ଗ୍ରହଣ କରୁଥିବା ବୟସ୍କ ମାନଙ୍କ କ୍ଷେତ୍ରରେ ମସ୍ତିଷ୍କରେ ଗୋବାର ପରିମାଣ ବୃଦ୍ଧି ପାଏ ଓ ଏହା ସହ ରୋଗ ପ୍ରତିରୋଧକ ଶକ୍ତି ମଧ ବୃଦ୍ଧି ପାଏ। ସେହିଭଳି କାମ ପ୍ରୋଟିନ ଥିବା ଖାଦ୍ୟ ବୟସ୍କ ଜୀବଜନ୍ତୁମାନଙ୍କ ମସ୍ତିଷ୍କରେ ଗ୍ଲୁଟାମେଟର କାର୍ଯ୍ୟକ୍ଷମତା ହ୍ରାସକରେ ଏବଂ ବାର୍ଦ୍ଧକ୍ୟର ସଂକେତ ଗୁଡ଼ିକୁ ଦୂରେଇବାରେ ସହାୟକ ହୁଏ। ଏଥିରୁ ଏହା ସ୍ପଷ୍ଟ ଯେ ରୋଗ ପ୍ରତିରୋଧକ ଶକ୍ତି, ସ୍ନାୟୁତନ୍ତୁ ଓ ଖାଦ୍ୟରେ ପ୍ରୋଟିନର ମାତ୍ରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ କୁହନ୍ତି ପ୍ରଫେସର ପୋଦ୍ଦାର। ବର୍ତ୍ତମାନ ଯାଏ ସେ ଜୀବଜନ୍ତୁ ମାନଙ୍କ ଉପରେ ନିଜ ପରୀକ୍ଷା ଗୁଡ଼ିକୁ କରିଥିଲେ ମଧ ମାନବ ମାନଙ୍କ କ୍ଷେତ୍ରରେ ମଧ ଠିକ ଏକା ପ୍ରକ୍ରିୟା ଦେଖାଯିବ ବୋଲି ଦୃଢ଼ ନିଶ୍ଚିତ। ଭବିଷ୍ୟତରେ ମଣିଷଙ୍କୁ ନେଇ ସେ ଏହି ଅନୁଧ୍ୟାନ ମଧ କରିବା ପାଇଁ ଯାଉଛନ୍ତି। କିନ୍ତୁ ବର୍ତ୍ତମାନ ବି ପ୍ରଫେସର ପୋଦ୍ଦାର କୁହନ୍ତି, ବୟସ୍କ ଲୋକମାନେ ନିଜ ଖାଦ୍ୟରେ ପ୍ରୋଟିନର ମାତ୍ରାକୁ କମାଇ ବାର୍ଦ୍ଧକ୍ୟର ଆଗମନକୁ କିଛିଟା ଧିମେଇ ଦେଇ ପାରିବେ।

ପୁରାକାଳରେ ହୁଏତ ସେଇଥିପାଇଁ ବାନପ୍ରସ୍ଥ ଗ୍ରହଣ କରୁଥିବା ବୟସ୍କ ଲୋକମାନେ ଶାକାହାରୀ କିମ୍ବା ଫଳାହାରୀ ହେଉଥିଲେ। ପୋଦ୍ଦାରଙ୍କ ମତରେ ଆମିଷରେ ଥିବା ପ୍ରୋଟିନ ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକୁ ଉଜାଗର କରିବାରେ ଅଧିକ ସହାୟକ ହୁଏ ଏବଂ ଏହା ହୁଏତ ବୟସ୍କ ମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରାଏ। ଆମେ ଆମିଷ ଓ ନିରାମିଷ ଦୁଇଟି ଯାକ ଖାଦ୍ୟ ସ୍ରୋତରୁ ପ୍ରୋଟିନ ପାଉ। ମାଛ, ମାଂସ, ଅଣ୍ଡା, କ୍ଷୀର, ଡାଲି, ସୋୟବିନ ଇତ୍ୟାଦିରୁ ପ୍ରୋଟିନ ମିଳେ। ବିଜ୍ଞାନୀମାନଙ୍କ ମତରେ ବୟସ୍କ ମାନଙ୍କ ପାଇଁ ମାଂସ ଓ ଅଣ୍ଡା ସବୁଠାରୁ ଅଧିକ କ୍ଷତିକାରକ। ତେଣୁ ଆମିଷ ପ୍ରତି ଆକୃଷ୍ଟ ହେଉଥିବା ବୟସ୍କମାନେ ମାଂସ ଓ ଅଣ୍ଡା ସ୍ଥାନରେ ମାଛ ଖାଇବା ଉଚିତ। ମାଛରେ ଓମେଗା-ଥ୍ରୀ ଫ୍ୟାଟି ଏସିଡ଼ ଥିବା ହେତୁ ଏହା ହୃଦ୍‌ରୋଗର କାରଣ ଗୁଡ଼ିକୁ ପ୍ରତିହତ କରିବାରେ ସହାୟକ ହୁଏ ଓରୋଗ ପ୍ରତିରୋଧକ ଶକ୍ତିକୁ କିଛି ପରିମାଣରେ ବୃଦ୍ଧି କରିବାରେ ସହାୟକ ହୁଏ। କିନ୍ତୁ କମ ପ୍ରୋଟିନ ଥିବା ଅଧିକା ଶାକସବ୍‌ଜି ଯୁକ୍ତ ଆହାର ବୟସ୍କ ମାନଙ୍କ ପାଇଁ ସବୁଠାରୁ ଅନୁକୂଳ। ଆମେରିକାର ଇନଷ୍ଟିଟ୍ୟୁଟ ଅଫ ଏଜିଂ ଏଣ୍ଡ ଲଙ୍ଗଜିଭିଟିର ଗବେଷଣା ଅନୁଯାୟୀ ବାର୍ଦ୍ଧକ୍ୟ ଉପନୀତ ହେଲେ ଖାଦ୍ୟ ପ୍ରତି ସଜାଗ ନ ହେଲେ ମାନସିକ ଶକ୍ତି ହ୍ରାସ ପାଏ। ଏହି ସଂସ୍ଥାନ ବୟସ୍କ ଲୋକମାନଙ୍କୁ ନିଜ ଖାଦ୍ୟରେ ଆମିଷର ମାତ୍ରା କମାଇ ଅଧିକ ଫଳ ଓ ପରିବା ଖାଇବା ପାଇଁ ଉପଦେଶ ଦିଏ। ପ୍ରଫେସର ପୋଦ୍ଦାର ମଧ କୁହନ୍ତି ସେ ବର୍ତ୍ତମାନ ଯାଏ ମଣିଷଙ୍କୁ ନେଇ ପରୀକ୍ଷା କରିନଥିଲେ ମଧ ସ୍ନାୟୁ ଦୁର୍ବଳତା ଅନୁଭବ କରୁଥିବା ବୟସ୍କ ଲୋକମାନଙ୍କୁ ଖାଦ୍ୟରେ ପ୍ରୋଟିନର ମାତ୍ରା କମାଇବା ପାଇଁ ଉପଦେଶ ଦିଅନ୍ତି। ପୋର୍ଦ୍ଦାରଙ୍କ ଗବେଷଣା ସମ୍ପୂର୍ଣ୍ଣ ହେଲା ପରେ ହୁଏତ ସାରା ବିଶ୍ୱର ପଥ୍ୟ ବିଜ୍ଞାନୀମାନେ ବୟସ୍କ ମାନଙ୍କୁ ପ୍ରୋଟିନ ଗ୍ରହଣ କରିବା ସଂକ୍ରାନ୍ତରେ ଉପଦେଶ ଦେବେ।



ପାରାଦୀପ (ଭାସ୍କର ନ୍ୟୁଜ): ପାରାଦୀପ ଟ୍ରକ ମାଲିକ ସଂଘର ନିର୍ବାଚନ ଗତ ଡିସେମ୍ବର ୨୨ ତାରିଖରେ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି । ଦୀର୍ଘ ୨୧ ବର୍ଷ ଧରି ସଭାପତି ପଦରେ ଥିବା ସୁମନ୍ତ ବିଶ୍ୱାଳ ଏଥର ପରାଜିତ ହୋଇଥିବା ବେଳେ ବିରଞ୍ଚି ନାରାୟଣ ପରିଡା (ଆଲୋକ) ସଂଘର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ଚଳିତ ନିର୍ବାଚନରେ ମୋଟ ୧୫୪୮ ସଦସ୍ୟ ମାନଙ୍କ ମଧ୍ୟରୁ ୧୪୦୫ ଜଣ ମତ ସାବ୍ୟସ୍ତ କରିଥିଲେ । ଏଥିରୁ ୭୩୩ ଖଣ୍ଡ ଭୋଟ ବିରଞ୍ଚି ଙ୍କ ସପକ୍ଷରେ ଯାଇଥିବା ବେଳେ ସୁମନ୍ତ ୬୪୫ ଖଣ୍ଡ ଭୋଟ ପାଇ ୮୮ ଖଣ୍ଡ ଭୋଟ ବ୍ୟବଧାନରେ ବିରଞ୍ଚିଙ୍କ ଠାରୁ ପରାସ୍ତ ହୋଇଥିଲେ । ସାଧାରଣ ସମ୍ପାଦକ ଭାବେ ରାଜେଶ ମହାନ୍ତି, ଉପସଭାପତି (କ) ପ୍ରଦୀପ୍ତ ଗାହାଣ, ଉପସଭାପତି (ଖ) ପ୍ରଭାତ କୁମାର ନାୟକ, ଯୁଗ୍ମ ସମ୍ପାଦକ (କ) ଅକ୍ଷୟ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ (ଖ) ସୂର୍ଯ୍ୟକାନ୍ତ ପରିଜା ଓ କୋଷାଧ୍ୟକ୍ଷ ଭାବେ ସ୍ମୃତି ରଞ୍ଜନ ସାମନ୍ତରାୟ ପ୍ରମୁଖ ନିର୍ବାଚିତ ହୋଇଛନ୍ତି । ଦୀର୍ଘଦିନ ପରେ ପାରାଦୀପ ଟ୍ରକ ମାଲିକ ସଂଘରେ ବୈପ୍ଳବିକ ପରିବର୍ତ୍ତନ ଘଟି ବିରଞ୍ଚି ସଭାପତି ହେବା ପରେ ତାଙ୍କ ସମର୍ଥକ ମାନେ ବାଜା ବାଣ ଫୁଟାଇ ନୂତନ ସଭାପତିଙ୍କୁ ସ୍ୱାଗତ କରିଥିଲେ । ସଂଘର ସଭାପତି ଭାବେ ନିର୍ବାଚିତ ହେବା ପରେ ସଙ୍ଘ ଓ ଟ୍ରକ ମାଲିକ ମାନଙ୍କ ଉନ୍ନତି ନିମନ୍ତେ ନିରନ୍ତର କାର୍ଯ୍ୟ କରିବେ ବୋଲି ସଙ୍ଘ ସଭାପତି ବିରଞ୍ଚି ପରିଡା ସ୍ପଷ୍ଟ କରିଛନ୍ତି ।

# ନିମାପଡ଼ା ମହୋତ୍ସବ ଉଦ୍‌ଘାଟନ କଲେ ଉପ-ମୁଖ୍ୟମନ୍ତ୍ରୀ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ପବିତ୍ର ବଡ଼ଦିନ ଅବସରରେ ନିମାପଡ଼ା ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ । ନିମାପଡ଼ା ମହୋତ୍ସବ କମିଟି ହେଲ୍ପ ଲାଇନ, ରାଜ୍ୟ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବହୁ ମନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଛନ୍ତି । ନୃତ୍ୟାଳୟ ଡ୍ୟାନ୍ସ ଏକାଡ଼େମି ନିମାପଡ଼ା, ଭାରତ ନାଟ୍ୟମ ନୃତ୍ୟବିତ୍ କଳିକତା, କ୍ରିଏଟିଭି ନୃତ୍ୟ କ୍ଷେତ୍ର ଡ୍ୟାନ୍ସ ଏକାଡ଼େମୀ ନିମାପଡ଼ା, ସମ୍ବଲପୁରୀ ନୃତ୍ୟ ସଂସ୍କୃତି ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାରଙ୍କ ଗୋଟିପୁଅ ନୃତ୍ୟ ବେଶ୍ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ଉଦ୍‌ଘାଟନୀ ଉତ୍ସବରେ ସମୃଦ୍ଧି ପଥେ ନିମାପଡ଼ା ପୁସ୍ତକକୁ ଉପ-ମୁଖ୍ୟମନ୍ତ୍ରୀ ତଥା ମହୋତ୍ସବ କମିଟି ସଭାପତି ପ୍ରଭାତି ପରିଡ଼ାଙ୍କ ଦ୍ୱାରା ଉନ୍ମୋଚନ କରାଯାଇଛି । ସୂଚନା ଅନୁଯାୟୀ, ନିମାପଡ଼ାର ଲୋକପର୍ବ ୨୪ତମ ନିମାପଡ଼ା ମହୋତ୍ସବର ପ୍ରଥମ ସଂଧ୍ୟାକୁ ଉଦ୍‌ଘାଟନ କରିଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା । ଏହି କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଭିନିତ୍ ଅଗ୍ରୱାଲ୍, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିଷ୍ଣୁ ପ୍ରସାଦ ପତି, ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ସସ୍ମିତା ସାହୁ, ଚଳଚ୍ଚିତ୍ର ତାରକା ଅନୁଭବ ମହାନ୍ତି, ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିମାପଡ଼ା, ତହସିଲଦାର ନିମାପଡ଼ା ବସନ୍ତ କୁମାର ହାତୀ, ହେଲ୍ପ ଲାଇନ୍ ସଭାପତି ଅକ୍ଷୟ କୁମାର ସାହୁ, ଏନ୍ଏମ୍ ଗ୍ରୁପ୍ ନିର୍ଦ୍ଦେଶିକା ରୀତା ପରିଡ଼ା, ସଂପାଦକ ନିଗମାନନ୍ଦ ସାହୁ, ପୋଲିସ ଉପଖଣ୍ଡ ଅଧିକାରୀ ପ୍ରଭାତ ମଲ୍ଲିକ, ନିମାପଡ଼ା ଥାନା ଅଧିକାରୀ ବାମଦେବ ସ୍ୱାଇଁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସଭା ପରିଚାଳନା କରିଥିଲେ ପ୍ରତାପ ପାତ୍ର । ଉଦ୍‌ଘାଟନୀ ଉତ୍ସବରେ ବର୍ଷା ଲାଗି ରହିଥିଲେ ମଧ୍ୟ ଭରପୁର ଦର୍ଶକଙ୍କୁ ଦେଖିବାକୁ ମିଳିଥିଲା । ମହୋତ୍ସବ କମିଟି ଓ ହେଲ୍ପ ଲାଇନ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରାଯାଇଥିଲା ।

# ଧାନମଣ୍ଡିରେ ନାହିଁ ଶୌଚାଳୟ: ମହିଳା ଚାଷୀ ହନ୍ତସନ୍ତ



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ପଡିଆ ସମବାୟ ବ୍ୟାଙ୍କ ଅନ୍ତର୍ଗତ ୧୦ଟି ପଞ୍ଚାୟତରେ ୭ଟି ସ୍ଥାନରେ ଧାନ ମଣ୍ଡି ଉଦ୍‌ଘାଟନ ହୋଇଯାଇଛି । ପଡିଆ ସମବାୟ ଅନ୍ତର୍ଗତ ୪ ହଜାର ୩ ଶହ ୧୯ ଜଣ ଚାଷୀ ତାଲିକାଭୁକ୍ତ ହୋଇଥିବା ବେଳେ ପ୍ରଥମ ସପ୍ତାହ ଧାନ କିଣା ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି । ତେବେ ମଣ୍ଡିଗୁଡ଼ିକର ପାରିପାର୍ଶ୍ୱିକ ଭିତ୍ତିଭୂମି ଓ ଚାଷୀଙ୍କ ପାଇଁ ପାଇଁ ସୁବିଧା ସୁଯୋଗ ଯୋଗାଇ ଦେବା ନେଇ ଭୁଲି ଯାଇଛି ଆଞ୍ଚଳିକ ବଜାର କମିଟି । ଧାନମଣ୍ଡିରେ ଉଭୟ ପୁରୁଷ ଓ ମହିଳା ଚାଷୀ ଧାନ ବିକ୍ରୟ ପାଇଁ ଆସୁଛନ୍ତି ହେଲେ କୌଣସି ଶୌଚାଳୟର ବ୍ୟବସ୍ଥା ନଥିବାରୁ ଏହା ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି । ମୁଖ୍ୟତଃ ମହିଳା ଚାଷୀଙ୍କ ଶୌଚ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ମହିଳା ଚାଷୀ ଧାନ ବିକ୍ରି ବେଳେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଚଳିତ ବର୍ଷ ଆରଏମସି ପକ୍ଷରୁ ବିଭିନ୍ନ ମଣ୍ଡିରେ ଧାନର ମାନ ପରିକ୍ଷଣ ପାଇଁ ମହିଳାଙ୍କୁ ନିୟୋଜିତ କରାଯାଇଛି । ତେବେ ମଣ୍ଡିରେ ଅସ୍ଥାୟୀ ପାଇଖାନା ଗୃହ ନଥିବାରୁ ଉଭୟ ମହିଳା ଓ ପୁରୁଷଙ୍କ ସମସ୍ୟା ପାଲଟିଛି । ଗୋଟିଏ ପଟେ ଚଳିତବର୍ଷ ମହିଳା ଚାଷୀଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ଅନ୍ୟପଟେ ମଣ୍ଡିରେ ଧାନ ବିକ୍ରି ବେଳେ ଚାଷୀଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼ିଥାଏ । ଫଳରେ ମଣ୍ଡିରେ ଶୌଚାଳୟ ଓ ବିଶ୍ରାମ ଗୃହ ଭଳି ସ୍ଥାନ ଗୁଡ଼ିକ ନିର୍ମାଣ କରିବା ମୌଳିକ ଭାବେ ଆବଶ୍ୟକତା । ମଣ୍ଡିରେ ଦେଖା ଦେଇଥିବା ସମସ୍ୟା ବାବଦରେ ଜିଲ୍ଲା ଆଞ୍ଚଳିକ ବଜାର କମିଟି ସମ୍ପାଦକଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ଏନେଇ ବିଚାର କରାଯାଉଛି, ଆବଶ୍ୟକୀୟ ସ୍ଥାନ ଚୟନ କରି ଅସ୍ଥାୟୀ ପାଇଖାନା ନିର୍ମାଣ ଦିଗରେ ଯୋଜନା କରୁଥିବା କହିଛନ୍ତି । ତୁରନ୍ତ ମଣ୍ଡିରେ ଅସ୍ଥାୟୀ ଶୌଚାଳୟ ନିର୍ମାଣ କରାଯିବା ବ୍ୟବସ୍ଥା କରିବାକୁ ଏମଭି ୭୯, ପଡିଆ ସମେତ ବିଭିନ୍ନ ମଣ୍ଡିର ଚାଷୀ ଦାବି କରିଛନ୍ତି ।

# ପରକିୟାପ୍ରୀତି ପାଇଁ ପତ୍ନୀ ହତ୍ୟା ଅଭିଯୋଗ

ଧାମନଗର (ଭାସ୍କର ନ୍ୟୁଜ): ସାତ କଳସ ଆଠ ଦୀପକୁ ସାକ୍ଷୀ ରଖି ବୈଦିକ ରିତିନୀତିରେ ବାହାଘର ପରେ ପୁଣି ସ୍ୱାମୀ ଅନ୍ୟ ନାରୀ ସହିତ ସମ୍ପର୍କ ରଖି ନିଜ ସ୍ତ୍ରୀକୁ ହତ୍ୟା କରିଥିବା ଅଭିଯୋଗ ହୋଇଛି । ଏପରି ଏକ ଘଟଣା ଏବେ ଧାମନଗର ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଧାମନଗର ବ୍ଲକ୍ ଧୂଷୁରୀ ଥାନା ଅନ୍ତର୍ଗତ ଭଟସାହି ପଞ୍ଚାୟତ ବାମଦେବପୁର ଗ୍ରାମର ବିଦ୍ୟାଧର ପଣ୍ଡାଙ୍କ ଝିଅ ହାସ୍ୟମୟୀ ଧାମନଗର ଥାନା ଅଧୀନ ବିଷ୍ଣୁପୁର ଗ୍ରାମର ରାମଚନ୍ଦ୍ର ପାଣିଗ୍ରାହୀଙ୍କ ପୁଅ ପ୍ରଦୀପ ପାଣିଗ୍ରାହୀଙ୍କୁ ୧୪ ବର୍ଷ ତଳେ ବୈଦିକ ରୀତିରେ ବିବାହ କରିଥିଲେ । ନିଶାସକ୍ତ ସ୍ୱାମୀ ପ୍ରଦୀପ ଠାରୁ ବାରମ୍ବାର ଶାରୀରିକ ନିର୍ଯାତନା ଓ ଅନ୍ୟ ମହିଳାଙ୍କ ସହ ସମ୍ପର୍କ ହାସ୍ୟମୟୀଙ୍କ ମୃତ୍ୟୁର କାରଣ ବୋଲି ବାପଘର ଲୋକେ ଅଭିଯୋଗ କରିଛନ୍ତି । ହାସ୍ୟମୟୀ ଦେହର ବିଭିନ୍ନ ସ୍ଥାନରେ ମାଡ଼ ଆଘାତ ତା'ର ସ୍ପଷ୍ଟ ପ୍ରମାଣ ବୋଲି ହାସ୍ୟମୟୀଙ୍କ ସମ୍ପର୍କୀୟ ସୂଚନା ଦେଇଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ, ପ୍ରାୟ ବର୍ଷକ ତଳେ ଏହିଭଳି ଅମାନୁଷିକ ମାଡ଼ରେ ହାସ୍ୟମୟୀ ଦୀର୍ଘଦିନ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ । ପରେ ଉଭୟ ଗ୍ରାମର ଭଦ୍ର ଲୋକମାନଙ୍କ ଦ୍ୱାରା ଆପୋଷ ସମାଧାନ ହୋଇଥିଲା । ତେବେ ଏଥର ପ୍ରଦୀପ ଓ ତାଙ୍କ ସହଯୋଗୀ ଏବଂ ପରିବାରର ଲୋକ ତାଙ୍କୁ ପିଟି ପିଟି ଲଙ୍ଗଳା କରି ମାରି ଟଙ୍ଗାଇ ଆତ୍ମହତ୍ୟାର ରୂପ ଦେଇଛନ୍ତି ବୋଲି ଧାମନଗର ଥାନାରେ ମୃତାଙ୍କ ବାପଘର ପକ୍ଷରୁ ଅଭିଯୋଗ ହୋଇଛି । ପରିବାର ଲୋକଙ୍କ ଠାରୁ ଖବର ପାଇ ଧାମନଗର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣା ଯାଇଛି । ଧାମନଗର ପୋଲିସ ଥାନା କେସ ନଂ ୫୫୪/୨୪ ଦଫା ୮୫, ୧୦୩,୩ (୫)ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ବେଳେ ମୁଖ୍ୟ ଅଭିଯୁକ୍ତ ପ୍ରଦୀପ କୁ ଧାମନଗର ପୋଲିସ ଗିରଫ କରିଛି ।

# କ୍ଷତିଗ୍ରସ୍ତ କ୍ଷେତ ବୁଲି କ୍ଷତିପୂରଣ ଦାବି କଲେ ବ୍ଲକ୍ ଉପାଧ୍ୟକ୍ଷ



ଗୋପ(ଭାସ୍କର ନ୍ୟୁଜ): ଲଘୁଚାପ ଜନିତ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଫସଲ ବୁଲି ଦେଖିଛନ୍ତି ଗୋପ ବ୍ଲକ ଉପାଧ୍ୟକ୍ଷ ବନରଂଜନ ପଟ୍ଟନାୟକ । ଏନେଇ ସେ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିବା ସହ ଖୁବ୍‌ଶୀଘ୍ର ତଦନ୍ତ କରି ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଏନେଇ ସେ ଗୋପ ତହସିଲଦାର, କୃଷି ଅଧିକାରୀ, ଉଦ୍ୟାନ ବିଭାଗ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ ନିକଟରେ ମଧ୍ୟ ଦାବି କରିଛନ୍ତି । ସୂଚନା ମୁତାବକ ଗତ ୨୦ରୁ ୨ ଦିନ ଧରି ଲାଗି ରହିଥିବା ଲଘୁଚାପ ଜନିତ ଲଗାଣ ବର୍ଷାରେ ଗୋପ ବ୍ଲକରେ ଧାନଫସଲ ସମେତ ପନିପରିବା ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି । ଅମଳକ୍ଷମ ହେବାକୁ ଥିବା ଶହ ଶହ ହେକ୍ଟର ଧାନ ଏବେ ବିଲରେ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି । ବର୍ଷାରେ ଚାଷୀଙ୍କ ସୁନାର ଫସଲ ଭାସି ଯିବାରୁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଛି । ଦାଉ ସାଧିବା ପରି ବୁଧବାର ଦିନ ମଧ୍ୟ ପ୍ରବଳ ବର୍ଷା ହୋଇଥିବା ବେଳେ ଆଗାମୀ ୨୭ ତାରିଖରେ ବର୍ଷାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ଲଘୁଚାପ ବର୍ଷାରେ ଗୋପ ବ୍ଲକର ହଜାର ହଜାର ହେକ୍ଟରରେ ପାଚିଲା ଧାନ ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି । ବିଲରେ ସୁନାର ଫସଲକୁ ହରାଇ ଚାଷୀ ମୁଣ୍ଡରେ ହାତଦେଇ ବସିଛି । ସରକାର ଖୁବ୍‌ଶୀଘ୍ର କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି । ହେଲେ ଏହାକୁ ଚାଷୀମାନେ ସହଜରେ ବିଶ୍ୱାସ କରିପାରୁନାହାଁନ୍ତି । ବୁଧବାର ପ୍ରବଳ ବର୍ଷା ଲାଗିରହିଥିବା ବେଳେ ଉପାଧ୍ୟକ୍ଷ ଗୋପ ବ୍ଲକ୍‌ର ଅଣ୍ଡରା ଇଚ୍ଛାପୁର, ଗଣେଶ୍ୱରପୁର, ଗୋପ, ପୟରା, ଡଭାର, ନୁଆଖୋଲମରା, ରାହାଙ୍ଗୋରଡା ଆଦି ବିଭିନ୍ନ କ୍ଷତିଗ୍ରସ୍ତ ପଞ୍ଚାୟତ ବୁଲି କ୍ଷେତ ଦେଖିବା ସହ ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି । ଖୁବ୍‌ଶିଘ୍ର ତଦନ୍ତ କରାଯାଇ କ୍ଷତିପୂରଣ ଦେବା ପାଇଁ ସରକାରଙ୍କୁ ଦାବି କରିଛନ୍ତି ।

# ସାଙ୍ଗକୁ ମାରି ଜେଲ ଗଲା ସାଙ୍ଗ

ଯୋଡ଼ା(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅର୍ନ୍ତଗତ ବାଚୁ ହଟିଂରେ ଜଣେ ସାଙ୍ଗ ଅନ୍ୟ ଏକ ସାଙ୍ଗର ଜୀବନ ନେଲା । ଏ ଦୁହେଁ କେତେଦିନ ହେବ ଏକ ସଙ୍ଗରେ ରହୁଥିଲେ । ମୃତକ ଭାଗବତ ବିଶ୍ରା ନିଜ ଘରୋଇ ଝଗଡ଼ା ଯୋଗୁଁ ପ୍ରାୟ ତିନି ସପ୍ତାହ ହେବ ଘରେ ନ ରହି ଦୁର୍ଗା ନାଏକ ଘରେ ରହୁଥିଲେ । ଦୁହିଁଙ୍କ ମଧ୍ୟରେ କଣ ହେଲା କେହି କିଛି ଜାଣିପାରିଲେ ନାହିଁ । ହେଲେ ବୁଧବାର ସକାଳେ ପାଖ ପଡ଼ୋଶୀ ଦେଖିଲା ବେଳକୁ ବିସ୍ରା ଘର ଭିତରେ ମରି ପଡ଼ିଛି, ହେଲେ ସାଙ୍ଗ ଦୁର୍ଗା ଘରେ ନାହିଁ କିମ୍ବା ଆଖପାଖରେ ଦେଖିବାକୁ ମିଳିନଥିଲା । ତେବେ ସେ ହିଁ ବିଶ୍ରାକୁ ମାରିଥିବା ସନ୍ଦେହ ଘନିଭୂତ ହେଇଥିଲା । ଯୋଡ଼ା ପୋଲିସ ଖବର ପାଇ ଶବ ଜବତ କରି ତଦନ୍ତ କରୁଥିବା ବେଳେ ଘର କଡ଼ରୁ ଏକ ହାତୁଡ଼ି ପାଇଥିଲେ । ପୂର୍ବରୁ ଦୁର୍ଗା ନିଜ ସ୍ତ୍ରୀକୁ ହତ୍ୟା କରି ଜେଲ୍ ଯାଇଥିଲା । ଘଟଣା ସ୍ଥଳରେ ଏଏସ୍‌ପି ପ୍ରତ୍ୟୁଷ ମହାପାତ୍ର ଆସି ପହଞ୍ଚିଥିଲେ । ହେଲେ ହତ୍ୟାକାରୀ ଦୁର୍ଗା ନାଏକକୁ ଯୋଡ଼ା ପୋଲିସ ଝରଣ ଜଙ୍ଗଲରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ।

# ଉମାକାନ୍ତ ମିଶ୍ରଙ୍କୁ 'ରଙ୍ଗ ପ୍ରକାଶନୀ' ସାରସ୍ୱତ ସମ୍ମାନ



ତିହିଡ଼ି (ଭାସ୍କର ନ୍ୟୁଜ): ରଂଗ ପ୍ରକାଶନୀ ତିହିଡ଼ି ଦ୍ୱାରା ପ୍ରଥମ ସାରସ୍ୱତ ଉତ୍ସବ ତିହିଡ଼ି ଟାଉନହଲରେ ଆସନ୍ତା ୨୯ରେ ଅନୁଷ୍ଠିତ ହେବ । ଉତ୍ସବରେ ନିତିଦିନର ମୁଖ୍ୟ ସମ୍ପାଦକ ଖ୍ୟାତନାମା ସାହିତ୍ୟିକ ମନୋଜ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧିସ୍ନାତକ ଓଡ଼ିଆ ବିଭାଗ ମୁଖ୍ୟ ଡ.ସନ୍ତୋଷ କୁମାର ନାୟକ ଓ ଭଦ୍ରକ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ.ଅଭୟ କୁମାର ଦାସ ବରେଣ୍ୟ ବକ୍ତା ଭାବେ ଯୋଗ ଦେଉଥିବା ବେଳେ ଖ୍ୟାତନାମା କବି ହୃଦାନନ୍ଦ ପାଣିଗ୍ରାହୀ ଉତ୍ସବର ପୌରୋହିତ୍ୟ କରିବେ । ଗଳ୍ପ, କବିତା ଏବଂ ମାଇଥୋଲୋଜିକାଲ ପର୍ଯ୍ୟାଲୋଚନା କ୍ଷେତ୍ରରେ ବିଶେଷ ଖ୍ୟାତି ଅର୍ଜନ କରିଥିବା ସୁସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମାକାନ୍ତ ମିଶ୍ର ପ୍ରଥମ ରଂଗ ପ୍ରକାଶନୀ ସାରସ୍ୱତ ସମ୍ମାନପ୍ରାପ୍ତ ହେବେ । ଇତି ଅବସରରେ କବି ଦେବ କିଶୋର ଦାସଙ୍କ ପ୍ରଥମ କବିତା ଗ୍ରନ୍ଥ 'ତୁଠ ପଥର' ଲୋକାର୍ପିତ ହେବ ବୋଲି ରଂଗ ପ୍ରକାଶନୀ ପ୍ରକାଶକ ରାଜେଶ କୁମାର ସେଠୀ ସୂଚନା ଦେଇଛନ୍ତି ।

# ଶିକ୍ଷକ ଦମ୍ପତିଙ୍କୁ 'ଗ୍ଲୋରି ସମ୍ମାନ'



କାକଟପୁର (ଭାସ୍କର ନ୍ୟୁଜ): କାକଟପୁରର ସୁନାମଧନ୍ୟ ଶିକ୍ଷକ ଦମ୍ପତ୍ତି ହୃଦାନନ୍ଦ ଶାସମଲ, ପତ୍ନୀ ସୁନନ୍ଦା ରାଉତଙ୍କୁ ପୁରୀରେ 'ଗ୍ଲୋରୀ ସମ୍ମାନ'ରେ ସମ୍ମାନିତ କରାଯାଇଛି । ଶ୍ରୀ ଶାସମଲ ଜଣେ ଶିକ୍ଷକ ସଂଗଠକ, ଶିକ୍ଷକନେତା, କବି ଓ ସମାଜସେବୀ ଅଟନ୍ତି । ସେ ଦୀନଦୁଃଖୀଙ୍କ ସେବା ପାଇଁ ସର୍ବଦା ଚେଷ୍ଟିତ ରହିଥାନ୍ତି । ସେ କାକଟପୁର ଶିକ୍ଷକ ମହଲରେ ମଙ୍ଗୁସାର ନାମରେ ସୁପରିଚିତ । ସେ ବିଭିନ୍ନ ସାହିତ୍ୟ ସଙ୍ଗଠନ ସହ ଜଡିତ ରହିଛନ୍ତି । ପୁରୀ ସଂସ୍କୃତି ଭବନ ପରିସରରେ ହାପି ମୋମେଣ୍ଟ ଇଣ୍ଡିଆ ତରଫରୁ ଏହି ଶିକ୍ଷକ ଦମ୍ପତ୍ତିଙ୍କୁ 'ଗ୍ଲୋରୀ ସମ୍ମାନ-୨୦୨୪ରେ ସମ୍ମାନିତ କରାଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଶଶଧର ପଣ୍ଡା, ହାପି ମୋମେଣ୍ଟ ଇଣ୍ଡିଆର ରାଜେନ୍ଦ୍ର ପଣ୍ଡା, ବିଶିଷ୍ଟ କବି ତଥା ଲେଖକ ସଂଙ୍କର୍ଷଣ ପରିଡ଼ାଙ୍କ ଦ୍ୱାରା ଶିକ୍ଷକ ଦମ୍ପତ୍ତିଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରା ଯାଇଥିଲା ।

# ଜମିଜମା ବିବାଦରୁ ଦୁଇ ମହିଳାଙ୍କୁ ଆକ୍ରମଣ ନେଇ ଥାନାରେ ମାମଲା

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଥିବା ବେଳେ ଥାନାରେ ପୃଥକ୍ ମାମଲା ରୁଜୁ ହୋଇଛି । କେସ୍‌କୁ ମଜବୁତ କରିବା ପାଇଁ ମହିଳାମାନେ ଥାନାରେ ଅଭିଯୋଗ ଦେଇଥିବା ଶୁଣିବାକୁ ମିଳିଛି । ଏହି ଘଟଣାରେ କୌଣସି ପୁରୁଷ ବ୍ୟକ୍ତି ଥାନାରେ କ'ଣ ପାଇଁ ଅଭିଯୋଗ କରି ନାହାନ୍ତି ତାହା ସାଧାରଣରେ ଚିନ୍ତା ପ୍ରକଟ କରିଛି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଥାନା ପାଟେଳି ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଥାନାରେ ଦୁଇଟି ଅଭିଯୋଗ ହୋଇଛି । ଗୀତାଞ୍ଜଳୀ ମାନସିଂହ ଅଭିଯୋଗ କରିଛନ୍ତି, ତାଙ୍କ ସ୍ୱାମୀ ଓ ଦେଢ଼ଶୁରଙ୍କ ମଧ୍ୟରେ ଜମିବାଡ଼ି ଜାଗାକୁ ନେଇ ମନମାଳିନ୍ୟ ଓ ଗଣ୍ଡଗୋଳ ସୃଷ୍ଟି ହେବାରେ ଗୀତାଞ୍ଜଳୀଙ୍କ ସ୍ୱାମୀ ନିମାପଡ଼ା ଦେୱାନୀ ଅଦାଲତରେ ପାଟିସନ୍ ମୋକଦ୍ଦମା କରିଥିବା ବେଳେ ଅପରପକ୍ଷଙ୍କୁ ନୋଟିସ୍ ହୋଇଛି । ନୋଟିସ ପାଇବା ପରେ ଅପରପକ୍ଷ କ୍ରୋଧାନ୍ୱିତ ହୋଇ ଗୀତାଞ୍ଜଳୀଙ୍କ ସ୍ୱାମୀ ନଥିବା ବେଳେ ଦେଢ଼ଶୁର ବିଚିତ୍ର ମାନସିଂହ, ଯାଆ ସଂଯୁକ୍ତା ମାନସିଂହ ଓ ଦୁଇ ପୁତୁରା ହୃଷିକେଶ ମାନସିଂହ, ଜଗଦୀଶ ମାନସିଂହ ଏହାର ସୁଯୋଗ ନେଇ ଘରେ ପଶି ଅଶ୍ଳୀଳ ଭଷାରେ ମହିଳାଙ୍କୁ ଗାଳିଗୁଲଜ କରିବାରେ ଗୀତାଞ୍ଜଳୀ ପ୍ରତିବାଦ କରିବାରୁ ବଡ଼ପୁତୁରା ତାଙ୍କୁ ମାଡ଼ ମାରିଥିଲେ । ଗୀତାଞ୍ଜଳୀଙ୍କ ମୁହଁ ଓ ଶରୀରରେ ଗୁରୁତର ଆଘାତ ପାଇଥିବା ବେଳେ ସ୍ଥାନୀୟ କେତେକ ବ୍ୟକ୍ତି ଆକ୍ରମଣକାରୀଙ୍କ କବଳରୁ ଉଦ୍ଧାର କରିଥିଲେ । ଯାଆ ଏବଂ ସାନ ପୁତୁରା ମଧ୍ୟ ଗୀତାଞ୍ଜଳୀ ଓ ତାଙ୍କ ଝିଅକୁ ମଧ୍ୟ ମାଡ଼ ମାରିଥିଲେ । ଅଭିଯୁକ୍ତମାନେ ଜୀବନରୁ ମାରି ଦେବାର ଧମକ ଦେଇ ପଳାଇଥିଲେ । ଅପରପକ୍ଷ ତରଫରୁ ଯାଆ ପାଲଟା ଅଭିଯୋଗ କରିଛନ୍ତି, ସେ ମଙ୍ଗଳବାର ଅପରାହ୍ନ ୨ଟାରେ ବ୍ୟାଙ୍କ ଯାଉଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବାଟରେ ରଂଜନ ମାନସିଂହ, ଗୀତାଞ୍ଜଳୀ ମାନସିଂହ, ମିକି ମାନସିଂହ ତାଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ଟଣାଓଟରା କରିବାରେ ସେ ପ୍ରତିବାଦ କରିଥିଲେ । ପ୍ରତିବାଦ କରିବାରୁ ତାଙ୍କୁ ବିଧା ଗୋଇଠା ମାରିଥିଲେ । ସଂଯୁକ୍ତାଙ୍କ ସ୍ୱାମୀ ଓ ପିଲାମାନେ ଖବର ପାଇ ପହଞ୍ଚିବାରେ ଅଭିଯୁକ୍ତମାନେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ ଓ ଜୀବନରୁ ମାରି ଦେବାର ଧମକ ଦେଇଥିଲେ । ନିମପାଡ଼ା ପୋଲିସ ଦୁଇଟି ଅଭିଯୋଗ ପାଇବା ପରେ ପୃଥକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି ।

# କୋର୍ଟ ନିର୍ଦ୍ଦେଶକୁ ଫୁଁ: ଆସାମୀ ପୁଣି ଗିରଫ

କୋରୁକୋଣ୍ଡା (ଭାସ୍କର ନ୍ୟୁଜ): କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମାଲକାନଗିରି ଜିଲ୍ଲା ଓର୍କେଲ ପୋଲିସ ଆଜି ବାଲିମେଳା ବଜାରରେ ରହୁଥିବା ଅସୀମ ମାଲିକ ନାମକ ବ୍ୟକ୍ତିଙ୍କୁ ଗିରଫ କରିବା ପରେ ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନା ଅନୁଯାୟୀ ବାଲିମେଳା ବଜାରରେ ରହୁଥିବା ଅସୀମ ମାଲିକ ଗତ ୨୦୨୧ ମସିହା ସେପ୍ଟେମ୍ବରରେ ଉତ୍ତର ପ୍ରଦେଶର ଜଣେ ବ୍ୟକ୍ତିଙ୍କ ସହ ମିସି ପ୍ରାୟ ୯୯୯ କିଲୋ ଗଞ୍ଜେଇ ବେଆଇନ ଭାବେ ବାହାର ରାଜ୍ୟକୁ ଚାଲାଣ କରୁଥିବା ବେଳେ ଚିତ୍ରକୋଣ୍ଡା ପୋଲିସ ହାତରେ ଧରା ପଡ଼ିଥିଲେ । ଏନେଇ ଓର୍କେଲ ଥାନାରେ ଏକ ମାମଲା କେସ ନମ୍ବର ୯୪/୨୧ ୟୁ/ଏସ -୨୦(ବି)(ସସ)(ସି) ଏନଡିପିଏସ ଦଫାରେ ଉଭୟଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା । ୩ମାସ ପୂର୍ବେ ଅସୀମ ଜମାନତରେ ନିଜ ଘରକୁ ଆସିଥିଲେ । କିନ୍ତୁ କୋର୍ଟ ପକ୍ଷରୁ ଧାର୍ଯ୍ୟ ତାରିଖରେ ହାଜର ହେବା ପାଇଁ କୋର୍ଟଙ୍କ ପକ୍ଷରୁ ବାରମ୍ବାର ନୋଟିସ ପଠାଯାଇଥିଲେ ମଧ୍ୟ ସେ ହାଜର ହେଉନଥିଲା । ଶେଷରେ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆଜି ଅସୀମଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ଡମ୍ପର ଓନର୍ସ ଆସୋସିଏସନ୍‌ର ବନ୍ଧୁମିଳନ



ପାରାଦୀପ (ଭାସ୍କର ନ୍ୟୁଜ): ପାରାଦୀପର ସର୍ବପୁରାତନ ଡମ୍ପର ଓନର୍ସ ଆସୋସିଏସନ ପକ୍ଷରୁ ବୁଧବାର ବଡଦିନରେ ସ୍ଥାନୀୟ ମୁନିସିପାଲିଟି କଲ୍ୟାଣ ମଣ୍ଡପରେ ଆସୋସିଏସନର ପାରିବାରିକ ବନ୍ଧୁମିଳନ ଉତ୍ସବ ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ସଂଘର ସଦସ୍ୟଙ୍କ ମନୋରଞ୍ଜନ ପାଇଁ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିସହ ସଂଘର ଉନ୍ନତି ନିମନ୍ତେ ନିରବଚ୍ଛିନ୍ନ ପ୍ରୟାସ ପାଇଁ ଆସୋସିଏସନର ସଭାପତି ବିଜୟ କୁମାର ନାୟକ (ସଦା)ଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଥିଲା । କାର୍ଯ୍ୟକ୍ରମରେ ମହିଳାଙ୍କ ପାଇଁ ମ୍ୟୁଜିକାଲ ଚେୟାର ପ୍ରତିଯୋଗିତା ସାଙ୍ଗକୁ ଆୟୋଜିତ ଭୋଜିରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟର ବ୍ୟବସ୍ଥା କରାଯାଥିଲା । କାର୍ଯ୍ୟକ୍ରମକୁ ଆସୋସିଏସନର ସଭାପତି ବିଜୟ କୁମାର ନାୟକ, ସମ୍ପାଦକ ସୁରଜ କୁମାର ବାରିକ, ସହ ସମ୍ପାଦକ ପ୍ରମୋଦ କୁମାର ସାହୁ ଓ କୋଷାଧକ୍ଷ ଅଜୟ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ ।

# ବନ ବିଭାଗ ପକ୍ଷରୁ ଛେଳି ବାନ୍ଧି ବାଘ ଧରିବାକୁ ଚେଷ୍ଟା



ବାରିପଦା(ଭାସ୍କର ନ୍ୟୁଜ): ପଶ୍ଚିମବଙ୍ଗର ପୁରୁଲିଆ ଜିଲ୍ଲା ରାଇକିଆ ପାହାଡ଼ ସଂଲଗ୍ନ କ୍ରିଆପାଳ ଜଙ୍ଗଲରେ ଗୋଟିଏ ଅଜଣା ବାଘୁଣୀ ଜିନ୍ନତ ଘୁରି ବୁଲୁଛି, ଯେଉଁ ବାଘୁଣୀଟି ଓଡ଼ିଶାର ଶିମିଳିପାଳ ଜଙ୍ଗଲରୁ ପଳାଇ ଆସିଛି । ଯାହାକୁ ଧରିବା ପାଇଁ ବନବିଭାଗ ଜାଲ, ଖାଦ୍ୟ ଓ ଅଧୁନିକ ଯନ୍ତ୍ରପାତି ବ୍ୟବହାର କରି ଚେଷ୍ଟା କରୁଛି । ତାଙ୍କୁ ଧରି ଶିମିଳିପାଳକୁ ଫେରାଇ ଆଣିବା ଏବେ ବିଭାଗର ପ୍ରାଥମିକ ଲକ୍ଷ୍ୟ ହୋଇଛି । ତେବେ ଜିନ୍ନତର ଚତୁର ଚଳାଚଳ ଏବେ ବନ ବିଭାଗ ପାଇଁ ଚାଲେଞ୍ଜ ହୋଇପଡ଼ିଛି । ବାଘୁଣୀର ଆକ୍ରମଣ ଆଶଙ୍କାରେ ଏବେ ସ୍ଥାନୀୟ ଅଞ୍ଚଳରେ ଭୟର ଆଶଙ୍କା । ମଙ୍ଗଳବାର ଭୋରରେ ଜିନ୍ନତ ବୁଦ୍ୱାନ ଗାଁରେ ପଶି ୪ଟି ଛେଳିକୁ ମାରିଥିଲା, ତନ୍ମଧ୍ୟରୁ ୨ଟିକୁ ଖାଇଯାଇଥିଲା । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ପରିବେଶ ସୃଷ୍ଟି ହୋଇଛି । ଗାଁ ଲୋକ ନିଜକୁ ସଂରକ୍ଷିତ ରଖିବାକୁ ଚେଷ୍ଟା କରୁଛନ୍ତି । ସ୍ଥାନୀୟ ବ୍ୟବସାୟ ଏବଂ ଶିକ୍ଷାନୁଷ୍ଠାନ ବନ୍ଦ ରଖାଯାଇଛି । ଜିନ୍ନତକୁ ଧରିବା ପାଇଁ ବନ ବିଭାଗ ସାଟେଲାଇଟ ମନିଟରିଂ, ଥର୍ମାଲ ଇମେଜ୍ ସ୍କାନିଂ, ନାଇଟ୍ ଭିଜନ ଡ୍ରୋନ୍ ଓ ଅନ୍ୟାନ୍ୟ ଅଧୁନିକ ଯନ୍ତ୍ର ବ୍ୟବହାର କରୁଛି । ଜଙ୍ଗଲ ମଧ୍ୟରେ ଛେଳି, ବାରହା ଓ ମଇଁଷି ବାନ୍ଧି ଜିନ୍ନତକୁ ଟ୍ରାପ୍ କରିବାର ଉଦ୍ଦେଶ୍ୟ ନେଇ ଯନ୍ତ୍ରପାତି ଲଗାଯାଇଛି । ବିଭାଗ ମତାନୁସାରେ ଜିନ୍ନତର ଦିନେ ବା ୨ଦିନ ମଧ୍ୟରେ ଧରାପଡ଼ିବାର ସମ୍ଭାବନା ରହିଛି । ଜିନ୍ନତ ଯେଉଁ ଅଞ୍ଚଳରେ ରହୁଛି ସେଠାରେ ଲୋକଙ୍କୁ ସତର୍କ କରିବା ଉଦ୍ଦେଶ୍ୟରେ ବନ ବିଭାଗ ଲାଉଡ୍ ସ୍ପିକର ଓ ସୂଚନା ଯନ୍ତ୍ର ବ୍ୟବହାର କରୁଛି । ଗାଁବାସୀଙ୍କୁ ଏକୁଟିଆ ବାହାରକୁ ନଯିବା ଓ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ଏହାସହ ପୋଲିସ ପ୍ରଶାସନ ମଧ୍ୟ ସ୍ଥାନୀୟ ଲୋକଙ୍କ ସୁରକ୍ଷା ପ୍ରଦାନରେ ସହଯୋଗ କରୁଛି । ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଡ଼.ପ୍ରକାଶଚାନ୍ଦ ଗୋଗିନେନୀ କହିଛନ୍ତି ଯେ ଖୁବ୍‌ଶୀଘ୍ର ଜିନ୍ନତକୁ ଧରି ଶିମିଳିପାଳକୁ ଫେରାଇ ଆଣାଯିବ । ପଶ୍ଚିମବଙ୍ଗ ସରକାର ଏହି ଅଭିଯାନରେ ପ୍ରସ୍ତୁତି ଜାରି ରଖିଛି ।

# ଶିଶୁମନ୍ଦିର ବାର୍ଷିକ ଉତ୍ସବରେ ଯୋଗଦେଲେ ବାଚସ୍ପତି



ରଣପୁର (ଭାସ୍କର ନ୍ୟୁଜ): ବୋଲଗଡ ନିକଟସ୍ଥ ରାଜସୁନାଖଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଊନତ୍ରିଂଶତମ୍ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ସଭାପତି ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ବାଚସ୍ପତି ସୁରମା ପାଢ଼ୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଅଜିତ୍ କୁମାର ପଟ୍ଟନାୟକ, ସମ୍ମାନୀୟ ଅତିଥି ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ, ସମିତ ସଭ୍ୟ ତପନ କୁମାର ପ୍ରଧାନ, ସମ୍ପାଦକ ଗୌର ଚରଣ ସାମନ୍ତ ସିଂହାର ଓ ପ୍ରଧାନ ଆଚାର୍ଯ୍ୟ ବିଚିତ୍ର କୁମାର ରଥ ଯୋଗ ଦେଇଥିଲେ । ପ୍ରଥମେ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ଧୂପ ଦୀପ ନୈବେଦ୍ୟ ଦେଇ ଜଗନ୍ନାଥ ଜଣାଣ ପିଲାଙ୍କ ଦ୍ୱାରା ଗାନ କରାଯାଇ ମଞ୍ଚ ସଂଚାଳନ କରାଯାଇଥିଲା । ମୁଖ୍ୟବକ୍ତା ଅଜିତ୍ କୁମାର ପଟ୍ଟନାୟକ ମାଆ ହେଉଛି ଆଦ୍ୟ ଗୁରୁ, ବାପା, ଗୁରୁ ଓ ଗୁରୁଜନଙ୍କ ଆର୍ଶିର୍ବାଦରେ ଶିଶୁଟି ଆଦର୍ଶ ଓ ସୁନ୍ଦର ମଣିଷ ହୋଇଥାଏ ଓ ସାଧନାରୁ ସିଦ୍ଧି ପାଇଥାଏ ବୋଲି କହିଥିଲେ । ମୁଖ୍ୟ ଅତିଥି ଶ୍ରୀମତୀ ପାଢ଼ୀଙ୍କ ଦ୍ୱାରା ଦଶମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶ୍ରିଆଶ୍ରୀ ସାହୁ ଏବଂ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର, ଟ୍ରଫି ପ୍ରଦାନ କରାଯାଇଥିଲା । ଗୁରୁଜୀ ପ୍ରଶାନ୍ତ ଚିନରା, ମାନସ କୁମାର ସାହୁ ଓ ଗୁରୁଜୀ ଗୁରୁମା ସାହାଯ୍ୟ କରିଥିଲେ ।

# ଶ୍ରମିକ ନେତା ସ୍ୱର୍ଗତ ଦ୍ୱାରିକା ମୋହନ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ

ତାଳଚେର (ଭାସ୍କର ନ୍ୟୁଜ): ତାଳଚେର ପ୍ରେସ୍ କ୍ଲବ୍ ପକ୍ଷରୁ ବିଶିଷ୍ଟ ଶ୍ରମିକନେତା ତଥା ସମାଜସେବୀ ସ୍ୱର୍ଗତ ଦ୍ୱାରିକା ମୋହନ ମିଶ୍ରଙ୍କର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି । ଶ୍ରମିକ ନେତା ସ୍ୱର୍ଗତ ମିଶ୍ର କେବଳ ଜଣେ ବ୍ୟକ୍ତି ନଥିଲେ ସେ ଥିଲେ ଏକ ଅନୁଷ୍ଠାନ । ତାଙ୍କର ସାଲିସ୍ ବିହୀନ ସଂଗ୍ରାମ, ସ୍ପଷ୍ଟବାଦିତା, ନିର୍ଭିକତା ଓ ଶ୍ରମିକଙ୍କ ସ୍ୱାର୍ଥ ହାସଲ ପାଇଁ ସେ ଚିର ସ୍ମରଣୀୟ ହୋଇ ରହିବେ ବୋଲି ଆଜି ଅନୁଷ୍ଠିତ ଦ୍ୱିତୀୟ ବାର୍ଷିକୀ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ମତବ୍ୟକ୍ତ କରିଛନ୍ତି । ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ବ୍ଲକ୍ ଅଧକ୍ଷ ଦିଗମ୍ବର ଗଡନାୟକ, ପୂର୍ବତନ ନଗରପାଳ କେଶବ ଭୂତିଆ, ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ପାତ୍ର, ଜିଲ୍ଲା ବିଜେପି ମିଡିଆ ସେଲ୍ ଅଧକ୍ଷ ପର୍ଶୁରାମ ବାରିକ, ପୂର୍ବତନ କାଉନସିଲର ପ୍ରକାଶ ମହାରଣା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରେସ୍‌କ୍ଲବ୍‌ର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଅଧକ୍ଷତା କରିଥିଲା ବେଳେ ସାଧାରଣ ସଂପାଦକ ଡ. ରଶ୍ମିରଞ୍ଜନ ମିଶ୍ର ମଞ୍ଚ ପରିଚାଳନା ଏବଂ ଉପସଭାପତି ଦେବୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦୁଝର ନୃତ୍ୟଶୀଳ୍ପିଙ୍କୁ ଶୁଭେଚ୍ଛା ଜଣାଇଲେ ସାଂସଦ



କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ସାଂସଦ ଅନନ୍ତ ନାୟକ ରାଜଧାନୀ ଭୁବନେଶ୍ୱର ଠାରେ ଆୟୋଜିତ ହେଉଥିବା ରାଜ୍ୟ ସ୍ତରୀୟ ଯୁବ ମହୋତ୍ସବରେ ଭାଗ ନେଉଥିବା କେନ୍ଦୁଝରର ନୃତ୍ୟଶିଳ୍ପୀ ମାନଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ନାୟକ ବୁଧବାର ଦିନ କେନ୍ଦୁଝର ଜିଲ୍ଲାକୁ ପ୍ରତିନିଧିତ୍ୱ କରୁଥିବା କେନ୍ଦୁଝରର (ଇନ୍ଦ୍ରଧନୁ ଅନୁଷ୍ଠାନ)ର ଓଡ଼ିଶୀ ନୃତ୍ୟ ଶିଳ୍ପୀମାନଙ୍କୁ ରାଜ୍ୟ ଅତିଥି ଗୃହ ଠାରେ ଭେଟିଥିଲେ ଓ ସେମାନଙ୍କୁ ପ୍ରତିଯୋଗିତା ପାଇଁ ପ୍ରୋତ୍ସାହିତ କରିବା ସହ ବିଜୟୀ ହୋଇ ଜିଲ୍ଲା ପାଇଁ ସୁନାମ ଅର୍ଜନ କରିବାକୁ ଶୁଭକାମନା ଜଣାଇଥିଲେ । ଏହି ଅବସରରେ ତାଙ୍କ ସହ ମୟୁରଭଞ୍ଜ ସାଂସଦ ନବ ଚରଣ ମାଝୀ ମଧ୍ୟ ଉପସ୍ଥିତ ଥିଲେ । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ କ୍ରୀଡା ଓ ଯୁବ ସେବା ବିଭାଗ , ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଭୁବନେଶ୍ୱରରେ ତିନି ଦିନିଆ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ -୨୦୨୪ ଆରମ୍ଭ ହୋଇଛି । ଏହି ଯୁବ ମହୋତ୍ସବ ଡିସେମ୍ବର ୨୪ରେ ଆରମ୍ଭ ହୋଇଥିବା ବେଳେ ଡିସେମ୍ବର ୨୬ରେ ଶେଷ ହେବାକୁ ଯାଉଛି ।

## କୋରାଇ ମହୋତ୍ସବ ଉଦ୍‌ଯାପିତ

# 'ଓଡ଼ିଆ ଭାଷା ସାହିତ୍ୟ ଅସ୍ମିତା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ'



ବ୍ୟାସନଗର/କୋରାଇ (ଭାସ୍କର ନ୍ୟୁଜ): ଯେଉଁ ଅଞ୍ଚଳର ଭାଷା ସାହିତ୍ୟ ଉନ୍ନତ; ସେ ଅଞ୍ଚଳବାସୀ ସଭ୍ୟ ଓ ଶିକ୍ଷିତ ହୋଇଥାନ୍ତି ବୋଲି କୋରାଇ ମଣ୍ଡଳ ସାହିତ୍ୟ ସଂସଦ ଆନୁକୂଲ୍ୟରେ ବୁଧବାର ଅନୁଷ୍ଠିତ ୪୨ତମ 'କୋରାଇ ମହୋତ୍ସବ-୨୦୨୪'ର ଉଦ୍‌ଯାପନୀ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଉଦ୍‌ଯାପନୀ ଅଧିବେଶନ ତଥା କବି 'ଅଭିମନ୍ୟୁ ସାମନ୍ତସିଂହାର ମଞ୍ଚ'ର ସମାବର୍ତ୍ତନ ଉତ୍ସବ ସଂସଦର ସଭାପତି ନନ୍ଦକିଶୋର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । । ଉଦଘାଟକ ଭାବେ ପ୍ରାକ୍ତନ ରାଜ୍ୟ ସଭା ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା କ୍ଷେତ୍ରରେ କରିଥିବା ପ୍ରୟାସ ଓ କୋରାଇ ଅଞ୍ଚଳର ଶିକ୍ଷା ବିକାଶରେ ତାଙ୍କର ଭୂମିକା ସଂପର୍କରେ ମତବ୍ୟକ୍ତ କରିଥିଲେ । ମୁଖ୍ୟଅତିଥିଭାବେ ଭାବେ ବରିଷ୍ଠ ଗୀତିକବି ଡକ୍ଟର ଅଲେଖଚନ୍ଦ୍ର ପଢିହାରୀ ଯୋଗଦେଇ ଓଡ଼ିଶାର ମାତୃଭାଷା ଓଡ଼ିଆ, ତେଣୁ ଆମ 'ଓଡ଼ିଆ ଭାଷା ସାହିତ୍ୟ ଅସ୍ମିତା ସହ ଅଙ୍ଗାଅଙ୍ଗୀ ଭାବେ ଜଡିତ' ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ କିଟ୍ ବିଶ୍ୱବିଦ୍ୟାଳୟର ଭାଷା ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ବରିଷ୍ଠ କବି ରକ୍ଷକ ନାୟକ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଅଗ୍ରଗତି କରାଇବାରେ ଆମ ସମସ୍ତଙ୍କର ଦାୟିତ୍ୱ ରହିବା ଉଚିତ ବୋଲି କହିଥିବା ବେଳେ ସମ୍ମାନିତ ଅତିଥିଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଯୁବସାହିତ୍ୟିକ ଡକ୍ଟର ଚନ୍ଦ୍ରଶେଖର ହୋତା ସାହିତ୍ୟ ରଚନା ଲାଗି ଯୁବପିଢୀଙ୍କୁ ଉତ୍ସାହିତ କରିଥିଲେ । ସଂପାଦକ ପଣ୍ଡିତ ଡକ୍ଟର ସୂର୍ଯ୍ୟମଣି ଖୁଣ୍ଟିଆ ବାର୍ଷିକ ବିବରଣି ପ୍ରଦାନ କରିଥିଲାବେଳେ କାର୍ଯ୍ୟକାରୀ ସଂପାଦକ ଦୟାନିଧି ନାୟକ ଅତିଥି ପରିଚୟ ଓ ସାଂସ୍କୃତିକ ସଂପାଦକ ବାଇଧର ମାଝୀ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରାଧ୍ୟାପକ ଅକ୍ଷୟ କୁମାର ମହାନ୍ତି ଓ ଡକ୍ଟର ଗୀତାଶ୍ରୀ ପ୍ରିୟମ୍ବଦା ମଞ୍ଚ ପରିଚାଳନା କରିଥିଲେ । ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ 'କୋରାଇ ମହୋତ୍ସବ ସମ୍ମାନ' ଅଞ୍ଚଳର ବରିଷ୍ଠ ରାଜନେତା ତଥା ସାରସ୍ୱତ ସାଧକ ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆଙ୍କୁ ପ୍ରଦାନ କରାଯାଇଥିଲା ବେଳେ ସଂସଦର ମର୍ଯ୍ୟାଦା ଜନକ 'କସ୍ତୁରୀ' ପୁରସ୍କାର ଶିଶୁସାହିତ୍ୟିକ ଡକ୍ଟର ସୁନାମଣି ରାଉତ ଓ ସ୍ୱର୍ଗତ କାହ୍ନୁଚରଣ ଖୁଂଟିଆ ସ୍ମୃତି ପୁରସ୍କାର ବରିଷ୍ଠ ନାଟ୍ୟକାରିଣୀ ପ୍ରଧାପିକା ବିନ୍ଦୁରେଖା ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା । ଗଦାଧର ସ୍ୱାଇଁ ଶିକ୍ଷକ ଗୌରବ ପୁରସ୍କାର ନିର୍ମଳଚନ୍ଦ୍ର ରାଉତ, ଶଚୀଦେବୀ-ଇନ୍ଦୁମତୀ ଲେଖୁ ପୁରସ୍କାର ମାଙ୍ଗଳିକା ଦାସ, ଶ୍ୟାମସୁନ୍ଦର ମହାନ୍ତି ସ୍ମୃତି ପୁରସ୍କାର ଡା. ଉପେନ୍ଦ୍ର ପ୍ରସାଦ ନାୟକ, ଗଦାଧର ସାହୁ ସ୍ମୃତି ପୁରସ୍କାର ପାଲା ଗାୟକ ରଜନିକାନ୍ତ ପୃଷ୍ଟି, ଦଶରଥ ବିଶ୍ୱାଳ ସ୍ମୃତି ପୁରସ୍କାର କୃତି ଛାତ୍ର ଆଶୁତୋଷ ଦାସ, ସଂସଦ ସମ୍ମାନ ବୃନ୍ଦାବନ ସାହୁ, 'ସ୍ୱତନ୍ତ୍ର ସାମ୍ବାଦିକ ସମ୍ମାନ' ବରିଷ୍ଠ ସାମ୍ବାଦିକ ବାବୁରାମ ଜେନା, ଅଚ୍ୟୁତାନନ୍ଦ ପତି ଗଛ ସମ୍ମାନ ଚିତରଞ୍ଜନ ଚିରଞ୍ଜିତ, କୈଳାସ ଚନ୍ଦ୍ର ଦାସ ସ୍ମୃତି ସମ୍ମାନ ନାରାୟଣ ମହାଳିକ, ରମେଶଚନ୍ଦ୍ର ମହାନ୍ତି ସାରସ୍ୱତ ସମ୍ମାନ କବି ପ୍ରହଲ୍ଲାଦ ପଣ୍ଡା ପ୍ରମୁଖଙ୍କୁ ପ୍ରଦାନ କରାଯାଇଥିଲା । ଶେଷରେ ସହସଂପାଦକ ଅଧାପକ ମଳୟକୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସହସଂପାଦକ ଅକ୍ଷୟ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।



ଜଗତସିଂହପୁର (ଭାସ୍କର ନ୍ୟୁଜ): ଗ୍ରାମର ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବା ସରକାରଙ୍କର ଲକ୍ଷ୍ୟ ତଥା ଉଦ୍ଦେଶ୍ୟ । ଏଥିପାଇଁ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାଗୁଡିକ ଲୋକଙ୍କ ହିତରେ ଲାଗିବା ସହ ଏହାର ସୁଫଳ ଯେପରି ସମସ୍ତେ ପାଇବେ ସେଥିପାଇଁ ସଚେତନତା ସୃଷ୍ଟି ବ୍ୟବସ୍ଥା କରାଯାଇଛି। ଏହି ଉଦ୍ଦେଶ୍ୟରେ 'ପ୍ରଶାସନ ଗାଁଓ କି ଓର' ବା ପ୍ରଶାସନ ଗ୍ରାମ ଅଭିମୁଖେ କାର୍ଯ୍ୟକ୍ରମ ଅନ୍ତର୍ଗତ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ଏକ ଦିବସୀୟ କାର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଜେ ସୋନାଲଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲା ତଥା କ୍ଷତ୍ରିୟ ଅଧିକାରୀ ମାନେ ଉପସ୍ଥିତ ରହି ପ୍ରଶାସନିକ ବ୍ୟବସ୍ଥାରେ ଜନସାଧାରଣ ଉପକୃତ ହେବା, ସରକାରଙ୍କ କଲ୍ୟାଣକାରୀ ଯୋଜନାର ସୁଫଳ ପାଇବା ନିମନ୍ତେ ପଦକ୍ଷେପ ଆଦି ସଂପର୍କରେ ହୋଇଥିବା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପ୍ରକାଶ ଥଉକି, ଚଳିତମାସ ୧୯ ରୁ ୨୪ ତାରିଖ ପର୍ଯ୍ୟନ୍ତ ସୁଶାସନ ସପ୍ତାହ ଭାବେ ପାଳନ କରାଯାଉଛି। ଏହି ଉପଲକ୍ଷେ ଅଧିକାରୀ ମାନେ ଜିଲ୍ଲାରେ ପଞ୍ଚାୟତ ଗସ୍ତ କରି ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ।

## ରାଷ୍ଟ୍ରୀୟ କୃଷକ ଦିବସ ପାଳିତ



ଫୁଲନଖରା,(ଭାସ୍କର ନ୍ୟୁଜ୍) : ରାଷ୍ଟ୍ରୀୟ କୃଷକ ଦିବସ ଅବସରରେ କଟକ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର କୃଷି ଓ ଗ୍ରାମ ବିକାଶ ପ୍ରଭାଗ ତରଫରୁ ଫୁଲନଖରା ନିକଟ ଅନନ୍ତପୁରସ୍ଥିତ ବିଶ୍ୱଶାନ୍ତି ସରୋବର ସଭାଗୃହରେ କୃଷକ ସମ୍ମାନ ସମାରୋହ ପାଳିତ ହୋଇଯାଇଛି । ଏହି ସମ୍ମିଳନୀରେ ଯୋଗ ଦେଇ ପ୍ରଭାଗର ଆଂଚଳିକ ସହ ସଂଯୋଜିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ସୁଲୋଚନା, କୃଷକ ସଦା ପ୍ରକୃତି ସହ ଜଡିତ ଖାଦ୍ୟ ଶସ୍ୟ ଯେତିକି ଶୁଦ୍ଧ ଓ ପବିତ୍ର ହେବ, ମନ ସେତେ ଶୁଦ୍ଧ ଓ ପବିତ୍ର ହେବ ବୋଲି କହିଥିଲେ । ଏତଦ୍ ବ୍ୟତିତ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ସ୍ଲୋଗାନ୍ ଜୟ ଜବାନ, ଜୟ କିଶାନ କଥା ମନେ ପକାଇ ଦେଇଥିଲେ । ସମ୍ମାନନୀୟ ଅତିଥି ଭ୍ରାତା ସତ୍ୟ ପ୍ରକାଶ ରାଉତ, ଭାରତର ପଂଚମ ପ୍ରଧାନମନ୍ତ୍ରୀ ଚୌଧୂରୀ ଚରଣ ସିଂହଙ୍କ ଜନ୍ମଦିନକୁ ରାଷ୍ଟ୍ରୀୟ କୃଷି ଦିବସ ରୂପେ ପାଳନ କରିବାକୁ କହିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଏଜିମ୍ ନାବାର୍ଡର ଭ୍ରାତା ନନ୍ଦନନ୍ଦନ ସାମନ୍ତ ଆମ ପିଲାବେଳର ଗୀତ 'ଚାଷ ଅଛି ଯାହାର, କି ଆନନ୍ଦ ତାହାର' କଥା ମନେ ପକାଇ ଦେଇଥିଲେ । ଅକ୍ଷୟ ତୃତୀୟା, ମାଣବସା ଗୁରୁବାରର ଲକ୍ଷ୍ମୀପୂଜା ଧାନମାଣୀକା ଓ କ୍ଷେତ ବଢା ଭୋଗ କଥାର ଅତୀତ ସ୍ମୃତିକୁ ମନେ ପକାଇ ଥିଲେ । ଏତଦ୍ ବ୍ୟତୀତ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ, ଏ ସଂସ୍ଥାର ମୁଖ୍ୟାଳୟ, ମାଂଉଟ ଆବୁ ସ୍ଥିତ ତପୋବନ ଠାରେ ଏକ ଆଦର୍ଶ ଯୌଗିକ ଓ ଜୈବିକ କୃଷି ଫାର୍ମକୁ ଉଦ୍‌ଘାଟନ କରିଥିବା କଥା କହିଥିଲେ। ବିଭିନ୍ନ ସରକାରୀ ଯୋଜନାର ସୂଚନା ପ୍ରଦାନ କରିଥିଲେ । ପ୍ରାଣୀ ଚିକିତ୍ସା ବିଭାଗର ଡେପୁଟୀ ଡାଇରେକ୍ଟର ଜଗତସିଂହପୁରର ଡଃ ସରୋଜ ମଲ୍ଲୀକ, ଡଃ ବି.କେ.ପ୍ରତିଭା ଓଏସ୍, ସ୍ଥାନୀୟ ସରପଞ୍ଚ ଭ୍ରାତା ବିଶ୍ୱଜିତ ଭୋଇ ଯୋଗଦାନ ଦେଇ କୃଷି ଓ କୃଷକଙ୍କ ବିଷୟରେ ବହୁ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିଲେ । ରାଜ ଯୋଗିନୀ ବ୍ରହ୍ମାକୁମାରୀ ଡଃ କମଲେଶ ଦିଦି ଆଶ୍ରୀବଚନ ପ୍ରଦାନ, ଭଗ୍ନୀ ତପସ୍ୱିନୀ ସ୍ୱାଗତ ନୃତ୍ୟ, ଭଗ୍ନୀ ସିପ୍ରା ଭଉଣି ସ୍ୱାଗତ ଭାଷଣ ଓ ଭଗ୍ନୀ ଦେବସ୍ମୀତା ମଂଚ ପରିଚାଳନା କରିଥିଲେ । ଏଥିରେ ଶତାଧିକ ଚାଷୀ ଯୋଗଦାନ କରିଥିଲେ ଓ ସମ୍ମାନୀତ ହୋଇଥିଲେ । ପରିଶେଷରେ ଗୋପାଳ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ଶାରଦ ଧାନ



କଣାସ (ଭାସ୍କର ନ୍ୟୁଜ୍) : ୪ଦିନ ତଳେ ଲଘୁଚାପ ଜନିତ ବର୍ଷା ଦୁଇଦିନ ଲାଗିରହିବାରୁ ପାଚିଲା ଶାରଦ ଧାନ ଫସଲ ରାଜ୍ୟସାରା ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ପୁରୀ ଜିଲ୍ଲା ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକରେ ବ୍ୟାପକ କ୍ଷତି ଘଟାଇଛି । ଚାଷୀମାନଙ୍କ ଦାବିପରେ ରାଜ୍ୟସରକାରଙ୍କ ନିର୍ଦ୍ଦେଶ କ୍ରମେ ରିଲିଫ୍ କମିଶିନର ପ୍ରତ୍ୟେକ ବ୍ଲକର ତହସିଲଦାର ମାନଙ୍କୁ ଶାରଦ ଧାନଫସଲ କ୍ଷତିଗ୍ରସ୍ତ ହୋଇଥିବା ଜମି ବୁଲି ତୁରନ୍ତ ତଦନ୍ତ କରି ରିପୋର୍ଟ ଦେବାପରେ ଆଜି କଣାସ ତହସିଲଦାର ହିମାଂଶୁ ଶେଖର ଗିରି, କଣାସ ତହସିଲି ଅଧିନରେ ଥିବା ୯ଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ରାଜସ୍ୱ ନିରୀକ୍ଷକ ଓ କୃଷିବିଭାଗର ୯ଜଣ ଭିଏଲ୍‌ଡବ୍ଲୁ ମିଳିତ ହୋଇ ତଦନ୍ତ କରିବାପାଇଁ ନିର୍ଦ୍ଦେଶ ଦେବାରୁ ଆଜି ରାଜସ୍ୱ ନିରୀକ୍ଷକ ଓ ଭି.ଏଲ୍.ଡବ୍ଲୁ ପ୍ରତି ପଞ୍ଚାୟତକୁ ଯାଇ ତଦନ୍ତ କରୁଛନ୍ତି । ରାଜ୍ୟସରକାର କେବଳ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଥିବା ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିବାରୁ ପରିବା ଚାଷୀ ଓ ଚିନାବାଦମ ଚାଷୀମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି । ବିଶେଷ କରି କଣାସ ବ୍ଲକରେ ଅଧିକ ଚିନାବାଦାମ ଓ ପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି । ଚିନାବାଦାମ ଚାଷ ଜମିରେ ବର୍ଷାଜଳ ଲହଡି ଭାଙ୍ଗୁଥିବା ଦେଖରବାକୁ ମିଳିଛି ।

## ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଫୁ

### ୪ମାସ ହେବ ମିଳୁନାହିଁ ଜମି ପଟ୍ଟା

କଣାସ (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାର ଗ୍ରାମାଂଚଳର ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇଦେବା ପାଇଁ ପ୍ରତ୍ୟେକ ବ୍ଲକରେ ତହସିଲ ଏବଂ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟମାନ ଖୋଲିଛନ୍ତି । ଯଦି କୌଣସି ବ୍ୟକ୍ତି ଜମି କିଣି ଥିବା ଲୋକ ୨୫ଦିନ ମଧ୍ୟରେ ପଟ୍ଟା ପାଇବାପାଇଁ ସରକାରୀ ନିର୍ଦ୍ଦେଶ ଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକରେ ୧୩୫ଦିନ ବିତିଯାଇଥିଲେ ମଧ୍ୟ ପଟ୍ଟା ମିଳିନଥିବାରୁ ଜମି କିଣି ଥିବା ବ୍ୟକ୍ତି କଣାସ ତହସିଲିଦାରଙ୍କ ନିକଟକୁ ଦୌଡି ଦୌଡି ଗୋଡରୁ ପାଣି ମରିଗଲାଣି। ଖବର ନେବାରେ ଜଣାପଡିଛି ବୀରକେଶରପୁର ଗ୍ରାମର ସତ୍ୟନାରାୟଣ ମିଶ୍ର ଓ ରମାକାନ୍ତ ମିଶ୍ର, ବାରିମଣ୍ଡଳ ମୌଜାର ଖାତା ନଂ୧୯୦ ଏବଂ ପ୍ଲଟ ନଂ୪୫୪କୁ ତା୨୩.୦୮.୨୦୨୪ତାରିଖ ଦିନ କଣାସ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ରେଜେଷ୍ଟ୍ରି କରାଇଥିଲେ। ଉକ୍ତ ପଟ୍ଟା ପୋଷ୍ଟ ଅଫିସ୍ ଜରିଆରେ ଉପରୋକ୍ତ ବ୍ୟକ୍ତିମାନଙ୍କ ନିକଟକୁ ଯିବାକଥା କିନ୍ତୁ ୨ମାସ ହେଲା ଯାଇନଥିବାରୁ ସେ ଆସି କଣାସ ତହସିଲ ଅଫିସିରେ ବୁଝନ୍ତି ତ ୨୧.୦୯.୨୦୨୪ତାରିଖ ଦିନ ଉକ୍ତ ପଟ୍ଟାଟି ସତ୍ୟନାରାୟଣ ମିଶ୍ର, ରମାକାନ୍ତ ମିଶ୍ର, ଗ୍ରାମ ବୀରକେଶରପୁର ଓ ପୋଷ୍ଟ ତ୍ରିଲୋଚନପୁର, ଜିଲ୍ଲା ପୁରୀକୁ ପଠାଯାଇଛି । ସେ ଯାଇ ତ୍ରିଲୋଚନପୁର ଡାକଘରେ ଦେଖନ୍ତି ତ ସେଠାକୁ ପଟ୍ଟା ଯାଇନାହିଁ । ଯେଉଁ ଚିଠିର ରେଜେଷ୍ଟ୍ରି ନଂ ତହସିଲ କାର୍ଯ୍ୟାଳୟରୁ ନେଇଥିଲେ ତାହା ତ୍ରିଲୋଚନପୁର ପୋଷ୍ଟମାଷ୍ଟରଙ୍କୁ ଦେବାରୁ ସେ ଉକ୍ତ ଚିଠି ନଂଟି ଜଙ୍କିଆ ପୋଷ୍ଟ ଅଫିସ୍‌କୁ ଯାଇଥିବା କହିଥିଲେ। ସତ୍ୟନାରାୟଣ ପୁନଶ୍ଚ ଜଙ୍କିଆ ପୋଷ୍ଟ ଅଫିସ୍‌କୁ ଯାଇ ଦେଖନ୍ତି ତ ଉକ୍ତ ଚିଠି ଯାଇନାହିଁ । ସେ ବାରମ୍ବାର ଆସି କଣାସ ତହସିଲଦାରଙ୍କୁ କହିବାରୁ ତହସିଲଦାର ବଡବାବୁ ଏବଂ ପଟ୍ଟା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ନିଜେ ଦେଖି କହିବାକୁ ଦୁଇ ତିନି ଥର ନିର୍ଦ୍ଦେଶ ଦେଲେଣି କିନ୍ତୁ ବାବୁମାନେ ସାଇଟ୍ ଖୋଲୁନାହିଁ କହି ଫେରାଇଦେଉଛନ୍ତି । କଣାସ ତହସିଲରେ କିପରି କାର୍ଯ୍ୟ ଚାଲିଛି ଜନସାଧାରଣରେ ଆଲୋଚନାର ବିଷୟବସ୍ତୁ ହୋଇଛି ।

## ବଡ଼ଦିନରେ ବଣଭୋଜି ପାଇଁ ପର୍ଯ୍ୟଟକଙ୍କ ସୁଅ



କେନ୍ଦୁଝର, : ବଣପାହାଡ଼ଘେରା କେନ୍ଦୁଝର ଜିଲାର ପ୍ରାକୃତିକ ସୌନ୍ଦର୍ଯ୍ୟ, ସୁଉଚ୍ଚ ଜଳପ୍ରପାତ ଏବଂ ପାହାଡ଼ିଆ ଶୀତକୁ ମନଭରି ଉପଭୋଗ ପାଇଁ ବଡ଼ଦିନ ଓ ନୂଆବର୍ଷ ପାଳନ ଅବସରରେ ବଣଭୋଜିର ମଜା ଉଠାଇବାକୁ କେନ୍ଦୁଝର ଜିଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀମାନଙ୍କରେ ପର୍ଯ୍ୟଟକଙ୍କ ଭିଡ଼ ଜମିଛି। ବିଶେଷକରି ସାନଘାଗରା, ବଡ଼ଘାଗରା, ଖଣ୍ଡାଧାର, ଗୁଣ୍ଡିଚାଘାଗୀ ଓ ହାଣ୍ଡିଭଙ୍ଗା ଭଳି ରାଜ୍ୟପ୍ରସିଦ୍ଧ ସୁଉଚ୍ଚ ଜଳପ୍ରପାତ, ଘଟଗାଁସ୍ଥିତ ମା'ତାରିଣୀ ପୀଠ, ଦେଓଗାଁ କୁଶଳେଶ୍ୱର ଶୈବପୀଠ, କେନ୍ଦୁଝରର ଆରାଧ ଦେବତା ପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉ, ସିଦ୍ଧମଠ, ମୁର୍ଗାମହାଦେବ ଓ ଗୋନାସିକା ଭଳି ପ୍ରସିଦ୍ଧ ଶକ୍ତି ପୀଠ, ଆନନ୍ଦପୁରର ଚକ୍ରତୀର୍ଥ, ସୀତାବିଞ୍ଜ, ସରେଇ, ରାଜନଗର, ପୋଡ଼ାସିଙ୍ଗିଡ଼ି ଭଳି ଐତିହାସିକ ଓ ପୌରାଣିକ ସ୍ଥଳୀ, ହଦଗଡ଼, ରେମାଳ, କାଣିଝରୀ ଓ ଜଗଦଳା ଭଳି ରମଣୀୟ ଜଳଭଣ୍ଡାର, କାଞ୍ଜିପାଣି ଘାଟିର ମନଲୋଭା ପ୍ରାକୃତିକ ଦୃଶ୍ୟ ଉପଭୋଗ ପାଇଁ ପ୍ରତିବର୍ଷ ବଡ଼ଦିନ ଓ ନୂଆବର୍ଷ ଉପଲକ୍ଷେ କେନ୍ଦୁଝର ଜିଲାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ଘଞ୍ଚ ବଣପାହାଡ଼ ଘେରା ଏହି ଜିଲାର ଶୀତରାଜି ଅନୁଭବ ସାଙ୍ଗକୁ କେନ୍ଦୁଝର ସହରସ୍ଥିତ ପୁରୁଣା ରାଜବାଟୀ, ବୈତରଣୀ ନଦୀର ଉତ୍ପତ୍ତିସ୍ଥଳ ଗୋନାସିକାସ୍ଥିତ ଗୁପ୍ତଗଙ୍ଗା, ପ୍ରାକୃତିକ ଗଣ୍ଡ ଆଦି ମନଲୋଭା ସ୍ଥାନ ପର୍ଯ୍ୟଟକ, ପ୍ରକୃତିପ୍ରେମୀ, ସାହିତ୍ୟିକ ଓ କବିମାନଙ୍କୁ ପର୍ଯ୍ୟଟନ ଋତୁରେ କେନ୍ଦୁଝର ଜିଲା ବୁଲି ଆସିବାକୁ ବାଧ କରିଥାଏ। ବଡଦିନ ଅବସରରେ ବୁଧବାର ବଣଭୋଜି ମଜା ଉଠାଇବାକୁ ଜିଲାର ପ୍ରସିଦ୍ଧ ପର୍ଯ୍ୟଟନକେନ୍ଦ୍ର ମାନଙ୍କରେ ପର୍ଯ୍ୟଟକଙ୍କ ନାହିଁନଥିବା ଭିଡ ଦେଖିବାକୁ ମିଳିଛି। ୪୯ନଂ ଜାତୀୟ ରାଜପଥକୁ ଲାଗି ଜିଲା ମୁଖ୍ୟାଳୟଠାରୁ ମାତ୍ର ୫ କି.ମି.ଦୂରରେ ଅବସ୍ଥିତ ୩୧ମିଟର ଉଚ୍ଚତା ବିଶିଷ୍ଟ ସାନଘାଗରା ଜଳପ୍ରପାତକୁ ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରୁ ବର୍ଷତମାମ ପର୍ଯ୍ୟଟକଙ୍କ ସୁଅ ଛୁଟିଥିବା ବେଳେ ଏଠାକାର ଶିଶୁ ଉଦ୍ୟାନ, ଗୋଲାପ ଉଦ୍ୟାନ, ବୋଟିଂ, ଆଦିବାସୀ ସଂଗ୍ରହାଳୟ ସହ ଚତୁଃପାର୍ଶ୍ୱରେ ଘେରି ରହିଥିବା ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ ପାଇଁ ବହୁ ଦୂରଦୂରାନ୍ତରୁ ପିକ୍‌ନିକ୍ ପାର୍ଟି ଆସି ଭିଡ ଜମାଇଛନ୍ତି। ପର୍ଯ୍ୟଟନକେନ୍ଦ୍ର ବଡଘାଗରାର ଉନ୍ନତିକରଣ ପରେ ଗତ ୨ବର୍ଷ ଧରି ଏହିସ୍ଥାନକୁ ମଧ ବଡଦିନ ବଣଭୋଜି ପାଇଁ ପର୍ଯ୍ୟଟକଙ୍କ ବେଶ୍ ? ଭିଡ ଜମିଥିବା ଦେଖିବାକୁ ମିଳିଛି। ସେହିଭଳି ପର୍ଯ୍ୟଟନ ମାନ୍ୟତା ମିଳି ନଥିଲେସୁଦ୍ଧା ଜିଲାର କାଣିଝରୀ, ରେମାଳ ଓ ଜଗଦଳା ଡ୍ୟାମ, ଚିକିଣିଆସ୍ଥିତ ଜିଲା ପାର୍କ, ବାରହାଟିପୁରା ଶୈବପୀଠ, ଅସନପାଟ, ଗିରିଡ଼ିବନ୍ଧ ଭଳି ଜିଲାର ପ୍ରମୁଖ ଦର୍ଶନୀୟ ସ୍ଥାନମାନଙ୍କରେ ମଧ ବଣଭୋଜି ପାଇଁ ପର୍ଯ୍ୟଟକଙ୍କ ବେଶ୍ ? ଭିଡ଼ ଜମିଛି। ସୁରକ୍ଷା ଦୃଷ୍ଟିରୁ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀମାନଙ୍କରେ ପୁଲିସ ମୁତୟନ ବିଶେଷକରି ମହିଳା ପର୍ଯ୍ୟଟକଙ୍କୁ ଆଶ୍ୱସ୍ତି ଆଣିଦେଇଛି।

## ଗୁରୁଜୀ ଡ: ଚନ୍ଦ୍ରଭାନୁ ଶତପଥିଙ୍କ ଜନ୍ମଦିନ



ବାରିପଦା (ଭାସ୍କର ନ୍ୟୁଜ୍): ଶିରିଡ଼ି ସାଇବାବାଙ୍କ ପରମ ଭକ୍ତ ଶ୍ରଦ୍ଧେୟ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ୭୬ ତମ ଜନ୍ମଦିବସ ପରିପ୍ରେକ୍ଷୀରେ ବାରିପଦା ବଡବଜାର ସ୍ଥିତ 'ମୟୁରଭଞ୍ଜ ଶ୍ରୀଗୁରୁ ଭାଗବତ ଟ୍ରଷ୍ଟ' ଓ ବଡଦାଣ୍ଡ ଶ୍ରୀଗୁରୁ ଭାଗବତ ଟୁଙ୍ଗୀର କର୍ମକର୍ତ୍ତା ତଥା ଶ୍ରଦ୍ଧାଳୁ ଭକ୍ତ ମାନେ ଯଥାରୀତି ପୂଜାବିଧି ପାଳନ କରିବା ପରେ ମିଷ୍ଟାନ୍ନ ବଣ୍ଟନ ତଥା ଶ୍ରୀଗୁରୁ ଭାଗବତ ସାମୁହିକ ଗାୟନ କରିଥିଲେ। ଗୁରୁଜୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିବା ସହିତ ୭୬ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏଇ ଶୁଭ ଅବସରରେ ରଘୁନାଥପୁର ସ୍ଥିତ 'ରୋଜ୍ ସ୍କୁଲ ଫୋର୍ ମେଣ୍ଟାଲି ଚ୍ୟାଲେଞ୍ଜଡ୍ ' ରେ ଆଶ୍ରୟ ପାଇଥିବା ୧୧୫ ଜଣ ଅଳ୍ପ ବୟସ୍କ ଅନ୍ତେବାସୀମାନଙ୍କ ପାଇଁ ଖାଦ୍ୟପେୟର ବ୍ୟବସ୍ଥା କରିବା ସହିତ ସେମାନଙ୍କ ପାଇଁ ଦୈନନ୍ଦିନ ଆବଶ୍ୟକ ଥିବା ଔଷଧୀୟ ଗୁଣଯୁକ୍ତ ସାବୁନ, କଟା ଘା' ଏବଂ କାଛୁକୁଣ୍ଡିଆ ପାଇଁ ମଲମ, କ୍ୟାଣ୍ଡିଡ୍ ପାଉଡର, ଦାନ୍ତଘସା ପେଷ୍ଟ, ଡେଟଲ, ଫିନାଇଲ, ହାରପିକ୍, ପାଇଖାନା ସଫା କରିବା ବ୍ରଶ୍, ସେମ୍ପୁ, ଫୁଟ୍‌ବଲ୍ ଏବଂ ଦୁଇଟା ବଡ଼ ଦରି ତଥା ଦୁଇଟା ବଡ଼ ଟ୍ରଙ୍କର ବ୍ୟବସ୍ଥା କରା ଯାଇଥିଲା।

## କର୍କଟ ସଚେତନତା କାର୍ଯ୍ୟକ୍ରମ କରୁଛି କ୍ରିଷ୍ଣା ଇଣ୍ଟରନ୍ୟାସନାଲ

ବ୍ୟାସନଗର, (ଭାସ୍କର ନ୍ୟୁଜ୍) : କ୍ରିଷ୍ଣା ଚାରିଟେବଲ ପ୍ରୋଗ୍ରେସିଭ ଟ୍ରଷ୍ଟ ଆନୁକୂଲ୍ୟରେ କର୍କଟ ରୋଗ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଟ୍ରଷ୍ଟର ଅଧକ୍ଷ ଡ଼କ୍ଟର କୁଶଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ବ୍ୟାସନଗରସ୍ଥିତ ଷ୍ଟାଡିଅମ ରୋଡରେ ଅବସ୍ଥିତ କ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭୁବନେଶ୍ୱର ଏମ୍ସର କର୍କଟ ବିଭାଗର ବରିଷ୍ଠ ବିଶେଷଜ୍ଞ ଡାକ୍ତର ସନ୍ଦୀପ କୁମାର ବାରିକ ଓ ମୁଖ୍ୟ ବକ୍ତା ବ୍ୟାସନଗରର କ୍ଷ୍ୟାତନାମା ଚିକିତ୍ସକ ଡାକ୍ତର ହେମନ୍ତ କିଶୋର ସାହୁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ବିକାଶ ଦାସଙ୍କ ଗ୍ରୁପ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଡାକ୍ତର ବାରିକ କହିଥିଲେ ଯେ ଭାରତରେ ପ୍ରତି ବର୍ଷ ଦଶ ଲକ୍ଷ ଲୋକ କର୍କଟ ରୋଗଦ୍ୱାରା ଆକ୍ରାନ୍ତ ହେଉଛନ୍ତି। ତେଣୁ ଏ ସମ୍ବନ୍ଧରେ ସଚେତନତା ଅତ୍ୟନ୍ତ ଜରୁରୀ ହୋଇ ପଡିଛି। ଏହାର ନିରାକରଣ ଉପରେ ଗବେଷଣା ବି ଅତ୍ୟାବଶ୍ୟକ ହୋଇପଡିଛି। ଏହି ଦୁରାରୋଗ୍ୟର ଲକ୍ଷଣ, ଉତ୍ପତ୍ତି, ବୃଦ୍ଧିର କାରଣ ଓ ନିରାକରଣ ତଥା ପ୍ରତିରୋଧକ ପଦକ୍ଷେପ ଉପରେ ବକ୍ତ୍ୟବ୍ୟ ରଖିଥିଲେ। ଡାକ୍ତର ସାହୁ ପଞ୍ଚତତ୍ତ୍ୱ, ମଣିଷର ଶୃଙ୍ଖଳା ଓ ଜୀବନଚର୍ଯ୍ୟା ଉପରେ ଆଲୋକପାତ କରିଥିଲେ। ଉପସ୍ଥିତ ଯୋଗଦାନକାରି ସଦସ୍ୟ ଓ ସଦସ୍ୟା ମାନଙ୍କର କର୍କଟ ରୋଗ ଉପରେ ପ୍ରଶ୍ନର ସମାଧାନ କରିଥିଲେ। ଏହି ଆଲୋଚନା ଚକ୍ରରେ ପ୍ରାକ୍ତନ ଅଧକ୍ଷ ସୌରଭ ମୟ ଦାସ, ଅଧକ୍ଷ ହିମାଂଶୁ ଶେଖର ଦ୍ୱିବେଦୀ, ସଦାଶିବ ଦାଶ, ସୁକାନ୍ତ ରାଉତ, ସନାତନ ଦାସ, ମାଧବାନନ୍ଦ ବଳ, ଡ଼କ୍ଟର ଅକ୍ଷୟ ପଣ୍ଡା, ମଧୁସୂଦନ ମହାପାତ୍ର, ସୁଶାନ୍ତ ରାଉତରାୟ, ମଧୁ ସୁଦନ ଦାସ, ଅନାଦି ଚରଣ ଓଝା, ପ୍ରମୋଦିନୀ ତରେଇ, ଜଗବନ୍ଧୁ ସାହୁ, ଅଶ୍ୱିନୀ କୁମାର ଦାସ, ଅଜୟ କୁମାର ପୃଷ୍ଟି, କୁଳମଣି ରାଉତ, ବିଷ୍ଣୁ ବାରୁଡି ଓ ନିରାକାର ନାୟକ ପ୍ରଭୃତି ଆଲୋଚନାରେ ଭାଗନେଇଥିଲେ। ସ୍କୁଲର ଶିକ୍ଷୟତ୍ରୀ, ପୁଷ୍ପିତା, ସ୍ୱାଗତିକା, କଳ୍ପନା ଓ ସୁଶାନ୍ତ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଡ଼କ୍ଟର ପୁନପୁନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



## ବାଜପେୟୀଙ୍କ ଜନ୍ମ ଜୟନ୍ତୀ ପାଳିତ



କଣିହାଁ (ଭାସ୍କର ନ୍ୟୁଜ୍) : ଭାରତୀୟ ଜନତା ପାର୍ଟି କଣିହାଁ ମଣ୍ଡଳ ତରଫରୁ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରନ୍ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଜୟନ୍ତୀ କଣିହାଁ ପଞ୍ଚାୟତ ଅଫିସ୍‌ଠାରେ ପାଳିତ ହୋଇ ଯାଇଛି। ଦୂରଦୃଷ୍ଟି ସଂପନ୍ନ ରାଜନେତା ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରନ୍ ଅଟଳ ବିହାରୀ ବାଜପେୟୀ, ଯିଏ ନିଜର ଜୀବନଙ୍କୁ ଦେଶର ସେବା ଗରିବ କଲ୍ୟାଣ ଓ ଉତ୍ତମ ସୁଶାସନ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ, ଭାରତ ରନ୍ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସତ ବାର୍ଷିକ ଜନ୍ମ ଜୟନ୍ତୀ ଅବସରରେ କଣିହାଁ ମଣ୍ଡଳ ସଭାପତି ଦେବେନ୍ଦ୍ର ବାରିକ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଶେଷରେ ଭାରତୀୟ ଜନତା ପାର୍ଟିର ଦେବ ଦୁର୍ଲଭ କାର୍ଯ୍ୟକର୍ତ୍ତା କଣିହାଁ ହସ୍ପିଟାଲକୁ ଯାଇ ଡାକ୍ତର ସୁମନ୍ତ କୁମାର ପଟେଲଙ୍କ ଉପସ୍ଥିତିରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୃଷକ ମୋର୍ଚ୍ଚା ଉପସଭାପତି ତଥା ତାଳଚେର ବିଧାନ ସଭାର ମିଡିଆ ସେଲ୍ ଅଧକ୍ଷ ସୁଶାନ୍ତ କୁମାର ସାମଲ, ଜିଲ୍ଲା କାର୍ଯ୍ୟ କାରିଣୀସଦସ୍ୟ ସଚିଦା ନନ୍ଦ ପ୍ରଧାନ, ପୂର୍ବତନ ସରପଞ୍ଚ ତଥା ବିଜେପିର ବରିଷ୍ଠ ନେତା ଲୋକ ନାଥ ସାହୁ , ହର ମୋହନ ସାହୁ, ଯୁବ ସଭାପତି ସୁଲେନ୍ ଧର, ଅଧର ସାହୁ, ଯୁଗଳ କିଶୋର ପ୍ରଧାନ, ସିପୁନ ବେହେରା, ରାଜ କିଶୋର ସାହୁ, ନନ୍ଦ କିଶୋର ସାହୁ, ବିଚିତ୍ରା ନନ୍ଦ ବେହେରା ସମେତ ବହୁ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଦେବୀନାସିରେ ଅଲିଭ ରିଡ଼ଲେଙ୍କ ପ୍ରଥମ ଅଣ୍ଡାଦାନ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ଚଳିତବର୍ଷ ଅଲିଭ ରିଡଲେ କଇଁଛଙ୍କ ପ୍ରଜନନ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବନାଞ୍ଚଳରୁ ଆସିଛି ଖୁସି ଖବର। ଚଳିତବର୍ଷ ପ୍ରଥମ କରି ଗୋଟିଏ କଇଁଛ ଦେବୀନାସିରେ ଗତ ୧୨୭ଟି ଅଣ୍ଡା ଦେଇଛି ବୋଲି ବନପାଳ ମାନସ କୁମାର ବେହେରା ସୂଚନା ଦେଇଛନ୍ତି। କଇଁଛ ଅଣ୍ଡା ଦେଇଥିବା ଉପକୂଳରେ ବନବିଭାଗର କର୍ମଚାରୀ ପାଟ୍ରୋଲିଂ ସମୟରେ ଜାଣିବାକୁ ପାଇଥିଲେ ଏବଂ ସେହି ଅଣ୍ଡାକୁ ନେଇ ଦେବୀ ନାସିରେ ଥିବା ଅସ୍ଥାୟୀ ହାଚେରୀରେ ରଖାଯାଇଛି। ତେବେ ଅଣ୍ଡା ଦେବାର ୪୫ଦିନ ପରେ ଏଥିରୁ ଶାବକ ଜନ୍ମ ନେଇ ସମୁଦ୍ରମୁହାଁ ହେବେ। ଏଠାରେ ସୂଚନା ଥାଉ କି କିପରି କଇଁଛ ମାନେ କୂଳକୁ ଆସି ସୁରକ୍ଷିତ ଅଣ୍ଡା ଦେବେ ସେଥିପାଇଁ ଅସ୍ତରଙ୍ଗ ବନବିଭାଗ ପକ୍ଷରୁ ବ୍ୟବସ୍ଥା କରାଯିବା ସହିତ ଅଣ୍ଡା ଗୁଡିକ ଛୁଆ ଫୁଟିବା ପର୍ଯ୍ୟନ୍ତ କିପରି ସୁରକ୍ଷିତ ରହିବେ ସେଥିପାଇଁ ଦେବୀନାସି, ଜାହାନିଆ, ଡ଼ାଲୁଅକଣି, ଗଙ୍ଗାଦେବୀ ଠାରେ ଅସ୍ଥାୟୀ ହାଚେରୀ ପ୍ରସ୍ତୁତ କରାଯାଇଛି। କିନ୍ତୁ ମାଳ ମାଳ ଚିଙ୍ଗୁଡ଼ି ଘେରିର ଆଲୋକ, ବିଷାକ୍ତ ପାଣି ଏବଂ ଦିନରାତି ଚାଲୁଥିବା ମଟର ସାଉଣ୍ଡ ଭିତରେ କେତେକ ସଂଖ୍ୟକ କଇଁଛ ଅଣ୍ଡା ଦେବାକୁ ଆସୁଛନ୍ତି ତାହା ଦେଖିବାକୁ ଅପେକ୍ଷା।



## ଚାରିବର୍ଷ ହେବ ମିଳୁନି ବକେୟା ଦରମା



ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍) : ଅବସରକୁ ଯା ଭିତରେ ପୁରି ସାରିଲାଣି ଚାରିବର୍ଷରୁ ଉର୍ଦ୍ଧ୍ୱ ସମୟ। ହେଲେ ଅଦ୍ୟାବଧି ଉର୍ଦ୍ଦୁ ଶିକ୍ଷକଙ୍କୁ ମିଳୁନାହିଁ ପୂର୍ବ ବକେୟା ଦରମା ଓ ଅବସର କାଳିନ ଅନ୍ୟାନ୍ୟ ସହାୟତା। ଫଳରେ ପରିବାର ସହ ଦୁଃଖ ଓ ଯନ୍ତ୍ରଣାରେ ବିତୁଛି ସେହି ଶିକ୍ଷକଙ୍କ ଜୀବନ। ଏହି ଦୁଃଖଦ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ବଡଚଣା ବ୍ଲକର ସୁଙ୍ଗୁଡା ଗ୍ରାମର ସେକ ଅବଦୁଲ ରଜାକଙ୍କ ପରିବାରରେ। ଦୀର୍ଘ ୩୭ ବର୍ଷ କାଳ ଶିକ୍ଷକତା କରି ଅବସର ନେଇଥିବା ଉର୍ଦ୍ଦୁ ଶିକ୍ଷକ ଶେଖ ଅବଦୁର ରଜାକଙ୍କୁ ଆଜି ପର୍ଯ୍ୟନ୍ତ ତାଙ୍କ ଚାକିରୀକୁ ନିୟମିତ ପୂର୍ବକ ପୂର୍ବ ବକେୟା ଦରମା ମିଳି ପାରିନାହିଁ। ଫଳରେ ଆର୍ଥିକ ଅନାଟନରେ ରହି ଅବଦୂଲ ରଜାକ ରୋଗାକ୍ରାନ୍ତ ଅବସ୍ଥାରେ ଏବେ ଦୟନୀୟ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି। ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ସୁଙ୍ଗୁଡା ଗ୍ରାମର ଦିବାକର ନୋଡାଲ ଉପ୍ରା ବିଦ୍ୟାଳୟ ଗତ ୧୯୬୪ରେ ପ୍ରତିଷ୍ଠା କରାଯାଇ ଗତ ୧୯୬୫ରେ ସରକାରୀ ସ୍ୱୀକୃତୀ ଲାଭ କରିଥିଲା। ପରେ ଏହି ବିଦ୍ୟାଳୟ ୨୦୦୩ରେ ନୋଡାଲ ବିଦ୍ୟାଳୟକୁ ଉନ୍ନିତ ହୋଇଥିଲା। ଏହି ବିଦ୍ୟାଳୟର ପରିଚାଳନା କମିଟି ସେକ ଅବଦୁଲ ରଜାକଙ୍କୁ ଗତ ୧୯୮୩ରେ ଏହି ବିଦ୍ୟାଳୟରେ ଉର୍ଦ୍ଦୁ ଶିକ୍ଷକ ଭାବେ ନିଯୁକ୍ତି ଦେଇଥିଲେ। ୨୦୧୧ ମସିହାରେ ସରକାର ତାଙ୍କୁ ସେତେବେଳେ ଚୁକ୍ତି ଭିତ୍ତିକ ଶିକ୍ଷକ ଭାବେ ମଧ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ସେହିଦିନ ଠାରୁ କ୍ରମାଗତ ଭାବେ ଦୀର୍ଘ ୩୭ ବର୍ଷ ଧରି ସେ ଏଠାରେ ଶିକ୍ଷାଦାନ କରିଥିଲେ ମଧ ତାଙ୍କୁ ନିୟମିତ କରାଗଲା ନାହିଁ। ଏହାରି ଭିତରେ ୨୦୨୦ରେ ସେ ଚାକିରିରୁ ଅବସର ନେଇଥିଲେ। ତେବେ ତାଙ୍କୁ ଚୁକ୍ତି ଭିତ୍ତିକ ଶିକ୍ଷକ ଭାବେ ମାସିକ ମାତ୍ର ୫୨୦୦ ଟଙ୍କା ଦରମାରୁ ଆରମ୍ଭ କରାଯାଇ ମାତ୍ର ଦୁଇ ତିନି ମାସ ପର୍ଯ୍ୟନ୍ତ ୭୪୦୦ ଟଙ୍କା ଦରମା ଦିଆଯାଇଥିଲା। ଏହାପରେ ସେ ଅବସର ନେଇଥିଲେ। ସରକାରୀ ନିୟମ ଅନୁଯାୟୀ ପ୍ରତ୍ୟେକ ଶିକ୍ଷକଙ୍କ ନିଯୁକ୍ତିର ୬ ବର୍ଷ ପରେ ନିୟମିତ କରାଯିବା କଥା। ହେଲେ ଅବଦୁଲ ରଜାକ ଚୁକ୍ତି ଭିତ୍ତିକ ଶିକ୍ଷକ ଭାବେ ଦୀର୍ଘ ୯ ବର୍ଷ ପର୍ଯ୍ୟନ୍ତ ଚାକିରୀ କରି ସାରିଥିବା ପରେ ବି ତାଙ୍କୁ ନିୟମିତ କରାଯାଇ ନଥିଲା। ଯାହାକୁ ନେଇ ସେ ପ୍ରଶ୍ନ କରିଛନ୍ତି। ଏନେଇ ନ୍ୟାୟ ପାଇବା ପାଇଁ ସେ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଉଚ୍ଚ ଅଧିକାରୀ, ବ୍ଲକ ଶିକ୍ଷାଧିକାରୀଙ୍କ ସମେତ ଶିକ୍ଷା ବିଭାଗର ସମସ୍ତ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ ଆଜି ପର୍ଯ୍ୟନ୍ତ ତାଙ୍କୁ କୌଣସି ସୁଫଳ ମିଳିପାରି ନଥିବା ଅତି ଦୁଃଖର ସହିତ କହିଛନ୍ତି। ବିନା ଦରମାରେ ଜଣେ ଶିକ୍ଷକ ଏତେ ବର୍ଷ ପର୍ଯ୍ୟନ୍ତ ଶିକ୍ଷାଦାନ କରିଥିଲେ ମଧ ତାଙ୍କୁ କାହିଁକି ନିୟମିତ କରାଗଲା ନାହିଁ ତାହା ଶିକ୍ଷା ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚି ସୃଷ୍ଟି କରିଛି । ତୁରନ୍ତ ଶିକ୍ଷା ବିଭାଗ ଆବଶ୍ୟକ ପଦକ୍ଷେପ ଗ୍ରହଣକରି ତାଙ୍କୁ ନିୟମିତ ଆଧାରରେ ବକେୟା ଦରମା ସହ ଅବସର କାଳିନ ସମସ୍ତ ସହାୟତା ପ୍ରଦାନ କରିବାକୁ ଅବଦୂର ରଜାକ ଦୃଢ଼ ଦାବି କରିଛନ୍ତି। ନଚେତ ସେ ପରିବାର ସହ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି କହିଛନ୍ତି।

## ବିର୍ସାମୁଣ୍ଡା କ୍ଲବର ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ମନ୍ତ୍ରୀଙ୍କ ଯୋଗଦାନ




କରଞ୍ଜିଆ (ଭାସ୍କର ନ୍ୟୁଜ୍): ରରୁଆଁ ବ୍ଲକ ଅନ୍ତର୍ଗତ ପାନପତ୍ରିୟା ଗ୍ରାମ ପଞ୍ଚାୟତ ଅଧିନସ୍ଥ ଫଗୁ ଗ୍ରାମର ହାଇସ୍କୁଲ ପଡିଆ ବିର ବିର୍ସା ମୁଣ୍ଡା କ୍ଲବ ଆନୁକୁଲ୍ୟରେ ଏକାଦଶ ତ୍ରିଦିବସୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଜୟଦିପ ଏଫ୍.ସି ସମସ୍ତ ଟିମ୍‌କୁ ଚକମା ଦେଇ ଚାମ୍ପିଅନ ହୋଇଛନ୍ତି । ଫାଇନାଲ ମ୍ୟାଚରେ ଚମ୍ପୁଆ ବ୍ରଦର୍ ମଧ୍ୟରେ ଘମାଘଟ ଲଢେଇ ହୋଇଥିଲା ଏବଂ ଏକ ଶୂନ୍ୟ ଗୋଲରେ ମ୍ୟାଚ ଟିକୁ ହାତେଇ ନେଇ ଚାମ୍ପିଅନ ହୋଇଥିଲେ। ତେବେ ଏବର୍ଷର ସମସ୍ତ ମ୍ୟାଚ୍ ଚିତାକର୍ଷକ ହୋଇଥିଲା । ସବୁ ଦଳ ନିଜର ସର୍ବଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିଲେ । ଏହି ଫାଇନାଲ ଦିବସରେ ଆମ ଓଡ଼ିଶା ସରକାରଙ୍କର ଜଙ୍ଗଲ ପରିବେଶ ଓ ଶ୍ରମ ବିଭାଗ ମନ୍ତ୍ରୀ ଇଁ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳପ୍ରେମୀ ମାନଙ୍କ ମନରେ ଉତ୍ସାହିତ କରିଥିଲେ। ତାହା ସାଙ୍ଗରେ ସମାଜସେବୀ ଲାଲ ସିଂହ ଲାଗୁରି, ଡେପୁଟି ମାଇନିଙ୍ଗ ଅଫିସର ଡକ ହେସା, ଜଗନ୍ନାଥ ହେସା, ରରୁଆଁ ବ୍ଲକ ଅଧ୍ୟକ୍ଷ ଅଜିତ କୁମାର ତିରିୟା , ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରେମାନନ୍ଦ ବେହେରା, ଗଣୁଆ ସୁନ୍ଦରଗଡ଼ରୁ ତପନ ପାତ୍ର, ଟିକେଶ୍ୱର୍ ପାତ୍ର, ଦିବାକର ନାୟକ ଏବଂ ଘଗରବେଡା ଥାନା ଆଇ.ଆଇ.ସି ଯୋଗ ଦେଇଥିଲେ । ଆଗାମୀ ଦିନରେ କେମିତି ଆଉ ଭଲ ଖେଳ ହେବ ,କେମିତି ଭଲ ଖେଳାଳି ତିଆରି କରିହେବ, ଖେଳପଡିଆର କେମିତି ବିକାଶ କରାଯାଇପାରିବ ଏବଂ ତାଙ୍କ ଦ୍ୱାରା ଯେତିକି ସମ୍ଭବ ସେ ସାହାଯ୍ୟ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି। ମାନ୍ୟବର ଜଙ୍ଗଲ ଓ ପରିବେଶ, ଶ୍ରମ ବିଭାଗ ମନ୍ତ୍ରୀ ଇଞ୍ଜିନିୟର ଗଣେଶ ରାମ ସିଂ ଖୁଣ୍ଟିଆ ଏବଂ ଅଜିତ କୁମାର ତିରିୟା ମଧ୍ୟ ସମାନ ଭାବରେ ସାହାଯ୍ୟ ଯୋଗାଇ ଦେବାର ପ୍ରତିଶୃତି ଦେଇଛନ୍ତି। ଏ ବର୍ଷର ଟୁର୍ଣ୍ଣାମେଣ୍ଟକୁ ଆମ ଅଞ୍ଚଳର ଜଣାଶୁଣା ରେଫରି ଭାଇମାନେ ଯଥା ଯତୀନ୍ଦ୍ର ମହାନ୍ତ, କୃଷ୍ଣ ଚନ୍ଦ୍ର ମହାନ୍ତ,ଏମ୍‌ଡି ହଲିମ୍, ଗଜାନନ ପାତ୍ର ଓ ନୀତିଶ ମହାନ୍ତ ଅତି ସୁନ୍ଦର ଭାବେ ପରିଚାଳନା କରିଥିଲେ । ଖେଳକୁ ଚିତାକର୍ଷକ କରିବା ପାଇଁ ଖେଳର ଧାରା ବିବରଣୀ କରୁଥିଲେ କ୍ଷିରୋଦ ଗିରି, ବୁଲବୁଲ ଆପଟ ଓ ସୁରଜ୍ କୁମାର ମୁଣ୍ଡା । ଏହି ଟୁର୍ଣ୍ଣାମେଡଣ୍ଟକୁ ଆୟୋଜନ ଓ ପରିଚାଳନା କରିଥିଲେ ବୀର ବିର୍ସା ମୁଣ୍ଡା କମିଟିର ସଭାପତି ସନାତନ ସୟ, ସେକ୍ରେଟାରୀ ବିଜୟାନ୍ ହେସା, କୋଷାଧକ୍ଷ୍ୟ ଭକ୍ତ ବନ୍ଧୁ ମହାନ୍ତ, ଆଡ୍‌ଭାଇଯାର ଲକ୍ଷ୍ମୀକାନ୍ତ ବେହେରା, ଦୀପକ ହେଶା, ଗୁରୁଚରଣ ସୟ, ଟିଙ୍କୁ ହେସା, ରମେଶ ପୂର୍ତ୍ତି, କ୍ରୀଷ୍ଣା ପୂର୍ତ୍ତି, ବସନ୍ତ ନାୟକ, ବୁଲୁ ନାୟକ, ଦେବା ଲାଗୁରି, ଯଦୁମଣି ବେହେରା, ବିଶୁ ଲାଗୁରି, ଜୟକୃଷ୍ଣ ବେହେରା, ହରେକୃଷ୍ଣ ଗିରି, ଜଗନ୍ନାଥ ଗିରି, ମାନସ ରଞ୍ଜନ ମୁଣ୍ଡା, ପୁରସ୍ତମ୍ ଗିରି, କୁନୁ ଲାଗୁରି, ବାବୁଲୁ, ସୁଧୀର, ସବନ୍ ସମେତ ଆହୁରି ଅନେକ ଯୁବକ ଭାଇମାନେ ସହଯୋଗ କରିଥିଲେ। ଏବର୍ଷ ର ଏହି ଏଗାର ତମ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି ଜୟଦିପ୍ ଏଫ୍‌ସି, ରାନାର୍ସ ଅପ୍ ହେଉଛନ୍ତି ଚାମ୍ପିଆ ବ୍ରଦର, ଏବଂ ତୃତୀୟ ଓ ଚତୁର୍ଥ ସ୍ଥାନ ଯଥାକ୍ରମେ ନାୟକ ଏଣ୍ଡ ନାୟକ ଓ ପି.କେ ବ୍ରାଦର୍ ଅଧିକାର କରିଛନ୍ତି । ପରି ଶେଷରେ କମିଟିର ସଭାପତି ସନାତନ ସଏ ମଞ୍ଚାଷିନ ଅତିଥି, ଚମ୍ପିୟାନ ଟିମ ସମେତ ସମସ୍ତ ଫୁଟ୍‌ବେଲ୍ ଟିମ୍‌ଙ୍କୁ ଏବଂ ଦର୍ଶକଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ମେଡର୍ନ ଡିଗ୍ରୀ କଲେଜରେ ଜାତୀୟ ଉପଭୋକ୍ତା ଦିବସ ଅନୁଷ୍ଠିତ ହୋଇଯାଇଛି। ଖାଉଟି ଉପଭୋକ୍ତା, ସାମଗ୍ରୀ ପ୍ରସ୍ତୁତକାରୀଙ୍କ ମଧ୍ୟରେ ଆର୍ଥିକ ପରିସ୍ଥିତିକୁ ସୁଦୃଢ଼ କରିବା ସହ ଖାଉଟିମାନଙ୍କ ସୁସ୍ଥ ଜୀବନଯାପନ ଏବଂ ସାମଗ୍ରୀ ପାଇବାରେ ଯେପରି ବ୍ୟତିକ୍ରମ ନ ଘଟେ ସେଥିପାଇଁ ଉଭୟ ସଚେତନତା ହେବାର ଆବଶ୍ୟକତା ରହିଛି। ଖାଉଟିମାନେ ବିଭିନ୍ନ ସାମଗ୍ରୀ ଦୈନିକ ବ୍ୟବହାର କରୁଥିବା ବେଳେ ତା'ର ଟ୍ୟାକ୍ସ ସରକାରଙ୍କୁ ଦିଅନ୍ତି। ଏପରିକି ଜୋତା ଠାରୁ ଆରମ୍ଭ କରି ପାନିଆ ପର୍ଯ୍ୟନ୍ତ ଟ୍ୟାକ୍ସ ଦେଇଥାନ୍ତି। ଅନେକ କଳା ବଜାରକାରୀ ଦେଶରେ ନକଲି ସାମଗ୍ରୀ ପ୍ରସ୍ତୁତକରି ସରକାରଙ୍କୁ ଟ୍ୟାକ୍ସ ଫାଙ୍କି ଖାଉଟିମାନଙ୍କୁ ଯୋଗାଇଥାନ୍ତି। ଫଳରେ ଅନେକେ ସଚେତନତା ଅଭାବରୁ ନିମ୍ନମାନ ଏବଂ ନକଲି ସାମଗ୍ରୀ ବ୍ୟବହାର ଦ୍ୱାରା ଆର୍ଥିକ କ୍ଷତି ସହିଥାନ୍ତି ଓ ତେଣୁ ଖାଉଟି କଲ୍ୟାଣ ଯୋଜନାର ବିଭିନ୍ନ ନିୟମ ସମ୍ପର୍କରେ ଆଜି ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଖାଉଟିମାନଙ୍କୁ ଅତିଥିଙ୍କ ଦ୍ୱାରା ସଚେତନ କରାଯାଇଥିଲା। ପରିବର୍ତ୍ତନ ସଂସ୍ଥାର ସମ୍ପାଦକ ନିତ୍ୟାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ଜିଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ, ଉପଭୋକ୍ତା ରେଜିଷ୍ଟ୍ରାର ଅଶୋକ କୁମାର ପଟ୍ଟନାୟକ, ଅଧ୍ୟାପକ ଦେବାଶିଷ କର, ଡେପୁଟି କଣ୍ଟ୍ରୋଲର ଲିଗାଲ ମେଟ୍ରୋଲୋଜି ନଳିନୀ ଶଙ୍କର ପାଣିଗ୍ରାହୀ, ସହକାରୀ ପ୍ରଫେସର ଦେବାଶିଷ ପାହି ପ୍ରମୁଖ ଅଂଶଗ୍ରହଣ କରି ଆଜିର ଦିବସ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ବଡ଼ଦିନରେ ପୀରଜାହାନିଆ ପର୍ଯ୍ୟଟନସ୍ଥଳୀ ଖାଁ ଖାଁ





## ବର୍ଷା ସାଜିଲା ବାଧକ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ବଡ଼ଦିନର ମଜା ନେବା ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ପୀରଜାହାନିଆ ଓ ଗଙ୍ଗାଦେବୀ ନିକଟରେ ଜମିଥାଏ ରାଜ୍ୟର କୋଣ ଅନୁକୋଣରୁ ପର୍ଯ୍ୟଟକଙ୍କ ଭିଡ଼। ଶୀତଋତୁ ଆଣେ ପର୍ଯ୍ୟଟକଙ୍କ ମନରେ ଅନେକ ଉନ୍ମାଦନା। ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରି ଝାଉଁ ବଣ ସହ ପୀରଜାହାନିଆ ନିକଟରେ ବଣଭୋଜିର ଆସର ଜମେ। ଏହାର ମଜା ନେବା ପାଇଁ 'ବଡ଼ ଦିନ'ରେ ଭିଡ଼ ଜମେ। କିନ୍ତୁ ଚଳିତ ବର୍ଷ ଲଘୁଚାପ ବର୍ଷା ଯୋଗୁଁ ପୀରଜାହାନିଆ ପର୍ଯ୍ୟଟନସ୍ଥଳୀ ଖାଁ ଖାଁ। ପୁରୁଣା ବର୍ଷକୁ ବିଦାୟ ଦେବା ପାଇଁ ପ୍ରତିବର୍ଷ ଭଳି ଧାଇଁ ଆସନ୍ତି ଅନେକ ପର୍ଯ୍ୟଟକ। ସମୁଦ୍ର ବେଳାଭୂମି ସ୍ନାନ କରି ମଜା ନେବା ସହ ବଣଭୋଜିର ମଜା ନେବା ପାଇଁ ଭିଡ଼ ଜମେ। କିନ୍ତୁ ଲଘୁଚାପ ବର୍ଷା ଜାରୀ ରହିଥିବାରୁ ସତେ କି ଫିକା ପଡିଯାଇଛି। ଏହି ପୀରଜାହାନିଆ କୋଳାହଳ ପୂର୍ଣ୍ଣ ସ୍ଥାନଟି ନିସ୍ତବ୍ଧ ହୋଇଯାଇଛି। କିନ୍ତୁ ପୀରଜାହାନିଆ ପୀଠରେ ବ୍ୟବସାୟ କରି ବଂଚୁଥିବା ଅନେକ ବ୍ୟବସାୟୀ ଚିନ୍ତାରେ। ପର୍ଯ୍ୟଟକଙ୍କ ଭିଡ଼ ଜମିଲେ କିଛି ରୋଜଗାର ହେଲେ ପରିବାର ଚଳେ। କିନ୍ତୁ ବଡ଼ ଦିନ ସହ ଛୁଟି ଦିନ ଥିବା ସତ୍ୱେ ବର୍ଷା ବାଧକ ସାଜିଥିବାରୁ ପର୍ଯ୍ୟଟକଙ୍କ ଭିଡ଼ ହୋଇନଥିବାରୁ ନାହିଁ ନ ଥିବା ଦୁଃଖ ବ୍ୟବସାୟୀଙ୍କର।

# ଚିନ୍ତା ବଢ଼ାଇଲାଣି ବ୍ରାଉନସୁଗର

- ମନ୍ଦିର ହୁଣ୍ଡି ଲୁଟୁଛନ୍ତି ନିଶାଡ଼ି
- ୩ଶହରୁ ୨ ଶହ ଟଙ୍କାରେ ମିଳୁଛି ପୁଡିଆ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଚିନ୍ତା ବଢ଼ାଇଲାଣି ଡ୍ରଗ୍ସ ମାଫିଆଙ୍କ କାରନାମା। ଏହି ବ୍ରାଉନସୁଗାର ବେପାର ଏବେ ଏମିତି ବଢ଼ିଲାଣି ଯେ ଗାଁ ଗାଁରେ ଅଶାନ୍ତ ହେଲାଣି ବାତାବରଣ। ମଦ ନିଶାକୁ ଛାଡି ଏହି ଡ୍ରଗ୍ସ ନିଶାରେ ସାମିଲ ହେବାକୁ ଯୁବଗୋଷ୍ଠୀଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଞ୍ଚଳ ତାଳଦା ବିଜୁ ସେତୁ, ଶିଖରଘାଟ ରୋଡ଼, ଖଣ୍ଡାସାହି, ଉକୁଳେଇ, ନଗର, ଆଳସାହି, ଅସ୍ତରଙ୍ଗ, ନୂଆଗଡ, ସରିପୁର, ଅସ୍ତରଙ୍ଗ ବଜାର ଅଞ୍ଚଳରେ ଏହି ବ୍ରାଉନ ସୁଗାର କାୟା ବିସ୍ତାର କଲାଣି। ନିଶା ସେବନକାରୀଙ୍କ ଲାଗି ପ୍ରତିଦିନ ଟଙ୍କା ଆବଶ୍ୟକ। ଜିଲ୍ଲାରେ ଆତଜାତ ହେଉଥିବା ଡ୍ରଗ୍ସ ମାଫିଆମାନେ ଏହି ନିଶା ସେବନକାରୀଙ୍କୁ ଟାର୍ଗେଟ କରି ଏମିତି ଅଭ୍ୟସ୍ତ କରିଦେଲେଣି ଯେ, ଯେମିତି ହେଉ ସନ୍ଧ୍ୟାବେଳେ ଡ୍ରଗ୍ସ ନ ମିଳିଲେ ଏମାନେ ପାଗଳ ହୋଇଯାଉଛନ୍ତି। ଏପରିକି କିସ୍ତି ଅନୁସାରେ ଡ୍ରଗ୍ସର ବାକିଆ ପେମେଣ୍ଟ ନେଉଛନ୍ତି ଛୋଟ ବେପାରୀ। ଏହି କିସ୍ତି ସମୟ ହୋଇଗଲା ବେଳକୁ ବେପାରୀଙ୍କର ଆକଟ ଯୋଗୁଁ ପାଗଳ ପ୍ରାୟ ହୋଇ ଏହି ନିଶାଡିମାନେ ମଠ ମନ୍ଦିରର ହୁଣ୍ଡୀବାକ୍ସ ଉପରେ ଲୋଲୁପ ଦୃଷ୍ଟି ପକାଉଛନ୍ତି। ଯେଉଁଥିପାଇଁ ମନ୍ଦିର ବାହାରେ ଓ ମନ୍ଦିର ଭିତରେ ରହୁଥିବା ହୁଣ୍ଡୀବାକ୍ସରୁ ଖୁଚୁରା ପଇସା ଓ ଟଙ୍କାକୁ ବି ଲୁଟିଚାଲିଛନ୍ତି ଏହି ନିଶାଡି। ଗତ ଏକ ମାସ ତଳେ ଅସ୍ତରଙ୍ଗ ବ୍ଲକଅଞ୍ଚଳ ରେ ଏହି ଲୁଟେରାଙ୍କ ଆତଜାତ ବେଶୀ ମାତ୍ରାରେ ଦେଖା ଯାଉଛି। କିଛି ଦିନ ପୂର୍ବେ ନୂଆଗଡ ସାମୁଦ୍ରିକ ଥାନା ଝାଡ଼ଲିଙ୍ଗ ଶିବ ମନ୍ଦିର ନିଶାଡୀ ଭାଙ୍ଗି ଲୁଟିଥିଲେ। ଅସ୍ତରଙ୍ଗ ଥାନା ଶ୍ରୀ ଶ୍ରୀ କନ୍ଦେଶ୍ୱର ଶିବ ମନ୍ଦିରରୁ ଚୋରି ମଧ୍ୟ ହୋଇଛି ।ଝାଡ଼ଲିଙ୍ଗ ମନ୍ଦିରରୁ ସାଉଣ୍ଡ ସେଟ ଶହ ଏକାଧିକ ସ୍ଥାନରେ ଲୁଟିଲେଣି। ଚୋରି ବଡ଼ ଧରଣର ହେଉ ନଥିଲେ ବି ସମସ୍ତ ମନ୍ଦିରକୁ ମିଶାଇ ଲକ୍ଷାଧିକ ମୂଲ୍ୟର ସୁନା ଓ ରୂପା ଅଳଙ୍କାର ସମେତ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। ଏହି ଚୋରି ପଛରେ ଅଭ୍ୟସ୍ତ ନିଶାଖୋର ମାନେ ଜଡିତ ବୋଲି ପାରିପାର୍ଶ୍ୱିକ ଅବସ୍ଥା ବୟାନ କରୁଛି। ବିଭିନ୍ନ ମନ୍ଦିରରୁ ଗ୍ରିଲ କବାଟ ଭାଙ୍ଗି ଠାକୁର ଏବଂ ଠାକୁରାଣୀ ଙ୍କ ସୁନା ଓ ରୂପା ଅଳଙ୍କାର ନେଇ ଯାଉଛନ୍ତି। କେବଳ ସେତିକି ନୁହେଁ ଏମାନେ ମନ୍ଦିର ପୂଜାରେ ବ୍ୟବହାର ହେଉଥିବା କଂସା ଓ ପିତ୍ତଳ ସାମଗ୍ରୀ ଏପରିକି ଘଣ୍ଟ ମଧ୍ୟ ଛାଡୁନାହାନ୍ତି। ସ୍ଥାନୀୟ ଅଞ୍ଚଳରେ ଦିନକୁ ଦିନ ଅବାଧ ବ୍ରାଉନସୁଗାର କାରବାର ବଢିବାରେ ଲାଗିଛି। ସ୍ଥାନୀୟ ବାସିନ୍ଦା ଦାବୀ କରିଛନ୍ତି ପୋଲିସ ପ୍ରଶାସନ ଏହା ପ୍ରତି ନଜର ଦେବାକୁ।

## ୭ରେ ନରସିଂ ଡମ୍ ସମାଜର ସମ୍ମିଳନୀ ନେଇ ପ୍ରସ୍ତୁତି ବୈଠକ

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସହିଦ ନରସିଂଡମ୍ ସମାଜ ପକ୍ଷରୁ ଜାନୁଆରି ୭ ତାରିଖରେ ଏକ ବିଶାଳ ସମ୍ମିଳନୀ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ଡିଏନ୍‌କେ ପଡିଆ ଠାରେ ୨୦ ହଜାରରୁ ଉର୍ଦ୍ଧ୍ୱ ସଦସ୍ୟ ଏକାଠି ହେବେ ଏବଂ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବେ। ଏଥିପାଇଁ ସମାଜ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ବଳରାମ ଅନୁଗୁଳିଆ ଅଧ୍ୟକ୍ଷତା କରିଥିବା ବେଳେ ସଂପାଦକ ତୁଳସୀରାମ ଦଳାଇ, ଡମ୍ବରୁ ବାଗ, ପର୍ଶୁରାମ ଭକ୍ତ, ମଦନ ଖୋସଲା, କୁମୁଟି ମାଣ୍ଡି, ପୋଲିସ ରାମ ମାଣ୍ଡି, କଣ୍ଟେଶ୍ୱର ପଟଲା, ସର୍ବ କୁମାର ବିଷୋୟୀ, କାଳୀଦାସ ସଗଡିଆ, ବସନ୍ତ ନାୟକ, ସନ୍ତୋଷ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଜାନୁଆରି ୭ ତାରିଖ ସ୍ଥାନୀୟ ବସଷ୍ଟାଣ୍ଡ ଠାରୁ ବିଶାଳ ରାଲି ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରାଯିବ , ଏହାପରେ ଡିଏନ୍‌କେ ଖେଳ ପଡିଆରେ ସାଧାରଣ ସଭା ହେବ । ଭାରତ ସରକାର ୨୦୧୭ ମସିହା ଜାନୁଆରି ୧୮ ତାରିଖରେ ଦେଇଥିବା ଚିଠି ଅନୁଯାୟୀ ଆଦିବାସୀ ମାନ୍ୟତା ପ୍ରଦାନ ନେଇ ନୂତନ ମାର୍ଗଦର୍ଶିକା ପ୍ରକାରେ ଡମଙ୍କୁ ଆଦିବାସୀ ମାନ୍ୟତା ପ୍ରଦାନ କରାଯାଉ। ଜିଲ୍ଲାରେ ବସବାସ କରୁଥିବା ଭୂମିହୀନଙ୍କୁ ଓଡ଼ିଶା ଭୂ-ସଂସ୍କାର ଆଇନ ଅନୁଯାୟୀ ସ୍ଥାୟୀ ଭାବେ ଥଇଥାନ, ସମସ୍ତ ମୂଳନିବାସୀ ଶିକ୍ଷିତ ଡମ ଯୁବକଯୁବତୀଙ୍କୁ ଯୋଗ୍ୟତା ଅନୁଯାୟୀ ସ୍ୱତନ୍ତ୍ର ସଂରକ୍ଷଣ ପ୍ରଦାନ, ୨୦୦୫ ର ଜମି ଅଧିକାର ଆଇନ ଅନୁଯାୟୀ ମୂଳନିବାସୀ ଡମଙ୍କୁ ଗୋଷ୍ଠୀଗତ ଓ ବ୍ୟକ୍ତିଗତ ଅଧିକାର ନିମନ୍ତେ ପଟ୍ଟା ପ୍ରଦାନ କରାଯାଉ ଏବଂ ଧର୍ମ ନିର୍ବିଶେଷରେ ମୂଳନିବାସୀ ଡମଙ୍କ ଜାତିଭିତ୍ତୀକ ଗଣନା କରାଯାଉ ବୋଲି ଦାବି କରାଯିବା ନେଇ ଆଲୋଚନା କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ





ମାଲକାନଗିରି (ଭାସ୍କର ନ୍ୟୁଜ): ମହାନ ଜନନାୟକ ତଥା ଯଶସ୍ୱୀ କବି ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ପାଳନ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ତତ୍ତ୍ୱାବଧାନରେ ରେ ସଂସ୍କୃତି ଭବନଠାରେ ଆୟୋଜିତ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଗୁରୁବନ୍ଧୁ ପୂଜାରୀ, ଆଇପିଓ, ଶୁଭଶ୍ରୀ ଦଣ୍ଡପାଟ ଓ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦୁଷ୍ମନ୍ତ ଜେନା ଯୋଗଦେଇ ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ଭଳି ଜନନାୟକ ଦେଶରେ ବିରଳ ବୋଲି ଅଭିହିତ କରିଥିଲେ। ବାଜପେୟୀଙ୍କ ଶାସନ କାଳରେ ଦେଶରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ସେବା ଗଣତନ୍ତ୍ରକୁ ଏକ ନୂତନ ରୂପ ପ୍ରଦାନ ସହ ପ୍ରକୃତ ସୁଶାସନର ଅୟମାରମ୍ଭ ହୋଇଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ କହିଥିଲେ। ମୁଖ୍ୟବକ୍ତା ଭାବେ ଡଃ ଶ୍ୟାମା ପ୍ରସାଦ ଡ଼ିଗ୍ରୀ କଲେଜର ଅଧ୍ୟକ୍ଷ ପ୍ରବାସିନୀ ମହାପାତ୍ର ଯୋଗଦେଇ ବାଜପେୟୀଙ୍କ ଭଳି ରାଷ୍ଟ୍ରନୀତିଜ୍ଞ ଏବଂ ଉଚ୍ଚକୋଟିର ମାନବବାଦ ଚିନ୍ତାଧାରା ଆମ ସମସ୍ତଙ୍କୁ ସବୁବେଳେ ଉଦ୍‌ବୁଦ୍ଧ କରୁଥିବ ବୋଲି କହିଥିଲେ। ସେ ଆହୁରି ମଧ୍ୟ କହିଥିଲେଯେ ରାଷ୍ଟ୍ରୀୟ ଚେତନାରେ ଉଦ୍‌ବୁଦ୍ଧ ଶ୍ରେଷ୍ଠ ରାଷ୍ଟ୍ରପୁରୁଷ ଭାବେ ଅଭିହିତ କରି ତାଙ୍କରି ଆଦର୍ଶରେ ଭାରତୀୟ ଗଣତନ୍ତ୍ର ଅନୁପ୍ରାଣିତ ହେବା ଉଚିତ୍ । କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ ।ଏହି ଅବସରରେ ଉଚ୍ଚ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ସେହିପରି ଅଟଳ ବିହାରି ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ତାଙ୍କରି ଜୀବନୀ ଉପରେ କବିତା ପାଠୋତ୍ସବ ଆୟୋଜନ କରାଯାଇଥିଲା । ଜିଲ୍ଲାର ଅନେକ କବି ଏହି କବିତା ପାଠୋତ୍ସବରେ ଭାଗ ନେଇଥିଲେ। ଏହି ଅବସରରେ କବିତା ପାଠୋତ୍ସବରେ ଭାଗ ନେଇଥିବା କବି ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ଡଃ ରଞ୍ଜନ ସ୍ୱାଇଁ, ହରେକୃଷ୍ଣ କୀର୍ତ୍ତନିଆ, ରଞ୍ଜନ କୁମାର ମହାନ୍ତି ଓ ସୂଚନା ଓ ଲୋକସଂପର୍କ ବିଭାଗର କର୍ମଚାରୀ ସହାୟତା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଓ ମିଶନ ଶକ୍ତିର ମାଆମାନେ ଉପସ୍ଥିତ ଥିଲେ।

# ମହିଳା ସରକାରୀ ଉଦ୍ୟୋଗ ପକ୍ଷରୁ କମ୍ବଳ ଓ ଖାଦ୍ୟ ବଣ୍ଟନ





ବ୍ରଜରାଜନଗର(ଭାସ୍କର ନ୍ୟୁଜ): ବ୍ରଜରାଜନଗର ପୌରପରିଷଦ ଅନ୍ତର୍ଗତ ଚୂଆକାନୀ ଖଡିଆ ପଡା ଠାରେ ମହାନଦୀ କୋଇଲା ଖଣି ଇବ୍ ଭ୍ୟାଲି କ୍ଷେତ୍ର ମହିଳା ସରକାରୀ ଉଦ୍ୟୋଗ ପକ୍ଷରୁ ଅସହାୟ ଗରିବ ମାନଙ୍କୁ କମ୍ବଳ, ପ୍ରତ୍ୟେକ ପରିବାରକୁ ଦୁଇକେଜି ଅଟା, ବାଳିକାମାନଙ୍କୁ ସାନିଟାରୀ ପ୍ୟାଡ ଓ ଛୋଟ ଛୁଆମାନଙ୍କୁ ବିସ୍କୁଟ ବଣ୍ଟନ କରାଯାଇ ଏକ ସଭାର ଆୟୋଜନ ହୋଇଥିଲା । ଇବ୍ ଭ୍ୟାଲି ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ଓ କେନ୍ଦ୍ରୀୟ ଚିକିତ୍ସାଳୟରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ମହିଳାମାନଙ୍କ ପକ୍ଷରୁ ଏହି ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ମହିଳା ସରକାରୀ ଉଦ୍ୟୋଗର ସଂଯୋଜିକା ତଥା କେନ୍ଦ୍ରୀୟ ଚିକିତ୍ସାଳୟର ଡେପୁଟି ସି ଏମ ଓ ଡାକ୍ତର ନୀତା ପ୍ରକାଶ ଯୋଗଦେଇ ମହିଳା ଓ ଶିଶୁମାନଙ୍କ ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ବିଷୟରେ ଆଲୋଚନା କରିଥିଲେ । ଏହି ସଭାରେ ମହିଳା ସରକାରୀ ଉଦ୍ୟୋଗ ସହ ସଂଯୋଜକ ମୌସୁମୀ ପଣ୍ଡା, ସମ୍ପାଦକ ଶଶିକଳା ଦାସ, ଡାକ୍ତର ସ୍ମିତା ରଞ୍ଜନ, ମୋନିକା ସିହ୍ନା, ସୋନି, ବିନି ବେହେରା, ପୁଷ୍ପା, ବିନୟ ପଟେଲ ରଞ୍ଜୁ, ଭାଗ୍ୟଶ୍ରୀ, ପ୍ରତିଭା, ମୌସୁମୀ ଦାସ, ଏସ ବଢ଼େଇ, ସୁଷମା, ନିଲାମ, ସନ୍ଧ୍ୟାରାଣୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର


## ■ ୧୦୦ ୟୁନିଟ ରକ୍ତ ସଂଗ୍ରହ



ପରଜଙ୍ଗ (ଭାସ୍କର ନ୍ୟୁଜ): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସରାଙ୍ଗ ବୋଲବମ୍ ମନ୍ଦିର ପ୍ରାଙ୍ଗଣରେ ବୁଧବାର ଦିନ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି ।, ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତରତ୍ନ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକ ସମାରୋହ ଅବସରରେ ସରାଙ୍ଗ ବାଜିରାଉତ ଯୁବକ ସଂଘ ଆନୁକୂଲ୍ୟରେ ଏହି ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ।ଯୁବକ ସଂଘର ଉଦ୍ୟମୀ ସଦସ୍ୟ ବିରେନ୍ଦ୍ର ସାହୁଙ୍କ ନେତୃତ୍ୱରେ ସଂଘର ସଭାପତି ବାପି ,ସମ୍ପାଦକ କାହ୍ନୁଙ୍କ ସହଯୋଗରେ ଆୟୋଜିତ ରକ୍ତଦାନ ଶିବିରରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଥିଲେ । ଶିବିରରେ ଅନ୍ୟତମ ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା , ବିଜେପି ଦଳର ଯୁବ ନେତା ତଥା ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ଦଳବେହେରା ଯୋଗ ଦେଇଥିବା ବେଳେ, ଅନ୍ୟତମ ଅତିଥି ଭାବେ ସମିତି ସଭ୍ୟ ବାସୁଦେବ ଦାସ , ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଶରତ ଚନ୍ଦ୍ର ସାହୁ ,ମଣ୍ଡଳ ସଭାପତି ଦୟାନିଧି ସାହୁ , ଦଳର ବରିଷ୍ଠ ନେତା ଅନିଲ କୁମାର ଭୂତିଆ , ସମାଜସେବୀ ହୃଦୟ ଚନ୍ଦ୍ର ଚମ୍ପତସିଂହ,,ସମାଜ ସେବୀ ଅମୂଲ୍ୟ କୁମାର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥି,ସଂଘର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।ସର୍ବୋପରି ଉକ୍ତ ଶିବିରରେ ତାଳଚେର ବ୍ଲଡ଼ ବ୍ୟାଙ୍କର ଡାକ୍ତର , ଟେକ୍ନିସିଆନ ଟିମ ଆସି ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଠାରୁ ଶହେ ୟୁନିଟ ରକ୍ତ ସଂଗୃହୀତ କରିଥିବା ବେଳେ, ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ଙ୍କ ଦ୍ୱାରା ରକ୍ତଦାତାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

# ୩ମାସ ପରେ ବି ମରାମତି ହୋଇପାରୁନାହିଁ ରାସ୍ତା

## ପୌର ପରିଷଦ ସହରୀସୌନ୍ଦର୍ଯ୍ୟକରଣର ନଗ୍ନ ନମୁନା



ଜଗତସିଂହପୁର (ଭାସ୍କରନ୍ୟୁଜ): ଜଗତସିଂହପୁର ପୌର ପରିଷଦ ସହରୀ ସୌନ୍ଦର୍ଯ୍ୟ କରଣ ନାମରେ ବିଭିନ୍ନ ୱାର୍ଡ ରେ କୋଟି କୋଟି ଟଙ୍କା ବ୍ୟୟରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେଇଛି ,ହେଲେ ତାହା ବାସ୍ତବ ରୂପାୟନ କ୍ଷେତ୍ରରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହାର ନଗ୍ନ ନମୁନା ଦେଖିବାକୁ ମିଳିଛି ଜଗତସିଂହପୁର ପୌର ପରିଷଦ ସାତ ନମ୍ବର ୱାର୍ଡରେ ।ଏହି ୱାର୍ଡର ମାଳିସାହିଗଡ଼ା ଠାରୁ ତାରିଣୀ ହରିଜନ ସାହି ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ପୂର୍ଣ୍ଣାଙ୍ଗ ପରେ ଚଳିତ ବର୍ଷ ଅଗଷ୍ଟ ମାସ ରେ ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଏବଂ ପାରିଷଦଗଣ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ହେଲେ ବିଡମ୍ବନା ର ବିଷୟ ଉଦଘାଟନର ମାସକ ପରେ ନିକଟରେ ଥିବା କେନାଲରେ ଏକ ଘଳିଆ ସୃଷ୍ଟି ହେବାରୁ ଅତଡ଼ା ଖସି ରାସ୍ତାଟି ସମ୍ପୂର୍ଣ୍ଣ ଭାଙ୍ଗି ଗଳି ପଡିବା ଦ୍ୱାରା ସାତ ନମ୍ବର ୱାର୍ଡ ର ପାଂଚଶହରୁ ଉର୍ଦ୍ଧ୍ୱ ଜନସାଧାରଣ ଯାତାୟତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସମ୍ପର୍କ ରେ ଅଂଚଳବାସୀ ସ୍ଥାନୀୟ କାଉନସିଲର, ଚେୟାରମ୍ୟାନ, ବିଭାଗୀୟ ଅଧିକାରୀଙ୍କୁ ଘଟଣା ସମ୍ପର୍କ ରେ ବାରମ୍ବାର ଅବଗତ କଲେ ମଧ୍ୟ କେନାଲ ରାସ୍ତା ର ମରାମତି କାର୍ଯ୍ୟ ହୋଇପାରିନାହିଁ ।ଚଳିତ ଲଘୁଚାପ ବର୍ଷାରେ ଏହି କେନାଲରେ ଉଦବୃତ୍ତ□ବର୍ଷା ଜଳ ନିକଟରେ ଥିବା ଧାନକ୍ଷେତରେ ମାଡିଯିବାରୁ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଯାଇଛି । ଏଥିନେଇ ସାତ ନମ୍ବର ୱାର୍ଡ ବାସି ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ଖବର ଅନୁଯାୟୀ ସାତ ନମ୍ବର ୱାର୍ଡ କାଉନସିଲର ଗୁଲାମ୍ ଅଲ୍ଲୀ ଖାଁ ଜଳସେଚନ ବିଭାଗର ଅଧିକାରୀଙ୍କ ସହ ସେ ଆଲୋଚନା କରିବା ଅନୁଯାୟୀ ସେ କାର୍ଯ୍ୟ ହୋଇଯିବା କଥା କିନ୍ତ ଦୁଃଖର ସହ କହିଲେ ତାହା ଏପର୍ଯ୍ୟନ୍ତ ହୋଇ ପାରି ନାହିଁ। ତେବେ କେବେ ସାତ ନମ୍ବର ୱାର୍ଡ ବାସିଙ୍କ ସମସ୍ୟା ସମାଧାନ ହେବ ତାହା ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ବ୍ଲକ ଅଧ୍ୟକ୍ଷା ଶ୍ୱଶୁରଙ୍କ ବିୟୋଗରେ ଶୋକ

ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରାଙ୍କ ଶ୍ୱଶୁର ବିଦ୍ୟାଧର ବେହେରାଙ୍କ ୮୦ବର୍ଷ ବୟସରେ ବୁଧବାର ସକାଳେ ତାଙ୍କ ବାସ ଭବନରେ ବାର୍ଦ୍ଧକ୍ୟ ଜନିତ ଦେହାନ୍ତ ଘଟିଛି ।ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଅମାୟିକ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ବ୍ଲକ ଉପାଧ୍ୟକ୍ଷା ଦେବାଶିଷ ତ୍ରିପାଠୀ, ଏରଡଙ୍ଗା ସରପଞ୍ଚ ଧର୍ମାନନ୍ଦ ସେଠୀ, ରାଡଙ୍ଗ ସରପଞ୍ଚ ସୁଶିଳ ବାରିକ, ପ୍ରାନ୍ତ ରଶ୍ମୀ ପାଳ,ଅଜୟ ଶାମଲ, ଯୁବନେତା ମନୋରଞ୍ଜନ ରାୟ, ଉମାକାନ୍ତ ନାୟକ, ବିଜୁ ରାୟ, ପ୍ରମୁଖ ସ୍ୱର୍ଗତ ବେହେରାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ସୁଶାନ୍ତ ବେହେରା ମୁଖାଗ୍ନି ଦେଇଥିଲେ।




# ରାଶିଫଳ


**ଗୁରୁବାର, ୨୬ ଡିସେମ୍ବର ୨୦୨୪**




**ମେଷ:** ଆଜିର ଦିନଟି ଶୁଭ ହେବ। ପ୍ରିୟଜନ, ଆତ୍ମନିର୍ଭରଶୀଳତା ଏବଂ ସାଙ୍ଗମାନଙ୍କ ସହିତ ସାମାଜିକ କାର୍ଯ୍ୟ କରିବାରେ ପୁରା ଦିନ ଅତିବାହିତ ହେବ। ବନ୍ଧୁମାନେ ଉପକୃତ ହେବେ ଏବଂ ସେମାନଙ୍କ ପାଇଁ ଟଙ୍କା ମଧ୍ୟ ଖର୍ଚ୍ଚ କରିବାକୁ ପଡିବ।




**ବୃଷ:** ନୂତନ କାର୍ଯ୍ୟଗୁଡ଼ିକର ଆୟୋଜନ କରିବେ। ଅମଲାତନ୍ତ୍ର ଏବଂ ବ୍ୟବସାୟୀଙ୍କ ପାଇଁ ଆଜି ଏକ ଭଲ ଦିନ। ଉଚ୍ଚ ପଦାଧିକାରୀଙ୍କ ଉଚ୍ଚ ପ୍ରୋଫାଇଲ୍ ରହିବ। ପୁରୁଣା ଅସମ୍ପୂର୍ଣ୍ଣ କାର୍ଯ୍ୟ ସମାପ୍ତ ହେବ। ପଦୋନ୍ନତି ଅର୍ଥନୈତିକ ଲାଭ ଆଣିପାରେ।



**ମିଥୁନ:** ଆଜି ଆପଣଙ୍କ ପାଇଁ ମାନସିକ ଦ୍ୱନ୍ଦ୍ୱ ଏବଂ ଜଟିଳତାର ଦିନ। ସମସ୍ତଙ୍କ ଶରୀର, ମନ ଏବଂ ଧନରେ ବାଧା ଆସିବ। ପ୍ରତିଯୋଗୀମାନଙ୍କ ସହିତ କୌଣସି ପ୍ରକାର ଆଲୋଚନାରୁ ଦୂରେଇ ରୁହନ୍ତୁ।



**କର୍କଟ:** ଆଜି, ଆପଣଙ୍କର ଦିନ ପ୍ରତିକୂଳ ପରିସ୍ଥିତିରେ ପରିପୂର୍ଣ୍ଣ। ପରାମର୍ଶ ଦିଆଯାଇଛି ଯେ ଆପଣ କୈାଣସି ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ ଏବଂ ଆଜି ଚିକିତ୍ସା ଏବଂ ଅସ୍ତ୍ରୋପଚାରରୁ ମଧ୍ୟ ଦୂରେଇ ରୁହନ୍ତୁ। କ୍ରୋଧରୁ ଦୂରରେ ରୁହନ୍ତୁ। ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେବ।



**ସିଂହ:** ଆଜି ଆପଣଙ୍କ ଦିନ ମଧ୍ୟମ ଫଳପ୍ରଦ। ଘରୋଇ ବ୍ୟବସାୟରେ ସାବଧାନ ରୁହନ୍ତୁ। ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ। ବରିଷ୍ଠ ଏବଂ ପ୍ରିୟଜନଙ୍କ ପାରସ୍ପରିକ କ୍ରିୟା ବୃଦ୍ଧି ପାଇବ। ଏକ ସୁନ୍ଦର ସ୍ଥାନକୁ ଯାତ୍ରା କରିପାରନ୍ତି।




**କନ୍ୟା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ। ଘରେ ସୁଖ ଏବଂ ଶାନ୍ତିର ପରିବେଶ ରହିବ ଏବଂ ମନ ମଧ୍ୟ ଖୁସି ହେବ। ଏକ ସୁଖଦ ବ୍ୟାପାର ହେବ। ରୋଗରେ ପୀଡିତଙ୍କ ଅବସ୍ଥା ସୁଧୁରିବା ସହିତ ସନ୍ତୁଷ୍ଟ ହେବାର ଭାବନା ରହିବ।



**ତୁଳା:** ଆଜି ଆପଣ ଦିନଟି ଖୁସିରେ ବିତିବ। ବୌଦ୍ଧିକ ଧାରା ଏବଂ ଆଲୋଚନା ପାଇଁ ଦିନଟି ଭଲ। ଆଜି, ଆପଣ କଳ୍ପନାର ସର୍ବୋତ୍ତମ ଉପଯୋଗ କରିବେ। ପିଲାମାନଙ୍କଠାରୁ ଭଲ ଖବର ପାଇ ହୃଦୟ ଖୁସି ହେବ।



**ବିଛା:** ଆଜି ଏକ ଶାନ୍ତିପୂର୍ଣ୍ଣ ଦିନ ହେବ। ମନ ଚିନ୍ତିତ ରହିବ ଏବଂ ବ୍ୟକ୍ତିଗତ ସମ୍ପର୍କ ମଧ୍ୟରେ ପାର୍ଥକ୍ୟ ଅଛି, ତଥାପି କୈାଣସି କ୍ଷତି ହେବ ନାହିଁ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ, ଟଙ୍କା କ୍ଷତି ହୋଇପାରେ।




**ଧନୁ:** ଯଦି ଆପଣ ଆଜି ନୂତନ କାର୍ଯ୍ୟ ଆରମ୍ଭ କରନ୍ତି, ତେବେ ଆପଣ ନିଶ୍ଚିତ ଭାବରେ ସଫଳତା ପାଇବେ। ଏହା ସାଙ୍ଗ ଏବଂ ପ୍ରିୟଜନଙ୍କ ମିଶ୍ରଣରେ ହେବ। ଶୁଭଫଳ ମିଳିବ ଏବଂ ସାମାଜିକ ସମ୍ମାନ ମଧ୍ୟ ଉପଲବ୍ଧ ହେବ।




**ମକର:-** ଆଜି ଆପଣଙ୍କର କଣ୍ଟିଜେନ୍ସି ଟଙ୍କା ମିଳିପାରେ। ପରିବାର ସଦସ୍ୟଙ୍କ ସହ ବିବାଦ ହେବାର ସମ୍ଭାବନା ଅଛି ଯାହା ଘରକୁ ବିଶୃଙ୍ଖଳିତ କରିପାରେ। ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ। ନକାରାତ୍ମକ ଚିନ୍ତାଧାରାକୁ ରୋକନ୍ତୁ। ଦୁଃସାହସିକ ଧାରା ପାଇଁ ଦିନଟି ଉପଯୁକ୍ତ ଅଟେ।



**କୁମ୍ଭ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଉତ୍ସାହିତ ହେବେ। ଦିନଟି ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ଅଟେ। ଆଧ୍ୟାତ୍ମିକତା ଏବଂ ଚିନ୍ତାଧାରା ଭଲ ରହିବ। ସାଙ୍ଗ ଏବଂ ସମ୍ପର୍କୀୟଙ୍କଠାରୁ ଉପହାର ପାଇବାର ସମ୍ଭାବନା ଅଛି।



**ମୀନ:** ଆଜି ଆପଣଙ୍କର ଏକାଗ୍ରତା ଅଭାବ ହେବ। ଧାର୍ମିକ କାର୍ଯ୍ୟରେ ଟଙ୍କା ଖର୍ଚ୍ଚ ହେବ। ପୁଞ୍ଜି ବିନିଯୋଗ ନିର୍ଦ୍ଦିଷ୍ଟ ଧ୍ୟାନ ଆବଶ୍ୟକ କରେ। ସମ୍ପର୍କୀୟଙ୍କଠାରୁ ଦୂରରେ ରୁହନ୍ତୁ କାରଣ ସେମାନେ ଅଲଗା ହୋଇପାରନ୍ତି। କୋର୍ଟ କାର୍ଯ୍ୟରେ ସତର୍କତା ଅବଲମ୍ବନ କରନ୍ତୁ।



ଶ୍ରୀପତି ଉବାଚ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟ ବିଜାପୁର ଜିଲ୍ଲାରେ ମାଓ ଦମନ ପାଇଁ ତଲାସି ଅଭିଯାନବେଳେ ସୁରକ୍ଷା କର୍ମୀଙ୍କୁ ମିଳିଛି ବଡ ଧରଣର ସଫଳତା, ଜଙ୍ଗଲ ମଧ୍ୟରୁ ବିପୁଳ ମାଓ ସମଗ୍ରୀ ସହ ଅସ୍ତ୍ର ଶସ୍ତ୍ର ତିଆରି ଉପକରଣ ମଧ ଜବତ କରିଛନ୍ତି ଯବାନ। ସୂଚନା ଅନୁଯାୟୀ ବିଜାପୁର ଜିଲ୍ଲାର ତାରେମ ଥାନା ଅନ୍ତର୍ଗତ କୋମାଟପାଲି ଜଙ୍ଗଲରେ ଡିଆରଜି ଯବାନ ଓ ପୋଲିସ ପକ୍ଷରୁ ମାଓ ଦମନ ତଲାସି ଅଭିଯାନ ବେଳେ ଜଙ୍ଗଲ ମଧ୍ୟରେ ଏକ ମାଓ ଡମ୍ପ ଠାବ କରିଥିଲେ। ଯାହା ମଧ୍ୟରୁ ବନ୍ଧୁକ ତିଆରି ସାମଗ୍ରୀ ସହ ବିସ୍ଫୋରକ ପ୍ରସ୍ତୁତ କରିବା ଯନ୍ତ୍ରପାତି ଏବଂ ଉପକରଣ ଜବତ କରିଥିଲେ। ଏହା ସହ ଉକ୍ତ ସ୍ଥାନରୁ ବିପୁଳ ପରିମାଣର ବିସ୍ଫୋରକ ଓ ମାଓ ସାମଗ୍ରୀ ମଧ ଜବତ ହୋଇଥିଲା। ଜହକୁ ମାଓବାଦୀ ମାନେ ଲୁଚାଇ ରଖିଥିବା ବେଳେ ଯବାନ ମାନେ ଏହାକୁ ଜବତ କରି ସମ୍ପୃକ୍ତ ଅଞ୍ଚଳରେ ତଲାସି ଅଭିଯାନକୁ ଆହୁରି ବଢାଇ ଦେଇଛନ୍ତି।



# ଗଣଶିକ୍ଷା ମନ୍ତ୍ରୀଙ୍କ ଅଚାନକ ଧାନମଣ୍ଡି ପରିଦର୍ଶନ



ଉମରକୋଟ(ଭାସ୍କର ନ୍ୟୁଜ୍):: ନବରଙ୍ଗପୁର ଜିଲ୍ଲାରେ ପଞ୍ଜିକରଣ କରିଥିବା ସମସ୍ତ ଚାଷୀଙ୍କ ଠାରୁ ରାଜ୍ୟ ସରକାର ଧାନ କ୍ରୟ କରିବେ ତେଣୁ ଚାଷୀମାନେ ଧାନ ବିକ୍ରି କରିବାରେ କୌଣସି ଅସୁବିଧା ହେବନି ବୋଲି ଦୃଢତାର ସହ ପ୍ରକାଶ କରିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଯଦି କୌଣସି ଚାଷୀର ଟୋକେନ ଅଚଳ ହେଇ ଯାଇଛି,ତେବେ ରାଜ୍ୟ ସରକାର ଜିଲ୍ଲାପାଳ ମାନଙ୍କୁ ଅଧିକାର ଦେଇଛନ୍ତି ଏହାର କାର୍ଯ୍ୟକ୍ଷମ କରିବା ପାଇଁ। ତେଣୁ ଏଥିରେ ଚାଷୀ ମାନେ ଚିନ୍ତା କରିବାର ନାହି ବୋଲି ମଧ କହିଛନ୍ତି। ଆଜି ମନ୍ତ୍ରୀ ଅଚାନକ ଉମରକୋଟ ଧାନ ମଣ୍ଡିରେ ପହଞ୍ଚି ଧାନ କିଣା କିପରି ଚାଲିଛି ତାହାର ବିସ୍ତୃତି ଭାବେ ଅନୁଧାନ କରି ଏହା କହିଛନ୍ତି। ମନ୍ତ୍ରୀ ଉପସ୍ଥିତ ଚାଷୀଙ୍କ ସହ ଆଲୋଚନା କରିବା ସହ ଉପସ୍ଥିତ ସରକାରୀ ଅଧିକାରୀଙ୍କ ସହ ମଧ ଆଲୋଚନା କରିଥିଲେ। ମନ୍ତ୍ରୀ ଧାନ ଦେଲେ ୩୧୦୦ ଟଙ୍କା ମିଳୁଚି କି ନାହିଁ ବୋଲି ପଚାରି ବୁଝିଥିଲେ। ତେବେ ଚାଷୀମାନେ ୩୧୦୦ ଟଙ୍କାରେ କିଣା ଯାଉଥିବା ଚାଷୀ ମାନେ ପ୍ରକାଶ କରିଥିଲେ। ପରେ ମନ୍ତ୍ରୀ ଉପସ୍ଥିତ ଚାଷୀ ଓ ସାମ୍ବାଦିକମାନଙ୍କୁ ସମ୍ବଧନ କରି କହିଥିଲେ ସମଗ୍ର ଓଡିଶା ରେ ଧାନ କିଣା ସୁରୁଖୁରୁରେ ଚାଲିଛି ଓ ରାଜ୍ୟରେ ଭାଜପା ସରକାର ଆସିବା ପରେ ଧାନ ୩୧୦୦ ଶହରେ କିଣାଯିବ ବୋଲି ଚାଷୀଙ୍କୁ ଯେଉଁ ପ୍ରତିଶୃତି ଦିଆ ଯାଇଥିଲା ଓ ଆଜି ଆମେ ଏହି ପ୍ରତିଶୃତିକୁ କାର୍ଯ୍ୟରେ ପରିଣତ କରିକି ଦେଖାଇ ଦେଇଛୁ ବୋଲି ମନ୍ତ୍ରୀ କହିଥିଲେ। ଚାଷୀ ମଧ ଖୁସି ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ମଣ୍ଡିକୁ ଲୋକ ପ୍ରତିନିଧିମାନେ ଯାଇ ୩୧୦୦ ଟଙ୍କାରେ ଧାନ କିଣା ଯାଉଛି କି ନାହିଁ ତାହା ଦେଖୁଛନ୍ତି। ଏହି ପରିପ୍ରେକ୍ଷୀ ରେ ଆଜି ମୁଁ ଉମରକୋଟ ମଣ୍ଡିକୁ ଆସିଥିଲି ବୋଲି କହିଛନ୍ତି ମନ୍ତ୍ରୀ। ଅନ୍ୟପଟେ ଜିଲ୍ଲାରେ କିଛି ଜାଗାରେ ମଣ୍ଡି ଅଚଳ ରହିଛି ବୋଲି ମନ୍ତ୍ରୀ ମାନିଥିଲେ ଓ ଏହି ସବୁ ମଣ୍ଡି ଯେପରି ଚାଲିବ ସେଥିପାଇଁ ମୁଁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛି ଓ ସମସ୍ତ ମଣ୍ଡିକୁ ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବ। ମନ୍ତ୍ରୀ ପ୍ରକାଶ କରିଛନ୍ତି। ମନ୍ତ୍ରୀଙ୍କ ସହ ରାଜ୍ୟ ବିଜେପି ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ପୂର୍ବତନ ନଗରପାଳ ପି. ରାବଣ। ରାଓ, ସାଂସଦ ପ୍ରତିନିଧି ରାମ ନାୟକ , ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ମନ୍ଦିର। ନାୟକ, କିଛି ଚାଷୀ ଓ ଚାଷୀ ନେତାଙ୍କ ସମେତ ମିଲର ମାନଙ୍କ ପକ୍ଷ ରୁ ବୁଚନ ଅଗ୍ରୱାଲ, ରାଜେଶ୍ ରାଓ, ପ୍ରଶାନ୍ତ ଦାସ ଓ ଇରଫାନ ପ୍ରମୁଖ ଉପସ୍ଥିତ ଥିଲେ।

## ‘ଓଡ଼ିଶା ଭାସ୍କର’ର ପ୍ରଭାବ

# ଖବର ପ୍ରକାଶ ପରେ ସ୍ଥାନାନ୍ତର ହେଲା ବାଲି

କୋରୁକୋଣ୍ଡା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ଡାଇକ୍-୩/ବାଲିମେଳା ଛକ ଠାରୁ ନାକାମାମୁଡ଼ିକୁ ଯାଉଥିବା ରାସ୍ତାର ଉଭୟ ପାର୍ଶ୍ୱରେ ବାଲିମେଳା ବନଖଣ୍ଡ ଅଧୀନରେ ଥିବା କିଛି ଅଞ୍ଚଳ ରେଭେନ୍ୟୁ ଫରେଷ୍ଟ ଅଟେ। ଏହି ବନାଞ୍ଚଳକୁ କିଛି ସ୍ଥାନୀୟ ବାଲି ମାଫିଆ ଅବୈଧ ଭାବରେ ନିଜ ଦଖଲରେ ରଖିବା ସହିତ ବାଲି ଷ୍ଟକ୍ ୟାର୍ଡ୍



ବନାଇଥିବା ଦେଖିବାକୁ ମିଳିଥିଲା। ଏନେଇ, ଖବର ପ୍ରକାଶ ପରେ ବାଲି ମାଫିଆମାନଙ୍କ ଅବୈଧ କାର୍ଯ୍ୟ ଉପରେ ତଦନ୍ତ ଆରମ୍ଭ ହୋଇଥିଲା। ଓଡ଼ିଶା ଭାସ୍କର ଓ ଅନ୍ୟାନ୍ୟ ମାଧ୍ୟମରେ ଏହା ସମ୍ପର୍କିତ ଖବର ପ୍ରକାଶିତ ହେବା ପରେ ବନ ଅଧିକାରିଣୀ ଲିସ୍ମିତା କହଁର ତତ୍‌କ୍ଷଣାତ୍ ଜରୁରୀ କାର୍ଯ୍ୟକ୍ଷମତା ନେଇଥିଲେ। ସମ୍ପୂର୍ଣ୍ଣ ବିଷୟର ତଦନ୍ତ କରି ବନ ଅଧିକାରିଣୀ ଅବୈଧ ବାଲି ଷ୍ଟକ୍‌ୟାର୍ଡ୍ ହଟାଇବା ସହ ଏହି ବାଲିକୁ ଆପଣା ଅଞ୍ଚଳକୁ ଫେରାଇବାର କାର୍ଯାନୁଷ୍ଠାନ ନେଇଥିଲେ। ବନ ଅଧିକାରିଣୀ ଲିସ୍ମିତା କହଁରଙ୍କ ଏହି ତ୍ୱରିତ ପଦକ୍ଷେପ ବହୁତ ମହଲରେ ପ୍ରଶଂସା କରାଯାଇଛି। ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ବନ ଭୂମିର ସୁରକ୍ଷା ନିଶ୍ଚିତ ହୋଇଛି।

# ପାଣି ପାଇଁ ଢେପାପଦର ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ପ୍ରଶାସନକୁ କହି କହି ଥକିଗଲୁ। କେହି ଆମକଥା ବୁଝିଲେନି। ଦୀର୍ଘ ବର୍ଷ ହେଲା ପାଣି ମୁନ୍ଦାଏ ପାଇବା ପାଇଁ ହନ୍ତସନ୍ତ ହେଉଛନ୍ତି ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ଲିଲିଗଡ଼ ପଞ୍ଚାୟତ ଅଧିନ ଢେ଼ପାପଦର ଗ୍ରାମବାସୀ। ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମାଧ୍ୟମରେ ଗାଁରେ ପାନୀୟ ଜଳ ଯୋଗାଣ ପାଇଁ ପାଇପ ବିଛା ଯାଇଥିଲେ ମଧ ପାଣି ମିଳୁନି। ଏନେଇ ମୋହନା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଞ୍ଚାୟତ ସରପଞ୍ଚ, ୱାର୍ଡ ମେମ୍ବର ସମସ୍ତଙ୍କୁ ଗ୍ରାମବାସୀ ଜଣାଇଁ ଆସୁଥିଲେ ମଧ କେହି ଶୁଣୁନାହାନ୍ତି। ଏଣୁ ଗାଁର ପାଣି ସମସ୍ୟା ତୁରନ୍ତ ଦୂର କରାନଗଲେ ଖୁବ ଶୀଘ୍ର ଗ୍ରାମବାସୀ ଆନ୍ଦୋଳନ କରିବା ସହ ମହିଳାମାନେ ହାଣ୍ଡି ମାଠିଆ ରଖି ରାଜରାସ୍ତା ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଗାଁରେ ପ୍ରାୟ ୭୦ ପରିବାର ବାସ କରନ୍ତି। ପ୍ରଶାସନ ପକ୍ଷରୁ ପାନୀୟ ଜଳ ନିମନ୍ତେ ନଳକୂପ ଖୋଳାଯାଇଥିଲା। ହେଲେ ନଳକୂପରୁ ନାଲି ରଙ୍ଗର ପାଣି ବାହାରିଲା। ଯାହା ବ୍ୟବହାର ନିମନ୍ତେ ଅନୁପଯୋଗୀ ବୋଲି ବିଡ଼ିଓଙ୍କୁ ଜଣାଇଥିଲେ ଗ୍ରାମବାସୀ। ଯାହାଫଳରେ ସେହି ନଳକୂପଟିକୁ ସିଲ କରିଦେଇଛନ୍ତି ପ୍ରଶାସନ। ଏହାପରେ ଗାଁକୁ ପାନୀୟ ଜଳର ବ୍ୟବସ୍ଥା ପାଇଁ ପାଇପ ସଂଯୋଗ କରାଯାଇଛି। କିଛି ଦିନ ପାଣି ଆସିବା ପରେ ଏବେ ପ୍ରାୟ ଦେଢ଼ ବର୍ଷ ହେଲା ଆଉ ପାଣି ଆସୁନି। ତେଣୁ ବାଧ ହୋଇ ନିକଟସ୍ଥ ନାଳ, ଝରଣାରୁ ପାଣି ଆଣି ପିଉଥିବା କହିଛନ୍ତି ଗ୍ରାମବାସୀ। ଦୂଷିତ ଜଳ ବ୍ୟବହାର କରୁଥିବାରୁ ଲୋକେ ଅନେକ ସମୟରେ ପେଟଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏନେଇ ବାରମ୍ବାର ପଞ୍ଚାୟତରେ ଜଣାଇ ଆସୁଥିଲେ ମଧ ଫଳ ଶୂନ। କେଉଁଠି ପାଇପ ଫାଟି ଯାଇଥିବ କହି ଚୁପ ରହୁଛନ୍ତି। ଦୀର୍ଘ ବର୍ଷ ଧରି ଗାଁରେ ପାଣି ସମସ୍ୟା ଲାଗି ରହିଥିବା ସତ୍ତ୍ୱେ ଦୂର କରିବାକୁ କେହି ପଦକ୍ଷେପ ନେଉନାହାନ୍ତି। ତେଣୁ ତୁରନ୍ତ ପାଣି ସମସ୍ୟା ଦୂର କରିବାକୁ ଦାବି କରିଛନ୍ତି ଗ୍ରାମବାସୀ। ଯଥା ଶୀଘ୍ର ସମସ୍ୟାର ସମାଧାନ ପାଇଁ ପ୍ରଶାସନ ପଦକ୍ଷେପ ନନେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ମହିଳା ମାନେ।

# ଓଡ଼ିଶା ଜନତା ସଂଘର୍ଷ ସମିତିର ବାର୍ଷିକୋତ୍ସବ



ବରଗଡ:(ଭାସ୍କର ନ୍ୟୁଜ୍): ଓଡିଶା ଜନତା ସଂଘର୍ଷ ସମିତି ବରଗଡ଼ର ବାର୍ଷିକୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ଯୋଗଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଇଥାନଲ୍ ପ୍ଲାଣ୍ଟର୍ ପ୍ଲାଣ୍ଟର ମେନେଜର ରଶ୍ମି ରଞ୍ଜନ ରାଉତ, ବିଜେପିର ଜିଲ୍ଲା ସଭାପତି ଅରୁପା ସାହୁ,ପାୱାର ଅଫ ଦିବ୍ୟାଙ୍ଗର ଜିଲ୍ଲା ସଭାପତି ଶ୍ୟାମ ସୁନ୍ଦର ଅଗ୍ରୱାଲ, ବିଶିଷ୍ଟ ସମାଜ ସେବୀ ପ୍ରୀତମ ସିଂ ଯୋଗଦାନ କରିଥିଲେ। ସମିତିର ସଭାପତି ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୩୬ ବର୍ଷରୁ ବହୁ ଘାତ ପ୍ରତିଘାତ ମଧ୍ୟରେ ସଂଘର୍ଷ ରତ ଥିବା ଏହି ଅନୁଷ୍ଠାନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସମିତି ପକ୍ଷରୁ ୧୯୯୧ ମସିହାରୁ ଆରମ୍ଭ ହୋଇଥିବା ଭିନ୍ନକ୍ଷମ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ସ୍ଥାପନ ହୋଇ ଆଜି ଅଞ୍ଚଳ ତଥା ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅନେକ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ବିକାଶରେ ଏକ ଉଦାହରଣ ସୃଷ୍ଟି କରିପାରିଛି। ଆଜିର ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ଜିଲ୍ଲା ବିଜେପୁର ସ୍ଥିତ ଅମୃତଧାରା ନର୍ସିଂ ହୋମର ପରିଚାଳକ ଯଶୋବନ୍ତ ମେହେରଙ୍କ ପକ୍ଷରୁ ଗରିବ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ଭାବେ କମଳ ବଣ୍ଟନ କରାଯାଇଥିଲା। ଏପରିପ୍ରେକ୍ଷୀରେ ଜିଲ୍ଲାରେ କାର୍ଯ୍ୟରତ ସମାଜସେବୀ ସଂଗଠନ ଯଥା-ଆନନ୍ଦ ସେବା ସଦନ, ଭେଡେନ,କୋଶଲ ଡିଫେନ୍ସ ଏକାଡେମି ବରଗଡ଼, ଜୟହିନ୍ଦ୍ ଯୁବକ ସଂଘ,ରୁଣିପାଲି-ଅତାବିରା,ଗ୍ରାମ୍ୟ ଉନ୍ନୟନ କମିଟି ଗୁରଖାପାଲି-ଅତାବିରା ବ୍ଲକ, ଭୀମଭୋଇ ଦିବ୍ୟାଙ୍ଗ ସଂଘ ଝାରବନ୍ଧ, ରାଜବୋଡାସମ୍ବର ଦିବ୍ୟାଙ୍ଗ ବିକାଶ ମଞ୍ଚ, ପଦ୍ମପୁର, ଆଞ୍ଚଳିକ ଭିନ୍ନକ୍ଷମ ସଂଘ ଭେଡେନ, ନବ ଜ୍ୟୋତି ଦିବ୍ୟାଙ୍ଗ ସଂଘ ଅମ୍ବାଭୋନା, ଜୀବନ ସଂଯୋଗ ରକ୍ତଦାନ ସଂସ୍ଥା, ତାଲସିର୍ଗିଡା, ଉତ୍କଳ ଗୋପବନ୍ଧୁ ଦିବ୍ୟାଙ୍ଗ ସଂଘ ବରଗଡ଼ ପ୍ରମୁଖଙ୍କ ସମେତ ଅମୃତ ଧାରା ନର୍ସିଂ ହୋମର ପରିଚାଳକ ଶ୍ରୀମାନ ଯଶୋବନ୍ତ ମେହେର,ଆନନ୍ଦ ସେଠ, ମାମି ମିଶ୍ର, ଶ୍ରୀଯୁକ୍ତ ପ୍ରଦୀପ ଥପା, ପ୍ରଦ୍ୟୁମ୍ନ ତ୍ରିପାଠୀ ସ୍ୱେଚ୍ଛାସେବୀ ମାନଙ୍କୁ ମୁଖ୍ୟ ଅତିଥି ଶ୍ରୀମାନ ପୁରୋହିତ ମାନପତ୍ର ସହ ଉପଢୌକନ ଦେଇ ଉବ୍ୟ କାର୍ଯ୍ୟକ୍ରମରେ ସମ୍ମାନୀତ କରିଥିଲେ। ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ସାହୁ, ମେଘନାଦ ସାହୁ,ଶିବାୟନୀ ପଣ୍ଡା,ସୁଶିଳା ପଶାୟତ, ବରଗଡ଼ ମହିଳା ସମିତିର ସଭ୍ୟା ତଥା ଏଅଞ୍ଚଳର ଜଣାଶୁଣା ଏଟ୍ୟୁଭର ଫାଉଣ୍ଡେସନ ବରଗଡ଼ର ସଭାପତି ଦିବାକର ମାଝୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସୁରୁଖୁରୁରେ ସମାପନ ହୋଇଥିଲା। ଶେଷରେ ସମିତିର ସମ୍ପାଦକ ଅଭୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତାକଡ଼ରେ ପଡି ରହିଛି ଗାଈର ମୃତ ଦେହ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ଷ୍ଟେଟ ବ୍ୟାଙ୍କ ସମ୍ମୁଖ ୩୨୬ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ରାତିରେ ଏକ ବୋଲେରୋ ଗାଡ଼ି ଧକ୍କାରେ ଏକ ଗାଈ ଆହତ ହୋଇ ରାସ୍ତା କଡରେ ପଡିଥିଲା। ଏହା ଦେଖି କିଛି ଯୁବକ ଭେଟେନାରୀ ଅଫିସରଙ୍କୁ ଜଣାଇବା ପରେ ଆହତ ଗାଈର ଚିକିତ୍ସା କରାଯାଇଥିଲା। ହେଲେ ରାତି ସାରା ବର୍ଷା ପାଣିରେ ଭିଜି ଭିଜି ଆଜି ସକାଳେ ଗାଇଟିର ମୃତ୍ୟୁ ହୋଇଥିଲା। ହେଲେ ଏତେ ଘଟଣା ଘଟିବା ପରେବି ଗାଈ ମାଲିକଙ୍କ ଦେଖା ନାହିଁ କି ପ୍ରଶାସନର ନିଘା ନାହିଁ। ଘଟଣାଟି ଘଟି ଥିବା ସ୍ଥାନ ପାଖରେ ଷ୍ଟେଟ ବ୍ୟାଙ୍କ ସାଙ୍ଗକୁ ପ୍ରାଣୀ

## ମାଲିକର ଦେଖାନାହିଁ କି ପ୍ରଶାସନର ନିଘା ନାହିଁ




ଚିକିତ୍ସାଳୟ ଓ ଦୁଇଟି ଢ଼ାବା ରହିଛି। ମୃତ ଗାଇଟି ରାସ୍ତା କଡରେ ପଡ଼ି ରହିଥିବାରୁ ସବୁ କ୍ଷେତ୍ରରେ ଅସୁବିଧା ସୃଷ୍ଟି ହୋଇଛି। ଖାଲି ସେତିକି ନୁହେଁ ଲକ୍ଷ୍ମୀପୁର ଏସଡିପିଓ କାର୍ଯ୍ୟାଳୟ ଠାରୁ ମାତ୍ର ଶହେ ମିଟର ଦୂରରେ ଏଇଭଳି ଘଟଣା ଘଟିଥିଲେ ମଧ ପୋଲିସ ବିଭାଗ ତରଫରୁ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବା ଦୁଃଖ ର ବିଷୟ ପାଲଟିଛି। ଗାଈ ଗୋରୁ ରାସ୍ତାରେ ବୁଲି ସମସ୍ୟା ସୃଷ୍ଟି କରୁଥିବା ବେଳେ ଏଇଭଳି ସମସ୍ୟା ଏବେ ଅଂଚଳବାସୀଙ୍କୁ ଅଧିକ ଚିନ୍ତାରେ ପକାଇଛି। ଗାଡ଼ି ଧକ୍କାରେ ଗାଈ ଗୋରୁ ମଲେ ସେମିତି ରାସ୍ତା କଡରେ ପଡ଼ି ରହୁଥିବା ବେଳେ ମାଲିକଙ୍କ ଦେଖା ମିଳୁନି। ବର୍ତ୍ତମାନ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସମାଧାନ ର ବାଟ କାଢ଼ିବା ନିହାତି ଜରୁରୀ ହୋଇ ପଡିଛି। ଗତ କିଛି ଦିନ ତଳେ ଏଇଭଳି ଏକ ଘଟଣାକୁ ନେଇ ବିଡ଼ିଓଙ୍କୁ ଯୋଗାଯୋଗ କରିବା ପରେ ଜାତୀୟ ରାଜପଥ ଉପରେ ପଡି ରହିଥିବା ଗାଈଟିର ମୃତ ଦେହ ହଟାଯାଇଥିଲା। ତେଣୁ ଆଜିର ଘଟଣାରେ ଲକ୍ଷ୍ମୀପୁର ବିଡ଼ିଓ ଓ ସରପଞ୍ଚଙ୍କ ପାଖରେ ଖବର ପହଞ୍ଚି ନଥିବାରୁ ମୃତ ଗାଇଟି ସେମିତି ପଡିରହିଥିବା ଦେଖିବାକୁ ମିଳିଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ରାସ୍ତା କଡରେ ଗାଈର ମୃତ ଦେହ ସେମିତି ପଡି ରହିଥିଲେ ବି ମାଲିକଙ୍କ ଦେଖା ନଥିଲା।

# ମଣ୍ଡିରୁ ଉଠୁନି ଧାନ : ରାଜରାସ୍ତାକୁ ଓହ୍ଲାଇବ ଜିଲ୍ଲା ବିଜେଡ଼ି




ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ଗତ ୧୬ ତାରିଖରେ ମଣ୍ଡିର ଶୁଭାରମ୍ଭ ହୋଇଥିଲେ ସୁଦ୍ଧା ଏଯାଏଁ ମଣ୍ଡିରୁ ଉଠୁ ନାହିଁ ଧାନ ଆଜି ପର୍ଯ୍ୟନ୍ତ ମଣ୍ଡି ଗୁଡିକରେ ଚାଷୀ ମାନେ ଖରାବର୍ଷା ରେ ଗତ ଏକ ସପ୍ତାହ ଧରି ଧାନ ରଖିଥିଲେ ମଧ ଚାଷୀ ମାନଙ୍କୁ ଟୋକନ ଦିଆ ନଯିବା ଏବଂ ନିଜ ଧାନକୁ ଜଗି ରହିବା ପାଇଁ ମଣ୍ଡିର କର୍ମଚାରୀ ମାନେ ବାଧ କରୁଥିବା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳର ରାଜ୍ୟ ବିଜେଡି ଉପସଭାପତି ତଥା ଜାତୀୟ ପ୍ରବକ୍ତା ପ୍ରଦୀପ ମାଝୀ ପ୍ରକାଶ କରିଛନ୍ତି। ସେ ଆହୁରି ପ୍ରକାଶ କରିଛନ୍ତି ଯେ, ମୋହନ ସରକାର ଯାହା କୁହନ୍ତି ତାହା କାର୍ଯ୍ୟରେ ପରିଣତ ହୁଏନାହିଁ ବୋଲି ଆଜି ଏକ ପ୍ରତିନିଧି ଦଳ ବିଭିନ୍ନ ମଣ୍ଡି ପରିଦର୍ଶନ କରି ତାହାର ସତ୍ୟତା ଜାଣିବାକୁ ପାଇଛନ୍ତି। ଜାତୀୟ ରାଜପଥ କଡରେ ଥିବା ଶିଖପାଲ୍ଲି ମଣ୍ଡିରେ ଚାଷୀମାନେ ଧାନ ରଖିଥିଲେ ମଧ ସେମାନଙ୍କର ଆଇଟେଷ୍ଟ କରାଯାଇଥିଲା କିନ୍ତୁ ତାଙ୍କୁ ଧାନ ଦେଇଥିବା ରସିଦ (ଭେଣ୍ଡର ରସିଦ) ପ୍ରଦାନ କରା ଯାଇ ନାହିଁ ଏଥିସହ ଦାୟିତ୍ୱରେ ଥିବା କର୍ମଚାରୀ ମାନେ ତୁମ ଧାନକୁ ତୁମେ ଜଗିକି ରୁହ, ଚୋରୀ ହେଲେ ଆମେ ଦାୟୀ ନାହୁଁ ବୋଲି ଚାଷୀ ମାନଙ୍କୁ ଧମକାଉଥିବା ଚାଷୀ ମାନେ ଅଭିଯୋଗ କରିଥିଲେ। ଏ ସମ୍ବନ୍ଧରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେମାନେ ପ୍ରକାଶ କରିଥିଲେ ଲାଇନ ନଥିବାରୁ ସେମାନଙ୍କୁ ରସିଦ ଦିଆ ଯାଇପାରୁନାହିଁ କିନ୍ତୁ ଉପସ୍ଥିତ ସତାଧୀକ ଚାଷୀ ଏହାକୁ ମିଥ୍ୟା କଥା ବୋଲି ଅଭିଯୋଗ କରିଥିଲେ। ଚାଷୀ ମାନଙ୍କୁ ଝୋଟ ଅଖାବସ୍ତା ଯୋଗାଇ ଦିଆ ଯିବ ବୋଲି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ଆଜି ପର୍ଯ୍ୟନ୍ତ ଚାଷୀଙ୍କୁ ଝୋଟ ଅଖାବସ୍ତା ଯୋଗାଇ ଦିଆ ଯାଇନାହିଁ ସାରା ରାଜ୍ୟରେ ମିଲର ମାନେ ଦୀର୍ଘ ବର୍ଷ ଧରି ଅରୁଆ ଚାଉଳ ପାଇଁ କ୍ୱିଂଟାଲ ପ୍ରତି ୧୫ ଟଙ୍କା ଏବଂ ଉସୁନା ଚାଉଳ ପାଇଁ ୨୫ ଟଙ୍କା ପାଉଥିବା ବେଳେ ଏହାକୁ ବୃଦ୍ଧି କରିବା ପାଇଁ ସଂଘ ଦାବି କରି ଆସୁଥିଲେ ମଧ ସରକାର ଦୃଷ୍ଟି ଦେଉ ନଥିବାରୁ ମିଲର ମାନେ ଧାନ ଉଠାଉ ନଥିବା ସମସ୍ୟା ଥିବା ଶ୍ରୀ ମାଝି ପ୍ରକାଶ କରିଛନ୍ତି। ପଡୋଶୀ ରାଜ୍ୟ ଛତିଶଗଡରେ ଚାଉଳ କ୍ୱିଂଟାଲ ପ୍ରତି ମିଲିଙ୍ଗ ପାଇଁ ୭୦ରୁ ୮୦ ଟଙ୍କା ଦେଉଥିବା ବେଳେ ଓଡିଶା ସରକାର ଏଥିପ୍ରତି ଧାନ ଦେଉନଥିବା ମିଲର ସଂଘ ଅଭିଯାଗ କରିଛନ୍ତି ଆସନ୍ତା ଜାନୁଆରି ୧୦ ତାରିଖ ମଧ୍ୟରେ ଜିଲ୍ଲାର ଚାଷୀଙ୍କ ସମସ୍ୟା ଓ ପ୍ରତି ମଣ୍ଡିରେ ଚାଷୀଙ୍କ ଧାନ ବିକ୍ରି ସହ ରସିଦ ପ୍ରଦାନ ଏବଂ ପାଂଚଦିନ ମଧ୍ୟରେ ଚାଷୀଙ୍କ ଖାତାକୁ ବିକ୍ରି ଅର୍ଥ ଦିଆ ନଗଲେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ଓ ଚାଷୀ ଆନ୍ଦୋଳନ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହା ସମ୍ମିଳନୀରେ ବିଜେଡ଼ି ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମି ପୌରୋହିତ୍ୟ କରିଥିବା ବେଳେ ଜିଲ୍ଲା ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ଜିଲ୍ଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲୁ, ଜିଲ୍ଲା ପରିଷଦ ଉପାଧକ୍ଷ ପତିତ ପାବନ ବୈଦ୍ୟ, ମ୍ୟୁନିସିପାଲିଟି ଉପାଧକ୍ଷା କବିତା ମାହନ୍ତ, ଜିଲ୍ଲାପରିଷଦ ସଭ୍ୟ/ସଭ୍ୟା ମୁକା ମାଡକାମି ଏଂ କୁନି ଭୂମିଆ ଙ୍କ ସମେତ ବରିଷ୍ଠ ଆଇନଜୀବୀ ଗୋପାଳକୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ପବିତ୍ର ଯୀଶୁଙ୍କ ଧରାବତରଣ




ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାରେ ବାପଷ୍ଟିଟ,ରୋମାନ୍ କ୍ୟାଥଲିକ୍ ,ପେଟି କଷ୍ଟ, କ୍ୟାଥଲିକ୍ ର ବିଭିନ୍ନ ଖ୍ରୀଷ୍ଟିଆନ୍‌ମାନେ କାଲି ରାତ୍ର ୧୨ଟା ସମୟରୁ ପ୍ରଭୁ ଯୀଶୁ ଅବତରଣ କରିଥିବା ଯୋଗୁଁ ସମୂହ ପ୍ରାର୍ଥନା କରିଛନ୍ତି। ଏହା ସହିତ ୨୫ତାରିଖ ଠାରୁ ଆରମ୍ଭ କରି ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଉଭୟ ସକାଳ ଓ ସନ୍ଧ୍ୟାରେ ପ୍ରାର୍ଥନା କରାଯିବ। ତେବେ ଲଘୁଚାପ ବର୍ଷା ଯୋଗୁ ରହଳିରେ ଟିକେ ମାନ୍ଦା ପଡ଼ିଥିବା ଦେଖିବାକୁ ମିଳିଛି।

## ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ଥିବା ଭାରତୀୟ ଜନତା ଦଳ ତରଫରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ୧୦୦ ତମ ଜୟନ୍ତୀ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଆୟୋଜିତ କରାଇଥିଲା। ଏହି କାର୍ଯ୍ୟକ୍ରମରେ ଭି.ଚଲାପତି ରାଓ କାଶୀନଗର ଏନ ଏ ସି ମଣ୍ଡଳ ସଭାପତି, ଏଲ.କ୍ରାନ୍ତି ଏସି.ସି ମୋର୍ଚ୍ଚା ଜିଲ୍ଲା ସଭାପତି, କେ.ବିଜୟ କୁମାର, ଏନ ଏ ସି ସଭାପତି, ପ୍ରଶାନ୍ତ ସାହୁ ଓ ସୁଜିତ ପଣ୍ଡାଙ୍କ ଉପସ୍ଥିତିରେ ହୋଇଥିବା କାର୍ଯ୍ୟକ୍ରମରେ କାଶୀନଗର ଅଞ୍ଚଳର ବହୁ ବିଜେପି ବରିଷ୍ଠ ନେତା ଉପସ୍ଥିତ ରହି ଅଟଳବିହାରୀ ବାଜପେୟୀଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ଏହାବ୍ୟତୀତ କାଶୀନଗରର ସ୍ଥିତ ବଂଶଧାରା ପାଠାଗାର ମଧ୍ୟରେ ଭାରତରତ୍ନ ପ୍ରାପ୍ୟ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଉଦ୍ଦେଶ୍ୟରେ ଦେଶାତ୍ମବୋଧକ କବିତା ଆବୃତ୍ତି କରାଯାଇଥିଲା।

# ଚାନ୍ଦିନୀମାଲ ଧନୁଯାତ୍ରା ପାଇଁ କଳାକାର ଚୟନ

ବ୍ରଜରାଜନଗର(ଭାସ୍କର ନ୍ୟୁଜ ): ଚାନ୍ଦିନୀମାଲରେ ମହାଶିବରାତ୍ରି ଜାଗର ଯାତ୍ରା ଉପଲକ୍ଷେ ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବ ଆସନ୍ତା ଫେବୃୟାରୀ ୨୫ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଆୟୋଜନ କରାଯିବ। ଏଥିପାଇଁ ପାଇଁ କଳାକାର ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଧନୁଯାତ୍ରା ମହୋତ୍ସବ ପାଇଁ କଂସ ଭୂମିକାରେ ବରଗଡ଼ ଚିଚିଣ୍ଡାର ଝସକେତନ ପ୍ରଧାନ, ମନ୍ତ୍ରୀ ଭୂମିକାରେ ରାଜେନ୍ଦ୍ର ବାଗ, ଅକ୍ରୁର ଭୂମିକାରେ ଅଲେଖ ବୁଡେ, କୃଷ୍ଣ ଭୂମିକାରେ କେଛୋବାହାଲର ଆଶିଷ ମିଶ୍ର, ବଳରାମ ଭୂମିକାରେ ଚାନ୍ଦିନୀମାଲର ସଚିନ ବେହେରା, ରାଧା ଭୂମିକାରେ ଚାନ୍ଦିନୀମାଲର ଧରିତ୍ରୀ, ନନ୍ଦରାଜା ଭୂମିକାରେ ବରପାଲି ଗ୍ରାମର ଦିଲୀପ ବଢ଼ାଇ ଅଭିନୟ କରିବେ ବୋଲି ଯାତ୍ରା କମିଟି ସଭାପତି ପ୍ରମୋଦ ପ୍ରଧାନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେହିପରି କଳାକାର ଚୟନ କାର୍ଯ୍ୟକ୍ରମର ସଭା ପରିଚାଳନା ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର ଅଧକ୍ଷତା କରିଥିଲେ। କଳାକାର ଚୟନ କାର୍ଯ୍ୟକ୍ରମରେ ଚାନ୍ଦିନୀମାଲ ଗ୍ରାମବାସୀ ସମେତ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଶେଷରେ ଯାତ୍ରା କମିଟିର କୋଷାଧକ୍ଷ ଲିଙ୍ଗରାଜ ରୋହିଦାସ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଦିନିଆ ବର୍ଷା: ମଣ୍ଡିରେ ଭିଜୁଛି ଧାନ, ଚିନ୍ତାରେ ଚାଷୀ



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକରେ ଦୁଇଦିନ ହେବ ଲଘୁଚାପ ଜନିତ ଝିପି ଝିପି ବର୍ଷା ହେବାରେ ଲାଗିଛି। ଚାଷୀ ନିଜର ଚାଷ ଜମିର ଧାନ ନେଇ ମଣ୍ଡିରେ ରଖିଛି। ଏହି ଅଦିନିଆ ବର୍ଷାରେ ଚାଷୀର ଧାନ ଭିଜିବାରେ ଲାଗିଛି। ଚାଷୀ ବର୍ତ୍ତମାନ ଚିନ୍ତାରେ ପଡିଛି। କାରଣ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ମଣ୍ଡିରେ ଚାଷୀର ଧାନକୁ କଟନୀ ଛଟନୀ ନକରିବାକୁ ନିର୍ଦ୍ଦେଶ ଥିବାବେଳେ ବର୍ତ୍ତମାନ ବି ୩ରୁ ଚାରି କେଜି ଧାନ କଟନୀ ହେଉଥିବା ଚାଷୀ ମହଲରେ ଚର୍ଚ୍ଚା ହେଉଛି। ଗୋଟେ ପଟେ ଅଦିନିଆ ଝିପି ଝିପି ବର୍ଷାରେ ଚାଷୀର ଧାନ ଭିଜୁଥିବା ବେଳେ ଅନ୍ୟ ପଟେ କଟନୀକୁ ନେଇ ଚାଷୀ ଚିନ୍ତାରେ। ବର୍ତ୍ତମାନ ଖଡ଼ିଆଳ ବ୍ଲକରେ ଯେତେ ବି ମଣ୍ଡି ଅଛି ସବୁ ଧାନ ଦଲାଲ ବେପାରୀ କବଜାରେ। ମଣ୍ଡିରେ ପ୍ରଥମେ ସେହି ଦଲାଲ ଧାନ ବେପାରୀ ଙ୍କ ଧାନ ଆଗେ ଉଠୁଥିବା ବେଳେ ଚାଷୀର ଧାନ ପଛରେ ଉଠୁଛି। ତେଣୁ ଚାଷୀର ଧାନ ମଣ୍ଡିରେ ପଡିରହି ବର୍ଷାରେ ଭିଜୁଛି। ଧାନ ବେପାରୀ ଦଲାଲ ଓ କିଛି ମିଲର୍ସ ଦଲାଲ ମାଧ୍ୟମରେ ଚାଷ କରୁନଥିବା ଅଣଚାଷୀଙ୍କ ନାମରେ ଟୋକନ କରି ମିଲର୍ସ ଓ ଦଲାଲ ମାଲେମାଲ ହେଉଥିବା ଚାଷୀ ମହଲରେ ଚର୍ଚ୍ଚା ହେଉଛି। ହେଲେ ଚାଷୀ ମୁହଁଖୋଲି କହିପାରୁ ନାହାନ୍ତି। କାରଣ କାଳେ ସେମାନେ ଜାଣିଗଲେ ଆମକୁ ହଇରାଣ ହରକତ କରିବେ ବୋଲି ଭୟରେ ଡରି କହୁନାହାନ୍ତି କି ମିଡିଆରେ ତାଙ୍କ ନାମ ପ୍ରକାଶ କରିବାକୁ ମଧ୍ୟ ମନା କରୁଛନ୍ତି। କିଛି ମିଲର୍ସ ଦଲାଲମାନଙ୍କୁ ରଖି ଚାଷୀଙ୍କ ଠାରୁ କ୍ୟୁଣ୍ଟାଲ ପ୍ରତି ୨୨ ଶହ ରେ ଧାନ କିଣି ମଣ୍ଡି ରେ ୩୧ ସହରେ ବିକୁଥିବା ଚାଷୀ ମହଲରେ ଚର୍ଚ୍ଚା ହେଉଛି। ଅନ୍ୟ ପକ୍ଷରେ ସରକାରୀ ସ୍ତରରେ ପ୍ଲାଷ୍ଟିକ ଜରି ଯୋଗାଇ ଦେବାର ବ୍ୟବସ୍ଥା ଥିବାବେଳେ ୧୦୦ ମିଳିବା ସ୍ଥାନରେ ୩୦ ଟି ପ୍ଲାଷ୍ଟିକ ଜରି ଯୋଗାଣ ହେଉଛି। ଫଳରେ ଚାଷୀଙ୍କ ଧାନ ମଣ୍ଡିରେ ପଡି ପାଣିରେ ଭିଜୁଛି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଫୋନରେ ଯୋଗାଯୋଗ କଲେ ମଧ ଫୋନ୍ ଉଠାଉନଥିବାରୁ ଯୋଗାଯୋଗ ହୋଇ ପାରୁନାହିଁ।

# ଗଜପତି ଉତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଉତ୍ସବ ଓ ପଲ୍ଲିଶ୍ରୀ ମେଳା ଷଷ୍ଠ ଦିନ ତଥା ଶେଷ ସନ୍ଧ୍ୟାରେ ମହା ଆଡ଼ମ୍ବରରେ ଉଦଯାପିତ ହୋଇ ଯାଇଛି। ଏହି ଅବସରରେ ଶନିବାର ବିଜୟ କୁମାର ଦଶ, ଜିଲ୍ଲାପାଳ-ତଥା-ଅଧକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ ଗଜପତି ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଯତୀନ୍ଦ୍ର କୁମାର ପଣ୍ଡା, ଆରକ୍ଷୀ ଅଧିକ୍ଷକ ଗଜପତି,ଡ଼.ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି, ରାଜେନ୍ଦ୍ର ମିଞ୍ଜି,ଅତିରିକ୍ତ ଜିଲ୍ଲାପାଳ ଗଜପତି, ଶ୍ରୀ ଅନୁପ ପଣ୍ଡା, ଉପଜିଲ୍ଲାପାଳ ପାରଳା ଖେମୁଣ୍ଡି, ପୃଥୀରାଜ ମଣ୍ଡଳ , ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି, ଶ୍ରୀ ଅଂଶୁମାନ ମହାପାତ୍ର, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସମସ୍ତ ଅତିଥି ଗଣ ଗଜପତି ଜିଲ୍ଲାର ଲୋକକଳା, ସଂସ୍କୃତି, ଜନଜାତି, ନୃତ୍ୟ ସଙ୍ଗୀତ,ପରମ୍ପରା ଓ ପର୍ଯ୍ୟଟନ ସ୍ଥଳୀର ବିକାଶରେ ଜିଲ୍ଲା ଅଗ୍ରସର ହେଉଛି ବୋଲି କହିଥିଲେ,ପରେ ଜିଲ୍ଲାର କୋଣ ଅନୁକୋଣ ତଥା ପୁରପଲ୍ଲୀର ଉଭୟ କଳାକାର ଓ ଜନସାଧାରଣ ଏହି ଗଜପତି ଉତ୍ସବ ଓ ପଲ୍ଲିଶ୍ରୀ ମେଳାରେ ସାମିଲ ହେଇଥିଲେ। ବିଶେଷ କରି ଛଅ ଦିନରେ ରାଜ୍ୟ ଓ ରାଜ୍ୟ ବାହାର, ଜିଲ୍ଲା ଓ ଜିଲ୍ଲା ବାହାର କଳାକାରମାନଙ୍କ ମହାମିଳନର ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଛି। ପରେ ପରେ ଜିଲ୍ଲାପାଳ ତଥା ଅଧକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, ଗଜପତିଙ୍କ ଦ୍ୱାରା ଉପଢୌକନ ଓ ସ୍ମାରକ ପ୍ରଦାନ କରି ଉତ୍ସବରେ ସମ୍ମାନିତ କରାଯାଇଥିଲା ଓ ଉତ୍ସବର ସମସ୍ତ କମିଟି ଅଧକ୍ଷ ଓ ସଭ୍ୟମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସେହିପରି ଷଷ୍ଠ ଦିନ ଧରି ଅନୁଷ୍ଠିତ ହେଉଥିବା ପଲ୍ଲିଶ୍ରୀ ମେଳା ୨୦୨୪ ରେ ୧ କୋଟିରୁ ଊର୍ଦ୍ଧ୍ୱ ବ୍ୟବସାୟ ହୋଇଅଛି। ସେହିପରି ମହାଲକ୍ଷ୍ମୀ ମହିଳା ମଣ୍ଡଳ ଗଜପତି, ଦାଧିବାମନ ଜିଉ ସ୍ୱୟଂ ସହାୟକ ଗୋଷ୍ଠୀ ଜଗତସିଂପୁର, ମା ବିନ୍ଧ୍ୟଗିରୀବାସିନୀ ସ୍ୱୟଂ ସହାୟକ ଗୋଷ୍ଠୀ ଗଜପତି, ରାଧା ରାଣୀ ସ୍ୱୟଂ ସହାୟକ ଗୋଷ୍ଠୀ ଭଦ୍ରକ ଓ ଲକ୍ଷ୍ମନାରାୟଣ ଟାସର ହ୍ୟାଣ୍ଡଲୁମ୍ ପ୍ରଡ୍ୟୁସର୍ ଗ୍ରୁପ ଯାଜପୁର ଦଳକୁ ସମ୍ମାନିତ କରାଯାଇଥିଲା ଓ ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ବିଭାଜିକା ଗଜପତି, ମନେରେଗା , ଜିଲ୍ଲା ପରିଷଦ ଗଜପତି ଓ ଉଦ୍ୟାନ ବିଭାଗ ଗଜପତିଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ଷଷ୍ଠ ଦିନ ତଥା ଶେଷ ସନ୍ଧ୍ୟାରେ ଜିଲ୍ଲା, ତଥା ଜିଲ୍ଲା ବାହାରର ସାଂସ୍କୃତିକ ଦୋଳ ନିଜର କଳା ପ୍ରଦର୍ଶନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ନିର୍ମଳା ସେଠୀ, ଅଧକ୍ଷା,ପୌର ପରିଷଦ ପାରଳାଖେମୁଣ୍ଡି ସମେତ ଜିଲ୍ଲାର ସମସ୍ତ ପଞ୍ଚାୟତ ସମିତି ଅଧକ୍ଷ ଅଧକ୍ଷା ପ୍ରମୁଖ ଉପସ୍ଥିତ ଥିବା ବେଳେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚରୀମାନେ ପରିଚାଳନରେ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଆରକ୍ଷୀ ଅଧିକ୍ଷକ ଗଜପତିଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ବିଭିନ୍ନ ଥାନା ଅଧିକାରୀଙ୍କ ସମେତ ପୋଲିସ୍ ଅଧିକାରୀ ଓ ଅଗ୍ନିଶମ ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ସଂରକ୍ଷିତ ଜଙ୍ଗଲରୁ ଗଛ ଉଭାନ୍, ବନ ବିଭାଗ ନିରବ



ଉମରକୋଟ(ଭାସ୍କର ନ୍ୟୁଜ୍): କଥାରେ ଅଛି ଚୋର ଚୋରି କରି ଗଲାପରେ କବାଟ ବନ୍ଦ କଲେ କିଛି ଫାଇଦା ନାହିଁ, ଆଗରୁ ସତର୍କ ହୋଇ ରହିବା ଉଚିତ, କିନ୍ତୁ ମାଲିକ ଯଦି ଚୋରକୁ ଡାକି ଚୋରି କରେଇବ ତାହାହେଲେ ଏଭଳି ଲୋକଙ୍କୁ କଣ କହିବେ? ଏଠାରେ କହିବା କଥା ହେଲା ରକ୍ଷକ ସାଜିଛି ଭକ୍ଷକ, ସଂରକ୍ଷିତ ଜଙ୍ଗଲରୁ ସରଗି, ନୀଳଗିରି ଓ ଅନ୍ୟାନ୍ୟ ଗଛ ଗୁଡିକ ଉଭାନ ହୋଇଗଲାଣି, ବନ ବିଭାଗ କାଠ ମାଫିଆ ସହ ମଧୁଚନ୍ଦ୍ରିକା ସାଜି ନିରବ ରହି ଲୋକ ଦେଖାଣିଆ ଭାବେ ତରବରିଆରେ ଜଙ୍ଗଲକୁ ଯାଇ ଯାଞ୍ଚ କରୁଛ। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଧୀନରେ ଥିବା ଦଣ୍ଡସରା ସଂରକ୍ଷିତ ଜଙ୍ଗଲ ରେ। ଉକ୍ତ ଜଙ୍ଗଲ ରେ କିଛି ଦିନ ପୂର୍ବେ କାଠ ମାଫିଆ ବିଭିନ୍ନ ଗଛ ଗୁଡିକ କାଟି ନେଇଥିବା ଦେଖିବାକୁ ମିଳିଛି। ବନ ବିଭାଗ କଟା ଯାଇଥିବା ଗଛ ଗୁଡିକୁ ଚିହ୍ନଟ କରିବାରେ ବ୍ୟସ୍ତ। କିନ୍ତୁ ବିଭାଗର ହାତ ଖାଲି। ଲୋକଙ୍କୁ ଦେଖାଣିଆ ରେ ଯାଞ୍ଚ କରୁଛି ବିଭାଗ। ଏଭଳି ଯଦି ବନ ବିଭାଗ ଓ କାଠ ମାଫିଆଙ୍କ ମଧୁଚନ୍ଦ୍ରିକା ରହେ ତାହାହେଲେ ଅଳ୍ପ କିଛି ମାସ ଭିତରେ ଏ ଅଞ୍ଚଳରେ ଜଙ୍ଗଲ ର ଚିହ୍ନ ବର୍ଣ୍ଣ ମିଳିବ ନାହିଁ, ସବୁ ସଫା ହୋଇଯିବ ଏବଂ କିଛି ବିଭାଗୀୟ ଅଧିକାରୀ ଓ କାଠ ମାଫିଆ ମାଲାମାଲ ହେବେ !ଏବିଷୟରେ ବିଭାଗୀୟ ଅଧିକାରୀ ଯାଞ୍ଚ ଚାଲିଛି ବୋଲି କହୁଛନ୍ତି ଏବଂ ଲୋକଙ୍କୁ ଭୁଆଁ ବୁଲେଇ ଚୁପ ରହୁଛନ୍ତି।




କରଞ୍ଜିଆ (ଭାସ୍କର ନ୍ୟୁଜ): ପ୍ରତିବର୍ଷ ପରି ଏହି ବର୍ଷ ମଧ୍ୟ ରାଷ୍ଟ୍ର ଚିନ୍ତନ ଓ ଜାଗରଣ ସଂଗଠନ 'ଚେତନା' ତରଫରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କର ୧୦୦ତମ ଜନ୍ମ ଜୟନ୍ତୀ ସ୍ଥାନୀୟ ମଧୁ ବାରିଷ୍ଟର୍ ମାର୍ଗ ନିକଟରେ ଅନୁଷ୍ଠିତ ହୋଇ ଯାଇଛି !ଏହି ଜନ୍ମ ଜୟନ୍ତୀ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଡି.ଏମ୍. ପବ୍ଲିକ୍ ସ୍କୁଲ୍ ର ବରିଷ୍ଠ ଶିକ୍ଷକ ଜିତେନ୍ଦ୍ର କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଆଇନଜୀବୀ ତଥା ନୋଟାରୀ ଗୌରାଙ୍ଗ ଚନ୍ଦ୍ର ବାରିକ ତଥା ମୁଖ୍ୟବକ୍ତା ଭାବରେ ବରିଷ୍ଠ ଆଇନଜୀବୀ ତଥା ଚେତନାର ପ୍ରତିଷ୍ଠାତା ସଭାପତି ଶ୍ରୀ ସଞ୍ଜୟ କୁମାର ସାହୁ ଯୋଗ ଦେଇଥିଲେ ! ଏହା ସହିତ ଚେତନାର ସକ୍ରିୟ ସଦସ୍ୟ ଜିତେନ୍ କୁମାର ବେହେରା, ସିଦ୍ଧାର୍ଥ କୁମାର ରାୟ ଓ ମାନବବାଦୀ ଶ୍ରୀ ସଚ୍ଚିଦାନନ୍ଦ ପ୍ରମୁଖ ଯୋଗ ଦେଇ ଅଟଳଜୀଙ୍କୁ ଭାରତ ରାଜନୀତିର ଭୀଷ୍ମ ପିତାମହ ତଥା ଜଣେ ପ୍ରବାଦ ପୁରୁଷ ବୋଲି ଅଭିହିତ କରିଥିଲେ । ମହାତ୍ମା ଗାନ୍ଧୀଙ୍କର ସଫଳ ଅନୁଗାମୀ ତଥା ଗାନ୍ଧୀବାଦୀ ରାଜନେତା ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ଭଳି ରାଜନୈତିକ ଜୀବନରେ ମଧ୍ୟ ସଫଳତାର ସହିତ ସତ୍ୟ,ଅହିଂସା ଓ ନ୍ୟାୟ ସହିତ ତାଙ୍କରି ରାଜନୀତି ଜୀବନର ଆୟୁଧ ଥିଲା ଓ ସେ ଶତ ପ୍ରତିଶତ ସଚ୍ଚୋଟତାର ଜଣେ ଜୀବନ୍ତ ପ୍ରତିମୂର୍ତ୍ତି ଥିବା ସହ କୌଣସି ପ୍ରତିକୂଳ ପରିସ୍ଥିତିରେ ବି ସେ ଅନ୍ୟାୟ, ଅନୀତି, ଅଧର୍ମ ଓ ହିଂସା ଆଗରେ ମୁଣ୍ଡ ନୁଆଁଇ ନ ଥିଲେ ଏବଂ ଆଦର୍ଶ ଗଣତନ୍ତ୍ରର ଜଣେ ମୂର୍ତ୍ତିମନ୍ତ ପ୍ରତୀକ ହିସାବରେ ନିଜକୁ ପ୍ରମାଣ କରି ପାରିଥିଲେ !ଯାହା ଆଜିକା ଯୁଗରେ ବିରଳ ଅଟେ !ତେବେ ଆଜି ଆମ ଭାରତ ବର୍ଷ ର ରାଜନେତା ମାନେ ଯଦି ତାଙ୍କୁ ଅନୁସରଣ କରନ୍ତେ;ତେବେ ଆମ ଦେଶ ନିଶ୍ଚିତ ସ୍ୱର୍ଣ୍ଣ ହୋଇଯିବ ଓ ଆମ ଦେଶ ନିଶ୍ଚିତ ପୁଣି ବିଶ୍ୱ ଗୁରୁ ହେବାରେ ଆଉ କେହି ଅଟକାଇ ପାରିବେ ନାହିଁ । ପରିଶେଷରେ ଶ୍ରୀ ସଚ୍ଚିଦାନନ୍ଦ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ ।।

# ବୁର୍ଲାରେ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ ଧର୍ମେନ୍ଦ୍ର ପ୍ରଧାନ



ବୁର୍ଲା (ଭାସ୍କର ନ୍ୟୁଜ): ରାଷ୍ଟ୍ର ନାୟକ, ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଜଣେ ବ୍ୟକ୍ତି ନଥିଲେ, ଥିଲେ ଜଣେ ବିଚାରଧାରା । ସେ ଲୋକ ଅଭିବ୍ୟକ୍ତିର ବଡ ପ୍ରତୀକ ଥିଲେ ବୋଲି ବୁଧବାର ସମ୍ବଲପୁର ବୁର୍ଲା ଠାରେ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ଏବଂ ସୁଶାସନ ଦିବସ ଅବସରରେ ତାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ଶ୍ରୀ ପ୍ରଧାନ 'ଅଟଳ ଉଦ୍ୟାନ'ର ଉଦଘାଟନ ସହ ଗୋଲଗୁଣ୍ଡା ଛକକୁ 'ଅଟଳ ଛକ' ନାମକରଣର ଶୁଭାରମ୍ଭ କରିଥିଲେ । ଅଟଳଜୀଙ୍କ ଜନ୍ମ ଶତବାର୍ଷିକୀରେ ସାଢେ ୪ କୋଟି ଓଡ଼ିଆଙ୍କ ତରଫରୁ ପ୍ରଣାମ ଜଣାଇ ଉନ୍ମୋଚିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଯେ ଆମ ସମସ୍ତଙ୍କ ମାର୍ଗଦର୍ଶକ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱ ଭାରତକୁ ବିଶ୍ୱ ମାନଚିତ୍ରରେ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ପ୍ରତିଷ୍ଠିତ କରିଥିଲା । ଓଡ଼ିଶାରେ ବିଜେପି ସରକାରକୁ ଆସିବାର ବଡ ଭୂମିକା ଅଟଳଜୀଙ୍କର ମଧ୍ୟ ରହିଥିଲା । ଓଡ଼ିଶାର ପଶ୍ଚିମାଞ୍ଚଳରେ ମରୁଡ଼ି ପଡିଥିବା ବେଳେ ଅଟଳଜୀ କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାକୁ ଟ୍ରେନରେ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ । ଏଥିରୁ ଓଡ଼ିଶା ପ୍ରତି ଥିବା ତାଙ୍କର ପ୍ରତିବଦ୍ଧତା ପ୍ରମାଣିତ ହୋଇଛି । ଦେଶର ଜଣେ ପ୍ରବୀଣ ରାଜନେତା, ସାଂସଦ ଓ ବିରୋଧୀ ଦଳ ନେତା ଭାବରେ ଓଡ଼ିଶା ପ୍ରତି ବାଜପେୟୀଜୀଙ୍କ ଭଲ ପାଇବା ଥିଲା ଅନନ୍ୟ । ତାଙ୍କର ବିକାଶ ଧାରାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମଗ୍ର ଭାରତବର୍ଷରେ ତ୍ୱରାନ୍ୱିତ କରୁଛନ୍ତି । ଆମ ରାଜ୍ୟ ଓଡ଼ିଶା ସମେତ ଦେଶର ବିକାଶରେ ଅଟଳଜୀଙ୍କର ଅତୁଳନୀୟ ଅବଦାନ ସର୍ବଦା ତାଙ୍କୁ ଅମର କରି ରଖିବ । ଆଜିର ସାଧୁ ଉଦ୍ୟମ ପାଇଁ ଜିଲ୍ଲା ପ୍ରଶାସନ ଓ 'ଅଟଳ ବିହାରୀ ବାଜପେୟୀ ସ୍ମୃତି ସମିତି'କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି।

# କର୍ମଜୀବୀ ସାମ୍ବାଦିକ ସଙ୍ଘର ପ୍ରତିଷ୍ଠା ଦିବସ




ଖୋର୍ଦ୍ଧା (ଭାସ୍କର ନ୍ୟୁଜ): ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଙ୍ଘ(ଓ.ୟୁ.ଡବ୍ଲ୍ୟୁ.ଜେ) ର ନବମ ପ୍ରତିଷ୍ଠା ଦିବସ ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଙ୍ଘର ରାଜ୍ୟ ସଭାପତି ଭାଗବତ ତ୍ରିପାଠୀ ଙ୍କ ଅଧକ୍ଷତା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ସାଧାରଣ ସମ୍ପାଦକ ତପନ ମହାରଣ୍ୟ ଶର୍ମା, ରାଜ୍ୟ ସଂଗଠନ ସମ୍ପାଦକ ଅର୍ଜୁନ ମୁଦୁଲି, ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ପ୍ରକାଶ କୁମାର ହାତୀ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନା ମୟୀ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବରେ ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ର ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ । ରାଜ୍ୟ ସଭାପତି ଶ୍ରୀ ତ୍ରିପାଠୀ ଏହି ପ୍ରତିଷ୍ଠା ଦିବସ ପାଳନ ର ତାତ୍ପର୍ଯ୍ୟ ଏବଂ ସାମ୍ବାଦିକମାନଙ୍କ ନିମନ୍ତେ ପେନସନ ଓ ସାମ୍ବାଦିକ ସୁରକ୍ଷା ଆଇନ ରାଜ୍ୟ ସରକାର ତୁରନ୍ତ ପ୍ରଣୟନ କରିବାକୁ ଦାବୀ କରିବା ସହିତ ସାମ୍ବାଦିକ ମାନଙ୍କ ର ନ୍ୟାର୍ଯ୍ୟ ଦାବୀ ହାସଲ ପାଇଁ ସେ ତାଙ୍କର ସଂଗ୍ରାମ ଜାରି ରଖିବେବୋଲି କହିଥିଲେ । ରାଜ୍ୟ ସାଧାରଣ ସମ୍ପାଦକ ତପନ ମହାରଣ୍ୟ ଶର୍ମା କର୍ତବ୍ୟରତ ଗଣମାଧମ ପ୍ରତିନିଧି ମାନେ ଯେପରି ଭାବରେ ନିଜ ଜୀବନ କୁ ବାଜି ଲଗାଇ ଗଣତନ୍ତ୍ର ର ଜାଗ୍ରତ ପ୍ରହରୀ ଭାବରେ ନିଜ ଦାୟିତ୍ୱକୁ ସୁଚାରୁରୂପେ ତୁଲାଉଥିବା ବେଳେ ରାଜ୍ୟ ସରକାର ଗଣମାଧମ ପ୍ରତିନିଧି ମାନଙ୍କ ଦାବୀ ଗୁଡିକୁ ସହୃଦୟରତାସହ ବିଚାର କରି ତୁରନ୍ତ ପୂରଣ କରିବା ଉଚିତ । ମୁଖ୍ୟବକ୍ତା ଶ୍ରୀ ସାମନ୍ତରାୟ ରାଜ୍ୟ ସରକାର ସାମ୍ବାଦିକ ମାନଙ୍କ ସ୍ୱାସ୍ଥ୍ୟ ବୀମା ରାଶି ୫ଲକ୍ଷ ରୁ ୧୦ଲକ୍ଷ ଟଙ୍କା କୁ ବୃଦ୍ଧି କରିବା ସହିତ ସ୍ୱାସ୍ଥ୍ୟବୀମା ରେ ପିତାମାତା ଙ୍କୁ ଅନ୍ତର୍ଭୁକ୍ତ କରିବା, ୫୦ବର୍ଷ ପରେ ସାମ୍ବାଦିକ ମାନଙ୍କୁ ପେନସନ ପ୍ରଦାନ, ଅନ୍ୟ ରାଜ୍ୟ ଭଳି ଓଡିଶା ରେ ମଧ ସାମ୍ବାଦିକ ସୁରକ୍ଷା ଆଇନ ର ପ୍ରଣୟନ ନିମନ୍ତେ ଦାବୀ କରିଥିଲେ । ରାଜ୍ୟ ସଂଗଠନ ସମ୍ପାଦକ ଶ୍ରୀ ମୁଦୁଲି, କର୍ତବ୍ୟରତ ସମୟରେ ଗଣମାଧମ ପ୍ରତିନିଧିମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଏବଂ ତାର ପ୍ରତିକାର ସମ୍ପର୍କ ରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । କରୋନା ମହାମାରୀ ସମୟରେ ନିଜ ଜୀବନ କୁ ବାଜି ଲଗାଇ କରୋନା ରେ ପୀଡିତ ରୋଗୀମାନଙ୍କୁ ଆମ୍ବୁଲାନ୍ସ ରେ ନେଇ ଭୁବନେଶ୍ୱର ର ବିଭିନ୍ନ ଚିକିତ୍ସାଳୟ ରେ ଉତମ ଚିକିତ୍ସା ପାଇଁ ଭର୍ତି କରିଥିବା ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର କର୍ମଚାରୀ ନିବାସ ମହାରଣାଙ୍କୁ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସଙ୍ଘ ତରଫରୁ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଲଳିତ ମୋହନ ମହାପାତ୍ର କାର୍ଯ୍ୟକ୍ରମ ଟିକୁ ସଂଯୋଜନା କରିଥିବାବେଳେ ଓ.ୟୁ.ଡବ୍ଲ୍ୟୁ.ଜେ. ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ରାଜ୍ୟ ର ବିଭିନ୍ନ ପ୍ରାନ୍ତ ରୁ ଆସିଥିବା ଓ.ୟୁ.ଡବ୍ଲ୍ୟୁ. ଜେ. ର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ଏହି କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ବିଦାୟୀ ରାଜ୍ୟପାଳ ରଘୁବର ଦାସ



ପୁରୀ (ଭାସ୍କର ନ୍ୟୁଜ) : ବିଦାୟୀ ରାଜ୍ୟପାଳ ରଘୁବର ଦାସ ଆଜି ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ପ୍ରଥମେ ଭିତରକାଠ ନିକଟରୁ ମହାପ୍ରଭୁଙ୍କୁ ଦର୍ଶନ କରି ମୁକ୍ତିମଣ୍ଡପ ଠାରେ ଆଶ୍ରିବାଦ ନେଇ ମା ବିମଳା, ମା ଲକ୍ଷ୍ମୀଙ୍କ ଦର୍ଶନ କରିଥିଲେ। ଏଥିସହ ଶ୍ରୀ ଦାସ ମା' ବାଟମଙ୍ଗଳାଙ୍କ ମନ୍ଦିର ଯାଇ ମାଙ୍କ ଆଶ୍ରିବାଦ ନେଇଥିଲେ। ଏହାପରେ ସେ ଗଣମାଧମକୁ କହିଛନ୍ତି, ମହାପ୍ରଭୁଙ୍କ କୃପାରୁ ମୋତେ ଓଡ଼ିଶାର ରାଜ୍ୟପାଳ ହେବାର ସୌଭାଗ୍ୟପ୍ରାପ୍ତ ହୋଇଥିଲା। ଏହାପରେ ଦଳ ମୋତେ ଯେଉଁ ଦାୟିତ୍ୱ ଦେବ, ବିଜେପିର ଜଣେ ଶୃଙ୍ଖଳିତ କର୍ମୀ ଭାବେ ମୁଁ ତାକୁ ଗ୍ରହଣ କରିବି। ସୂଚନା ଥାଉ ଯେ, ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ରଘୁବର ଦାସ ୨୦୨୩ ଅକ୍ଟୋବର ମାସରେ ଓଡ଼ିଶାର ରାଜ୍ୟପାଳ ଭାବେ ଦାୟିତ୍ୱ ନେଲା ପରେ ସେ ବେଶ୍ ସକ୍ରିୟ ଥିଲେ। ରାଜ୍ୟର ବିଭିନ୍ନ ସ୍ଥାନ ବୁଲି ସରକାରୀ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ ବିଭିନ୍ନ ନିର୍ଦ୍ଦେଶ ବି ଜାରି କରୁଥିଲେ। ଫଳରେ ତତ୍କାଳୀନ ବିଜେଡି ସରକାର ଅଡୁଆରେ ପଡ଼ିଯାଉଥିଲେ। କିନ୍ତୁ ରାଜ୍ୟରେ ବିଜେପି ସରକାର ଆସିଲା ପରେ ଏକାଧିକ କାରଣ ପାଇଁ ରଘୁବର ବିବାଦୀୟ ହୋଇପଡ଼ିଥିଲେ।

O-1003 email: eerwkoraput@yahoo.com
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION: KORAPUT
No.4131 Dated: 20.12.2024
1st CORRIGENDUM TO e-TENDER CALL NOTICE 06/2024-25
1. Due to Technical Issue the tender could not published. The Sl. No-1 to 6 (6 nos of Road works) the online tender No. 06/2024-25 of Rural Works Division. Koraput and tender here extended.
2. The online tender No. 06/2024-25 of Rural Works Division, Koraput, the sale of tender paper is hereby changed to 26.12.2024 to 06.01.2025 instead of 20.12.2024 to 30.12.2024 & the new date of opening on 07.01.2025.
Sd/- Additional Chief Engineer
R.W. Division, Koraput
OIPR 25088/11/0007/2425

WANTED
Wanted hardworking hotel staff-housekeeping, bathroom cleaning, front desk, kitchen help and cleaning for Hotel in Solaur (near Pune). Free stay and food. Salary 15000/-. Contact: 9823485155

# ବାଜପେୟୀଙ୍କ ଜିଲ୍ଲାସ୍ତରୀୟ ଜନ୍ମ ଜୟନ୍ତୀ




ଖୋର୍ଦ୍ଧା (ଭାସ୍କର ନ୍ୟୁଜ): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ବିଜେତା ଅଟଳ ବିହାରୀ ବାଜପେୟୀଙ୍କ ଜିଲ୍ଲାସ୍ତରୀୟ ଜନ୍ମ ଜୟନ୍ତୀ ଉତ୍ସବ ଜୟୀ ରାଜଗୁରୁ ଟାଉନ ହଲ ରେ ମହା ସମାରୋହରେ ପାଳନ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଆଇନ ଅବକାରୀ ଓ ପୂର୍ତ୍ତବିଭାଗ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ, ସମ୍ମାନିତ ଅତିଥିଭାବେ ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ଜିଲ୍ଲାପାଳ ଚଂଚଳ ରାଣା, ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ପ୍ରମୁଖ ଯୋଗଦେଇଥିଲେ । ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅଟଳ ବିହାରି ବାଜପାୟୀ ଜଣେ ସୁବକ୍ତା, କୁଟନିତିଜ୍ଞ, ବିଚକ୍ଷଣ ରାଜନିତିଜ୍ଞ ଏବଂ ଜଣେ ରାଷ୍ଟ୍ର ନିତିଜ୍ଞ ଭାବରେ ତାଙ୍କର ଛାପ ଛାଡ଼ି ଯାଇଛନ୍ତି । ଆଣବିକ ଶକ୍ତି ପରିକ୍ଷଣ ପ୍ରତିବନ୍ଧକ ପ୍ରତିବାଦରେ ସେ କିଛି ନ କହି ଆହୁରି ଅଧିକ ଆଣବିକ ଶକ୍ତି ପରିକ୍ଷଣ ପାଇଁ ଉତ୍ସାହିତ କରିଥିଲେ ବୋଲି କହିଥିଲେ । ସେହିପରି ସାଂସଦ ସୁଶାସନ ହେଉଛି ଆମ ସମସ୍ତଙ୍କର ମୁଳାଧାର । ଅନ୍ତୋଦୟ ଯୋଜନା ରେ ସମସ୍ତଙ୍କ ବିକାଶ ପାଇଁ ସହଯୋଗ କରିବା ସୁ ଶାସନ ବୁଝାଇଥାଏ । ବିଧାୟକ କହିଲେ ଯେ, ସମସ୍ତ ଙ୍କୁ ଭଲପାଇବା ହେଉଛି ମଣିଷର ଲକ୍ଷ ହବା ଦରକାର । ନିଜକୁ ଭୁଲିଯାଇ ପରିବାର ପ୍ରତି ପରିବାରରୁ ଦୁରେଇ ପଡୋଶୀ ଙ୍କୁ ଏବଂ ପଡୋଶୀଙ୍କ ଠାରୁ ସମାଜକୁ ଗୁରୁତ୍ୱ ଦେବାକୁ ସେ ପ୍ରାଧାନ୍ୟ ଦେଇଛନ୍ତି । ବ୍ୟବସ୍ଥା ର ପରିବର୍ତନ ସହ ମାନସିକତାର ପରିବର୍ତନ ରେ ମୁଁ ଶାସନ ପରିଲକ୍ଷିତ ହୁଏ । ଶେଷରେ ଜିଲ୍ଲା ସ୍ତରରେ ଉଚ୍ଚ ବିଦ୍ୟାଳୟ ସ୍ତରୀୟ ଏବଂ ମହା ବିଦ୍ୟାଳୟ ସ୍ତରୀୟ ହୋଇଥିବା ବିତର୍କ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ କବିତା ପାଠୋତ୍ସବ କରାଯାଇଥିଲା । କବିତା ପାଠୋତ୍ସବ ରେ ଭାଗ ନେଇଥିବା ସମସ୍ତଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଜିଲ୍ଲା ପରିଷଦ, ଉପ-ଜିଲ୍ଲାପାଳ ଦିପ୍ତି ରଞ୍ଜନ ସେଠୀ, ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ, ସରପଂଚ, ଜନ ସାଧାରଣ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟମଣ୍ଡିତ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଜପେୟୀଙ୍କ ଜୟନ୍ତୀରେ ରୋଗୀଙ୍କୁ ଫଳ ବଣ୍ଟନ



ଯୋଡ଼ା (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ କମାର ଯୋଡ଼ା ସ୍ଥିତ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ମହାନ୍ ପୁଣ୍ୟାତ୍ମା ଭାରତରତ୍ନ ପୂର୍ବତନ ପ୍ରଧାମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ରେ ସୁଶାସନ ଦିବସ ପାଳନ କରି ଯୋଡ଼ା ବିଜେପି କାର୍ଯ୍ୟାଳୟରେ କାର୍ଯ୍ୟକର୍ତ୍ତା ମାନେ ବାଜପେୟୀଙ୍କ ଫଟୋରେ ପୁଷ୍ପମାଲ୍ୟ ଦେଇ, କମାର ଯୋଡ଼ା ଡାକ୍ତରଖାନାରେ ରୋଗୀଙ୍କୁ ଭେଟି ସେମାନଙ୍କର ଭଲ ମନ୍ଦ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଡ଼ା ନଗର ସଭାପତି ସୁଶାନ୍ତ ବେବର୍ତ୍ତା, ପୂର୍ବତନ ନାଗରପାଳ, ସାଂସଦ ପ୍ରତିନିଧି, ବରିଷ୍ଠ ବିଜେପି ନେତା ରବୀନ୍ଦ୍ର କୁମାର ଦାସ, ଉପସଭାପତି ପାର୍ଥସାରଥୀ ଷଡ଼ଙ୍ଗୀ, ସମ୍ପାଦକ ଅନନ୍ତ ଟୁଡ୍ଡୁ, ପୂର୍ବତନ କାଉନସିଲର ସରେନ୍ଦ୍ର ଯୋରା, ବିଚିତ୍ରା ନନ୍ଦ ଦାଶ, ଚର୍ଚ୍ଚିଲ ମହାକୁଡ଼, ଜଗନ୍ନାଥ ପାଣିଗ୍ରାହୀ ଓ ମହିଳା ମୋର୍ଚ୍ଚା ର ବହୁ ସଦସ୍ୟା ଏବଂ ପ୍ରମୁଖ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ୨୦୦୧ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ

ପଟ୍ଟାମୁଣ୍ଡାଇ (ଭାସ୍କର ନ୍ୟୁଜ): ପଟ୍ଟାମୁଣ୍ଡାଇ ବକ୍ତାରପୁର ୨୦୦୧ମସିହା ଛାତ୍ର ଛାତ୍ରୀ ମାନଙ୍କ ବନ୍ଧୁ ମିଳନ ଉତ୍ସବ ପ୍ରାକ୍ତନ ଛାତ୍ର ସଂସଦର ସଭାପତି ମନୋଜ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗୁରୁ ପୂଜନ ଓ ପରେ ପଟ୍ଟାମୁଣ୍ଡାଇ ମେଡିକାଲରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ଛାତ୍ର ସଂସଦ ତରଫରୁ ସମସ୍ତ ଗୁରୁ ମାନଙ୍କୁ ଓ ପଟ୍ଟାମୁଣ୍ଡାଇରର ବରିଷ୍ଠ ସାମ୍ବାଦିକ ପତିତପାବନ ଭଦ୍ର ,ଅକ୍ଷୟ ସାହୁ , ଜଗନ୍ନାଥ ଆଚାର୍ଯ୍ୟ, କୁମାରେସ ନାୟକ, ଯୁବ ସାମ୍ବାଦିକ ସଞ୍ଜୟ ପଣ୍ଡା, ଯୁବ ସାମ୍ବାଦିକ ହିମାଂଶୁ ମହାନ୍ତି, ହିମାଦିଭୂଷଣ ମାଝୀ,ଶିଶିର ସେଣ ସମେତ ବହୁ ସମାଜ ସେବୀ ସାମ୍ବାଦିକ ଓ ଗୁରୁ ପୂଜନ କାର୍ଯ୍ୟ କରାଯାଇଥିଲା । ନିଜର କର୍ମମୟ ଜୀବନ ମଧ୍ୟରେ ଏଭଳି ବନ୍ଧୁ ମିଳନ କାର୍ଯରେ ଥାଇ ମଧ୍ୟ ଆଜକୁ ୫ ବର୍ଷ ହେବ ଏଭଳି କାର୍ଯ୍ୟ ୨୦୦୧ ମସିହା ଛାତ୍ର ଛାତ୍ରୀ କରୁଥିବାରୁ ପଟ୍ଟାମୁଣ୍ଡାଇ ଅଞ୍ଚଳ ରେ ବୁଦ୍ଧିଜିବୀ ମାନଙ୍କ ମଧ୍ୟରେ ଆଶିର୍ବାଦ ସୁଅ ଛୁଟିଛି ।

# ବ୍ରାହ୍ମଣୀରୁ ଯୁବକଙ୍କ ମୃତ ଦେହ ଉଦ୍ଧାର

କଣିହାଁ (ଭାସ୍କର ନ୍ୟୁଜ): କଣିହା ବ୍ଲକ ଏନଟିପିସି ଟାଉନ ଥାନା ଅନ୍ତର୍ଗତ ବିଜିଗୋଳ ଗ୍ରାମର ପୁରୁଣା ରାମମନ୍ଦିର ପାର୍ଶ୍ୱ ବ୍ରାହ୍ମଣୀ ନଦୀ କୂଳରୁ ପୋଲିସ ଓ କଣିହାଁ ଅଗ୍ନିଶମ ବାହିନୀ ହରି ପଲେଇ (୩୫) ନାମକ ଜଣେ ଯୁବକଙ୍କ ମୃତ ଦେହ ଉଦ୍ଧାର କରିଛି । ତାର ଘର ଏନଟିପିସି ଟାଉନ ଥାନା ଅନ୍ତର୍ଗତ ବିଜିଗୋଳ ଗ୍ରାମରେ। ପୁଲିସ ଏଥିନେଇ ଏକ ଅପମୃତ୍ୟୁ ମୋକଦ୍ଦମା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ତାଳଚେର ମେଡିକାଲ ପଠାଇ ଅନୁସନ୍ଧାନ ଜାରି ରଖିଛନ୍ତି । ମୃତ ଯୁବକଙ୍କ ଭଉଣୀ ରୋହିଣୀ ଦେହୁରୀଙ୍କ ଅଭିଯୋଗରୁ ଜଣାଯାଏ ଯେ, ତାର ଭାଇ ହରି ପଲେଇ ବିଜିଗୋଳ ଗ୍ରାମରୁ ଗତ ୧୫ ଦିନ ହେବ ନିଖୋଜ ଥିବା କଥା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ବୁଧବାର ସକାଳ ନଦୀରେ ମୋ ଭାଇର ମୃତ୍ୟୁ ଦେହ ଭାସୁଥିବା ଦେଖିବାକୁ ମିଳିଥିଲା । ଏନଟିପିସି ଟାଉନ ପୁଲିସ ପକ୍ଷରୁ ତଦନ୍ତ ଚାଲିଛି ।

ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ C-1325
OFFICE OF THE NOTIFIED AREA COUNCIL, CHAMPUA
Mail: champuanac@gmail.com
ବିଜ୍ଞାପନ ନଂ-୪୩୧୨ ତାରିଖ: ୨୩.୧୨.୨୦୨୪
ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ପୁରୁଣା ଆଶ୍ରମ ସ୍କୁଲ, ରାମଲା ୱାର୍ଡ ନଂ-୧୨ ନିକଟ ଏନ.ଏଚ.-୨୦ ପାର୍ଶ୍ୱରେ ବଳକା ଥିବା ୩ଟି ଭେଣ୍ଡିଂ ଗୃହ (2.5mtr x 3.5 mtr.) ଆକାର ବିଶିଷ୍ଟ ଏବଂ ସାଇ ମନ୍ଦିର ପାଖ ୱାର୍ଡ ନଂ-୦୨ ନିକଟ ଯୋଡ଼ା ରୋଡ୍ ପାର୍ଶ୍ୱରେ ନିର୍ମାଣ ହୋଇଥିବା ୪ଟି ଭେଣ୍ଡିଂ ଗୃହ (2.5mtr x 3.5 mtr.) ଆକାର ବିଶିଷ୍ଟ ବ୍ୟବସାୟୀମାନଙ୍କୁ ଯୋଗାଇ ଦେବାପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। ଆସନ୍ତା ତା ୦୩.୦୧.୨୦୨୫ରିଖ ଦିବା ୧୧.୦୦ଟା ସୁଦ୍ଧା ନିର୍ଦ୍ଧାରିତ ଫର୍ମରେ ବର୍ଣ୍ଣିତ ଥିବା କାଗଜପତ୍ର ସଂଲଗ୍ନ କରି ବନ୍ଦ ଲଫାପାରେ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟର ଟେଣ୍ଡର ବାକ୍ସ ଭିତରେ ଭର୍ତ୍ତି କରନ୍ତୁ ଓ ଲଫାପା ଉପରେ 'ଭେଣ୍ଡିଂ ଜୋନ ପାଇଁ ଦରଖାସ୍ତ ଏବଂ ସ୍ଥାନର ନାମ' ଉଲ୍ଲେଖ କରନ୍ତୁ। ଧାର୍ଯ୍ୟ ତାରିଖ ଓ ସମୟ ପରେ ଆଉ କୌଣସି ବ୍ୟବସାୟୀ କିମ୍ବା ବ୍ୟବସାୟ ପାଇଁ ଆଗ୍ରହୀ ବ୍ୟକ୍ତିଙ୍କଠାରୁ ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଦରଖାସ୍ତ ଫର୍ମ ବାବଦକୁ ଟ.୧,୦୦୦/- (ଏକହଜାର ଟଙ୍କା ମାତ୍ର) ଦାଖଲ କରି ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟାଳୟଠାରୁ ଫର୍ମ ପାଇପାରିବେ। ଉକ୍ତ ଦରଖାସ୍ତକୁ ତା ୦୩.୦୧.୨୦୨୫ରିଖ ଅପରାହ୍ନ ୩.୦୦ଟା ସମୟରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ କାର୍ଯ୍ୟାଳୟଠାରେ ଯାଞ୍ଚ କରାଯିବ। ଯଦି ଆବଶ୍ୟକ ଭେଣ୍ଡିଂ ଗୃହଠାରୁ ଅଧିକ ଫର୍ମ ଆବେଦନ ହୋଇଥିବ, ତେବେ ଏହା ଲଟେରୀ ମାଧ୍ୟମରେ ଦରଖାସ୍ତକାରୀଙ୍କ ଉପସ୍ଥିତିରେ ଆବଣ୍ଟନ କରାଯିବ। ଆବେଦନକାରୀଙ୍କୁ ନିଶ୍ଚିତ ଭାବେ ଦୋକାନ ଦେବାକୁ କର୍ତ୍ତୃପକ୍ଷ ବାଧ୍ୟ ନୁହନ୍ତି ଏବଂ ଏଥି ନିମନ୍ତେ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଅଟେ।
ଯେଉଁ ବ୍ୟବସାୟୀମାନଙ୍କୁ ଭେଣ୍ଡିଂ ଗୃହ ଆବଣ୍ଟନ କରାଯିବ, ସେମାନେ ଏ ସମ୍ବନ୍ଧୀୟ ଏକ ଚୁକ୍ତିନାମା (Agreement) କର୍ତ୍ତୃପକ୍ଷଙ୍କ ସହିତ କରିବେ। ସେମାନେ ଭେଣ୍ଡିଂ ଗୃହ ପାଇ ସାରିବା ପରେ କର୍ତ୍ତୃପକ୍ଷ ସେମାନଙ୍କଠାରୁ ମାସିକିଆ ସୂତ୍ରରେ ଟ.୫୦୦/- (ପାଞ୍ଚଶହ ଟଙ୍କା ମାତ୍ର) ଭଡା ଆଦାୟ କରିବେ। ଯେଉଁ ବ୍ୟବସାୟୀମାନଙ୍କୁ ଭେଣ୍ଡିଂ ଗୃହ ଆବଣ୍ଟନ କରାଯିବ, ସେମାନେ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦର ନୀତିନିୟମ ମାନିବାକୁ ବାଧ୍ୟ ହେବେ।
ସୂଚନା: ୧. Street Venderଙ୍କୁ ଅଗ୍ରାଧିକାର ଦିଆଯିବ।
୨. ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କ (Minimum 40% Disability)ପାଇଁ ଗୋଟିଏ ଭେଣ୍ଡିଂ ଗୃହ ସଂରକ୍ଷିତ ରଖାଯିବ।
୩. ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଗୋଟିଏ ଭେଣ୍ଡିଂ ଜୋନ ସଂରକ୍ଷିତ ରଖାଯିବ।
୪. ଉକ୍ତ ଭେଣ୍ଡିଂ ଜୋନରେ ପରିବା, ଆମିଷ ଓ କୌଣସି ବିସ୍ଫୋରକ ସାମଗ୍ରୀ ଦୋକାନ ପାଇଁ ଆବେଦନପତ୍ରକୁ ଗ୍ରହଣ କରାଯିବ ନାହିଁ।
୫. ଅନ୍ୟାନ୍ୟ ନୀତିନିୟମ ଦରଖାସ୍ତ ଫର୍ମରେ ଉପଲବ୍ଧ।
ସ୍ୱା/- କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ
OIPR 13157/11/0001/2425

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ମାର୍ଚ୍ଚରେ ମିଳିବ...

ହେବାର ଆବଶ୍ୟକତା ନାହିଁ। ତେବେ ୨ଲକ୍ଷ ୬୭ହଜାର ଅଯୋଗ୍ୟଙ୍କ ଭିତରୁ ଯେଉଁମାନଙ୍କୁ ଭୁଲ ହୋଇଥିଲା ସେମାନଙ୍କର ରିଭ୍ୟୁ ଚାଲିଛି। ୨୨ ପ୍ରତିଶତ କାମର ସମାଧାନ ହୋଇସାରିଛି। କେବଳ ଭେରିଫିକେସନ ପରେ ସେମାନେ ସହାୟତା ପାଇପାରିବେ। ସୁଭଦ୍ରା ଯୋଜନା ପାଇଁ ବର୍ତ୍ତମାନ ବ୍ୟାଙ୍କ ସମ୍ମୁଖରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ବ୍ୟାଙ୍କରେ ଅଯଥା ଭିଡ଼ ନ କରିବାକୁ ଶ୍ରୀମତୀ ପରିଡ଼ା ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ଯାହାର ଆଧାରକାର୍ଡ ସହ ରାସନ କାର୍ଡ ମ୍ୟାଚ୍ ନାହିଁ, ସେମାନେ ବ୍ୟାଙ୍କରେ ଆଧାର ଲିଙ୍କ୍ କଲେ ସେମାନଙ୍କୁ ସୁଭଦ୍ରା ସହାୟତା ମିଳିପାରିବ। ଗତ କିଛିଦିନ ତଳେ ଶ୍ରୀମତୀ ପରିଡ଼ା ମାଲକାନଗିରି ଗସ୍ତରେ ଯାଇ ବଣ୍ଡାଘାଟିର ମହିଳା ହିତାଧିକାରୀମାନଙ୍କୁ ଭେଟିବା ସହ ସେମାନଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ଗ୍ରାମ୍ୟ ଅର୍ଥନୀତି...

କୃଷକଙ୍କ ସହିତ ପଶୁପାଳନ, ମତ୍ସ୍ୟଚାଷ, ବାସଗୃହ, ବୟନଶିଳ୍ପ ତଥା ମହିଳାଙ୍କ ପାଇଁ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି। ଏହି ଯୋଜନାକୁ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ହେଉଛି ପ୍ରାଥମିକ କୃଷି ସମବାୟ ସମିତିର ଦାୟିତ୍ୱ। ଓଡ଼ିଶାର କୃଷି କ୍ଷେତ୍ରରେ ସମବାୟ ସଂସ୍ଥାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଅବଦାନ ହୋଇଛି। ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ, ଯେଉଁଠି ମୋଟ ଫସଲ ଋଣର ୬୦ ପ୍ରତିଶତରୁ ଅଧିକ ସମବାୟ ବ୍ୟାଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥାଏ। କୃଷକମାନଙ୍କୁ ଠିକ୍ ସମୟରେ ଋଣ ଦେବାକୁ ପରାମର୍ଶ ଦେଇ ଶ୍ରୀ ମାଝୀ କହିଥିଲେ, ସବୁ ସମବାୟ ସଂସ୍ଥାର କାଗଜପତ୍ର ଅଡିଟ ହେବାର ଆବଶ୍ୟକତା ରହିଛି। ଓଡ଼ିଶାର ଚାଷୀମାନେ ବିନା ସୁଧରେ ଏକଲକ୍ଷ ଟଙ୍କାର ଫସଲ ଋଣ ପାଉଛନ୍ତି। ରାଜ୍ୟର ଦୁଗ୍ଧ ଚାଷୀଙ୍କ ପାଇଁ ଓମ୍ଫେଡ୍ ମେରୁଦଣ୍ଡ ସଦୃଶ୍ୟ ପାଲଟିଛି। ସେ କହିଥିଲେ, ଭୁବନେଶ୍ୱର ସମବାୟ ବ୍ୟାଙ୍କର ଜମାକାରୀଙ୍କୁ ରାଜ୍ୟ ସରକାର ଜମାଟଙ୍କା ଫେରସ୍ତ କରିବେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପବଳ ସାମନ୍ତ, ମୁଖ୍ୟ ସଚିବ ମନୋଜ ଆହୁଜା, ବିଭାଗୀୟ ପ୍ରମୁଖ ଶାସନସଚିବ ଡକ୍ଟର ଅରବିନ୍ଦ ପାଢୀ, ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନସଚିବ ଗୁହା ପୁନମ ତାପସକୁମାର ଓ ସମବାୟ ନିବନ୍ଧକ ସନ୍ତୋଷ କୁମାର ଦାସ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କର୍ମଚାରୀଙ୍କ ୪ର୍ଥ ବାର୍ଷିକ ଉତ୍ସବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅବସରପ୍ରାପ୍ତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କର୍ମଚାରୀଙ୍କ ୪ର୍ଥ ବାର୍ଷିକ ସମ୍ମିଳନୀ ଆଜି ରୋଟାରୀ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶା ଭାସ୍କର ମୁଖ୍ୟ ସଂପାଦକ ପ୍ରଦୋଷ ପଟ୍ଟନାୟକ ଯୋଗଦେଇ କହିଥିଲେ ଯେ, ବାହାର ଦେଶରେ ୬୦ବର୍ଷ ପରେ ଜୀବନ ଆରମ୍ଭ ହେଉଛି ଯାହାଙ୍କର ଅବସର ନାହିଁ। ଅବସର ପରେ ଜଣେ ବ୍ୟକ୍ତି ସବୁ ପ୍ରକାର କାର୍ଯ୍ୟ କିପାରିବ ବୋଲି ସେ କହିଥିଲେ। ସମ୍ମାନୀତ ଅତିଥି ଭାବେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷା ଶୁଭଶ୍ରୀ ନନ୍ଦ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କ ସମସ୍ତ ପ୍ରକାର ସମସ୍ୟା ଆଲୋଚନା ମାଧ୍ୟମରେ ସମାଧାନ କରାଯାଇପାରିବ ବୋଲି କହିଥିଲେ। ଶିକ୍ଷା ଓ ସମାଜ ସେବା କ୍ଷେତ୍ରରେ ବରିଷ୍ଠ ନାଗରିକଙ୍କ ଯଥେଷ୍ଟ ଭୂମିକା ରହିଛି ବୋଲି ବିଭିନ୍ନ ଉଦାହରଣ ଦେଇ ୬୦ବର୍ଷ ପରେ ବହୁ ଲୋକ ପ୍ରତିଷ୍ଠା ଲାଭ କରିପାରିଛନ୍ତି ବୋଲି କହିଥିଲେ। ବରିଷ୍ଠ ନାଗରିକ ମହାସଂଘର ସଭାପତି ଡ.ଯୁଗଳ କିଶୋର ସାହୁ ଏବଂ ବରିଷ୍ଠ ଆଇଜୀବୀ ମଧୂମାଧବ ଜେନା କହିଥିଲେ ଯେ, ବରିଷ୍ଠ ନାଗରିକଙ୍କୁ ସବୁଠି ସମ୍ମାନ ମିଳିବା ସହ ପୂର୍ବରୁ ଯେପରି ସରକାରୀସ୍ତରରେ ସମାନ ସୁବିଧା ସୁଯୋଗ ଥିଲା, ତାହା ଦେବା ସହ ଦୂରଯାତ୍ରା ସମୟରେ ଟିକେଟ ରିହାତି ପ୍ରଦାନ ସହ ବ୍ୟାଙ୍କ ଅଧିକ ସୁଧ ପ୍ରଦାନ କରିବାକୁ ମତ ଦେଇଥିଲେ। ସଭାରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଜୟନ୍ତ କୁମାର ରଥ ସଭାପତିତ୍ୱ କରିଥିଲେ। ସଂଘର ସମ୍ପାଦକ ରବୀନ୍ଦ୍ର କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଅବସରପ୍ରାପ୍ତ କର୍ମଚାରୀ ରବୀନ୍ଦ୍ରନାଥ ସେନାପତି ବିଭିନ୍ନ ପ୍ରସଙ୍ଗରେ ଅବସରପ୍ରାପ୍ତ କର୍ମଚାରୀଙ୍କ ନ୍ୟାର୍ଯ୍ୟ ପ୍ରାପ୍ତ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ଚକ୍ରଧର ସାହୁ, ଯୁଗ୍ମ ସମ୍ପାଦକ ଚକ୍ରଧର ଦାସ ପ୍ରମୁଖ ବହୁ ବରିଷ୍ଠ ବ୍ୟକ୍ତି ଉପସ୍ଥିତ ରହିଥିବା ବେଳେ ଭାଗୀରଥୀ ସେରୋନ୍ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଉପସଭାପତି ଧୀରେନ୍ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

IndusInd Bank
ଆଞ୍ଚଳିକ କାର୍ଯ୍ୟାଳୟ: ସାବିତ୍ରୀ ଟାୱାର, ୩ଏ, ଅପର ଉଡ୍ ଷ୍ଟ୍ରିଟ୍, କୋଲକାତା-୭୦୦୦୧୭
ଆପେଣ୍ଡିକ୍ସ-୪ (ରୁଲ୍-୮ (୧) ଦେଖନ୍ତୁ
ଶାରୀରିକ ଦଖଲ ନୋଟିସ୍
(ସ୍ଥାବର/ଅସ୍ଥାବର ସମ୍ପତ୍ତି ପାଇଁ)
ଯେପରିକି,
ନିମ୍ନ ସ୍ୱାକ୍ଷରକାରୀ ଇଣ୍ଡସଇଣ୍ଡ ବ୍ୟାଙ୍କ ଲିମିଟେଡ୍ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ ଜାରି କରି କଥିତ ନୋଟିସ ମାଧ୍ୟମରେ ନୋଟିସ ଦର୍ଶିତ ଅର୍ଥରାଶି ସହିତ ସେ ବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ ପ୍ରାପ୍ତି ତାରିଖଠାରୁ ୬୦ ଦିନ ମଧ୍ୟରେ ପୈଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତାମାନେ ଦେୟ ପୈଠ କରିବାରେ ବିଫଳ ହୋଇଥିବାରୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ ଦଖଲକୁ ନିଆଯାଇଛି।
ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟରାଶି ସହିତ ସେ ବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ ଇଣ୍ଡସଇଣ୍ଡ ବ୍ୟାଙ୍କ ଲିମିଟେଡ୍ ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍ୱାରା ଋଣ ଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି ଯେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଋଣଗ୍ରହୀତା/ଗ୍ୟାରେଣ୍ଟର/ବନ୍ଧକ ଦାତାଙ୍କ ନାମ | ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସର ତାରିଖ ଏବଂ ପଜେସନର ତାରିଖ | ବାକି ରହିଥିବା ଅର୍ଥ ପରିମାଣ |
|---|---|---|---|
| ଋଣଗ୍ରହୀତା: ମେସର୍ସ ମିଃ ଇଣ୍ଟରପ୍ରାଇଜେସ୍, ମିସ୍ କବିତା ଅଗ୍ରୱାଲ, ମି. ଅନୀଲ ଅଗ୍ରୱାଲ ଏବଂ ମି. ଦୀପକ ଅଗ୍ରୱାଲ | ଅବିଭକ୍ତ ସମ୍ପତ୍ତିର ଅଂଶବିଶେଷ ଏ୦.୦୮୭ ଡିସିମିଲ (ଶତାଅଶୀ ଡିସିମିଲ) ବାର୍ଷିକ ରେଣ୍ଟ ଟ. ୩୨.୬୦ ପଇସା (ଷ୍ଟ୍ରକ୍ଚର ସହିତ) ଯାହାକି ଆରସିସି ଦୁଇମହଲା ସିମେଣ୍ଟ ଫ୍ଲୋରିଂ ୧୪୨୫+୧୫୬୮ ବର୍ଗଫୁଟ , ଘର ଯୋଗାଯୋଗ, ସାବକ ମୌଜା, ବାହାରନାଳ, ସାବକ ପିଏସ୍ ନଂ ୨୦୦, ସାବକ ଖାତା ନଂ ୨୨୧, ସାବକ ପ୍ଲଟ୍ ନଂ ୮୪୧, ଓରିଜିନାଲ ହାଲ୍ ଖାତା ନଂ ୭୧୪ ଏବଂ ହାଲ୍ ପ୍ଲଟ୍ ନଂ ୨୩(ପି), ସିଏମ୍ସି ୱାର୍ଡ ନଂ ୧୨(ନୂଆ ୨୦), ହୋଲଡିଂ ନଂ ୧୨୧, ଜିଲ୍ଲା-କଟକ, ଏସଆରଓ, ତହସିଲ ଏବଂ ଥାନା- କଟକ ସଦର, ବର୍ତ୍ତମାନର ପିଏସ୍ ପୁରୀଘାଟ, ପିଏସ୍ନଂ୩, ତହସିଲ ନଂ ୨୧୫, ଓଡ଼ିଶା, ସରକାରୀ ଖ୍ୱାଟ୍ ନଂ ୧, ହାଲ୍ ମୌଜା- କଟକ ଟାଉନ୍, ୟୁନିଟ୍ ନଂ ୧୫, ଚୌଧୁରୀ ବଜାର, ମ୍ୟୁଟେସନ ଖାତା ନଂ ୮୭୦/୫୯(ଆଠଶହ ସତୁରୀ/ ଅଣଷଠୀ), ଷ୍ଟାଟସ୍ : ସ୍ଥିତିବାନ, ମ୍ୟୁଟେସନ ପ୍ଲଟ ନଂ ୨୩/୩୧୪୪ (ତେଇଶି/ତିନିହଜାର ଶହେ ଚଉରାଳିଶ), କିସମ: ଘରବାରୀ-୨, ବାଉଣ୍ଡରୀ: ଉତ୍ତର- ନଗରମାଳ, ଦକ୍ଷିଣ- ଯୁଥିକା ମିତ୍ର, ପୂର୍ବ- ରାଧେଶ୍ୟାମ ଅଗ୍ରୱାଲ, ପଶ୍ଚିମ-ସିଏମ୍ସି ରାସ୍ତା, ସମ୍ପତ୍ତିର ସଂପୂର୍ଣ୍ଣବିବରଣୀ/ଡିଡି ନଂ ୧୦୩୯୧୫୦୪୨୫୩ ଯାହାକି ୩୦.୦୯.୨୦୧୫ରେ ଦଲିଲ ହୋଇଥିଲା ଦୀପକ ଅଗ୍ରୱାଲ ଏବଂ କବିତା ଅଗ୍ରୱାଲଙ୍କ ନାମରେ। | ୧୭.୧୦.୨୦୨୨ ଏବଂ ୨୩.୧୨.୨୦୨୪ | ଟ.୩,୩୬,୦୯,୦୨୦.୦୦/- (ତିନି କୋଟି ଛତିଶ ଲକ୍ଷ ନଅ ହଜାର କୋଡିଏ ଟଙ୍କା ମାତ୍ର) ଡିମାଣ୍ଡ ନୋଟିସରେ ଦର୍ଶାଯାଇଥିବା ସୁଧ ସହ ୩୦ ସେପ୍ଟେମ୍ବର, ୨୦୨୨ ସୁଦ୍ଧା। |
| ଋଣଗ୍ରହୀତା: ମିସ୍ କବିତା ଅଗ୍ରୱାଲ ଏବଂ ମି. ଦୀପକ ଅଗ୍ରୱାଲ, ମେସର୍ସ ମିଃ ଇଣ୍ଟରପ୍ରାଇଜେସ୍ ଏବଂ ମି. ଅନୀଲ ଅଗ୍ରୱାଲ | ଅବିଭକ୍ତ ସମ୍ପତ୍ତିର ଅଂଶବିଶେଷ ଏ୦.୦୮୭ ଡିସିମିଲ (ଶତାଅଶୀ ଡିସିମିଲ) ବାର୍ଷିକ ରେଣ୍ଟ ଟ. ୩୨.୬୦ ପଇସା (ନିର୍ମାଣ କୋଠା) ଯାହାକି ଆରସିସି ଦୁଇମହଲା ସିମେଣ୍ଟ ଫ୍ଲୋରିଂ ୧୪୨୫+୧୫୬୮ ବର୍ଗଫୁଟ, ଘର ଯୋଗାଯୋଗ, ସାବକ ମୌଜା, ବାହାରନାଳ, ସାବକ ଥାନା ନଂ ୨୦୦, ସାବକ ଖାତା ନଂ ୨୨୧, ସାବକ ପ୍ଲଟ ନଂ ୮୪୧,ଓରିଜିନାଲ ହାଲ୍ ଖାତା ନଂ ୭୧୪ ଏବଂ ହାଲ୍ ପ୍ଲଟ୍ ନଂ ୨୩(ପି), ସିଏମ୍ସି ୱାର୍ଡ ନଂ ୧୨(ନୂଆ ୨୦), ହୋଲଡିଂ ନଂ ୧୨୧, ଜିଲ୍ଲା-କଟକ, ଏସଆରଓ, ତହସିଲ ଏବଂ ଥାନା- କଟକ ସଦର, ବର୍ତ୍ତମାନର ପିଏସ୍ ପୁରୀଘାଟ, ପିଏସ୍ନଂ୩, ତହସିଲ ନଂ ୨୧୫, ଓଡ଼ିଶା, ସରକାରୀ ଖ୍ୱାଟ୍ ନଂ ୧, ହାଲ୍ ମୌଜା- କଟକ ଟାଉନ୍, ୟୁନିଟ୍ ନଂ ୧୫, ଚୌଧୁରୀ ବଜାର, ମ୍ୟୁଟେସନ ଖାତା ନଂ ୮୭୦/୫୯(ଆଠଶହ ସତୁରୀ/ ଅଣଷଠୀ), ଷ୍ଟାଟସ୍ : ସ୍ଥିତିବାନ, ମ୍ୟୁଟେସନ ପ୍ଲଟ ନଂ ୨୩/୩୧୪୪ (ତେଇଶି/ତିନିହଜାର ଶହେ ଚଉରାଳିଶ), କିସମ: ଘରବାରୀ-୨, ବାଉଣ୍ଡରୀ: ଉତ୍ତର- ନଗରମାଳ, ଦକ୍ଷିଣ- ଯୁଥିକା ମିତ୍ର, ପୂର୍ବ- ରାଧେଶ୍ୟାମ ଅଗ୍ରୱାଲ, ପଶ୍ଚିମ-ସିଏମ୍ସି ରାସ୍ତା, ସମ୍ପତ୍ତିର ସଂପୂର୍ଣ୍ଣବିବରଣୀ/ଡିଡି ନଂ ୧୦୩୯୧୫୦୪୨୫୩ ଯାହାକି ୩୦.୦୯.୨୦୧୫ରେ ଦଲିଲ ହୋଇଥିଲା ଦୀପକ ଅଗ୍ରୱାଲ ଏବଂ କବିତା ଅଗ୍ରୱାଲଙ୍କ ନାମରେ। | ୨୨.୦୮.୨୦୨୨ ଏବଂ ୨୩.୧୨.୨୦୨୪ | ଟ.୩୨,୯୧,୫୦୦.୧୦/- (ତିନି ବତିଶ ଲକ୍ଷ ଏକାନବେ ହଜାର ପାଞ୍ଚଶହ ଟଙ୍କା ଏବଂ ଦଶ ପଇସା ମାତ୍ର) ଡିମାଣ୍ଡ ନୋଟିସରେ ଦର୍ଶାଯାଇଥିବା ସୁଧ ସହ ୩୧ ଜୁଲାଇ, ୨୦୨୨ ସୁଦ୍ଧା। |

ତାରିଖ: ୧୫/୧୨/୨୦୨୪
ସ୍ଥାନ: କଟକ
ସ୍ୱା/-ପ୍ରାଧିକୃତ ଅଧିକାରୀ
ଇଣ୍ଡସଇଣ୍ଡ ବ୍ୟାଙ୍କ ଲିମିଟେଡ୍



ମୁମ୍ବାଇ: ମୁକେଶ ଅମ୍ବାନୀଙ୍କ ସାନପୁଅ ଅନନ୍ତ ଅମ୍ବାନୀଙ୍କ ବାହାଘର ମହା ଆଡ଼ମ୍ବରରେ ହୋଇଥିଲା। ମାସ ମାସ ଧରି ଭୋଜିଭାତ, ଅତିଥିଙ୍କୁ ଦାମି ଦାମ ଉପହାର। ଅତି ଘନିଷ୍ଠ ବନ୍ଧୁଙ୍କୁ ପ୍ରାୟ ଦେଢ଼ କୋଟି ଟଙ୍କାର ଦାମିକିଆ ଘଣ୍ଟା ଉପହାର ଦେଇଥିଲେ ଅନନ୍ତ ଅମ୍ବାନୀ ହେଲେ। ବଲିଉଡ୍ ଗାୟକ ମିକା ସିଂହଙ୍କୁ କିନ୍ତୁ ଘଣ୍ଟା ମିଳିଲା ନାହିଁ। ଏଥିପାଇଁ ତାଙ୍କ ମନ ଖୁବ୍ ଦୁଃଖ। ଏନେଇ ସେ ୟୁଟ୍ୟୁବ୍ ଚ୍ୟାନେଲ୍ ଦ ଲଲ୍ଲନ ଟପ୍‌କୁ ଇଣ୍ଟର ଭ୍ୟୁ ଦେଇ କହିଛନ୍ତି। ଇଣ୍ଟର ଭ୍ୟୁରେ ସେ ତାଙ୍କର ନିରାଶ ପ୍ରକାଶ କରି କହିଛନ୍ତି " ମୁଁ ଅନନ୍ତ ଅମ୍ବାନୀଙ୍କ ବାହା ଘରରେ ଗୀତ ଗାଇବାକୁ ଯାଇଥିଲି। ସେ ସମସ୍ତଙ୍କୁ, ଏମିତିକି ମୋତେ ବି ପ୍ରଚୁର ଟଙ୍କା ବାଣ୍ଟିଥିଲେ। କିନ୍ତୁ ଗୋଟେ କଥା ମୋତେ ରାଗ ଲାଗିଲା। ମୁଁ ସେ ଘଣ୍ଟା ପାଇଲି ନାହିଁ ଯାହା ଅନ୍ୟ ଘନିଷ୍ଠ ବନ୍ଧୁମାନେ ପାଇଥିଲେ।"

# ନୀତୀଶ ଏବଂ ନବୀନଙ୍କୁ ମିଳୁ 'ଭାରତ ରତ୍ନ': ଗିରିରାଜ ସିଂହ




ନୂଆଦିଲ୍ଲୀ: କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ କହିଛନ୍ତି ନୀତୀଶ କୁମାର ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ' ମିଳିବା ଉଚତ୍ ବୋଲି କହିଥିଲେ। ଏହି ବଡ଼ ଦାବିକୁ ନେଇ ଏବେ ବେଶ୍ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ନିଜ ଲୋକସଭା ନିର୍ବାଚନ ମଣ୍ଡଳୀ ବେଗୁସରାଇରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଗିରିରାଜ ସିଂହ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ନବୀନ ପଟ୍ଟନାୟକଙ୍କୁ ଖୁବ ପ୍ରଶଂସା କରିଛନ୍ତି । ଗିରିରାଜ କହିଛନ୍ତି, ନୀତୀଶ କୁମାର ଏବେ ବିଜେପିର ସହଯୋଗୀ ଅଛନ୍ତି, ନବୀନ ପଟ୍ଟନାୟକଙ୍କ ବିଜେଡି ମଧ୍ୟ ଏନଡିଏକୁ ସମର୍ଥନ ଦେଇଥାଏ । ହେଲେ ଏବେ ଓଡ଼ିଶାରେ ବିଜେଡିକୁ ମାତ ଦେଇ ବିଜେପି ସରକାର ଗଢ଼ିଛି । ଗିରିରାଜ ସିଂହ କହିଛନ୍ତି ଯେ, ନୀତୀଶ କୁମାରଙ୍କ ଶାସନରେ ବିହାରରେ ରାସ୍ତା, ସ୍କୁଲ ଏବଂ ଅନ୍ୟ ଭିତ୍ତିଭୂମି ସୁଦୃଢ଼ ହୋଇଛି । ବିହାର ଏକ ନୂଆ ପରିଚୟ ପାଇଛି । ନବୀନ ପଟ୍ଟନାୟକ ମଧ୍ୟ ଓଡ଼ିଶାକୁ ଦୀର୍ଘ ଦିନ ଧରି ଶାସନ କରିଛନ୍ତି । ତେଣୁ ଏହି ଦୁଇ ନେତାଙ୍କୁ ସର୍ବୋଚ୍ଚ ସମ୍ମାନ ଭାରତ ରତ୍ନ ଦିଆଯିବା ଦରକାର ବୋଲି ଗିରିରାଜ ସିଂହ ଦାବି କରିଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ ତମ ଜନ୍ମବାର୍ଷିକୀ ଅବସରରେ ବିଜେପି ସାଂସଦ ଆହୁରି କହିଛନ୍ତି ଯେ, ବିହାରରେ ନୀତୀଶ କୁମାରଙ୍କ ନେତୃତ୍ୱରେ ପୁଣି ଥରେ ଏନଡିଏ ସରକାର ଗଠନ ହେବ। କେହି ଦ୍ୱନ୍ଦ୍ୱରେ ରହିବା ଦରକାର ନାହିଁ । ଲାଲୁ ଯାଦବ ଯେତେ ଚେଷ୍ଟା କଲେ ବି ଆଗାମୀ ବିଧାନସଭା ନିର୍ବାଚନରେ ବିହାରରେ ଏନଡିଏ ସରକାର ଗଢ଼ିବ। ଦୀର୍ଘ ବର୍ଷ ଧରି ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ରହିଛନ୍ତି । ଯେଉଁ ପିଲାମାନେ ଏବେ ୩୦ ବର୍ଷରେ ପହଞ୍ଚିଲେଣି ସେମାନେ ଲାଲୁଙ୍କ ଜଙ୍ଗଲ ରାଜ ଦେଖିନାହାନ୍ତି ବୋଲି ଗିରିରାଜ କହିଛନ୍ତି। ନିକଟରେ ନୀତୀଶ କୁମାରଙ୍କ ଦଳ ଜେଡିୟୁ ପକ୍ଷରୁ କୁହାଯାଇଥିଲା ଯେ, ଆଗାମୀ ବିଧାନସଭା ନିର୍ବାଚନରେ ଏନଡିଏ ମେଣ୍ଟ ନୀତୀଶ କୁମାରଙ୍କ ନେତୃତ୍ୱରେ ଲଢ଼ିବ । ସେହିଭଳି ବିଜେପି ନେତା ଏବଂ ବିହାରର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ କହିଛନ୍ତି ଯେ, ନୀତୀଶ କୁମାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏନଡିଏ ମୈଦାନକୁ ଓହ୍ଲାଇବ । ସୂଚନାଯୋଗ୍ୟ, ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭା ନିର୍ବାଚନ ୨୦୨୫ ଶେଷ ଆଡ଼କୁ ହେବାର ସମ୍ଭାବନା ରହିଛି।

# ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ବୁଧବାର ରାଜଧାନୀ ରାୟପୁରର ଅବନ୍ତୀବିହାର ଛକଠାରେ ପହଞ୍ଚି ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗୀୟ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଆୟୋଜିତ ସୁଶାସନ ଦିବସରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏହି ଅବସରରେ ସେ କହିଥିଲେ ଛତିଶଗଡ଼ବାସୀଙ୍କ ଭାବନାକୁ ଅଟଳଜୀ ସମ୍ମାନ ଦେଉଥିଲେ । ତାଙ୍କର ନେତୃତ୍ୱ, ଦୂରଦୃଷ୍ଟୀ ଓ ଜନସେବା ପ୍ରତି ପ୍ରତିବଦ୍ଧତା ଆଜି ଆମ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛି । ସେ ଭାରତକୁ ଏକ ନୂଆ ଦିଶା ଦେଖାଇଥିଲେ । ତେଣୁ ତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଛତିଶଗଡ଼ର ବିକାଶ ଦ୍ରୁତ ଗତିରେ ଚାଲୁରହିଛି । ତାଙ୍କ ଜନ୍ମଦିବସରେ ଆମେ ସମସ୍ତେ ରାଷ୍ଟ୍ର ନିର୍ମାଣରେ ଯୋଗଦେବା ପାଇଁ ଶପଥ ନେବା ଆବଶ୍ୟକ ବୋଲି ସେ କହିଥିଲେ । ଏହି ଅବସରରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ୟାମବିହାରୀ ଜୟସ୍ୱାଲ, ବିଧାୟକ ପୁରନ୍ଦର ମିଶ୍ରା, ସୁନିଲ ସୋନି, ମୋତିଲାଲ ସାହୁ, ରାଜେଶ ମୁଣତଙ୍କ ସମେତ ବହୁ ମାନ୍ୟଗଣ୍ୟ ନାଗରିକ ଉପସ୍ଥିତ ରହିଥିଲେ ।

# ସଂସଦ ଭବନ ନିକଟରେ ଦେହରେ ନିଆଁ ଲଗାଇ ଗୁରୁତର

ନୂଆଦିଲ୍ଲୀ: ସଂସଦ ଭବନ ନିକଟରେ ଜଣେ ବ୍ୟକ୍ତି ଦେହରେ ନିଆଁ ଲଗାଇ ଦେଇଛନ୍ତି। ନିକଟରେ ଥିବା ସୁରକ୍ଷାକର୍ମୀମାନ ତୁରନ୍ତ ବ୍ୟକ୍ତି ଜଣଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବ୍ୟକ୍ତି ଜଣକ ନିଆଁରେ ବହୁତ ଜଳିଯାଇଥିବା କୁହାଯାଉଛି। ସୂଚନା ଅନୁସାରେ ଘଟଣା ସ୍ଥଳରୁ ପୋଲିସ ପେଟ୍ରୋଲ ଜବତ କରିଛି। ବ୍ୟକ୍ତି ଜଣକ କାହିଁକି ନିଜ ଦେହରେ ନିଆଁ ଲଗାଇଲେ ଏହାର କାରଣ ଜଣାପଡିନାହିଁ। ଫରେନସିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି ଯେ ଉତ୍ତରପ୍ରଦେଶର ବାଗପାଟ ନିବାସୀ ଜିତେନ୍ଦ୍ର ରେଳ ଭବନ ଛକରେ ନିଜକୁ ନିଆଁ ଲଗାଇଥିଲେ। ସ୍ଥାନୀୟ ପୋଲିସ ଏବଂ ରେଳ ପୋଲିସ କିଛି ନାଗରିକଙ୍କ ସହଯୋଗରେ ତୁରନ୍ତ ନିଆଁ ଲିଭାଇ ଉକ୍ତ ବ୍ୟକ୍ତିଙ୍କୁ ଡାକ୍ତରଖାନାକୁ ପଠାଇଥିଲେ।

# ଖାଇକୁ ବସ୍ ଖସି ୪ ମୃତ

ନୂଆଦିଲ୍ଲୀ: ଉତ୍ତରାଖଣ୍ଡ ଭୀମତାଲ ନିକଟରେ ଏକ ଭୟଙ୍କର ବସ୍ ଦୁର୍ଘଟଣା ଘଟିଯାଇଛି। ଏଥିରେ ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଆହତ ହୋଇଛନ୍ତି। ବସ୍‌ରେ ପ୍ରାୟ ୨୭ ଜଣ ଯାତ୍ରୀ ଥିଲେ। ଦୁର୍ଘଟଣାର ସୂଚନା ପାଇ ଏଡିଆରଏଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଏପର୍ଯ୍ୟନ୍ତ ଅନେକ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଭୀମତାଲରୁ ହଲଦ୍ୱାନୀ ଆଡ଼କୁ ଯାଉଥିବା ରୋଡୱେଜ ବସ୍ ଦୁର୍ଘଟଣାର ଶିକାର ହୋଇଛି। ବସ୍‌ରେ ପ୍ରାୟ ୨୦ରୁ ୨୭ ଜଣ ଯାତ୍ରୀ ଯାତ୍ରା କରୁଥିଲେ। ଦୁର୍ଘଟଣା ପରେ ବସ ପ୍ରାୟ ୧୦୦ ମିଟର ଗଭୀର ଖାଇକୁ ଖସିପଡ଼ିଥିଲା। ଦୁର୍ଘଟଣାରେ ଚାରି ଜଣଙ୍କ ମୃତ୍ୟୁ ହୋଇଛି। ଅନେକ ଆହତ ହୋଇଛନ୍ତି । ଆହତଙ୍କୁ ଚିକିତ୍ସାଙ୍କ ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେପଟେ ଦୁର୍ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ଦୁଃଖ ପ୍ରକାଶ କରିବା ସହ ଆହତ ଯାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହା ସହ ଏକ୍ସରେ ପୋଷ୍ଟ କରି ସେ କହିଛନ୍ତି ଭୀମତାଲ ନିକଟରେ ହୋଇଥିବା ବସ୍ ଦୁର୍ଘଟଣା ଅତ୍ୟନ୍ତ ଦୁଃଖଦ। ସ୍ଥାନୀୟ ପ୍ରଶାସନ ତ୍ୱରିତ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ସେହିଭଳି ଦୁର୍ଘଟଣାକୁ ପୋଲିସ ତରଫରୁ ବିବୃତ୍ତି ଦିଆଯାଇଛି। ନୈନୀତାଲର ଏସଏସପି ପ୍ରହଲାଦ ମୀନା କହିଛନ୍ତି ନୈନୀତାଲର ଭୀମତାଲରେ ରୋଡୱେଜ ବସ୍ ଖାଇରେ ଖସିବା କାରଣରୁ ଅନେକ ଆହତ ହୋଇଛନ୍ତି। ଉଦ୍ଧାରକାରୀ ଦଳ ଘଟଣାସ୍ଥଳକୁ ପଠାଯାଉଛି।

# ପୁଷ୍ପା ପ୍ରିମିୟର ଶୋ'ରେ ଦଳଚକଟା ଘଟଣା: ଅଲ୍ଲୁ ଅର୍ଜୁନ ଓ ପ୍ରଯୋଜକ ଦେବେ ୨ କୋଟି ଟଙ୍କାର ସହାୟତା

ହାଇଦ୍ରାବାଦ: ପୁଷ୍ପା ପ୍ରିମିୟର ଶୋରେ ହୋଇଥିବା ଦଳଚକଟା ଘଟଣାରେ ପୀଡ଼ିତ ପରିବାରକୁ ୨ କୋଟି ଟଙ୍କା ସହାୟତା ରାଶି ଘୋଷଣା କରାଯାଇଛି। ପୁଷ୍ପା-୨ ଦି ରୁଲ ସିନେମା ଟିମ୍ ପକ୍ଷରୁ ଏହି ପୁରସ୍କାର ରାଶି ଘୋଷଣା କରାଯାଇଛି। ଡିସେମ୍ବର ୪ ତାରିଖରେ ହାଇଦ୍ରାବାଦର ସନ୍ଧ୍ୟା ଥିଏଟର ନିକଟରେ ଏହି ଦଳଚକଟା ଘଟଣା ଘଟିଥିଲା। ପୁଷ୍ପା-୨ ଦି ରୁଲ ପ୍ରିମିୟର ଶୋ ଦେଖିବାକୁ ଅଲ୍ଲୁ ଅର୍ଜୁନ ଆସିଥିଲେ। ତାଙ୍କୁ ଦେଖିବାକୁ ଜମିଥିବା ଭିଡ଼ ଯୋଗୁ ହୋଇଥିବା ଦଳାଚକଟାରେ ଜଣେ ୩୬ ବର୍ଷୀୟା ମହିଳାଙ୍କର ମୃତ୍ୟୁ ହୋଇଥିବା ବେଳେ ତାଙ୍କ ଶିଶୁ ପୁତ୍ରଙ୍କ ବ୍ରେନ୍ ଡେଡ୍ ହୋଇଥିବା ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ କହିଥିଲେ। ଘଟଣାରେ ପ୍ରଥମେ ୨୫ ଲକ୍ଷ ପରେ ୫୦ ଲକ୍ଷ ଏବେ ଦୁଇ କୋଟି ଟଙ୍କା ସହାୟତା ରାଶି ଘୋଷଣା କରାଯାଇଛି। ଏଥିରେ ଅଲ୍ଲୁ ଅର୍ଜୁନ ୧ କୋଟି ଟଙ୍କା ଦେବାକୁ ଥିବା ସିନେମାର ପ୍ରଯୋଜନା ସଂସ୍ଥା ମିଥ୍ରି ମୁଭି ଓ ନିର୍ଦ୍ଦେଶକ ସୁକୁମାର ୫୦ ଲକ୍ଷ ଲେଖାଏ ଟଙ୍କା ଦେବେ। ଏହି କ୍ଷତିପୂରଣ ଚଳଚ୍ଚିତ୍ର ନିର୍ମାତା ତଥା ତେଲେଙ୍ଗାନା ଚଳଚ୍ଚିତ୍ର ବିକାଶ ନିଗମର ଅଧ୍ୟକ୍ଷ ଦିଲ ରାଜୁଙ୍କ ଦ୍ୱାରା ପରିବାରକୁ ଦିଆଯିବ। ଅଲ୍ଲୁ ଅର୍ଜୁନଙ୍କ ବାପା ଅଲ୍ଲୁ ଅରବିନ୍ଦ ଏହି ପୁରସ୍କାର ରାଶି ଘୋଷଣା କରିଛନ୍ତି। କିମ୍ସ ହସ୍ପିଟାଲ ହାଇଦ୍ରାବାଦ୍‌ରେ ଚିକିତ୍ସିତ ହେଉଥିବା ସେହି ୯ ବର୍ଷୀୟ ଶିଶୁକୁ ଦେଖିବାକୁ ହସ୍ପିଟାଲ୍ ଯାଇଥିବା ବେଳେ ଅରବିନ୍ଦ ଏହି ଘୋଷଣା କରିଛନ୍ତି। ଯେହେତୁ ଆଇନଗତ କାରଣ ଭାବରେ ପୀଡ଼ିତ ପରିବାରକୁ ଭେଟିବାକୁ ତାଙ୍କୁ ଅନୁମତି ନାହିଁ ତେଣୁ ଚେୟାରମ୍ୟାନ ଦିଲ୍ ରାଜୁ ଆମ ଠାରୁ ଟଙ୍କା ନେଇ ପୀଡ଼ିତ ପରିବାରକୁ ଦିଅନ୍ତୁ ବୋଲି ସେ ଘୋଷଣା କରିଛନ୍ତି। ସେହିପରି ପୀଡ଼ିତ ୯ ବର୍ଷର ଶିଶୁ ଶ୍ରୀ ତେଜଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରୁଛି। ସେ ଏବେ ନିଜେ ନିଜେ ନିଃଶ୍ୱାସ ନେଲେଣି। ବୋଧହୁଏ ୨ ଦିନ ଭିତରେ ତାଙ୍କୁ ଭେଣ୍ଟିଲେଟରରୁ ବାହାର କରି ଦିଆଯିବ। ତାଙ୍କ ସୁସ୍ଥ ହେବାରେ ଆମେ ଖୁସି ଅରବିନ୍ଦ କହିଛନ୍ତି। ଦଳାଚକଟା ଘଟଣାରେ ଗତକାଲି ଅଲ୍ଲୁ ଅର୍ଜୁନଙ୍କୁ ହାଇଦ୍ରାବାଦ ପୋଲିସ ପ୍ରାୟ ଚାରି ଘଣ୍ଟା ପଚରାଉଚରା କରିଥିଲା। ପ୍ରିମିୟର ଦିନକ ପରେ ସେ ମହିଳାଙ୍କ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ ବୋଲି ଅଲ୍ଲୁ ଅର୍ଜୁନ କହିଛନ୍ତି।



# ବାଣିଜ୍ୟ

BAJAJ FINSERV

ନୂଆଦିଲ୍ଲୀ: ବଜାଜ ଫିନ୍‌ସର୍ଭ ଏଏମ୍‌ସି ପକ୍ଷରୁ ୩ ବର୍ଷର ଲକ୍-ଇନ ଅବଧି ଓ ଟିକସ ଲାଭ ସହିତ ଏକ ଓପନ୍-ଏଣ୍ଡେଡ ଇକ୍ୱିଟି ଲିଙ୍କ୍‌ଡ ସେଭିଙ୍ଗ୍ ସ୍କିମ ବଜାଜ ଫିନ୍‌ସର୍ଭ ଇଏଲ୍‌ଏସ୍‌ଏସ୍ ଟ୍ୟାକ୍ସ ସେଭର ଫଣ୍ଡର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ଫଣ୍ଡ ସବ୍‌ସ୍କ୍ରିପଶନ ପାଇଁ ଡିସେମ୍ବର ୨୪ ତାରିଖ ୨୦୨୪ରେ ଖୋଲିଛି ଏବଂ ଏହାର ଅବଧି ଆସନ୍ତା ଜାନୁଆରୀ ୨୨ ତାରିଖ ୨୦୨୫ରେ ଶେଷ ହେବ। ଏହା ରେଗୁଲାର ଓ ଡାଇରେକ୍ଟ ପ୍ଲାନ ଅଧିନରେ ଗ୍ରୋଥ୍ ଓ ଆଇଡିସିଡବ୍ଲ୍ୟୁ ବିକଳ୍ପରେ ଉପଲବ୍ଧ ହେଉଛି। ସର୍ବନିମ୍ନ ୫୦୦ ଟଙ୍କାର ଯୋଗଦାନ ସହିତ ଏକ ଲମ୍ପ୍ ସମ କିମ୍ବା ଏସ୍‌ଆଇପି ମାଧ୍ୟମରେ ଏହି ସ୍କିମରେ ନିବେଶ କରାଯାଇପାରିବ। ବଜାଜ ଫିନ୍‌ସର୍ଭ ଇଏଲ୍‌ଏସ୍‌ଏସ୍ ଟ୍ୟାକ୍ସ ସେଭର ଫଣ୍ଡର ଇକ୍ୱିଟିରେ ନିବେଶ କରି ଦୀର୍ଘାବଧିରେ ଟିକସ ଲାଭ ଓ ସମ୍ପତି ସୃଷ୍ଟିର ଦ୍ୱେତ ଲାଭ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଏହି ସ୍କିମ ଦୀର୍ଘାବଧିରେ ସମ୍ପତି ସୃଷ୍ଟି ପାଇଁ ସମ୍ଭାବନା ଖୋଜୁଥିବା ଏବଂ ଆୟକର ଆଇନ ୧୯୬୧ର ଧାରା ୮୦ସି ଅଧିନରେ ଟିକସ ଲାଭ ସହ ଇକ୍ୱିଟି ଓ ଇକ୍ୱିଟି ସମ୍ପର୍କିତ ଉତ୍ପାଦରେ ନିବେଶ କରିବାକୁ ଚାହୁଁଥିବା ନିବେଶକଙ୍କ ପାଇଁ ଉପଯୁକ୍ତ ଅଟେ। ଏସମ୍ପର୍କରେ ବଜାଜ ଫିନ୍‌ସର୍ଭ ଏଏମ୍‌ସିର ସିଇଓ ଗଣେଶ ମୋହନ କହିଛନ୍ତି, ଆମେ ଲୋକମାନଙ୍କୁ ସେମାନଙ୍କର ଦୀର୍ଘାବଧି ଲକ୍ଷ୍ୟ ସହ ମେଳ ଖାଉଥିବା ସ୍ମାର୍ଟ ଫାଇନାନ୍ସିଆଲ ସଲ୍ୟୁଶନ ପ୍ରଦାନ କରି ସଶକ୍ତ କରିବା ପାଇଁ ପ୍ରତିବଦ୍ଧ।

# ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍ ଲିମିଟେଡ୍‌ର ବିଜୟ କାର୍ନିଭାଲ୍




କୋଟା: କ୍ୟାରିୟର ସିଟି କୋଟାରେ ସଫଳତାର ସବୁଠାରୁ ବଡ ଉତ୍ସବ ହେଉଛି ଢୁସେହେରା ଗ୍ରାଉଣ୍ଡରେ ପାଳନ କରାଯାଇଥିବା ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍ ଲିମିଟେଡ୍‌ର ବିଜୟ କାର୍ନିଭାଲ୍ । ଏଠାରେ ଜେଇଇ ଏବଂ ନିଟ୍‌ରେ ସଫଳ ହୋଇଥିବା ଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦୁଇ ହଜାରରୁ ଅଧିକ ଭବିଷ୍ୟତର ଡାକ୍ତର ଏବଂ ଇଞ୍ଜିନିୟର ଯୋଗ ଦେଇଥିଲେ। ଯେତେବେଳେ ଚାମ୍ପିଅନ୍ ଛାତ୍ରମାନେ କାର୍ନିଭାଲ୍ ଥିମ୍ ଉପରେ ଆୟୋଜିତ କାର୍ଯ୍ୟକ୍ରମରେ ସାକ୍ଷାତ ହୋଇଥିଲେ, କୋଟାଙ୍କ ସ୍ମୃତି ସତେଜ ହୋଇଥିଲା ଏବଂ ସମସ୍ତେ କହିଥିଲେ ଯଦି କୋଟା ଅଛି, ଏହା ସମ୍ଭବ । ପୁରୁଣା ବନ୍ଧୁମାନେ କାର୍ନିଭାଲରେ କଲେଜ ଚୟନ ପରେ ସାକ୍ଷାତ ହୋଇଥିଲେ । ଆଲେନ୍‌ର ନିର୍ଦ୍ଦେଶକ ଡ. ଗୋବିନ୍ଦ ମହେଶ୍ୱରୀ, ରାଜେଶ ମହେଶ୍ୱରୀ, ଡକ୍ଟର ନବୀନ ମହେଶ୍ୱରୀ ଏବଂ ଡକ୍ଟର ବ୍ରିଜେଶ ମହେଶ୍ୱରୀ ଦୀପ ଜାଳି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ଅବସରରେ ଏଜିଏସ୍ ଏବଂ ଏଚ୍‌ଓଡି ମଧ୍ୟ ଉପସ୍ଥିତ ଥିଲେ । ରାଙ୍କ ଆଧାରରେ ବିଭିନ୍ନ ବ୍ୟାଚ୍ ଅନୁଯାୟୀ ଛାତ୍ରମାନଙ୍କୁ

ALLEN CAREER INSTITUTE path to success

ଉତ୍ସାହିତ କରିବା ପାଇଁ ଅଧ୍ୟାପକମାନେ ମଞ୍ଚକୁ ଆସିଥିଲେ । ଅଧ୍ୟାପକ ଏବଂ ଛାତ୍ରମାନେ ମଧ୍ୟ ବିଜୟ କାର୍ନିଭାଲରେ ଏକାଠି ହୋଇଥିଲେ । ଜେଇଇ ଏବଂ ନିଟ୍‌ର ଫଳାଫଳ ପରେ, ଏହି ଛାତ୍ରମାନେ ନିଜ ନିଜ କଲେଜରେ ପହଞ୍ଚିଛନ୍ତି ଏବଂ ସେଠାରେ ଅଧ୍ୟୟନ ଆରମ୍ଭ ହୋଇଛି । ଏବେ କେତେକ ଛଅ ମାସ ପରେ ଏବଂ କିଛି ୩ମାସ ପରେ କୋଟାକୁ ଫେରିଥିଲେ । ଯେତେବେଳେ ସେ ବିଜୟ କାର୍ନିଭାଲରେ ଅଧ୍ୟାପିକାଙ୍କୁ ଭେଟି ସେମାନଙ୍କ ପାଦ ଛୁଇଁ ଆଶୀର୍ବାଦ ଗ୍ରହଣ କଲେ । ପରେ ଏକ ସେଲଫି ମଧ୍ୟ ନେଇଥିଲେ । ଅଧ୍ୟାପକ ଛାତ୍ର କଲେଜ ବିଷୟରେ ସୂଚନା ମଧ୍ୟ ନେଇଥିଲେ ଏବଂ ସେଠାରେ ଚାଲିଥିବା ଅଧ୍ୟୟନ ବିଷୟରେ ପଚାରିଥିଲେ । ଆଲେନ୍ ନିର୍ଦ୍ଦେଶକ ଡକ୍ଟର ଗୋବିନ୍ଦ ମହେଶ୍ୱରୀ କହିଛନ୍ତି ଯେ ଅଧ୍ୟାପିକା ଭଲ ଡାକ୍ତର ଏବଂ ଇଞ୍ଜିନିୟର ହେବା ସହ ଭଲ ମଣିଷ ହୋଇ ରହିବାକୁ ପଡିବ। ନିଜ ପରିବାର ଏବଂ ସମାଜ ପାଇଁ ସେବାର ଭାବନାକୁ ସର୍ବଦା ଧ୍ୟାନରେ ରଖନ୍ତୁ । ନିର୍ଦ୍ଦେଶକ ରାଜେଶ ମହେଶ୍ୱରୀ କହିଛନ୍ତି ପ୍ରତ୍ୟେକ ଛାତ୍ର ନିଷ୍ଠା ସହ ପରିଚୟ ପ୍ରତିଷ୍ଠା କରିବା ଉଚିତ୍। ତୁମର ନାମ ତୁମର ସମ୍ପର୍କୀୟ, ପରିବାର ଏବଂ ସହର ଜଣାଶୁଣା ହେବା ଉଚିତ୍ । ସମସ୍ତ ମିଳିତ ପ୍ରୟାସରୁ ଭଲ ଫଳାଫଳ ଆସେ । ଯଦି ଆମେ ସମସ୍ତେ ଏକାଠି ଭଲ ପ୍ରଦର୍ଶନ ଜାରି ରଖୁ, ତେବେ ଏହି ପିଲାମାନଙ୍କର ସ୍ୱପ୍ନ ପୂରଣ ହେବ ।

# ଓଡିଶାରେ ବ୍ୟାଙ୍କ ଗ୍ୟାରେଣ୍ଟି ପାଇଁ ଅଟୋମେଟେଡ୍ ଇ-ଷ୍ଟାମ୍ପିଂ ସଲ୍ୟୁସନ୍‌ର ଶୁଭାରମ୍ଭ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶା ସରକାରଙ୍କ ପକ୍ଷରୁ ସ୍ୱିଫ୍ଟ ଇଣ୍ଡିଆର ପ୍ଲାଟ୍‌ଫର୍ମରେ ଷ୍ଟକହୋଲ୍ଡିଙ୍ଗ୍ ସହ ସହଭାଗିତାରେ ଇଲେକ୍‌ଟ୍ରୋନିକ ବ୍ୟାଙ୍କ ଗ୍ୟାରେଣ୍ଟି ପାଇଁ ଅଟୋମେଟେଡ ଇ-ଷ୍ଟାମ୍ପିଙ୍ଗ୍ (ଏଇଏସ୍) ସଲ୍ୟୁଶନର ଶୁଭାରମ୍ଭ କରାଯାଇଛି। ସ୍ୱିଫ୍ଟ ଇଣ୍ଡିଆ ହେଉଛି ଭାରତୀୟ ଆର୍ଥିକ ଶିଳ୍ପର ଘରୋଇ ବଜାର ଆବଶ୍ୟକତାକୁ ପୂରଣ କରିବା ପାଇଁ ସ୍ୱିଫ୍ଟ ଏସ୍‌ସି, ଗ୍ଲୋବାଲ ବ୍ୟାଙ୍କିଙ୍ଗ୍ କୋଅପରେଟିଭ ଓ ଭାରତର ୧୧ଟି ଅଗ୍ରଣୀ ବ୍ୟାଙ୍କ ମଧ୍ୟରେ ଏକ ଯୁଗ୍ମ ଉଦ୍ୟମ। ଏହି ଲଞ୍ଚ ସହିତ ରାଜ୍ୟର ବ୍ୟାଙ୍କଗୁଡିକ ସ୍ୱିଫ୍ଟ ଇଣ୍ଡିଆ ଚ୍ୟାନେଲ ମାଧ୍ୟମରେ ଇଲେକ୍‌ଟ୍ରୋନିକ ବ୍ୟାଙ୍କ ଗ୍ୟାରେଣ୍ଟି ପାଇଁ ଅଟୋମେଟେଡ ଇ-ଷ୍ଟାମ୍ପିଙ୍ଗ୍ ଜାରି କରିବା ଲାଗି ଏହି ସମାଧାନର କ୍ଷମତାକୁ ଉପଯୋଗ କରିବାକୁ ସକ୍ଷମ ହେବେ। ଏହା ସମ୍ପର୍କରେ ସ୍ୱିଫ୍ଟ ଇଣ୍ଡିଆର ସିଇଓ କିରଣ ସେଟ୍ଟୀ କହିଛନ୍ତି, ସ୍ୱିଫ୍ଟ ଇଣ୍ଡିଆ ଓଡିଶା ସରକାରଙ୍କ ସହ ସହଭାଗିତା କରି ଉତ୍ସାହିତ ଏବଂ ରାଜ୍ୟରେ ବ୍ୟବସାୟ କରିବାର ସହଜତାକୁ ଉନ୍ନତ କରିବା ପାଇଁ ସରକାରଙ୍କ ଉତ୍ସର୍ଗୀକୃତ ପ୍ରୟାସଗୁଡିକୁ ସମର୍ଥନ କରୁଛି। ସ୍ୱିଫ୍ଟ ଇଣ୍ଡିଆ ସହିତ ଅଟୋମେଟେଡ ଇ-ଷ୍ଟାମ୍ପିଙ୍ଗ୍, ବ୍ୟାଙ୍କ ଓ କର୍ପୋରେଟଗୁଡିକ ପାଇଁ ଷ୍ଟାମ୍ପ ଡ୍ୟୁଟି ପଇଠ କରିବାର ପ୍ରକ୍ରିୟାକୁ ପେପରଲେସ୍ କରୁଛି ଏବଂ ଏହା ବ୍ୟାଙ୍କ ଗ୍ୟାରେଣ୍ଟିଗୁଡିକର ଡିଜିଟାଲୀକରଣକୁ ସୁଗମ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଏହା ଗ୍ୟାରେଣ୍ଟି ଇସ୍ୟୁ କରୁଥିବା ବ୍ୟାଙ୍କଗୁଡିକୁ ଡିଜିଟାଲ ମାଧ୍ୟମରେ ଷ୍ଟାମ୍ପ ଡ୍ୟୁଟି ପେମେଣ୍ଟ ପାଇଁ ଆବେଦନ କରିବା ଏବଂ ଇ-ଷ୍ଟାମ୍ପ ସାର୍ଟିଫିକେଟ ତତ୍କାଳ ହାସଲ କରିବା ପାଇଁ ସକ୍ଷମ କରୁଛି। ଶୁକ୍ରବାର ଦିନ ଓଡିଶା ପାଇଁ ଷ୍ଟେଟ୍-ଲେଭେଲ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି) କନ୍‌ଭେନର୍ ୟୁକୋ ବ୍ୟାଙ୍କ ପକ୍ଷରୁ ସ୍ୱିଫ୍ଟ ଇଣ୍ଡିଆ ସହିତ ବ୍ୟାଙ୍କ ଗ୍ୟାରେଣ୍ଟିଗୁଡିକ ପାଇଁ ଅଟୋମେଟେଡ ଇ-ଷ୍ଟାମ୍ପିଙ୍ଗ୍ ସଲ୍ୟୁଶନର ଶୁଭାରମ୍ଭ କରିଛି। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମକୁ ଓଡିଶାର ସମସ୍ତ ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡିକର ଉତ୍ସାହପୂର୍ଣ୍ଣ ସମର୍ଥନ ମିଳିଥିଲା ଏବଂ ଏଥିରେ ରାଜ୍ୟ ସରକାରଙ୍କ ଡେପୁଟି ଇନସ୍ପେକ୍ଟର ଜେନେରାଲ ଶ୍ରୀକାନ୍ତ କୁମାର ବେହୁରା ଯୋଗ ଦେଇଥିଲେ। ସେହିପରି ଏସ୍‌ଏଲ୍‌ବିସି କନ୍‌ଭେନର ବ୍ୟାଙ୍କ, ୟୁକୋ ବ୍ୟାଙ୍କର ସାଧାରଣ ସମ୍ପାଦକ ତଥା କନ୍‌ଭେନର ଗୌତମ ପାତ୍ର କହିଛନ୍ତି, ଏଭଳି ପରିବର୍ତ୍ତନଶୀଳ ପ୍ରକଳ୍ପଗୁଡିକର ନେତୃତ୍ୱ ନେଇ ଆମେ ବ୍ୟବସାୟ ଓ ଆର୍ଥିକ ପ୍ରକ୍ରିୟାଗୁଡିକୁ ଶୃଙ୍ଖଳିତ କରିବା ନେଇ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ସହ ଜଡିତ ହେବା ସହିତ ସ୍ଥାୟୀ ଆର୍ଥିକ ବିକାଶ ପାଇଁ ଏକ ମଜବୁତ ଢାଂଚା ଗଠନ କରିବାରେ ସାହାଯ୍ୟ କରୁଛୁ।

# ଦେଶବ୍ୟାପୀ ୪୦୦୦ ଷ୍ଟୋର୍‌କୁ ସମ୍ପ୍ରସାରଣ କରିଛି ଓଲା ଇଲେକ୍‌ଟ୍ରିକ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତର ସବୁଠାରୁ ବଡ ଇଭି କମ୍ପାନୀ ଓଲା ଇଲେକ୍‌ଟ୍ରିକ, ଦେଶବ୍ୟାପୀ ୪୦୦୦ ଷ୍ଟୋରକୁ ଏହାର ନେଟ୍‌ୱର୍କ ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରିଛି । ଏହି ବିସ୍ତାର ସହିତ ବର୍ତ୍ତମାନର ନେଟ୍‌ୱର୍କରେ ୪ ଗୁଣ ବୃଦ୍ଧି ହୋଇଛି। ଦେଶରେ ଇଭିର ପହଂଚ, ଅଭିବୃଦ୍ଧି ଓ ଗ୍ରହଣୀୟତାକୁ ତ୍ୱରାନ୍ୱିତ କରୁଥିବା ବିଶ୍ୱର ଏହି ଅନ୍ୟତମ ସର୍ବବୃହତ ସମ୍ପ୍ରସାରଣ ସହିତ ଓଲା ଇଲେକ୍‌ଟ୍ରିକ ଇଭି କ୍ଷେତ୍ରରେ ନିଜର ନେତୃତ୍ୱକୁ ସୁଦୃଢ କରିଛି। ସର୍ଭିସ ସେଣ୍ଟରଗୁଡିକ ସହ ମିଳିତ ଭାବେ ଅବସ୍ଥାପିତ ୩୨୦୦ରୁ ଅଧିକ ନୂଆ ଷ୍ଟୋର୍‌ଗୁଡିକର ଶୁଭାରମ୍ଭ ସହିତ କମ୍ପାନୀ ମେଟ୍ରୋ, ଟିୟର ୧ ଓ ଟିୟର ୨ ସହରଗୁଡିକ ବାହାରେ ଭାରତର ପ୍ରାୟ ପ୍ରତ୍ୟେକ ଟାଉନ ଓ ତହସିଲରେ ବ୍ୟାପକ ପ୍ରବେଶୀକରଣକୁ ସକ୍ଷମ କରି ବୃହତ ସ୍ତରର ଇଭି ଗ୍ରହଣୀୟତାକୁ ପରିଚାଳନା କରିବା ପାଇଁ ପ୍ରତିବଦ୍ଧ ରହିଛି। ଏହି ସଂମ୍ପ୍ରସାରଣ ଯୋଜନା ଅଧିନରେ ଓଲା ପକ୍ଷରୁ ଭୁବନେଶ୍ୱରର ଝାରପଡ଼ା, କଟକ-ପୁରୀ ବାଇପାସ ରୋଡ୍ ସ୍ଥିତ କେସୁରା ପ୍ଲଟ ନଂ ୨୧୮୮ ଠାରେ ଏହାର ନୂଆ ଷ୍ଟୋରର ଉନ୍ମୋଚନ କରାଯାଇଛି । ଏହି ଅବସରରେ ଏହାର ରିଜୋନାଲ ସେଲ୍ସ ମ୍ୟାନେଜର ନବୀନ ନାୟକ ମଧ୍ୟ ଉପସ୍ଥିତ ଥିଲେ। ଏହି ବିସ୍ତାର ସହିତ ଓଲା ଇଲେକ୍‌ଟ୍ରିକ ଏହାର ହାସ୍‌ଟ୍ୟାଗ୍‌ସେଭିଙ୍ଗ୍‌ସ୍‌ୱାଲାସ୍କୁଟର କ୍ୟାମ୍ପେନ ଅଧିନରେ ନିଜର ପ୍ରତିଶ୍ରୁତିକୁ ପୂରଣ କରିଛି। ଏସମ୍ପର୍କରେ ଓଲା ଇଲେକ୍‌ଟ୍ରିକର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଭାବିଷ ଅଗ୍ରୱାଲ କହିଛନ୍ତି, ଆଜି ଭାରତର ଇଭି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଚିହ୍ନିତ ହୋଇଛି କାରଣ ଆମେ ଆମର ନେଟ୍‌ୱର୍କକୁ ଦେଶର ପ୍ରତ୍ୟେକ ସହର, ଟାଉନ ଓ ତହସିଲକୁ ବିସ୍ତାର କରିଛୁ।

# ଶ୍ରୀରାମ କ୍ରିଷ୍ଣନଙ୍କୁ ହ୍ୱାଇଟ୍ ହାଉସ୍‌ରେ ବରିଷ୍ଠ ନୀତି ଉପଦେଷ୍ଟା ଭାବେ ନିଯୁକ୍ତି

ନୂଆଦିଲ୍ଲୀ: ଏସ୍‌ଆର୍‌ଏମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି (ଏସଆର୍‌ଏମ୍ ଆଇଏସ୍‌ଟି)ର ପୁରାତନ ଛାତ୍ର ଶ୍ରୀରାମ କ୍ରିଷ୍ଣନଙ୍କୁ ଆମେରିକାର ହ୍ୱାଇଟ୍ ହାଉସ୍‌ରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ନୀତି ଲାଗି



ଆର୍ଟିଫିସିଆଲ ଇଂଟେଲିଜେନ୍ସର ବରିଷ୍ଠ ନୀତି ଉପଦେଷ୍ଟା ଭାବେ ନିଯୁକ୍ତି ମିଳିଛି। ୨୦୦୫ରୁ ଇନଷ୍ଟିଚ୍ୟୁଟ୍‌ରୁ ସୂଚନା ପ୍ରଯୁକ୍ତିରେ ଡିଗ୍ରି ହାସଲ କରିଥିବା ଶ୍ରୀ କ୍ରିଷ୍ଣନଙ୍କ ଏସ୍‌ଆର୍‌ଏମ୍‌ର ଏକ ପ୍ରତିଭାବାନ ଛାତ୍ରରୁ ବିଶ୍ୱ ଏଆଇ ନୀତିର ଜଣେ ପ୍ରମୁଖ ବ୍ୟକ୍ତି ହେବା ଅନୁଷ୍ଠାନକୁ ଗର୍ବିତ କରିଛି। ଏହି ସଫଳତା ଏସଆରଏମ ବିଶ୍ୱବିଦ୍ୟାଳୟର ବୁଦ୍ଧିମତା ଓ ରୂପାନ୍ତରୀତ ପ୍ରଭାବକୁ ପ୍ରତିଫଳିତ କରୁଛି। ଏସ୍‌ଆର୍‌ଏମ୍‌କୁ ଆସିବା ବେଳେ କମ୍ପ୍ୟୁଟର ଦୁନିଆ ଓ ପ୍ରୋଗ୍ରାମିଂ ପ୍ରତି ସେ ନୂଆ ଥିଲେ। ମାତ୍ର ନିଜର ଆଗ୍ରହ ଓ ନିଷ୍ଠା ବଳରେ ସେ ଜଣେ ପ୍ରତିଭାବାନ ଛାତ୍ର ଭାବେ ଉଭା ହୋଇଥିଲେ। ପାଇଥନ୍ ପ୍ରୋଗ୍ରାମିଂ ଲୋକପ୍ରିୟ ହେବା ପୂର୍ବରୁ ସେ ସେଥିରେ ସିଦ୍ଧହସ୍ତ ହୋଇପାରିଥିଲେ। ନୂତନ ବିଷୟକୁ ଶୀଘ୍ର ଶିଖିବା ତାଙ୍କୁ ଅନ୍ୟମାନଙ୍କଠାରୁ ଅଲଗା କରିଥିଲା। ପାଠପଢ଼ା ଶେଷ ହେବ ପରେ ଶ୍ରୀରାମ ମାଇକ୍ରୋସଫ୍ଟ, ଟ୍ୱିଟର, ୟାହୁ, ଫେସବୁକ ଓ ସ୍ନାପଚାଟ ଭଳି ପ୍ରଯୁକ୍ତି କମ୍ପାନିରେ କାମ କରି ନୂତନ ଉତ୍ପାଦ ଓ ପ୍ରଯୁକ୍ତି ବିକାଶ କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ତାଙ୍କ ଅଭିଜ୍ଞତା ଓ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ପାଇଁ ତାଙ୍କୁ ଏଆଇ ଲାଗି ହ୍ୱାଇଟ୍ ହାଉସ୍‌ରେ ବରିଷ୍ଠ ନୀତି ଉପଦେଷ୍ଟା ଭାବେ ନିଯୁକ୍ତ କରାଯାଇଛି ।

ଚଇତି ୨୦୨୪
CHAITI-2024
ଆୟୋଜକ: ଜିଲ୍ଲା ସଂସ୍କୃତି ପରିଷଦ, ରାୟଗଡ଼
Enriching the Cultural heritage of Rayagada and sale cum exhibit of rural handicraft
Letter No. 1877 Date: 23.12.2024
## ରାୟଗଡ଼ ଜିଲ୍ଲାର କଳା, ସଂସ୍କୃତି ଓ ପରମ୍ପରାର ନିଦର୍ଶନ 'ଚଇତି'
ଆସନ୍ତା ଡିସେମ୍ବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ରାୟଗଡ଼ ଜିଲ୍ଲାସ୍ତରୀୟ 'ଚଇତି' ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ଉନ୍ନୟନ ପ୍ରଦର୍ଶନୀ ରାୟଗଡ଼ ସଦର ମହକୁମାସ୍ଥିତ ଜିସିଡି ଖେଳ ପଡ଼ିଆଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଜିଲ୍ଲାର କଳା, ସଂସ୍କୃତି ଓ ପରମ୍ପରାର ନିଦର୍ଶନ 'ଚଇତି' ମହୋତ୍ସବରେ ବହୁ ସଂଖ୍ୟାରେ ଯୋଗଦାନ କରି ଏହାକୁ ସାଫଲ୍ୟମଣ୍ଡିତ କରିବାକୁ ଜିଲ୍ଲାବାସୀଙ୍କୁ ନିବେଦନ କରୁଛି।
ସ୍ୱା/- ଶ୍ରୀମତୀ ପାରୁଲ ପଟାୱରୀ, ଭା.ପ୍ରସେ.,
ଜିଲ୍ଲାପାଳ, ରାୟଗଡ଼

ଓଡ଼ିଶା ଭାସ୍କର
ODISHA BHASKAR
# ଖେଳ ଖବର
ପୃଷ୍ଠା-୭
Page-7
ଭୁବନେଶ୍ୱର
Bhubaneswar
୨୬.୧୨.୨୦୨୪
26.12.2024




ନୂଆଦିଲ୍ଲୀ : ରୋହିତ ଶର୍ମାଙ୍କ ପରେ ଟିମ ଇଣ୍ଡିଆର ଆଉ ଜଣେ କ୍ରିକେଟର ବାପା ହୋଇଛନ୍ତି। ଅକ୍ଷର ପଟେଲଙ୍କ ପତ୍ନୀ ମେହା ମା' ହୋଇଛନ୍ତି। ସେ ଗୋଟିଏ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଥିବା ଅକ୍ଷର ପଟେଲ ଆଜି ଇନଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। କିନ୍ତୁ ମେହା ଡିସେମ୍ବର ୧୯ରୁ ମା' ହୋଇ ସାରିଥିବା ସେ କହିଛନ୍ତି। ଅକ୍ଷର ଓ ମେହା ଇନଷ୍ଟାଗ୍ରାମରେ ସେମାନଙ୍କ ନବଜାତ ପୁଅ ଟିମ ଇଣ୍ଡିଆର ଜର୍ସୀ ପିନ୍ଧିଥିବା ଫଟୋ ପୋଷ୍ଟ କରିଛନ୍ତି। ଏଥିସହ ପୁଅର ନାଁ ମଧ୍ୟ ସେମାନେ ସମସ୍ତଙ୍କୁ ଜଣାଇଛନ୍ତି। ସେମାନେ ପୁଅର ନାଁ ହକଶ ପଟେଲ ରଖିଛନ୍ତି। ଅକ୍ଷର ଓ ମେହା ଇନଷ୍ଟାଗ୍ରାମରେ ଲେଖିଛନ୍ତି, "ସେ ଏବେ ବି ଗୋଡ଼ରୁ ଅଫ ସାଇଡ ଖୋଜୁଛି। କିନ୍ତୁ ଆମେ ତା'କୁ ବ୍ଲୁରେ ଆପଣଙ୍କ ଆଗରେ ଉପସ୍ଥାପନ କରିବାକୁ ଅପେକ୍ଷା କରିପାରୁ ନାହୁଁ। ବିଶ୍ୱରେ ଭାରତର ସବୁଠାରୁ ଛୋଟ ତଥାପି ସବୁଠାରୁ ଫ୍ୟାନ ଓ ଆମ ହୃଦୟର ସବୁଠାର ଖାସ୍ ହକଶ ପଟେଲଙ୍କୁ ସ୍ୱାଗତ। ୧୯-୧୨-୨୦୨୪।" ବକ୍ସିଂ ଡେ ଟେଷ୍ଟ ପୂର୍ବରୁ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ମଧ୍ୟ ଅକ୍ଷର ପିତୃତ୍ୱ ଛୁଟିରେ ଥିବା କହିଥିଲେ। ସେ ପିତୃତ୍ୱ ଛୁଟିରେ ଥିବାରୁ ତାଙ୍କୁ ବର୍ଡର-ଗାଭାସ୍କର ଟ୍ରଫି ସ୍କ୍ୱାଡରେ ସାମିଲ କରାଯାଇଥିବା ରୋହିତ ସ୍ପଷ୍ଟ କରିଥିଲେ। ଅକ୍ଷର ଓ ମେହା ଅକ୍ଟୋବର ୭ରେ ବାପା ମା' ହେବାକୁ ଯାଉଥିବା ଘୋଷଣା କରିଥିଲେ। ଏବେ ସେମାନେ ବାପା ମା' ହୋଇଛନ୍ତି। ୨୦୨୩ରେ ଜାନୁଆରୀରେ ଉଭୟ ବିବାହ କରିଥିଲେ।

### ବର୍ଡର-ଗାଭାସ୍କର ଟ୍ରଫି

## ବକ୍ସିଂ ଡେ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ ଟିମ୍ ଘୋଷଣା




ନୂଆଦିଲ୍ଲୀ: ପବିତ୍ର ଖ୍ରୀଷ୍ଟମାସରେ ଭାରତ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିର ବକ୍ସିଂ ଡେ ଟେଷ୍ଟ ପାଇଁ ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି ଘରୋଇ ଅଷ୍ଟ୍ରେଲିଆ। ଆସନ୍ତାକାଲି ଭାରତ ଓ ଅଷ୍ଟ୍ରେଲିଆ ଐତିହାସିକ ମେଲବର୍ଣ୍ଣରେ ୪ର୍ଥ ତଥା ବକ୍ସିଂ ଟେଷ୍ଟ ଖେଳିବେ। ଭାରତୀୟ ସମୟ ଭୋର ୫.୩୦ରେ ମ୍ୟାଚ୍ ଆରମ୍ଭ ହେବ। ଏହାର ଦିନକ ପୂର୍ବରୁ ଅଷ୍ଟ୍ରେଲିଆ ବକ୍ସିଂ ଡେ ଟେଷ୍ଟ ପାଇଁ ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି। ଦଳ ଚୂଡ଼ାନ୍ତ ଏକାଦଶରେ ଦୁଇଟି ପରିବର୍ତ୍ତନ କରିଛି। ନାଥନ ମ୍ୟାକସ୍ୱିନୀଙ୍କ ସ୍ଥାନରେ ଆସନ୍ତାକାଲି କଙ୍ଗାରୁ ଟିମ ପାଇଁ ଡେବ୍ୟୁ କରିବାକୁ ଯାଉଛନ୍ତି ୧୯ ବର୍ଷୀୟ ସାମ କୋନଷ୍ଟାସ। ସେହିପରି ଆହତ ଜୋଶ ହାଜେଲଉଡଙ୍କ ସ୍ଥାନରେ ସ୍କଟ ବୋଲାଣ୍ଡଙ୍କୁ ସୁଯୋଗ ମିଳିଛି। ଏହାବାଦ ଟ୍ରାଭିସ ହେଡ ମଧ୍ୟ ଫିଟ ଘୋଷିତ ହୋଇଛନ୍ତି। ତୃତୀୟ ଟେଷ୍ଟରେ ହେଡ୍ ଆହତ ସମସ୍ୟାରେ ପଡ଼ିଥିଲେ। ୪ର୍ଥ ଟେଷ୍ଟରେ ସେ ଖେଳିବା ନେଇ ଅନିଶ୍ଚିତତା ମଧ୍ୟ ଦେଖାଯାଇଥିଲା। କିନ୍ତୁ ସେ ଏବେ ଫିଟନେସ ଟେଷ୍ଟରେ ପାସ୍ କରି ଯାଇଛନ୍ତି। ବକ୍ସିଂ ଡେ ଟେଷ୍ଟରେ ମଧ୍ୟ ସେ ଉପଲବ୍ଧ ହେବେ ବୋଲି ଅଷ୍ଟ୍ରେଲିଆ ଟିମର ଅଧିନାୟକ ପାଟ କମିନ୍ସ ନିଶ୍ଚିତ କରିଛନ୍ତି। ଖରାପ ଫର୍ମ ଦେଇ ଗତି କରୁଥିବା ମିଚେଲ ମାର୍ଶ ମଧ୍ୟ ୪ର୍ଥ ଟେଷ୍ଟର ଚୂଡ଼ାନ୍ତ ଏକାଦଶରେ ରହିଛନ୍ତି। ପିଙ୍କ ବଲ ଟେଷ୍ଟରେ ହାଜେଲଉଡ ଆହତ ହେବାରୁ ସ୍କଟ ବୋଲାଣ୍ଡଙ୍କୁ ସୁଯୋଗ ମିଳିଥିଲା। ସେ ମଧ୍ୟ ଦମଦାର ପ୍ରଦର୍ଶନ କରିଥିଲେ। କିନ୍ତୁ ତୃତୀୟ ଟେଷ୍ଟକୁ ହାଜେଲଉଡ ଫେରିବାରୁ ତାଙ୍କୁ ବାଦ ଦିଆଯାଇଥିଲା। ଏବେ ସେ ପୁଣି ଦଳକୁ ଫେରିଛନ୍ତି। ୧୯ ବର୍ଷୀୟ ସାମ କୋନଷ୍ଟାସ ଗୁରୁବାର ପଡ଼ିଆକୁ ଓହ୍ଲାଇବା କ୍ଷଣି ସର୍ବକନିଷ୍ଠ ଖେଳାଳି(ଓପନର) ଭାବେ ଅଷ୍ଟ୍ରେଲିଆ ପାଇଁ ଟେଷ୍ଟ କ୍ରିକେଟରେ ଡେବ୍ୟୁ କରିବାର ରେକର୍ଡ କରବେ। ଭାରତ ବିପକ୍ଷ ସିରିଜରେ ଡେବ୍ୟୁ କରିଥିବା ମ୍ୟାକସ୍ୱିନୀ ୩ଟି ଯାକ ଟେଷ୍ଟରେ ନୈରାଶ୍ୟଜନକ ପ୍ରଦର୍ଶନ କରିବାରୁ ତାଙ୍କୁ ସ୍କ୍ୱାଡରୁ ବାଦ ଦିଆଯାଇଥିଲା। ତାଙ୍କ ସ୍ଥାନରେ ସାମଙ୍କୁ ସୁଯୋଗ ମିଳିଛି। ୨୦୧୧ରେ ବର୍ତ୍ତମାନ ଅଧିନାୟକ ପାଟ କମିନ୍ସ ୧୮ ବର୍ଷ ବୟସରେ ସର୍ବକନିଷ୍ଠ ଖେଳାଳି ଭାବେ ଅଷ୍ଟ୍ରେଲିଆ ପାଇଁ ଡେବ୍ୟୁ କରିଥିଲେ। ଏବେ ସାମ ୧୯ ବର୍ଷ ବୟସରେ ସର୍ବକନିଷ୍ଠ ଅଷ୍ଟ୍ରେଲୀୟ ଓପନର ଭାବେ ଡେବ୍ୟୁ କରିବାକୁ ଯାଉଛନ୍ତି। ସାମ ଆସନ୍ତାକାଲି ଅଭିଜ୍ଞ ଉସମାନ ଖ୍ୱାଜାଙ୍କ ସହ ଅଷ୍ଟ୍ରେଲିଆ ପାଇଁ ଇନିଂସ ଆରମ୍ଭ କରିବେ। ଅଷ୍ଟ୍ରେଲିଆ ଦଳ: ସାମ କୋନଷ୍ଟାସ, ଉସମାନ ଖ୍ୱାଜା, ମାର୍ନସ ଲାବୁଶେନ, ଷ୍ଟିଭ ସ୍ମିଥ, ଟ୍ରାଭିସ ହେଡ୍ ?, ମିଚେଲ ମାର୍ଶ, ଆଲେକ୍ସ କେରୀ(ୱିକେଟ କିପର), ପାଟ କମିନ୍ସ(ଅଧିନାୟକ), ମିଚେଲ ଷ୍ଟାର୍କ, ନାଥନ ଲାୟନ ଓ ସ୍କଟ ବୋଲାଣ୍ଡ।

## ଆଇସିସି ର‍ାଙ୍କିଙ୍ଗ : ଦିନିକିଆ ଓ ଟି-୨୦ରେ ୨ନଂରେ ସ୍ମୃତି ମନ୍ଧାନା



ନୂଆଦିଲ୍ଲୀ : ଭାରତୀୟ ମହିଳା କ୍ରିକେଟ ଟିମର ଉପ ଅଧିନାୟକ ତଥା ଷ୍ଟାର ବ୍ୟାଟର ସ୍ମୃତି ମନ୍ଧାନା। ଆଇସିସି ର‍ାଙ୍କିଙ୍ଗରେ କମାଲ କରିଛନ୍ତି। ସେ ଉଭୟ ଟି-୨୦ ଓ ଦିନିକିଆ ର‍ାଙ୍କିଙ୍ଗର ୨ନଂ ସ୍ଥାନରେ ପହଞ୍ଚି ଯାଇଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ଟି-୨୦ ଓ ଦିନିକିଆ ସିରିଜରେ ନିଜର ଜଲୱା ଦେଖାଇଥିବା ସ୍ମୃତି ମନ୍ଧାନାଙ୍କୁ ଏବେ ଆଇସିସି ର‍ାଙ୍କିଙ୍ଗରେ ଫାଇଦା ମିଳିଛି। ବାମହାତୀ ମନ୍ଧାନା ଆଇସିସି ଦିନିକିଆ ର‍ାଙ୍କିଙ୍ଗରେ ୭୩୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତାଙ୍କ ଉପରେ ୭୭୩ ପଏଣ୍ଟ ସହ ଦକ୍ଷିଣ ଆଫ୍ରିକାର ଲାଉରା ୱୋଲଭାର୍ଡଟ ଅଛନ୍ତି। ଟି-୨୦ ବ୍ୟାଟିଂ ର‍ାଙ୍କିଙ୍ଗରେ ମନ୍ଧାନା ୧ନଂ ସ୍ଥାନ ଦଖଲ କରିବାର ଅତି ନିକଟରେ ପହଞ୍ଚି ଯାଇଛନ୍ତି। ସେ ୭୫୩ ପଏଣ୍ଟ ସହ ଦ୍ୱିତୀୟରେ ରହିଥିବା ବେଳେ ଅଷ୍ଟ୍ରେଲିଆର ବେଥ ମୁନୀ ୭୫୭ ପଏଣ୍ଟ ସହ ୧ନଂରେ ରହିଛନ୍ତି। ଚଳିତ ସପ୍ତାହରେ ମନ୍ଧାନା ଇଣ୍ଡିଜ ବିପକ୍ଷରେ ଖେଳିଥିବା ୨ଟି ଟି-୨୦ରେ ଯଥାକ୍ରମେ ୬୨ ଓ ୭୭ ରନ କରିଥିଲେ। ଏଥିପାଇଁ ସେ ର‍ାଙ୍କିଙ୍ଗର ୨ ନଂ ସ୍ଥାନରେ ପହଞ୍ଚିଛନ୍ତି। ୨୮ ବର୍ଷୀୟ ମନ୍ଧାନା ପ୍ରଥମ ଦିନିକିଆରେ ୯୧ ଓ ଦ୍ୱିତୀୟ ଦିନିକିଆରେ ୫୩ ରନର ଇନିଂସ ଖେଳିଥିଲେ। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ ଟିମର ଅଧିନାୟକ ହେଲୀ ମାଥ୍ୟୁସ ଟି-୨୦ ର‍ାଙ୍କିଙ୍ଗରେ ୨ଟି ସ୍ଥାନ ଉପରକୁ ଉଠି ୩ନଂରେ ପହଞ୍ଚିଥିବା ବେଳେ ଅଷ୍ଟ୍ରେଲିଆର ତାହିଲା ମ୍ୟାଗ୍ରା ଗୋଟିଏ ସ୍ଥାନ ତଳକୁ ଖସି ୪ର୍ଥରେ ରହିଛନ୍ତି। ୫ମ ସ୍ଥାନରେ ଦକ୍ଷିଣ ଆଫ୍ରିକାର ଲାଉରା ଅଛନ୍ତି।

## ଆଇସିସି ର‍ାଙ୍କିଙ୍ଗ : ବୁମ୍ରାଙ୍କ ୧ନଂ ସ୍ଥାନ ସୁରକ୍ଷିତ



ନୂଆଦିଲ୍ଲୀ : ଟିମ ଇଣ୍ଡିଆର ଷ୍ଟାର ଖେଳାଳି ଯଶପ୍ରୀତ ବୁମ୍ରା ଆଇସିସି ଟେଷ୍ଟ ବୋଲିଂ ର‍ାଙ୍କିର ୧ନଂ ସ୍ଥାନରେ ସ୍ଥିର ରହିଛନ୍ତି। ତେବେ ୧ନଂ ସ୍ଥାନରେ ରହି ସେ ଐତିହାସିକ ରେକର୍ଡର ଅଧିକାରୀ ହୋଇଛନ୍ତି। ବେଶ କିଛି ସପ୍ତାହ ଧରି ଆଇସିସି ଟେଷ୍ଟ ର‍ାଙ୍କିଙ୍ଗର ୧ନଂ ସ୍ଥାନରେ ରହିଥିବା ବୁମ୍ରା ଏବେ ଉକ୍ତ ସ୍ଥାନରେ ନିଜ ସ୍ଥାନକୁ ଆହୁରି ସୁଦୃଢ଼ କରିଛନ୍ତି। ୨୦୨୪ରେ ସର୍ବାଧିକ ୱିକେଟ(୬୨) ଦଖଲ କରିଥିବା ବୁମ୍ରାଙ୍କ ରେଟିଂ ପଏଣ୍ଟ ଚଳିତ ସପ୍ତାହରେ ୯୦୪ରେ ପହଞ୍ଚି ଯାଇଛି। ଏହି ରେକର୍ଡ ପଏଣ୍ଟ ସହ ବୁମ୍ରା କିମ୍ବଦନ୍ତୀ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ଆଇସିସିରେ ଟେଷ୍ଟ ବୋଲିଂ ର‍ାଙ୍କିଙ୍ଗରେ ବୁମ୍ରା ଓ ଅଶ୍ୱିନଙ୍କ ତୁଳନାରେ କେବେ ହେଲେ ବି କୌଣସି ଭାରତୀୟ ବୋଲର ଏତେ ରେଟିଂ ପଏଣ୍ଟ ହାସଲ କରିପାରି ନାହାନ୍ତି। ନିକଟରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ଅଶ୍ୱିନ ୨୦୧୬ ଡିସେମ୍ବର ମାସରେ ରେକର୍ଡ ୯୦୪ ରେଟିଂ ପଏଣ୍ଟ ହାସଲ କରିଥିଲେ। ଆଜି ବୁମ୍ରା ଏହି ରେକର୍ଡର ସମକକ୍ଷ ହୋଇଛନ୍ତି। ବୁମ୍ରା ଓ ଅଶ୍ୱିନଙ୍କ ବ୍ୟତୀତ ଆଇସିସି ଟେଷ୍ଟ ର‍ାଙ୍କିଙ୍ଗରେ ସର୍ବାଧିକ ରେଟିଂ ପଏଣ୍ଟ ପାଇଥିବା ଭାରତୀୟ ଖେଳାଳିଙ୍କ ମଧ୍ୟରେ ରବୀନ୍ଦ୍ର ଜାଡେଜା(୮୯୯), କପିଳ ଦେବ(୮୭୭) ଓ ଅନୀଲ କୁମ୍ବଲେ(୮୫୯) ରହିଛନ୍ତି। ଆଜି ଆଇସିସି ଜାରି କରିଥିବା ବୋଲିଂ ର‍ାଙ୍କିଙ୍ଗର ୧ନଂ ସ୍ଥାନରେ ପୂର୍ବଭଳି ବୁମ୍ରା ରହିଥିବା ବେଳେ ଦ୍ୱିତୀୟରେ ଦ୍ୱିତୀୟରେ କାଗିସୋ ରବାଡା, ତୃତୀୟରେ ଜୋଶ ହାଜେଲଉଡ, ୪ର୍ଥରେ ପାଟ କମିନ୍ସ ଓ ୫ମରେ ରବି ଅଶ୍ୱିନ ରହିଛନ୍ତି। ରବୀନ୍ଦ୍ର ଜାଡେଜା ୪ଟି ସ୍ଥାନ ତଳକୁ ଖସି ୧୦ନଂରେ ପହଞ୍ଚି ଯାଇଛନ୍ତି। ଅନ୍ୟପକ୍ଷରେ ଆଇସିସି ଟେଷ୍ଟ ବ୍ୟାଟିଂ ର‍ାଙ୍କିଙ୍ଗର ୧ନଂ ସ୍ଥାନରେ ପୂର୍ବଭଳି ଜୋ ରୁଟ ରହିଛନ୍ତି। ଭାରତ ବିପକ୍ଷରେ ଦମଦାର ଇନିଂସ ଖେଳିଥିବା ଟ୍ରାଭିସ ହେଡ୍ ? ଗୋଟିଏ ସ୍ଥାନ ଉପରକୁ ଉଠି ୪ର୍ଥରେ ପହଞ୍ଚିଥିବା ବେଳେ ଯଶସ୍ୱୀ ଜୈସୱାଲ ୫ମକୁ ଖସିଛନ୍ତି। ଟପ୍ ୧୦ରେ ଥିବା ଋଷଭ ପନ୍ତ ୧୨ ନଂରେ ପହଞ୍ଚିଛନ୍ତି। ଷ୍ଟିଭ ସ୍ମିଥ ଗୋଟିଏ ସ୍ଥାନ ଉପରକୁ ଉଠି ୧୧ନମ୍ବର ସ୍ଥାନ ଦଖଲ କରିଛନ୍ତି।

### ଆଇସିସି ଟେଷ୍ଟ ମାନ୍ୟତାରେ ପରିବର୍ତ୍ତନ

## ପନ୍ତ ଓ ଜୟସ୍ୱାଲଙ୍କ ମାନ୍ୟତା ଖସିଲା




ନୂଆଦିଲ୍ଲୀ: ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍ ଆରମ୍ଭ ହେବା ପୂର୍ବରୁ ଭାରତୀୟ ପ୍ରଶଂସକଙ୍କ ଋଷଭ ପନ୍ତଙ୍କଠୁ ବହୁତ କିଛି ଆଶା ରଖିଥିଲେ। ମାତ୍ର ଏହି ୱିକେଟ୍ କିପର ବ୍ୟାଟର ପ୍ରଥମ ୩ ଟେଷ୍ଟରେ ବହୁତ ନିରାଶ କରିଛନ୍ତି। ଏହି ସିରିଜ୍‌ରେ ୫ଟି ଇନିଂସରେ ସେ ମାତ୍ର ୯୬ ରନ କରିଛନ୍ତି।ଏବେ ଏହାର ପରିଣାମ ପନ୍ତଙ୍କୁ ଆଇସିସି ମାନ୍ୟତାରେ ଭୋଗିବାକୁ ପଡ଼ିଛି ଏବଂ ବ୍ୟାଟର ମାନ୍ୟତାରେ ଟପ୍-୧୦ ତାଲିକାରୁ ପନ୍ତ ବାଦ୍ ପଡ଼ିଛନ୍ତି। ବର୍ଡର-ଗାଭାସ୍କର ଟ୍ରଫି ପୂର୍ବରୁ ଟେଷ୍ଟ ବ୍ୟାଟର ମାନ୍ୟତାରେ ସେ ଷଷ୍ଠ ସ୍ଥାନରେ ଥିଲେ। ମାତ୍ର ଏବେ ସେ ୧୧ତମ ସ୍ଥାନକୁ ଖସି ଆସିଛନ୍ତି। ଏବେ ଆଇସିସି ଟେଷ୍ଟ ବ୍ୟାଟର ମାନ୍ୟତାରେ ଯଶସ୍ୱୀ ଜୟସ୍ୱାଲ ଏକ ମାତ୍ର ଭାରତୀୟ ବ୍ୟାଟର ଭାବେ ଟପ୍-୧୦ରେ ଅଛନ୍ତି। ଏହି ସିରିଜ୍‌ରେ ଜୟସ୍ୱାଲ ଦମଦାର ଆରମ୍ଭ କରିଥିଲେ। ପର୍ଥ ଟେଷ୍ଟର ଦ୍ୱିତୀୟ ଇନିଂସରେ ସେ ଶତକ ହାସଲ କରି ଦଳ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ମାତ୍ର ଏହା ପରେ ଲଗାତାର ଫ୍ଲପ୍ ହୋଇଛନ୍ତି। ପର୍ଥ ଟେଷ୍ଟ ପରେ ଜୟସ୍ୱାଲ କ୍ରମଶଃ ୪୫, ୦, ୨୪, ୪ ଓ ୪ ରନ କରିଛନ୍ତି। ଏହି ଖରାପ ପ୍ରଦର୍ଶନ ସତ୍ତ୍ୱେ ବି ଜୟସ୍ୱାଲ ଟେଷ୍ଟ ମାନ୍ୟତାରେ ୮୦୫ ରେଟିଂ ସହ ପଞ୍ଚମ ସ୍ଥାନରେ ରହିଛନ୍ତି। ଆଇସିସି ଟେଷ୍ଟ ବ୍ୟାଟିଂ ମାନ୍ୟତାରେ ଜୋ ରୁଟ୍ ୮୯୫ ରେଟିଂ ସହ ଶୀର୍ଷରେ ରହିଛନ୍ତି। ଏହା ପରେ ନିଜ ଦେଶର ସାଥୀ ଖେଳାଳି ହ୍ୟାରି ବ୍ରୁକ ୮୭୬ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡର କେନ ୱିଲିୟମସନ ୮୬୭ ରେଟିଂ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି। ଭାରତ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିରେ ରନ ବର୍ଷା କରୁଥିବା କଙ୍ଗାରୁ ବ୍ୟାଟର ଟ୍ରେଭିସ ହେଡ ଚତୁର୍ଥ ସ୍ଥାନରେ ରହିଛି। ତାଙ୍କର ଟେଟିଂ ପଏଣ୍ଟ ୮୨୫ ରହିଛି। ୮୦୫ ରେଟିଂ ସହ ଜୟସ୍ୱାଲ ପଞ୍ଚମରେ ରହିଛନ୍ତି। ଏହା ପରେ ଟପ୍-୧୦ରେ କ୍ରମଶଃ ଶ୍ରୀଲଙ୍କାର କାମେନ୍ଦୁ ମେଣ୍ଡିସ, ଦକ୍ଷିଣ ଆଫ୍ରିକାର ଟେମ୍ବା ବାଭୁମା, ନ୍ୟୁଜିଲାଣ୍ଡର ଡାରିଲ ମିଚେଲ୍, ପାକିସ୍ତାନର ସାଉଦସକିଲ ଓ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ରହିଛି।

## ବର୍ଡର-ଗାଭାସ୍କର ଟ୍ରଫି: ୩ ପେସ୍ ବୋଲର, ୨ ସ୍ପିନରଙ୍କୁ ନେଇ ଖେଳିବ ଭାରତ!




ନୂଆଦିଲ୍ଲୀ : ଗୁରୁବାର ଠାରୁ ଖେଳାଯିବ ବକ୍ସିଂ ଡେ' ଟେଷ୍ଟ ମ୍ୟାଚ୍। ଏଥିପାଇଁ ମେଲବର୍ଣ୍ଣରେ ପ୍ରସ୍ତୁତି ଚଳାଇଛନ୍ତି ଉଭୟ ଦଳ। ମେଲବର୍ଣ୍ଣ ଗ୍ରାଉଣ୍ଡରେ ଉନ୍ନତ ପ୍ରଦର୍ଶନ କରି ଭାରତ କ୍ରମାଗତ ତୃତୀୟ ଟେଷ୍ଟ ବିଜୟ ପାଇଁ ପ୍ରୟାସ କରିବ। ମାତ୍ର ଏହା ପୂର୍ବରୁ ଟିମ୍ ଇଣ୍ଡିଆକୁ ଉଭୟ ବ୍ୟାଟିଂ ଓ ବୋଲିଂ ବିଭାଗରେ ଉନ୍ନତି ଆଣିବାକୁ ହେବ। ବ୍ୟାଟରମାନଙ୍କୁ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରିବା ସହ ଡିଫେନ୍ସ ଟେକନିକ୍ ଉପରେ ଭରସା କରିବାକୁ ହେବ । ମାତ୍ର ବୋଲିଂ ବିଭାଗରେ ବଡ଼ ପରିବର୍ତ୍ତନର ଆବଶ୍ୟକତା ରହିଛି । ଟିମ୍ ଇଣ୍ଡିଆ ଅତିରିକ୍ତ ବୋଲର ନେଇ ଖେଳିବାକୁ ଯୋଜନା କରୁଛି। ରବି ଚନ୍ଦ୍ରନ ଅଶ୍ୱିନ ଅବସର ନେଇ ସାରିଛନ୍ତି । ଏଥିପାଇଁ ଭାରତ ମେଲବର୍ଣ୍ଣରେ ୨ଜଣ ସ୍ପିନରଙ୍କ ସହ ଗ୍ରାଉଣ୍ଡକୁ ଓହ୍ଲାଇବାର ସମ୍ଭାବନା ରହିଛି। ପ୍ରଥମ ୩ଟି ଯାକ ଟେଷ୍ଟରେ ଭାରତ ୪ ବୋଲର ନେଇ ଖେଳିଛି । ନୀତିଶ କୁମାର ରେଡ୍ଡୀ ପଞ୍ଚମ ବୋଲର ଭାବେ ଖେଳୁଥିଲେ କିନ୍ତୁ ସେ ଏପର୍ଯ୍ୟନ୍ତ ମାତ୍ର ୨୭ ଓଭର ବୋଲିଂ କରିଛନ୍ତି ଏବଂ ୪.୫୫ ହାରରେ ରନ୍ ଦେଇ ନେଇଛନ୍ତି ୩ଟି ୱିକେଟ୍। ୩ଟି ଯାକ ଟେଷ୍ଟରେ ଭାରତ ମୋଟ୍ ୩୩୬ ଓଭର ବୋଲିଂ କରିଛି । ଅର୍ଥାତ ଭାରତୀୟ ଦଳ ତାଙ୍କ ବୋଲିଂ ଉପରେ ସମ୍ପୂର୍ଣ୍ଣ ଭରସା କରି ନାହିଁ । ମେଲବର୍ଣ୍ଣ ପିଚ୍ ପେସ୍ ବୋଲରଙ୍କୁ ସୁହାଇବ ବୋଲି କ୍ୟୁରେଟର ସ୍ପଷ୍ଟ କରିଛନ୍ତି । ତଥାପି ଭାରତ ୨ ସ୍ପିନର ଫର୍ମୁଲା ଆପଣେଇପାରେ । କାରଣ ଭାରତ ନିୟମିତ ଭାବେ କିଛି ବ୍ୟବହୃତ ପିଚ୍‌ରେ ଅଭ୍ୟାସ କରୁଛି । ଅନ୍ୟପଟରେ ଅଷ୍ଟ୍ରେଲିଆ ଦଳ ସମ୍ପୂର୍ଣ୍ଣ ନୂଆ ପିଚ୍ ?ରେ ଅଭ୍ୟାସ ଚଳାଇଛି । ୫ଜଣ ମୁଖ୍ୟ ବୋଲର ନେଇ ଖେଳିଲେ ନୀତିଶ ଏକାଦଶରୁ ବାଦ ପଡ଼ିଯିବେ। ରବିନ୍ଦ୍ର ଜାଡ଼େଜା ଓ ୱାସିଂଟନ ସୁନ୍ଦର ସ୍ପିନ ବିଭାଗ ସମ୍ଭାଳିବେ । ଉଭୟଙ୍କ ନିକଟରେ ଅଲ୍‌ରାଉଣ୍ଡ ଦକ୍ଷତା ରହିଛି । ତେଣୁ ନୀତିଶଙ୍କ ଅନୁପସ୍ଥିତି ଅନୁଭବ ହେବ ନାହିଁ । ଅନ୍ୟପଟେ ଫୋକସ୍‌ରେ ପ୍ରାରମ୍ଭିକ ବ୍ୟାଟର ରହିଛନ୍ତି। ମେଲବର୍ଣ୍ଣ ପିଚ୍‌ରେ ଧୈର୍ଯ୍ୟର ସହ ଜମି ରହିଲେ ବଡ଼ ସ୍କୋର ସମ୍ଭବ ହୋଇପାରିବ । ଏଠାରେ ପ୍ରଥମ ଅଧିବେଶନକୁ ସତର୍କତାର ସହ ଖେଳି କ୍ରିଜ୍‌ରେ ଜମିବା ପ୍ରଥମ କାର୍ଯ୍ୟ ହେବ । ବାକି ୨ଟି ଯାକ ଅଧିବେଶନରେ ଦ୍ରୁତ ବେଗରେ ରନ ବାହାରି ପାରିବ। ବିଶେଷ କରି ଯଶସ୍ୱୀ ଜୈସ୍ୱାଲ, ଶୁଭମନ ଗିଲ୍ ଓ ବିରାଟ କୋହଲିଙ୍କ ଉପରେ ଦଳର ବ୍ୟାଟିଂ ବିଭାଗ ନିର୍ଭର କରିବ। କୁହାଯାଉଛି କି ପେସ୍ ବୋଲିଂ ବିଭାଗରେ ପରିବର୍ତ୍ତନ ହୋଇପାରେ। ଅଭ୍ୟାସ ଶିବିରରେ ଘାତକ ସାବ୍ୟସ୍ତ ହୋଇଥିବା ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ଏକାଦଶକୁ ଡ଼ାକରା ମିଳିପାରେ। ମେଲବର୍ଣ୍ଣ ପିଚ୍‌ରେ ଯଥେଷ୍ଟ ସୁଇଂ ହେବାର ସମ୍ଭାବନା ରହିଛି । ଗତ ୩ବର୍ଷ ମଧ୍ୟରେ ମେଲବର୍ଣ୍ଣରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍ ଗୁଡ଼ିକରେ ପେସ୍ ବୋଲରମାନେ ୮୦ଟି ଓ ସ୍ପିନରମାନେ ୧୪ଟି ୱିକେଟ୍ ନେଇଛନ୍ତି। ପୁରୁଣା କୋକାବୁରା ବଲ୍‌କୁ ସୁଇଂ ଓ ବାଉନ୍ସ କରାଇବାର କ୍ଷମତା ପ୍ରସିଦ୍ଧଙ୍କ ନିକଟରେ ରହିଛି। ତେଣୁ ତାଙ୍କୁ ତୃତୀୟ ପେସ୍ ବୋଲର ଭାବେ ଏକାଦଶରେ ସୁଯୋଗ ମିଳିବାର ସମ୍ଭାବନା ରହିଛି।

### ଚାମ୍ପିଅନ୍ସ ଟ୍ରଫି ଖେଳସୂଚୀ ଘୋଷଣା

## ଫେବୃଆରୀ ୨୩ରେ ଭାରତ-ପାକିସ୍ତାନ ମୁକାବିଲା

ଦୁବାଇ: ବହୁ ବାଦ ବିବାଦ, ଟଣାଓଟରା ଓ ଛକା-ପଞ୍ଝାପରେ 'ଚାମ୍ପିଅନ୍ସ ଟ୍ରଫି-୨୦୨୫'ର ବହୁ ପ୍ରତୀକ୍ଷିତ ଖେଳସୂଚୀ ମଙ୍ଗଳବାର ଘୋଷିତ ହୋଇଯାଇଛି। ଆଇସିସି ପ୍ରକାଶ କରିଥିବା ସୂଚୀ ଅନୁସାରେ ଏହି ସମ୍ମାନଜନକ ପ୍ରତିଯୋଗିତା ବିସିସିଆଇର ଦାବି ମୁତାବକ ହାଇବ୍ରିଡ୍ ମଡେଲରେ ଖେଳାଯିବ। ଅର୍ଥାତ୍ ଭାରତୀୟ କ୍ରିକେଟ୍ ଦଳ ପାକିସ୍ତାନ ଗସ୍ତ କରିବନି। ଟିମ୍ ଇଣ୍ଡିଆ ତାର ସମସ୍ତ ଲିଗ୍ ମ୍ୟାଚ୍ ୟୁଏଇର ଦୁବାଇରେ ଖେଳିବ। ଆୟୋଜକ ଭାବେ ପାକିସ୍ତାନ ଅନ୍ୟ ସମସ୍ତ ମ୍ୟାଚ୍ ନିଜ ଘରୋଇ ପରିବେଶରେ ଆୟୋଜନ କରିବ। ହେଲେ ଭାରତ ସେମିଫାଇନାଲ୍ କିମ୍ବା ଫାଇନାଲ୍‌କୁ ଉନ୍ନୀତ ହେଲେ ନିରପେକ୍ଷ ସ୍ଥାନ ଦୁବାଇରେ ଖେଳିବ। ରୋହିତ ବାହିନୀ ସେମିଫାଇନାଲ୍ ନଗଲେ ମଧ୍ୟ ପ୍ରଥମ ସେମିଫାଇନାଲ୍ ଦୁବାଇରେ ଏବଂ ଦ୍ୱିତୀୟ ସେମିଫାଇନାଲ୍ ଲାହୋରର ଗଦାଫି ଷ୍ଟାଡିୟମ୍‌ରେ ଖେଳାଯିବ। ସେହିଭଳି ଭାରତ ଫାଇନାଲ୍‌କୁ ପ୍ରବେଶ କଲେ ଦୁବାଇରେ ଖେଳିବ ଅନ୍ୟଥା ଏହା ଲାହୋରରେ ଅନୁଷ୍ଠିତ ହେବ। ପ୍ରକାଶଯୋଗ୍ୟ ଯେ ଏହି ୮ ଦଳୀୟ ଓ ୧୯ ଦିନିଆ ପ୍ରତିଯୋଗିତା ଫେବ୍ରୁଆରି ୧୯ରୁ ଆରମ୍ଭ ହୋଇ ମାର୍ଚ୍ଚ ୯ ତାରିଖରେ ଶେଷ ହେବ। ପ୍ରତିଯୋଗିତାର ରୋମାଞ୍ଚ ବଜାୟ ରଖିବାକୁ ଦୁଇଟି ଯାକ ସେମିଫାଇନାଲ୍ ଓ ଫାଇନାଲ୍ ଲାଗି ସଂରକ୍ଷିତ ଦିବସର ବ୍ୟବସ୍ଥା କରାଯାଇଛି। ଭାରତ ଯୋଗ୍ୟତା ଅର୍ଜନ କଲେ ପ୍ରଥମ ଏବଂ ପାକିସ୍ତାନ ଯୋଗ୍ୟତା ହାସଲ କଲେ ଦ୍ୱିତୀୟ ସେମିଫାଇନାଲ ଖେଳିବ। ପୂରା ପ୍ରତିଯୋଗିତାରେ ମୋଟ ୧୫ଟି ମ୍ୟାଚ୍ ଖେଳାଯିବ। ଦୁଇ ଚିର ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ଗ୍ରୁପ୍-ଏ'ରେ ସ୍ଥାନ ପାଇଥିଲା ବେଳେ ଏହି ଗ୍ରୁପର ଅନ୍ୟ ଦୁଇ ଦଳ ହେଉଛନ୍ତି ନ୍ୟୁଜିଲାଣ୍ଡ ଓ ବାଂଲାଦେଶ। ସେହିଭଳି ଗ୍ରୁପ୍-ବି'ରେ ଅଛନ୍ତି ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ଆଫଗାନିସ୍ତାନ। ଚାମ୍ପିଅନ୍ସ ଟ୍ରଫି-୨୦୨୫ର ଶୁଭାରମ୍ଭ ଗତଥରର ବିଜେତା ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମ୍ୟାଚ୍‌ରୁ ହେବ। ଏହି ମ୍ୟାଚ୍ କରାଚିରେ ଖେଳାଯିବ। ଭାରତ ତାର ଅଭିଯାନ ଫେବ୍ରୁଆରି ୨୦ରେ ଦୁବାଇରେ ବାଂଲାଦେଶ ବିପକ୍ଷରେ ଖେଳିବ। ତିନି ଦିନ ପରେ ଭାରତ-ପାକିସ୍ତାନ ମହାମୁକାବିଲା ଫେବ୍ରୁଆରି ୨୩ରେ ଦୁବାଇରେ ଅନୁଷ୍ଠିତ ହେବ। ଶେଷ ଲିଗ୍ ମ୍ୟାଚ୍‌ର ଭାରତ ମାର୍ଚ୍ଚ ୨ତାରିଖରେ ନ୍ୟୁଜିଲାଣ୍ଡର ମୁକାବିଲା କରିବ। ଏହି ମ୍ୟାଚ୍ ମଧ୍ୟ ସେହି ଦୁବାଇରେ ଖେଳାଯିବ।

### ଢେଙ୍କାନାଳ ଜିଲ୍ଲା କ୍ରୀଡ଼ା ସଂଘର ଫୁଟବଲ୍ ପ୍ରତିଯୋଗିତାର ଉଦ୍‌ଯାପିତ

## ଖେଲୋ ଇଣ୍ଡିଆ ଓ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ବ୍ୟାପକ ହେବ: ଧର୍ମେନ୍ଦ୍ର



ଢେଙ୍କାନାଳ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ଆୟୋଜିତ 'ଷଷ୍ଠତମ ଜାତୀୟସ୍ତରୀୟ ଆମନ୍ତ୍ରଣୀୟ ଫୁଟବଲ ପ୍ରତିଯୋଗିତା'ର ଉଦଯାପନୀ ସମାରୋହରେ ଯୋଗଦେଇ ଜିଲ୍ଲାରେ ମୋଦୀ ସରକାରଙ୍କ ଖେଲୋ ଇଣ୍ଡିଆ ଓ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଢେଙ୍କାନାଳରେ ଖେଳର ଏକ ଅନୁକୂଳ ବାତାବରଣ ଅଛି । ଫୁଟବଲ, କ୍ରିକେଟ୍, ହକି ସମେତ ଅନ୍ୟ ଆଥଲେଟିକ କ୍ରୀଡାରେ ଏହି ଜିଲ୍ଲା ଧୀରେ ଧୀରେ ପରିଚୟ ତିଆରି କରୁଛି । ଢେଙ୍କାନାଳ ଜିଲ୍ଲାକୁ ଖେଳ, ପର୍ଯ୍ୟଟନ, ସାଂସ୍କୃତିକ କାର୍ଯ୍ୟକ୍ରମ, ଚାଷ ଓ ଶିଳ୍ପସମୂହର ପ୍ରକଳ୍ପକୁ ପ୍ରାଥମିକତା ଦେଇ କ୍ରିୟାନ୍ୱୟନ କରିବାକୁ ହେବ। ଖେଳ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଢେଙ୍କାନାଳ ଜିଲ୍ଲା ଆଥଲେଟିକ୍ ଆସୋସିଏସନ ଏହି ଫୁଟବଲ ମ୍ୟାଚ୍ ମାଧ୍ୟମରେ ଜିଲ୍ଲାରେ କ୍ରୀଡ଼ାର ବିକାଶ ପାଇଁ ଯେଉଁ ଉଦ୍ୟମ କରୁଛି, ତାହା ପ୍ରଶଂସନୀୟ। ଏହି ପ୍ରଚେଷ୍ଟା ଆମ ଅଞ୍ଚଳର ପ୍ରତିଭାବାନ ଯୁବବର୍ଗଙ୍କୁ ଆଗାମୀ ୨୦୩୬ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି କରାଇବାରେ ସହାୟକ ହେବ। ଏହି ସାଧୁ ଉଦ୍ୟମ ପାଇଁ ଆସୋସିଏସନର ସମସ୍ତ ସଦସ୍ୟଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ଏହି ଉଦଯାପନୀ ସମାରୋହରେ ସେଣ୍ଟରାଲ ରେଲୱେ ଟିମ, ମୁମ୍ବାଇ ଓ କେରଳ ଷ୍ଟେଟ୍ ଇଲେକ୍ଟ୍ରିସିଟି ବୋର୍ଡ, କେରଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିବା ବେଳେ ସେଣ୍ଟରାଲ ରେଲୱେ ଟିମ, ମୁମ୍ବାଇ ବିଜୟୀ ହୋଇଥିଲା। ବିଜୟୀ ଟିମକୁ ଶୁଭେଚ୍ଛା ଜଣାଇବା ସହ ଖେଳାଳୀମାନଙ୍କୁ ପୁରସ୍କୃତ କରିଥିଲେ କେନ୍ଦ୍ରମନ୍ତ୍ରୀ। ସେ କହିଥିଲେ ମ୍ୟାଚରେ ଉଭୟ ଦଳର ପ୍ରଦର୍ଶନ ଆକର୍ଷଣୀୟ ଥିଲା। ଦୁଇଟିଯାକ ଦଳ ଭଲ ଖେଳିଲେ। ଢେଙ୍କାନାଳର ଯୁବଶକ୍ତିଙ୍କ ମଧ୍ୟରେ ଫୁଟବଲ ଓ ଅନ୍ୟାନ୍ୟ ଖେଳ ପ୍ରତି ଆଗ୍ରହ ବଢାଇବା ଲକ୍ଷ୍ୟରେଏହି ପ୍ରତିଯୋଗିତା ସ୍ୱାଗତଯୋଗ୍ୟ ବୋଲି ସେ କହିଥିଲେ।

### ବକ୍ସିଂ ଡେରେ ରେକର୍ଡ କରିବେ କିଙ୍ଗ୍‌କୋହଲି

## ଭାଙ୍ଗିବେ ତେନ୍ଦୁଲକରଙ୍କ ମହାରେକର୍ଡ




ନୂଆଦିଲ୍ଲୀ : ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟରେ ଦମଦାର ଫର୍ମରେ ଥିଲେ କିଙ୍ଗ୍ କୋହଲି । ପର୍ଥରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ କୋହଲି ଶତକ ହାସଲ କରିଥିଲେ। କିନ୍ତୁ ସିରିଜର ପରବର୍ତ୍ତୀ ଦୁଇଟି ଟେଷ୍ଟରେ କୋହଲି ଫ୍ଲପ୍ ହୋଇଥିଲେ। ବର୍ତ୍ତମାନ ମେଲବୋର୍ଣ୍ଣରେ ଖେଳାଯିବାକୁ ଥିବା ବକ୍ସିଂ ଡେ ଟେଷ୍ଟରେ ଫ୍ୟାନ୍ସ କୋହଲିଙ୍କଠାରୁ ଭଲ ଇନିଂସର ଆଶା ରଖିଛନ୍ତି। ସେ ପୂର୍ବତନ ଭାରତୀୟ ମହାନ ବ୍ୟାଟ୍ସର ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗି ପାରିବେ । କିଙ୍ଗ୍ କୋହଲି ତେନ୍ଦୁଲକରଙ୍କ ମହାରେକର୍ଡଠାରୁ ଆଉ ମାତ୍ର କିଛି ଦୂରରେ ରହିଛନ୍ତି । ଯଦି ସେ ବକ୍ସିଂ ଡେ ଟେଷ୍ଟ ମ୍ୟାଚରେ ଫର୍ମକୁ ଫେରିବେ ତେବେ ଏହି ରେକର୍ଡର ହେବେ ସମକକ୍ଷ । ଭାରତ ଏବଂ ଅଷ୍ଟ୍ରେଲିଆ ବର୍ଡର-ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟ ୨୬ ଡିସେମ୍ବରରୁ ମେଲବୋର୍ଣ୍ଣରେ ଖେଳାଯିବ । ଏହି ମ୍ୟାଚରେ ବିରାଟ କୋହଲି ନିଶ୍ଚିତ ଭାବରେ କ୍ରିକେଟର ତେନ୍ଦୁଲଙ୍କରଙ୍କ ସମକକ୍ଷ ହେବେ। ବାସ୍ତବରେ ମେଲବର୍ଣ୍ଣରେ ସର୍ବାଧିକ ଟେଷ୍ଟ ରନ୍ ସ୍କୋର କରିଥିବା ଭାରତୀୟ ବ୍ୟାଟର ଭାବେ ପରିଚିତ ଭେଟେରାନ ସଚିନ ତେନ୍ଦୁଲକର । କୋହଲି ଏପର୍ଯ୍ୟନ୍ତ ମେଲବୋର୍ଣ୍ଣରେ ୩ଟି ଟେଷ୍ଟରେ ୬ଟି ଇନିଂସ ଖେଳିଛନ୍ତି । ସେ ୫୨.୬୬ ଆଭରାଜରେ ୩୧୬ ରନ ସ୍କୋର କରିଛନ୍ତି । ତାଲିକାର ଶୀର୍ଷରେ ଅଛନ୍ତି ସଚିନ୍ ତେନ୍ଦୁଲକର । ସେ ମେଲବୋର୍ଣ୍ଣରେ ୫ଟି ମ୍ୟାଚ୍‌ରେ ୧୦ଟି ଇନିଂସ ଖେଳିଛନ୍ତି । ଏଥିରେ ସେ ୪୪୯ ରନ୍ ସଂଗ୍ରହ କରିଛନ୍ତି । କିମ୍ବଦନ୍ତୀ ପ୍ଲେୟର ତେନ୍ଦୁଲକରଙ୍କ ଏହି ରେକର୍ଡ ଭାଙ୍ଗିବାକୁ କୋହଲିଙ୍କୁ ମେଲବୋର୍ଣ୍ଣ ଅର୍ଥାତ୍ ବକ୍ସିଂ ଡେ ଟେଷ୍ଟରେ ୧୩୪ ରନ୍ ସ୍କୋର କରିବାକୁ ପଡିବ। ତେବେ ଭାରତୀୟ ପ୍ଲେୟର ଭାବେ ମେଲବର୍ଣ୍ଣରେ ସବୁଠାରୁ ଅଧିକ ରନ୍ କରିବାରେ ପ୍ରଥମରେ ଅଛନ୍ତି ସଚିନ୍ ତେନ୍ଦୁଲକର । ସେ ୫ଟି ମ୍ୟାଚରେ ୪୪୯ ରନ୍ କରିଛନ୍ତି । ଏହାପଛକୁ ରହିଛନ୍ତି ଅଜିଙ୍କ୍ୟ ରାହାଣେ । ସେ ୩ଟି ମ୍ୟାଚ୍ ଖେଳି ୩୬୯ କରିଛନ୍ତି । ଲିଷ୍ଟର ତୃତୀୟରେ ଅଛନ୍ତି ବିରାଟ କୋହଲି । ସେ ୩ଟି ମ୍ୟାଚ୍ ଖେଳି ୩୧୬ ରନ୍ କରିଛନ୍ତି । ସେହିପରି ତାଙ୍କ ପଛକୁ ଅଛନ୍ତି ବିରେନ୍ଦ୍ର ସେହୱାଗ । ସେ ମେଲବର୍ଣ୍ଣରେ ୨ ମ୍ୟାଚ୍ ଖେଳି ୨୮୦ ରନ୍ କରିଥିଲେ । ଅନ୍ୟପଟେ ଟିମ୍ ଇଣ୍ଡିଆର ପୂର୍ବତନ ହେଡକୋଚ୍ ରାହୁଲ ଦ୍ରାବିଡ୍ ୪ଟି ମ୍ୟାଚ ଖେଳି ୨୬୩ ରନ୍ ଖେଳିଥିଲେ। ଯଦି କୋହଲିଙ୍କ ରେକର୍ଡକୁ ନଜରକୁ ନେବା ତେବେ ପର୍ଥରେ ଖେଳାଯାଇଥିବା ସିରିଜର ପ୍ରଥମ ଟେଷ୍ଟରେ ଶତକ ହାସଲ କରିଥିଲେ । ତେବେ ଏହାର ପରବର୍ତ୍ତୀ ଦୁଇଟି ଟେଷ୍ଟରେ କୋହଲି ଶତକ ମାରିବା ତ ଦୂରର କଥା ତାଙ୍କ ବ୍ୟାଟରୁ ବାହାରିନଥିଲା ୨ ଅଙ୍କ ବିଶିଷ୍ଟ ରନ୍। କୋହଲି ଅବଶିଷ୍ଟ ୪ଟି ଇନିଂସରେ ୨୬ ରନ୍ ସଂଗ୍ରହ କରିଛନ୍ତି । ତେବେ ଟିମ୍ ଇଣ୍ଡିଆର ବିଜୟ ପାଇଁ କୋହଲି ଫର୍ମକୁ ଫେରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

## ବେତନଟୀ ପ୍ରିମିୟର ଲିଗ୍: ବାହାନଡା ଟାଇଗର ଓ ମା'ଦୁର୍ଗା ଫାଇଟର ବିଜୟୀ




ବେତନଟୀ (ଭାସ୍କର ନ୍ୟୁଜ): ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ -୧୧ ର ସପ୍ତମ ଦିନରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚଟି ବାହାନଡା ଟାଇଗର ଓ ମାଣତ୍ରୀ ଟାଇଟନ୍ସ ମଧ୍ୟରେ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ୧୧ ଷ୍ଟାର ମୋରଡା ଓ ମା ଦୁର୍ଗା ଫାଇଟର ମଧ୍ୟରେ ହୋଇଥିଲା। ପ୍ରଥମ ମ୍ୟାଚରେ ବାହାନଡା ଟାଇଗର ୨୦ ଓଭରରେ ୯ ୱିକେଟ ହରାଇ ୧୫୬ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜବାବରେ ମାଣତ୍ରୀ ଟାଇଟନ୍ସ ୧୯.୫ ଓଭରେ ରେ ସମସ୍ତ ୱିକେଟ ହରାଇ ୧୫୫ ରନ କରି ୧ ରନରେ ପରାଜିତ ହୋଇଥିଲା। ବାହାନଡା ଟାଇଗରର ଖେଳାଳି ଚିନ୍ମୟ ପଣ୍ଡିତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ସେହିଭଳି ଦ୍ୱିତୀୟ ମ୍ୟାଚରେ ୧୧ ଷ୍ଟାର ମୋରଡା ନିର୍ଦ୍ଧାରିତ ୧୮.୧ ଓଭର ରେ ସମସ୍ତ ୱିକେଟ ହରାଇ ୧୩୬ ରନ ସଂଗ୍ରହ କରଥିଲା। ଜବାବରେ ମା ଦୁର୍ଗା ଫାଇଟର ୧୯.୧ ଓଭରରେ ୯ ୱିକେଟ ହରାଇ ୧୩୭ ରନ କରି ବିଜୟ ଲାଭ କରିଥିଲା। ଏଥିରେ ମା ଦୁର୍ଗା ଫାଇଟରର ଖେଳାଳି ସଞ୍ଜୟ କୁମାର ପରିଛାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଉଭୟ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚଙ୍କୁ ଯୁବ ବ୍ୟବସାୟୀ ରିଙ୍କୁ ସାହୁ ଓ ବରିଷ୍ଠ ଖେଳାଳି ପ୍ରକାଶ ଜ୍ୟୋତି ଆଦିତ୍ୟ ପୁରସ୍କୃତ କରିଥିଲେ। ଏହି ଖେଳକୁ ଅନୁପ ଦଣ୍ଡପାଟ ଓ ସୁଧାକର ପଣ୍ଡା ପରିଚାଳନା କରିଥିଲେ। ସ୍କୋର ଦାୟିତ୍ୱରେ ରବୀନ୍ଦ୍ର ସାହୁ ଅନଲାଇନ ସ୍କୋର ଭାବରେ ଗୌରବ ନାଥ, ପରିଚାଳନା କରିଥିଲେ । ଏହି ଖେଳକୁ ମନୋଜ କୁମାର ପଣ୍ଡା, ନରୋତ୍ତମ ମହାନ୍ତ, କରଣ ନାଥ, ଅମର ଦାସ, ଭାଗ୍ୟ ରଞ୍ଜନ ବେହେରା, ଚନ୍ଦନ ଗିରି ପ୍ରମୁଖ ସହଯୋଗ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR


# ବିବିଧବର୍ଣ୍ଣା




ବର୍ତ୍ତମାନ ଆୟୋଡ଼ିନ ଅଭାବ ଏକ ଗୁରୁତର ସମସ୍ୟା ଭାବେ ସବୁ ବୟସର ଲୋକଙ୍କୁ କବଳିତ କରି ରଖିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସର୍ବେକ୍ଷଣ ଅନୁଯାୟୀ ପ୍ରାୟ ୫୪ଟି ଦେଶରେ ଆୟୋଡ଼ିନ ଅଭାବ ଜନିତ ରୋଗ ବହୁ ପରିମାଣରେ ଦୃଷ୍ଟି ଗୋଚର ହେଉଛି । ମଣିଷର ଶାରୀରିକ ଅଭିବୃଦ୍ଧି ପାଇଁ ଆୟୋଡ଼ିନର ଆବଶ୍ୟକତା ରହିଛି । ଶରୀରରେ ଥାଇରଏଡ଼ ହରମୋନ, ଥାଇରକ୍ସିନ (ଟି୪) ଏବଂ ଟ୍ରିଓଡୋଥାଇରୋନାଇନ୍ (ଟି୩) କ୍ଷରଣ କରିବାରେ ଆୟୋଡ଼ିନ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ସାଧାରଣ ମନୁଷ୍ୟ ଶରୀରରେ ୧୦୦-୧୫୦ ମାଇକ୍ରୋଗ୍ରାମ ଆୟୋଡ଼ିନର ଆବଶ୍ୟକତା ରହିଥିବା ଡାକ୍ତର ମତ ଦିଅନ୍ତି । ଆୟୋଡ଼ିନ ଅଭାବରେ ଗଳଗଣ୍ଡ, ମେଧାଶକ୍ତି ହ୍ରାସ, ସ୍ନାୟୁଗତ ଦୁର୍ବଳତା, ମୃତ ଶିଶୁ ଜନ୍ମ, ଥାଇରଏଡ, ଦୃଷ୍ଟି, ଶ୍ରବଣ ଓ ବାକ୍ ଶକ୍ତିହୀନତା ଆଦି ରୋଗ ଦେଖାଯାଏ । ଲୁଣରେ ଆୟୋଡ଼ିନ ଅଂଶ ଥିବା ବେଳେ ପ୍ରଚୁର ପରିମାଣରେ କ୍ଷୀର, ଅଣ୍ଡା, ସାମୁଦ୍ରିକ ମାଛ, ମାଂସ, କଙ୍କଡା, ଚିଙ୍ଗୁଡ଼ି ଆଦି ଖାଇବା ଦ୍ୱାରା ମଧ୍ୟ ଆୟୋଡିନ ଅଭାବ ଦୂର ହୋଇଥାଏ । ଆୟୋଡ଼ିନ ଅଭାବରୁ ଆମ୍ଭମାନଙ୍କର ଶାରୀରିକ ଅଭିବୃଦ୍ଧି ବାଧକ ହୋଇଥାଏ ବିଶେଷକରି ପିଲାମାନେ ଅପପୁଷ୍ଟିର ଶିକାର ହୋଇଥାନ୍ତି । ସ୍ତ୍ରୀ ଓ ପ୍ରସୂତୀ ମହିଳା ତଥା ବୟସ୍କ ଲୋକମାନଙ୍କ ପାଇଁ ଆୟୋଡ଼ିନ ଅପରିହାର୍ଯ୍ୟ ହୋଇଥାଏ ।



## ବ୍ୟକ୍ତିଗତ ଜୀବନରେ ପର୍ଫେକ୍ଟ ନୁହନ୍ତି ଅମୀର



ବଲିଉଡର ମିଷ୍ଟର ପର୍ଫେକ୍ସନିଷ୍ଟ ଭାବେ ଜଣାଶୁଣା ଅଭିନେତା ଅମୀର ଖାନ ନିଜ ଚଳଚ୍ଚିତ୍ର ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି । ସେ ପରଦାରେ ନିଜ ନିଖୁଣ ଅଭିନୟ ପାଇଁ କୋଟି କୋଟି ଦର୍ଶକଙ୍କ ମନ କିଣିଛନ୍ତି । କିନ୍ତୁ ପରଦାରେ ମିଷ୍ଟର ପର୍ଫେକ୍ଟ ଥିବା ଅମୀର ନିଜ ବ୍ୟକ୍ତିଗତ ଜୀବନରେ ପର୍ଫେକ୍ଟ ନୁହନ୍ତି ବୋଲି କହିଛନ୍ତି । ତାଙ୍କ ମଧ୍ୟରେ ଅନେକ ତ୍ରୁଟି ରହିଛି ବୋଲି ସେ କହିଛନ୍ତି । ନିକଟରେ ନାନା ପାଟେକରଙ୍କୁ ସାକ୍ଷାତକାର ଦେଇ ଅମୀର ତାଙ୍କର ଖରାପ ଅଭ୍ୟାସ ବିଷୟରେ କହିଥିଲେ । ତାଙ୍କ କହିବା ମୁତାବକ, 'ବର୍ତ୍ତମାନ ମୁଁ ମଦ୍ୟପାନ ବନ୍ଦ କରିଦେଇଛି । ପୂର୍ବରୁ ମୁଁ ମଦ୍ୟପାନ କରୁଥିଲି ଏବଂ ଯେତେବେଳେ ମୁଁ ମଦ ପିଇବା ଆରମ୍ଭ କରୁଥିଲି ରାତିସାରା ପିଉଥିଲି । ସମସ୍ୟା ହେଉଛି ମୁଁ ଜଣେ ଚରମପନ୍ଥୀ । ଯଦି ମୁଁ କିଛି କାର୍ଯ୍ୟ ଆରମ୍ଭ କରେ, ଏହାକୁ ବନ୍ଦ ନକରି କରିବା ଜାରି ରଖେ । ମୁଁ ମଦ ପିଇବା ବେଳେ ଜାଣିଥିଲି ଯେ, ଏହା ଠିକ୍ ନୁହେଁ । ମୁଁ ଯାହା କରୁଛି ସମ୍ପୂର୍ଣ୍ଣ ଭୁଲ୍ କରୁଛି । କିନ୍ତୁ ମୁଁ ନିଜକୁ ଅଟକାଇ ପାରୁନଥିଲି । ବ୍ୟକ୍ତିଗତ ଜୀବନରେ ମୁଁ ବିଶୃଙ୍ଖଳିତ ହୋଇଥିଲେ ବି ବୃତ୍ତିଗତ ଜୀବନ ମୋର ବହୁତ ଶୃଙ୍ଖଳିତ । ଫିଲ୍ମ ପାଇଁ ସୁଟିଂ ସେଟରେ ମୁଁ ସବୁବେଳେ ଠିକ୍ ଟାଇମରେ ପହଞ୍ଚେ ।'

## ଝିଅ ଶ୍ରଦ୍ଧା ପାଇଁ ମଦ ଛାଡ଼ିଥିଲେ ଶକ୍ତି କପୁର





ବଲିଉଡ ଜଣାଶୁଣାର ଖଳନାୟକ ଶକ୍ତି କପୁର ନିଜ ଝିଅ ଶ୍ରଦ୍ଧା କପୁରଙ୍କ ପାଇଁ ଛାଡ଼ି ଥିଲେ ମଦ । ଏଥିସହ ରିୟାଲିଟି ଶୋ' "ବିଗ୍ ବସ୍ ର ସିଜନ୍ ୫"ରେ ଭାଗ ନେଇଥିଲେ । ଏକ ସାକ୍ଷାତକାରରେ ଏପରି କହିଛନ୍ତି ଶକ୍ତି କପୁର । ସାକ୍ଷାତକାରରେ ଶକ୍ତି କପୁର କହିଛନ୍ତି, ମୁଁ "ବିଗ୍ ବସ୍ ର ସିଜନ୍ ୫"ରେ ଜିତିବା ପାଇଁ ଯାଇ ନଥିଲି । ବରଂ ମୋ ପିଲାମାନଙ୍କ ନିକଟରେ ନିଜକୁ ସ୍ୟାବସ୍ତ କରିବା ପାଇଁ ବିଗ୍ ବସ୍ ର ସିଜନ୍ ୫"କୁ ଯାଇଥିଲି । ଯାହାଦ୍ୱାରା ମଦ ଠୁ ଦୂରେଇ ରହି ପାରିବି । ମୁଁ ଗର୍ବ ଅନୁଭବ କରୁଛି ଯେ, ତାହା ମୁଁ କରିପାରିଲି । ଏଥିପାଇଁ ମୁଁ ଖୁସି ମଧ୍ୟ । ମୋ ଝିଅ ଶ୍ରଦ୍ଧା ଓ ମୋ ସ୍ତ୍ରୀ ମୋତେ ବହୁତ ଭଲ ପାଆନ୍ତି । ଆର ଜନ୍ମରେ ମୋ ଝିଅ ହୋଇ ଜନ୍ମହେବ ବୋଲି ସେ ମୋତେ ସବୁବେଳେ କହିଥାଏ । ମାତ୍ର ମୋ ମଦ ପିଇବା ଅଭ୍ୟାସ ଯୋଗୁ ସେମାନେ ଅତିଷ୍ଠ ହୋଇ ପଡ଼ିଥିଲେ । ସେମାନେ ସମ୍ମୁଖରେ ମୁଁ ନିଜକୁ ସ୍ୟାବସ୍ତ କରିବା ପାଇଁ ବିଗ୍ ବସ୍ ରେ ସାମିଲ ହୋଇଥିଲି । ସବୁବେଳେ ଭିଲିଆନ୍ ବା କମେଡିଆନ୍ ଭୂମିକାରେ ଆସୁଥିବା ଶକ୍ତି କପୁର "ବିଗ୍ ବସ୍ ର ସିଜନ୍ ୫ ରେ ଭାଗ ନେଇଥିଲେ । ୨୮ ଦିନ ବିଗ୍ ବସ୍ ର ଘରେ ରହିବା ପରେ ସେ ବାହାରି ଆସିଥିଲେ ।

ପୁଷ୍ପା-୨ ପ୍ରିମିୟର ଶୋ'ରେ ଦଳାଚକଟା ମାମଲା

## ମୃତକଙ୍କ ପରିବାରକୁ ଅଲ୍ଲୁ ଅର୍ଜୁନ ଓ ପ୍ରଯୋଜକ ଦେବେ ୨ କୋଟି

'ପୁଷ୍ପା ପ୍ରିମିୟର ଶୋ'ରେ ହୋଇଥିବା ଦଳାଚକଟା ଘଟଣାରେ ମୃତ ରେବତୀଙ୍କ ପରିବାରକୁ ୨କୋଟି ଟଙ୍କା ସହାୟତା ରାଶି ଘୋଷଣା କରାଯାଇଛି । 'ପୁଷ୍ପା-୨ ଦି ରୁଲ୍' ସିନେମା ଟିମ୍ ପକ୍ଷରୁ ଏହି ପୁରସ୍କାର ରାଶି ଘୋଷଣା କରାଯାଇଛି । ଡିସେମ୍ବର ୪ ତାରିଖରେ ହାଇଦ୍ରାବାଦର ସନ୍ଧ୍ୟା ଥିଏଟର ନିକଟରେ ଏହି ଦଳାଚକଟା ଘଟଣା ଘଟିଥିଲା ।

'ପୁଷ୍ପା-୨ ଦି ରୁଲ୍'ର ପ୍ରିମିୟର ଶୋ' ଦେଖିବାକୁ ଅଲ୍ଲୁ ଅର୍ଜୁନ ଆସିଥିଲେ । ତାଙ୍କୁ ଦେଖିବାକୁ ପ୍ରବଳ ଭିଡ଼ ଜମିଥିବା ଯୋଗୁଁ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା । ଏଥିରେ ଜଣେ ୩୬ ବର୍ଷୀୟା ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ଶିଶୁପୁତ୍ରଙ୍କ ବ୍ରେନ୍ ଡେଡ୍ ହୋଇଥିବା ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ କହିଥିଲେ । ଏହି ଘଟଣାରେ ପ୍ରଥମେ ୨୫ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା ହୋଇଥିଲା, ପରେ ୫୦ଲକ୍ଷ ଏବଂ ଏବେ ଦୁଇକୋଟି ଟଙ୍କା ସହାୟତା ରାଶି ଘୋଷଣା କରାଯାଇଛି । ଏଥିରେ ଅଲ୍ଲୁ ଅର୍ଜୁନ ୧କୋଟି ଟଙ୍କା ଦେବାକୁ ଥିବା ସିନେମାର ପ୍ରଯୋଜନା ସଂସ୍ଥା ଓ ନିର୍ଦ୍ଦେଶକ ସୁକୁମାର ୫୦ଲକ୍ଷ ଟଙ୍କା ଲେଖାଏଁ ଦେବେ । ଏହି କ୍ଷତିପୂରଣ ଚଳଚ୍ଚିତ୍ର ନିର୍ମାତା ତଥା ତେଲେଙ୍ଗାନା ଚଳଚ୍ଚିତ୍ର ବିକାଶ ନିଗମର ଅଧ୍ୟକ୍ଷ ଦିଲ ରାଜୁଙ୍କ ଦ୍ୱାରା ପରିବାରକୁ ଦିଆଯିବ । ଅଲ୍ଲୁ ଅର୍ଜୁନଙ୍କ ବାପା ଅଲ୍ଲୁ ଅରବିନ୍ଦ ଏହି ସହାୟତାରାଶି ଘୋଷଣା କରିଛନ୍ତି । ହାଇଦ୍ରାବାଦସ୍ଥିତ କିମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ୯ ବର୍ଷୀୟ ବାଳକକୁ ଦେଖିବାକୁ ଯାଇଥିବା ବେଳେ ଅରବିନ୍ଦ ଏହି ଘୋଷଣା କରିଛନ୍ତି । ଚିକିତ୍ସା କରୁଥିବା ଡାକ୍ତରଙ୍କ ପାଖରୁ ବାଳକର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହିତ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହେଉଥିବା ସୂଚନା ଦେଇଛନ୍ତି ।




## ଧୂଳିଖେଳ ବଢ଼ାଏ ରୋଗ ପ୍ରତିରୋଧକତା





ପିଲାମାନଙ୍କୁ ଘର ବାହାରେ ଧୂଳିଧୂସର ହୋଇ ଖେଳିବାକୁ ଅନେକ ବାରଣ କରିଥା'ନ୍ତି । ଏମିତି ଶରୀରକୁ ଅପରିଚ୍ଛନ୍ନ କରିବା ଦ୍ୱାରା ନାନା ରୋଗଜୀବାଣୁ ସଂସ୍ପର୍ଶରେ ଆସିବାର ଆଶଙ୍କା ରହିଥାଏ । ସୁତରାଂ ତାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ଅନେକଙ୍କର ଧାରଣା ରହି ଆସିଛି । ମାତ୍ର ଏଭଳି ଯତ୍ନଶୀଳ ଅଭିଭାବକମାନଙ୍କ ଧାରଣାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଭୁଲ୍ ପ୍ରମାଣିତ କରିଛନ୍ତି । ପ୍ରକୃତରେ ପିଲାମାନେ ପ୍ରାରମ୍ଭିକ ଅବସ୍ଥାରେ ଏଭଳି ଧୂଳିଧୂସର ହୋଇ ଖେଳିଲେ ସେମାନଙ୍କ ଠାରେ କୌଣସି ପ୍ରକାର ଆଲର୍ଜି ବିକଶିତ ହେବାର ଆଶଙ୍କା କମ୍ ରହେ ଏବଂ ସେମାନଙ୍କର ସ୍ୱୟଂକ୍ରିୟ ରୋଗ ପ୍ରତିରୋଧକତାରେ ଉନ୍ନତି ଘଟିଥାଏ ବୋଲି ଏକାଧିକ ଗବେଷଣାରୁ ସ୍ପଷ୍ଟ ହୋଇଛି । ପ୍ରାରମ୍ଭିକ ଅବସ୍ଥାରେ ଧୂଳିଧୂସର ହୋଇ ଖେଳିଲେ ପିଲାଙ୍କ ଠାରେ କୌଣସି ପ୍ରକାର ଆଲର୍ଜି ବିକଶିତ ହେବାର ଆଶଙ୍କା କମ୍ ରହେ ଏବଂ ରୋଗ ପ୍ରତିରୋଧକ ଶକ୍ତି ଉନ୍ନତ ହୋଇଥାଏ । ଉଲ୍ଲେଖଯୋଗ୍ୟ, ଶିଶୁର ଆଦ୍ୟାବସ୍ଥାରେ ତାହାର ଶରୀରର ରୋଗ ପ୍ରତିରୋଧକ ଶକ୍ତି ବିକଶିତ ହେବାକୁ ଆରମ୍ଭ କଲାବେଳେ ଶରୀରର ରକ୍ଷାକାରୀ କୋଷଗୁଡ଼ିକ ନିଜସ୍ୱ କୋଷ ଓ ବାହ୍ୟ ପଦାର୍ଥ ମଧ୍ୟରେ ତଫାତ୍ କ'ଣ, ତାହା ଶିଖିଥାଏ । ବୀଜାଣୁ ଓ ଭୂତାଣୁ ପରି ବାହ୍ୟ ରୋଗଜୀବାଣୁଗୁଡ଼ିକୁ ଠଉରେଇ ତଦନୁସାରେ ସେମାନଙ୍କ ଉପରେ ଆକ୍ରମଣ କରି ଶରୀରରୁ ହଟାଇଥାଏ । ତେଣୁ ବାଲ୍ୟକାଳରେ ଧୂଳିକଣା ବା ବାୟୁରେ ରହିଥିବା ଅଣୁଜୀବମାନଙ୍କ ସଂସ୍ପର୍ଶରେ ଶିଶୁଟି ଯେତେ ଅଧିକ ଆସିପାରିବ, ତାହାର ରୋଗପ୍ରତିରୋଧକତା ପ୍ରଣାଳୀ ସେତେ ଅଧିକ ବାହ୍ୟ ଶତ୍ରୁମାନଙ୍କୁ ଚିହ୍ନିପାରିବ । ଏପରିକି ପୋଷା ଜୀବ ରହୁଥିବା ଘରେ ବଢୁଥିବା ଶିଶୁଙ୍କର ରୋଗ ପ୍ରତିରୋଧକତା ଅନ୍ୟମାନଙ୍କ ଠାରୁ ଯଥେଷ୍ଟ ଅଧିକ ହୋଇଥାଏ ବୋଲି ମଧ୍ୟ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତ । ଅପରପକ୍ଷେ, ବାରଣ ଯୋଗୁଁ ବାହାରକୁ ଯାଇ ଖେଳିବା ବା ବୁଲାଚଲା କରିପାରୁ ନଥିବା ଶିଶୁମାନେ ଦୁର୍ବଳ ରୋଗ ପ୍ରତିରୋଧକତା ଯୋଗୁଁ ବାହ୍ୟ ରୋଗଜୀବାଣୁମାନଙ୍କର ଅଧିକ ଶିକାର ହୋଇଥା'ନ୍ତି । ତେଣୁ ଶିଶୁମାନଙ୍କୁ ବାହାରେ ଖେଳିବା ପାଇଁ ଉତ୍ସାହିତ କରିବା ସେମାନଙ୍କ ସ୍ୱାସ୍ଥ୍ୟ ପକ୍ଷେ ହିତକର ବୋଲି ପରାମର୍ଶ ଦିଆଯାଇଛି ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକର ରଣଜିତ ପଞ୍ଚାୟତର ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିର ପଞ୍ଚମ ବାର୍ଷିକ କ୍ରୀଡା ପ୍ରତିଯୋଗୀତା ଉଦଯାପିତ ହୋଇଯାଇଛି। ପ୍ରଧାନଗୁରୁଜୀ ନିର୍ମଳ ଚନ୍ଦ୍ର ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରତିଯୋଗିତାକୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଫକିର ଚରଣ ଧଳ ଉଦଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ସୁଜାତା ସାହୁ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ଗୁରୁମା ଦମୟନ୍ତୀ ବେହେରା, ସବିତା ରାଉତ, ଜ୍ୟୋତିରାଣୀ ରାଉତ ଓ ସସ୍ମିତା ମହାନ୍ତିଙ୍କ ସଂଯୋଜନାରେ ୧୦୦ ମିଟର ଦୌଡ, ଗଣିତ ଦୌଡ, ଲମ୍ଵଡିଆଁ, ଆଳୁ ଚାମଚ, ଦଉଡି ଡିଆଁ ଓ ଅଖାଦୌଡ ଅନୁଷ୍ଠିତ ହୋଇଥିଲା। ଗୁରୁମା ସୌମିତ୍ରୀ ପାତ୍ର ଓ ରୁବିରାଣୀ ଜେନାଙ୍କ ଦ୍ୱାରା ମ୍ୟୁଜିକ ଚେୟାର, ଚକୋଲେଟ ଦୌଡ ଓ ସଟପୁଟ ଅନୁଷ୍ଠିତ ହୋଇଥିଲା। ଗୁରୁଜୀ ପ୍ରଦ୍ୟୁମ୍ନ ନାୟକ ଓ ସନ୍ତୋଷ ପଣ୍ଡା ଅନ୍ୟାନ୍ୟ କ୍ରୀଡା ପରିଚାଳନା କରିଥିଲେ।

# ପାଣିରେ ବୁଡିଛି ଧାନ, ଦୁଃଖରେ ବିଲକୁ ଯାଉନି ଚାଷୀ



ନିଆଳି (ଭାସ୍କର ନ୍ୟୁଜ): ନିଆଳି ବ୍ଲକ ର ୨୩ ଗୋଟି ପଞ୍ଚାୟତରେ ଚଳିତ ବର୍ଷ ୧୨ ହଜାର ହେକ୍ଟର ଜମି ଧାନ ଚାଷ କରାଯାଇଥିଲା। ୪ ହଜାର ହେକ୍ଟର ଜମିର ଧାନ କଟା ହୋଇଥିବା ବେଳେ ଅବଶିଷ୍ଟ ୮ ହଜାର ହେକ୍ଟର ଜମିରେ ଧାନ ରହିଛି। ଚଳିତ ବର୍ଷ ୫ ଦିନ ହେବ ଲଗାଣ ବର୍ଷା ଲାଗି ରହିଥିବାରୁ କ୍ଷେତରେ ୮ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥିଲେ ମଧ୍ୟ ସେଗୁଡିକ ଲଗାଣ ବର୍ଷାରେ ଗଜା ହେବାକୁ ବସିଲାଣି। ଯାହାଫଳରେ ଚାଷୀମାନେ ଆଉ ବିଲକୁ ଯାଇ ପାଣିରୁ ଧାନ ଛାଣୁ ନାହିଁ। ବର୍ଷକର ଖାଦ୍ୟ ଯୋଗାଡ଼ କରିବା ନିମନ୍ତେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଧାନ ଚାଷ କରିଥିଲେ । କିନ୍ତୁ ଉକ୍ତ ଟଙ୍କାରେ ଗୋଟିଏ ବି ଧାନ ବସ୍ତା ମିଳିବା କଷ୍ଟ ହୋଇଯିବ। ଲକ୍ଷାଧିକ ଟଙ୍କା ହରାଇବା ପରେ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛି। ଏବେ ଚାଷୀ ମାନେ କରିବେ କଣ ? ବର୍ଷାର ପ୍ରଭାବ ବୃଦ୍ଧି ପାଉଥିବା ବେଳେ ଚାଷୀ ବିଲକୁ ଯିବାକୁ ଅମଙ୍ଗ। ବୀମା ଭୁକ୍ତ ହୋଇଥିବା ଚାଷୀ ମାନେ ଟୋଲ ଫ୍ରି ନମ୍ବର ରେ ଫୋନ କଲେ ମଧ ତାହା ଲାଗୁନାହିଁ। ନିଆଳି କୃଷି ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ କୋଣସି ପଦକ୍ଷେ ପ ନିଆଯାଇ ନାହିଁ। ଯାହା ଦ୍ୱାରା ଚାଷୀଙ୍କର ନାହିଁ ନଥିବା କ୍ଷତି ଘଟିଛି। ବର୍ଷାରେ ଖାଦ୍ୟ ସଂଗ୍ରହ କରିବା ପାଇଁ ଚାଷୀ ନିଜର ଦେହରୁ ରକ୍ତ ନିଗାଡି ପାଣି କରି କ୍ଷେତରେ ଖଟି ଥିଲା କିନ୍ତୁ ଲଗାଣ ବର୍ଷାରେ ପାଚିଲା ଧାନ କ୍ଷେତରେ ଗଜା ହୋଇଥିବା ବେଳେ ବର୍ଷା କିନ୍ତୁ ଛାଡିବା ନାଁ ଧରୁନି। ଧାନ ପାଇଁ ଚାଷ କରୁଥିବା ଚାଷୀ ଏବେ ମୁଣ୍ଡରେ ହାଟଦେଇ କାନ୍ଦୁଚି। ସରକାରଙ୍କ ପକ୍ଷରୁ ଯଥା ଶୀଘ୍ର କ୍ଷୟକ୍ଷତି ଆକଳନ କରି କ୍ଷୟକ୍ଷତି ଯୋଗାଇ ଦେବ ପାଇଁ ଚାଷୀ ମାନେ ଦାବି କରିଛନ୍ତି।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ଜନାର୍ଦ୍ଦନପୁରସ୍ଥିତ ଚିତ୍ରୋତ୍ପଳା ଉଚ୍ଚ ବିଦ୍ୟାଳୟ ୧୯୮୨ ମାଟ୍ରିକ ବ୍ୟାଚ ପୁରାତନ ଛାତ୍ରଛାତ୍ରୀଙ୍କର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ ଉତ୍ସବକୁ ପୁରାତନ ଛାତ୍ର ପ୍ରକାଶ ଚନ୍ଦ୍ର ପାତ୍ର ସଂଯୋଜନା କରିଥିଲେ। ଏଥିରେ ପୁରାତନ ଛାତ୍ର ଶୁକଦେବ ଶତପଥି, ଅନନ୍ତ ସାମଲ, ଅକ୍ଷୟ ନାଥ, ବ୍ରହ୍ମାନନ୍ଦ ସ୍ୱାଇଁ, ଅକ୍ଷୟ ବେହେରା, ବିଚିତ୍ରାନନ୍ଦ ଷଡଙ୍ଗୀ, କୃପାସିନ୍ଧୁ ରାଉତ, ପ୍ରମିଳା ମଲିକ ପ୍ରମୁଖ ବହୁ ପୁରାତନ ଛାତ୍ର ଛାତ୍ରୀ ଯୋଗଦାନ କରି ପରସ୍ପର ମଧ୍ୟରେ ବନ୍ଧୁତ୍ୱର ଭାବ ଆଦାନ ପ୍ରଦାନ କରିଥିଲେ।

# ଭୁଲ ଇଞ୍ଜେକସନ ଯୋଗୁଁ ନାବାଳକର ମୃତ୍ୟୁ ଅଭିଯୋଗ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ଭୁଲ ଇଞ୍ଜେକସନ ଯୋଗୁଁ ଜଣେ ନାବାଳକର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ନାବାଳକ ଜଣକ ହେଉଛନ୍ତି କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଥାନା ଅନ୍ତର୍ଗତ କୃଷ୍ଣନଗର ଗ୍ରାମପଞ୍ଚାୟତର ଶୈଳେନ୍ଦ୍ରନଗର ଗ୍ରାମର ରାଜୁ ଜେନାଙ୍କ ୧୧ବର୍ଷର ପୁଅ। ରାଜୁଙ୍କ ପୁଅକୁ ଜ୍ୱର ହୋଇଥିବାରୁ ତାକୁ ନେଇ ରାଜୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। କିନ୍ତୁ ସେଠାରେ ପୁଅର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ନହେବାରୁ ରାଜୁ ପୁଅକୁ କେନ୍ଦ୍ରାପଡା ସହରର ଶିଶୁ ରୋଗ ବିଶେଷଜ୍ଞ ଡା. କିଶୋର ଚନ୍ଦ୍ର ମିଶ୍ରଙ୍କ କ୍ଲିନିକକୁ ନେଇଥିଲେ। ଡା. ମିଶ୍ର ରାଜୁଙ୍କ ପୁଅକୁ ପରୀକ୍ଷା ନିରିକ୍ଷା କରିବା ପରେ ଏକ ଇଞ୍ଜେକସନ ଲେଖିଦେବା ସହ ନିକଟସ୍ଥ ଔଷଧ ଦୋକାନରୁ ସେହି ଇଞ୍ଜେକସନ ଆଣିବାକୁ କହିଥିଲେ। ଡା. ମିଶ୍ରଙ୍କ ପରାମର୍ଶ କ୍ରମେ ରାଜୁ ଔଷଧ ଆଣିବା ପରେ ଡା. ମିଶ୍ର ରାଜୁଙ୍କ ପୁଅକୁ ସେହି ଇଞ୍ଜେକସନଟି ଦେଇଥିଲେ। ଏହାର କିଛି ସମୟ ପରେ ରାଜୁଙ୍କ ପୁଅର ମୃତ୍ୟୁ ହୋଇଯାଇଥିଲା। ଏକଥା ଜାଣି ପାରି ଡା. ମିଶ୍ର ରାଜୁଙ୍କ ପୁଅକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯିବା ପାଇଁ ପରାମର୍ଶ ଦେଇଥିଲେ। ରାଜୁ ତାଙ୍କ ପୁଅକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ପରେ ଡାକ୍ତର ତାଙ୍କ ପୁଅକୁ ମୃତ୍ୟୁ ଘୋଷଣା କରିଥିଲେ। ଭୁଲ ଇଞ୍ଜେକସନ ଯୋଗୁଁ ପୁଅର ମୃତ୍ୟୁ ଘଟିଲା ବୋଲି ରାଜୁ କେନ୍ଦ୍ରାପଡା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ପୂର୍ବତନ କୁସ୍ତି ଖେଳାଳିଙ୍କ ବୈଠକ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପୂର୍ବତନ କୁସ୍ତି ଖେଳାଳିମାନଙ୍କର ସ୍ଥାନୀୟ ମମତା ମଣ୍ଡପ ଠାରେ ସ୍ୱପ୍ନେଶ୍ୱର ନାୟକଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ହିମାଂଶୁ ଦାସ, ବିଦ୍ୟାସାଗର ବେହେରା, ପର୍ଶୁରାମ ପ୍ରଧାନ, ପ୍ରଭାତ ସାହୁ, ବାଦଲ ବେହେରା, ସାଗର ପ୍ରଧାନ, ବାଦଲ ବେହେରା, ଦୀପକ ବେହେରା, ଆର୍ଯ୍ୟ ପଟ୍ଟନାୟକ ପ୍ରମୁଖ ପୂର୍ବତନ ପହିଲମାନମାନେ ଯୋଗ ଦେଇଥିଲେ। ଏହି ବୈଠକରେ ଢେଙ୍କାନାଳ କୁସ୍ତି ସଂଘର ଅପାରଗତା ବିଷୟରେ ଆଲୋଚନା ହୋଇଥିଲା। ବର୍ତ୍ତମାନ ଇଣ୍ଡୋର ଷ୍ଟାଡିୟମ୍ ଖାଲି ପଡିଥିବାବେଳେ ସେଠାରେ ପିଲାମାନେ ଖେଳୁନାହାଁନ୍ତି । ଜିଲ୍ଲା ସଂଘ ପିଲାମାନଙ୍କ ପାଇଁ କିଛି ପ୍ରତିଯୋଗିତାର ଆୟୋଜନ କରୁନଥିବାରୁ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ପାଇଁ ପିଲାମାନେ ନିଜ ହାତରୁ ଖର୍ଚ୍ଚ କରି ଯାଉଛନ୍ତି। ଏହି ବିଷୟରେ ଜିଲ୍ଲା କୁସ୍ତି ସଂଘ ସଂପାଦକଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ ତାଙ୍କ ଠାରୁ କୌଣସି ଆସାନୁରୂପ ମନ୍ତବ୍ୟ ମିଳିପାରିଲା ନାହିଁ । ତେଣୁ ପୂର୍ବତନ କୁସ୍ତି ଖେଳାଳି ଏହି ବିଷୟରେ ଆଲୋଚନା କରି ସଂଘକୁ ନୂତନ ଭାବେ ପରିଚାଳନା କରିବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଓ ଜିଲ୍ଲା କ୍ରୀଡା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସଂଘ ଆଗକୁ ତା'ର କାର୍ଯ୍ୟ ପନ୍ଥା କେମିତି ଠିକ୍ ଭାବେ ତୁଲାଇ ପାରିବ ତାହା ସବିଶେଷ ଆଲୋଚନା କରାଯାଇଥିଲା । ସଂଘର ନୂତନ ଭାବେ କର୍ମକର୍ତ୍ତା ଚୟନ କରାଗଲେ ଆଗକୁ ଖେଳାଳିଙ୍କ ତଥା ଜିଲ୍ଲାର ଉନ୍ନତି ହେବ ବୋଲି ପୂର୍ବତନ କୁସ୍ତି ଖେଳାଳିମାନେ ଆଲୋଚନା କରିଥିଲେ।

# ପଣ୍ଡିତ ଶ୍ରୀଧର ରଥଙ୍କ ସ୍ମରଣ ଦିବସ

ଭଞ୍ଜନଗର (ଭାସ୍କର ନ୍ୟୁଜ): ବୁଧବାର ଦିନ ଡିଏଭି ପିଟି ଏସ ଆର ପବ୍ଲିକ ସ୍କୁଲ ଭଞ୍ଜନଗର ପରିସରରେ ସମାଜ ସଂସ୍କାରକ ପଣ୍ଡିତ ଶ୍ରୀଧର ରଥଙ୍କୁ ତାଙ୍କର ତିରୋଧାନ ଦିବସରେ ଡିଏଭି ଭଞ୍ଜନଗର ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସୁଦେବ ପାଣିଗ୍ରାହୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମହାନ ଦିବ୍ୟାତ୍ମା ପଣ୍ଡିତ ଶ୍ରୀଧର ରଥଙ୍କ ଫଟୋଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପଣ୍ଡିତ ଶ୍ରୀଧର ରଥ ନାମରେ ନାମିତ ଏହି ଡିଏଭି ବିଦ୍ୟାଳୟଟି ଭଞ୍ଜନଗର ମାଟିରେ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ସୃଷ୍ଟି କରିଆସିଅଛି । ପଣ୍ଡିତ ଶ୍ରୀଧର ରଥଙ୍କ ଶ୍ରାଦ୍ଧ ଦିବସରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମହାନ ଦିବ୍ୟାତ୍ମାଙ୍କ ଅବଦାନକୁ ସ୍ମୃତିଚାରଣ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ଆଚାର୍ଯ୍ୟ ଏହି ବୈଦିକ ଯଜ୍ଞ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜାତୀୟ ସେବା ଶିବିର ଉଦ୍‌ଘାଟିତ

ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ଦେଉଳି ସ୍ଥିତ ଶ୍ରୀରାଧାମାଧବ ସଂସ୍କୃତ ମହାବିଦ୍ୟାଳୟ ଏନଏସଏସ ପକ୍ଷରୁ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର କଲେଜ ପରିସରରେ ଉଦଘାଟିତ ହୋଇଯାଇଛି। ସକାଳେ କଲେଜ ଅଧକ୍ଷ ବଟକୃଷ୍ଣ ସାହୁ ଏନଏସଏସ ପତାକା ଉତ୍ତୋଳନ କରିଥିବା ବେଳେ ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୋଲଗଡ଼ ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏନଏସଏସର ଉତ୍ପତ୍ତି ଓ ଆଭିମୁଖ୍ୟ ସମ୍ପର୍କରେ ଶିବିରାର୍ଥି




ମାନଙ୍କୁ ଉଦବୋଧନ ଦେଇଥିଲେ। ଏନଏସଏସ ସଂଯୋଜକ ଅଧ୍ୟାପକ ପ୍ରଦୀପ ସାହୁ ଯୋଜନା ଅନ୍ତର୍ଗତ ପ୍ରସ୍ତାବିତ କାର୍ଯ୍ୟସାରଣୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ଚୈତାରି ଦାସ ଓ କିରାଣୀ ନିରଞ୍ଜନ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ କଲେଜ ନିକଟ ତୁଳସୀବେରେଣା ଗ୍ରାମକୁ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ହୋଇଥିଲେ।ଆଗାମୀ ଏକ ସପ୍ତାହ ପର୍ଯ୍ୟନ୍ତ ଉକ୍ତ ଗ୍ରାମରେ ବୃକ୍ଷରୋପଣ,ରକ୍ତଦାନ ଶିବିର, ନିଶା ନିବାରଣ ସଚେତନତା ଓ ଗ୍ରାମ ପରିମଳ କାର୍ଯ୍ୟକ୍ରମ ମାନ ଶିବିରାର୍ଥି ମାନଙ୍କ ଦ୍ୱାରା ଅନୁଷ୍ଠିତ ହେବ ବୋଲି ସୂଚନା ପ୍ରଦାନ କରା ଯାଇଥିଲା।

# ବାଜପେୟୀଙ୍କ ଜୟନ୍ତୀ ପାଳିତ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବିଜେପି କାର୍ଯ୍ୟାଳୟରେ ବୁଧବାର ଅଟଳ ବିହାରୀ ବାଜପେୟୀ ଜୟନ୍ତୀ ଓ ସୁଶାସନ ଦିବସ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ଗିରିଶ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତରଣୀସେନ ଯେନା, ପ୍ରଭାତ ରାଉତ, ନବ କିଶୋର ବିଶ୍ୱାଳ, ପାଟୁଳି ପଞ୍ଚାୟତ ବିଜେପି ସଭାପତି ପର୍ଶୁରାମ ପରିଡା, ବୟାବନାପୁର ସଭାପତି ଜୟଦେବ ସେନାପତି, ଶରତ ପଲାଇ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଦିବସକୁ ସୁଶାସନ ଦିବସ ଭାବେ ମଧ ପାଳନ କରାଯାଇଥିଲା। ଅଟଳଜୀଙ୍କ ଶାସନ ସମୟରେ ଗ୍ରାମ୍ୟ ପକ୍କାରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲା। ଦେଶରେ ସ୍ୱର୍ଣ୍ଣ ଚତୁର୍ଭୁଜ ନିର୍ମାଣ ସହ ବିଭିନ୍ନ ସଂସ୍କାରମୂଳକ ଶାସନ ବ୍ୟବସ୍ଥା ପ୍ରଚଳନ କରି ଅଟଳଜୀ ରାଷ୍ଟ୍ରବାସୀଙ୍କ ହୃଦୟ ଜିଣିଥିଲେ ବୋଲି ବକ୍ତାମାନେ କହିଥିଲେ।

# ମୟୁରଭଞ୍ଜ ଡାକ ମଣ୍ଡଳର ପ୍ରତିଷ୍ଠା ଦିବସ

ବାରିପଦା (ଭାସ୍କର ନ୍ୟୁଜ): ମୟୁରଭଞ୍ଜ ଡାକ ମଣ୍ଡଳର ୫୩ତମ ପ୍ରତିଷ୍ଠା ଦିବସ ୨୩ ତାରିଖରେ ସ୍ଥାନୀୟ ସହିଦ ସ୍ମୃତି ଭବନରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ପ୍ରତିଷ୍ଠା ଦିବସରେ ମୟୁରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଡାକ ବିଭାଗରେ ହେଉଥିବା ବିଭିନ୍ନ ସଞ୍ଚୟ ଯୋଜନା ସହ ସମାଜରେ ଏହି ସୁବିଧାରୁ ବଞ୍ଚିତ ଥିବା ଲୋକଙ୍କୁ ସାମିଲ କରିବାକୁ ଡାକ ବିଭାଗକୁ ପରାମର୍ଶ ଦେବାସହ ଜିଲ୍ଲା ପ୍ରଶାସନ ଏହି କାର୍ଯ୍ୟରେ ସବୁପ୍ରକାର ସହଯୋଗ କରିବା କଥା କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୟୁରଭଞ୍ଜ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ ଡାକ ବିଭାଗର ବିଶ୍ୱାସନୀୟତା ତଥା ଡିଜିଟାଲ ଯୁଗରେ ନୂଆ ନୂଆ ଟେକ୍ନୋଲୋଜିରେ ହେଇଥିବା ସାଇବର ଅପରାଧକୁ କିପରି ରୋକି ହେବ ସେଇ ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବରେମହାରାଜା ପୂର୍ଣଚନ୍ଦ୍ର ସ୍ୱଂୟ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷା ପ୍ରଫେସର ଝରଣା



ବେହେରା, ଡାକ ବିଭାଗର ଅବସରପ୍ରାପ୍ତ ସତର୍କତା ଅଧିକାରୀ ଭଗବାନ ସାମଲ ଅନ୍ୟତମ ସମ୍ମାନିତ ଅତିଥି ହୋଇ ଯୋଗଦାନ କରିଥିଲେ । ଏହି ସଭାକାର୍ଯ୍ୟକୁ ପୌରାହିତ କରୁଥିବା ମୟୁରଭଞ୍ଜ ଡାକ ମଣ୍ଡଳ ଅଧିକ୍ଷକ ବସନ୍ତ କୁମାର ସିଂହ ତାଙ୍କ ସଭାପତି ଅଭିଭାଷଣରେ ମୟୁରଭଞ୍ଜ ଡାକ ମଣ୍ଡଳ ଗତ ବର୍ଷରେ କିପରି ସବୁ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ ତାହା ଉଲ୍ଲେଖ କରିଥିଲେ ।

# ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ

ଆଳି (ଭାସ୍କର ନ୍ୟୁଜ): ଆଳି ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ନିଲୁ ମହାପାତ୍ର, ପୂର୍ବତନ ଓଡିଶା ବାର ଆସୋସିଏସନ୍ ସଭାପତି ଧରଣୀଧର ନାୟକ ମୁଖ୍ୟବକ୍ତା, ଆଳିର ବ୍ଲକ୍ ଶିକ୍ଷାଧିକାରୀ ନଳିନୀ ରଞ୍ଜନ ରାଉତରାୟ ଓ ବିଦ୍ୟାଳୟ ର ଚେୟାରମ୍ୟାନ କୃଷଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏତଦ୍ ବ୍ୟତୀତ ସ୍କୁଲ ର ଡାଇରେକ୍ଟର ଜୟଶ୍ରୀ ପଣ୍ଡା, ସମାଜସେବୀ ଭାଗ୍ୟବତୀ ପଣ୍ଡା , ଅଧକ୍ଷା ମାନସୀ ସାହୁ, ବିଦ୍ୟାଳୟ ଉପଦେଷ୍ଟା ବୈଦ୍ୟନାଥ ମହାନ୍ତି, ଉପାଧକ୍ଷ ଅକ୍ଷୟ କୁମାର ପଣ୍ଡା, ଶିକ୍ଷାବିତ୍ ଅର୍ଜ୍ଜୁନ ବିଶ୍ୱାଳ ଯୋଗ ଦେଇଥିଲେ । ଅଧକ୍ଷା ମାନସୀ ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ନୃତ୍ୟ ଗୀତ, ଓଡିଆ ଓ ଇଂରାଜୀ ଡ୍ରାମା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଛାତ୍ରଛାତ୍ରୀ ମାନେ ଉଚ୍ଚ ମାନର ଶିକ୍ଷା ଲାଭ କଲେ ଦେଶର ବିକାଶ ହେବ ବୋଲି ମୁଖ୍ୟ ଅତିଥି କହିଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରଶାସକ ସ୍ୱାଧୀନ ଦାସ ସଞ୍ଚାଳନ କରିଥିବାବେଳେ ଉଦଘୋଷକ ରୂପେ ଯଶୋବନ୍ତୀ ଦାସ ଓ ସ୍ୱପ୍ନା ଶୁଭଦର୍ଶନୀ ପ୍ରଧାନ କାର୍ଯ୍ୟକର୍ମର ସଫଳତା ପାଇଁ ସହଯୋଗ କରିଥିଲେ । ଉପାଧକ୍ଷ ଅକ୍ଷୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ ପାଳିତ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ସ୍ଥାନୀୟ ଚନ୍ଦନ ବଜାର ଠାରେ ଥିବା ବାପଟିଷ୍ଟ ଚର୍ଚ୍ଚ ଠାରେ ଆଜି ବଡଦିନ ଅବସରରେ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଅଛି । ସହରରେ ଥିବା ଖ୍ରୀଷ୍ଟିୟାନ୍ ଭାଇଭଉଣୀମାନେ ପବିତ୍ର ବଡଦିନ ଅବସରରେ ଏକତ୍ରିତ ହୋଇ ବାପଟିଷ୍ଟ ଚର୍ଚ୍ଚ ଠାରେ ପ୍ରଭୂ ଯୀଶୁଖ୍ରୀଷ୍ଟଙ୍କର ଉପାସନା କରିଥିଲେ। ଚର୍ଚ୍ଚର ଅଙ୍ଗ ସଣ୍ଡେସ୍କୁଲ, ଉଦ୍‌ଯୋଗ ସମିତି, ମହିଳା ସମିତିର ସମସ୍ତେ ସୁନ୍ଦର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ । ଏହି ବିଶେଷ ଉପସ୍ଥାପନାରେ ଆଚାର୍ଯ୍ୟ ବିହୀତ କୁମାର ପରିଚ୍ଛା ସୁଦୂର ଗଜପତିରୁ ଆସି ବଡଦିନର ତାତ୍ପର୍ଯ୍ୟ ବା ଯୀଶୁଙ୍କ ଜନ୍ମର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ସମସ୍ତ କାର୍ଯ୍ୟରେ ଚର୍ଚ୍ଚ ପାଷ୍ଟର ଆଶିଷ କୁମାର ଗାନ୍ଥା, କୋର୍ କମିଟିର ମୁଖ୍ୟ ଭାଇ ପ୍ରେମାନନ୍ଦ ବିହାରୀ, ବାଇ ସୁଶାନ୍ତ କୁମାର ବେହେରା, ଭାଇ ଅମରେନ୍ଦ୍ର ନାୟକ, ଭାଇ ଅଭୟାନନ୍ଦ ବିହାରୀ, ଭଉଣୀ କଳ୍ପନା ମହାନ୍ତି, ଭାଇ ଡାନିଏଲ୍ ମୋଜେସ୍ ଚର୍ଚ୍ଚରେ ସଂପାଦନ ହୋଇଥିବା ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

## ସ୍ତୁପ ସହ ବୌଦ୍ଧମୂର୍ତ୍ତି ଆବିଷ୍କୃତ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଷୋଳମପୁର ପଞ୍ଚାୟତ ଦାଣ୍ଡକୂଳ ଗ୍ରାମର ବୈତରଣୀ ନଦୀକୂଳରୁ ବୁଧବାର ବୌଦ୍ଧସ୍ତୁପ ସହ ମୂର୍ତ୍ତି ଆବିଷ୍କୃତ ହୋଇଛି। ଦାଣ୍ଡକୂଳ ଗ୍ରାମର ରାଜକିଶୋର ରାଉତ ସ୍ତୁପ ସହ ମୂର୍ତ୍ତି ଠାବ କରି ଇନଟାକ ସଦସ୍ୟ ବିଶ୍ୱମ୍ଭର ରାଉତଙ୍କୁ ସୂଚନା ଦେଇଥିଲେ। ସାଥି ଚିନ୍ମୟ ନାୟକଙ୍କ ସହାୟତାରେ ଶ୍ରୀ ରାଉତ ସ୍ତୁପ ସହ ମୂର୍ତ୍ତି ଉଦ୍ଧାର କରି ଷୋଳମପୁର ବୌଦ୍ଧବିହାର ସଂଗ୍ରହାଳୟକୁ ଆଣିଥିଲେ। ଅଷ୍ଟମ ଓ ନବମ ଶତାବ୍ଦୀରେ ଖାଣ୍ଡେଲାଇଟ ପ୍ରସ୍ତରରେ ନିର୍ମିତ ଏକଫୁଟ ଉଚ୍ଚତାର ବୁଦ୍ଧମୂର୍ତ୍ତିରେ ବୌଦ୍ଧଭିକ୍ଷୁ ହାତଯୋଡି ଭକ୍ତି ଭାବ ପ୍ରକାଶ କରୁଥିବା ଚିତ୍ର ଖୋଦିତ ହୋଇଛି। ୩ ଫୁଟ ଉଚ୍ଚତା ବିଶିଷ୍ଟ ବୌଦ୍ଧସ୍ତୁପରେ ବୌଦ୍ଧ ଉପାସିକା ଅଶ୍ୱସ୍ତ ବୃକ୍ଷମୂଳେ ଭକ୍ତି ନୈବେଦ୍ୟ ଅର୍ପଣ କରୁଥିବା ଚିତ୍ର ଖୋଦିତ ହୋଇଛି ବୋଲି ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ଡଃ ସୁନିଲ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି।

# 'ଗଣିତରେ ଗବେଷଣା ଓ କୃତ୍ରିମ ବୁଦ୍ଧିମତା' ଶୀର୍ଷକ ସମ୍ମିଳନୀ



ଛତ୍ରପୁର (ଭାସ୍କର ନ୍ୟୁଜ): 'ଗଣିତର ଗବେଷଣା ଏବଂ କୃତ୍ରିମ ବୁଦ୍ଧିମତା' ଶୀର୍ଷକ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ଅଧକ୍ଷ ଡ. ଅଜୟ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ନିଷ୍ଟ ବିଶ୍ୱବିଦ୍ୟାଳୟର କୁଳପତି ତଥା ବିଶିଷ୍ଟ ବୈଜ୍ଞାନିକ ଡ. ପ୍ରିୟଦର୍ଶନ ପାତ୍ର ଯୋଗଦେଇ ଆସନ୍ତା ସମୟରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ତଥା ସାଧାରଣ ଜୀବନରେ ତାହାର ଆବଶ୍ୟକତା ସଂପର୍କରେ ଆଲୋଚନା କରିଥିଲେ । ମୁଖ୍ୟ ବକ୍ତା ଭାବେ ଡ. ସରୋଜ କମାର ପାଣିଗ୍ରାହୀ ଯୋଗଦେଇ ସାଧାରଣ ନିର୍ମାଣ ଓ ବୈଷୟିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଫଳରେ ଗୁଣବତ୍ତାର ବିକାଶ ସଂପର୍କରେ ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ଭାବେ ଡ. ରାଜେନ୍ଦ୍ର ମିଶ୍ର ତଥା ସାମାଜିକ ସାଧିକା ସମାପ୍ତି ପଣ୍ଡା ଯୋଗଦେଇ ସାଧାରଣ ଜନଜୀବନରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ସଂପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡ. ବିଷ୍ଣୁଚରଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାଦଲ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଜିତ ସେଠୀ ସମ୍ମିଳନୀର ଲକ୍ଷ୍ୟ ସଂପର୍କରେ ସବିଶେଷ ଆଲୋଚନା କରିଥିଲେ । ଶେଷରେ ଡ. ଶୁଚିସ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଏକତ୍ରିଂଶତମ ଜିଜ୍ଞାସା କର୍ମଶାଳା

ଢେଙ୍କାନାଳ (ଭାସ୍କର ନ୍ୟୁଜ): ପ୍ରତି ବର୍ଷ ପରି ଏହି ବର୍ଷ ମଧ ଡ଼ିସେମ୍ବର ମାସ ୨୫ ତାରିଖରୁ ଡ଼ିସେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଭାଗିରଥୀ ସାଗରସ୍ଥିତ ଶ୍ରୀଅରୋବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ୩୧ତମ ଜିଜ୍ଞାସା କର୍ମଶାଳା ମହାଆଡମ୍ବର ଭାବେ ଅନୁଷ୍ଠିତ ହେଉଛି । ଉକ୍ତ ସମାରୋହରେ ଅନୁଷ୍ଠାନର ପୁରାତନ ଓ ବିଦ୍ୟାଳୟରେ ଅଧ୍ୟୟନରତ ୧୦୦ରୁ ଅଧିକ ଛାତ୍ରଛାତ୍ରୀମାନେ ଯୋଗଦାନ କରି ଏହାକୁ ଅତ୍ୟନ୍ତ ମନୋରମ କରିବାରେ ସଫଳ ହୋଇଛନ୍ତି। ଏହି କର୍ମଶାଳାରେ ଜଣା ଅଜଣା ପ୍ରତିଯୋଗିତା, ବୃକ୍ଷରୋପଣ କାର୍ଯ୍ୟକ୍ରମ, ପାଠଚକ୍ର ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କୋଷାଗୁମୁଡାରେ ବଡଦିନ ପାଳିତ

କୋଷାଗୁମୁଡ଼ା (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ବଡ଼ଦିନ ପର୍ବ ମହା ଆଡମ୍ବରରେ ପାଳନ କରାଯାଇଥିବା ଦେଖିବାକୁ ମିଳିଛି । କୋଷାଗୁମୁଡା, ପୂଜାରିଗୁଡା, କୋଡ଼ିଙ୍ଗା, କଣ୍ଡାପୁରୀ, ବିଏମ ସେମଲା, ବନ୍ଦୀଗୁଡା ଆଦି ଅଞ୍ଚଳର ଚର୍ଚ୍ଚ ମାନଙ୍କରେ ବଡଦିନକୁ ମହା ସମାରୋହରେ ପାଳନ କରାଯାଇଥିବା ନଜରରେ ଆସିଛି । ମଙ୍ଗଳବାର ରାତ୍ର ଠାରୁ ଏହି ଉତ୍ସବ ଆରମ୍ଭ ହୋଇଥିଲା ।ଏହି ଅବସରରେ ପ୍ରଥମେ ଚର୍ଚ୍ଚ ମାନଙ୍କରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ମାନେ ଏକତ୍ରିତ ହୋଇ ବିଶ୍ୱ କଲ୍ୟାଣ ପାଇଁ ସାମୁହିକ ପ୍ରାର୍ଥନା କରିଥିଲେ ପରେ ଚର୍ଚ୍ଚର ପାଳକ ମାନେ ପବିତ୍ର ଧର୍ମଶାସ୍ତ୍ର ବାଇବେଲରୁ ପ୍ରଭୁ ଯୀଶୁଙ୍କ ଜନ୍ମର ଶୁଭ ବାର୍ତ୍ତା ସମସ୍ତଙ୍କୁ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ଆନନ୍ଦ ଉଲ୍ଲାସର ସହ ଖ୍ରୀଷ୍ଟମାସ କେକ କଟାଯାଇଥିଲା। ପ୍ରତ୍ୟେକ ପରସ୍ପରକୁ ମେରୀ ଖ୍ରୀଷ୍ଟମାସର ଅଭିବାଦନ ଜଣାଇଛନ୍ତି ।

# ଅଟଳଜୀଙ୍କ ଜୟନ୍ତୀ ପାଳିତ

ନିଆଳି (ଭାସ୍କର ନ୍ୟୁଜ): ଆଜି ନିଆଳି ବଜାରରେ ଥିବା ବିଜେପି କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ ତମ ଜନ୍ମ ଜୟନ୍ତୀ ଏବଂ ସୁଶାସନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନିଆଳି ମଣ୍ଡଳ ଉପସଭାପତି ତ୍ରିଲୋଚନ ବେହେରା, ସମ୍ପାଦକ ବିଶ୍ୱଜିତ ବାରିକ, ବିଜେପି ନେତା ସନ୍ତୋଷ ବିଶ୍ୱାଳ, ଭରତ ମଲିକ, ଚାଇନା ସିଂ, ଦିଲୀପ ଜେନା, ବାଦଲ ସେନାପତି, ଅନୁ ଖାଁ, ମନୁ ଶଡ଼ଙ୍ଗୀ, ଅମୀୟ ନାୟକ, ଦୁର୍ଯ୍ୟୋଧନ ଭୋଇ, ସନାତନ ଭୋଇ, ରାମ ଦାସଙ୍କ ସମେତ ନିଆଳି ଅଞ୍ଚଳର ଅନ୍ୟାନ୍ୟ ପ୍ରମୁଖ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ହୋଇ ପୁଣ୍ୟ ଆତ୍ମାଙ୍କୁ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

/////////////////////// ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ///////////////////////

# କମ୍ବଳ ବାଣ୍ଟିଲେ ଖାଦ୍ୟ ଯୋଗାଣ ମନ୍ତ୍ରୀ



ଢେଙ୍କାନାଳ (ଭାସ୍କର ନ୍ୟୁଜ): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଓ ସୁଶାସନ ଦିବସ ସ୍ଥାନୀୟ ଦକ୍ଷିଣକାଳୀସ୍ଥିତ ବିଜେପି କାର୍ଯ୍ୟାଳୟରେ ପାଳନ ହୋଇଯାଇଅଛି। ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଜପେୟୀଙ୍କ ତୈଳଫଟୋ ଚିତ୍ରରେ କାର୍ଯ୍ୟକର୍ତାଙ୍କ ସହିତ ପୁଷ୍ପମାଲ୍ୟ ଦେଇ ଭକ୍ତିପୂତ ଶ୍ରଦ୍ଧାଳି ଜ୍ଞାପନ କରିଥିଲେ। ମନ୍ତ୍ରୀ ଶ୍ରୀ ପାତ୍ର ବାଜପେୟୀଙ୍କ ଜୀବନୀ ଉପରେ ଆଲୋକପାତ କରି ସେ ଏକଧାରରେ ଜଣେ ରାଷ୍ଟ୍ରନାୟକ, ରାଷ୍ଟ୍ରଭକ୍ତ, ପ୍ରବୀଣ ରାଜନୈତିଜ୍ଞ, ସୁବକ୍ତା, ସୁଚିନ୍ତକ, ଲେଖକ ଓ କବି ଥିଲେ। ସ୍ୱର୍ଣ୍ଣ ଚତୁର୍ଭୁଜ ସଂଯୋଗୀକରଣ, ରାଜପଥ ନିର୍ମାଣ, ଅପହଁଚ ଇଲାକା ପାଇଁ ପ୍ରଧାନମନ୍ତ୍ରୀ ସଡକ ଯୋଜନା ଓ ଗରୀବ ଚାଷୀଙ୍କ ପାଇଁ ବହୁ ଜନହୀତକର ଯୋଜନା ପ୍ରଣୟନ କରି ଦେଶକୁ ବିକାଶମୁଖୀ ଆଡକୁ ଆଗେଇ ନେଇଥିଲେ । ତାଙ୍କ ନୀତି, ଆଦର୍ଶକୁ ଓ କାର୍ଯ୍ୟଶୈଳୀକୁ ଅନୁଶରଣ କରି ବର୍ତ୍ତମାନର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ ଦେଶକୁ ଏକ ବିକାଶଶୀଳ ରାଷ୍ଟ୍ରରେ ପରିଣତ କରିବା ପାଇଁ ଯାଉଛନ୍ତି ବୋଲି ଉପସ୍ଥିତ ଜନସାଧାରଣ ଓ କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଢେଙ୍କାନାଳ ନଗରର ଶତାଧିକ ଗରିବ ମହିଳା ଓ ଲୋକମାନଙ୍କୁ କମ୍ବଳ ଓ ଶୁଖିଲା ଖାଦ୍ୟ ବଂଟନ କରିଥିଲେ । ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ନଗରପାଳିକା ଜୟନ୍ତୀ ପାତ୍ର, ଗଁଦିଆ ବ୍ଲକ୍ ଅଧକ୍ଷା ରୀନାରାଣୀ ଖଟୁଆ, ସଦର ବ୍ଲକ୍ ଭାରପ୍ରାପ୍ତ ଅଧକ୍ଷ କାଳନ୍ଦୀ ଚରଣ ବାରିକ୍, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ରଥ, ଜିଲ୍ଲା ମିଡିଆ ପ୍ରଭାରୀ ନବ କିଶୋର ଗୁରୁ, ପୂର୍ବତନ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି, ବରିଷ୍ଠ ନେତା ଶାନ୍ତି ଭୂଷଣ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କୃଷକ ମୋର୍ଚ୍ଚା ପୂର୍ବତନ ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲ୍ଲା ସାଧାରଣ ସଂପାଦକ ସୁନିଲ୍ ଶର୍ମା, ଜିଲ୍ଲା ଉପସଭାପତି ମାତୃପ୍ରସାଦ ନନ୍ଦ, ଭାରତୀ ସ୍ୱାଇଁ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ନଗର ମଣ୍ଡଳ ସଭାପତି ଧ୍ରୁବଚରଣ ସ୍ୱାଇଁ, ମନ୍ତ୍ରୀଙ୍କ ପୌରାଞ୍ଚଳ ପ୍ରତିନିଧି ସନ୍ତୋଷ କୁମାର ରାଉତ, ସାଂସଦଙ୍କ ପୌରାଞ୍ଚଳ ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ, ମନ୍ତ୍ରୀଙ୍କ ଯୋଗାଣ ବିଭାଗ ପ୍ରତିନିଧି ନିରୋଦ କୁମାର ସାହୁ, ମନ୍ତ୍ରୀଙ୍କ ସଦର ବ୍ଲକ୍ ପ୍ରତିନିଧି ଜ୍ଞାନରଞ୍ଜନ ନାୟକ, ବରିଷ୍ଠ କାର୍ଯ୍ୟକର୍ତ୍ତା ବିକାଶ ସାହୁ, ପଦ୍ମଭୂଷଣ ସାହୁ, ଦୀପକ ପଟ୍ଟନାୟକ, ସୋନାଲି ସାହୁ, ସମରେନ୍ଦ୍ର ପଟ୍ଟନାୟକ, ଜିତେନ୍ଦ୍ର ପଟ୍ଟନାୟକ, ବାଦଲ ବେହେରା, ସୁଚିତ୍ର ବେହେରା, ଶିଶିର ଦଳେଇ, ବିଭୁତି ଷଣ୍ଢଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଓ ମହିଳା ଉପସ୍ଥିତ ଥିଲେ।

## ଆଳି ପଞ୍ଚାୟତ ସମିତିର ଚତୁର୍ଥ ବୈଠକ

ରଘୁନାଥପୁର (ଭାସ୍କର ନ୍ୟୁଜ): ଆଳି ବ୍ଲକ୍ ସଭାଗୃହରେ ମଙ୍ଗଳବାର ପଞ୍ଚାୟତ ସମିତିର ଚତୁର୍ଥ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ବିଡ଼ିଓ ମିନତି ଜଗଦେବ, ଜିଲ୍ଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, କନକଲତା ବେହେରା, ବ୍ଲକ୍ ଉପାଧକ୍ଷ ମିନତି ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବ୍ଲକର ୩୪ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଯୋଗଦେଇ ପଞ୍ଚାୟତର ସ୍ୱାସ୍ଥ୍ୟ, ପାନୀୟ ଜଳ ଶିକ୍ଷା, ଗମନାଗମନ କ୍ଷେତ୍ରରେ କିଭଳି ଭାବେ ଉନ୍ନତି ହେବ ସେ ନେଇ ପ୍ରଶ୍ନ ରଖିଥିଲେ। ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ପ୍ରଶ୍ନର ଉତ୍ତର ରଖିଥିଲେ। ସେହିପରି ବିଭିନ୍ନ ପଞ୍ଚାୟତରେ ଥିବା ରାସ୍ତାଗୁଡିକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନକୁ ନେବାକୁ ଦାବି ହୋଇଥିଲା। ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ କିଭଳି ଶୀଘ୍ର କରାଯିବ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା।

# 'ଆମ ଭାଷା ଆମ ସାହିତ୍ୟ' ଆଲୋଚନାଚକ୍ର

କାକଟପୁର (ଭାସ୍କର ନ୍ୟୁଜ): ହଜିଯାଉଥିବା କବିତା ଗୁଡିକୁ ସଂଗ୍ରହ କରି କବିତା ଗ୍ରନ୍ଥାବଳୀ ମାଧ୍ୟମରେ ଲୋକଲୋଚନକୁ ଆଣି ସେଗୁଡ଼ିକୁ ଉଦଜୀବିତ କରିବା ସଂଗେ ସଂଗେ ଓଡ଼ିଆ ଭାଷା, ସାହିତ୍ୟ ର ପ୍ରଚାର ପ୍ରସାର କରିବା ଚିନ୍ତାଧାରା ନେଇ ଅଞ୍ଚଳର ଅଗ୍ରଣୀ ଅନୁଷ୍ଠାନ ଉତ୍କଳ ସଂଗ୍ରାମୀ ସ୍ମୃତି କମିଟି ଓ ଓଡିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ନିକଟସ୍ଥ ରାମକୃଷ୍ଣ ଶିଶୁମନ୍ଦିର ସଭାଗୃହରେ 'ଆମ ଭାଷା ଓ ଆମ ସାହିତ୍ୟ' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଞ୍ଚଳର ସୁନାମଧନ୍ୟ କବି ଦିବଂଗତ ଅଦ୍ୱୈତ ଚରଣ ମହାନ୍ତି, ଯାହାଙ୍କ ଲେଖନୀ ମୁନରେ ବହୁ କବିତା ଆଜି ସଂକଳନ ହେବାକୁ ଯାଉଛି, ତା ମଧ୍ୟରୁ ତାଙ୍କ ରଚିତ ପ୍ରାଚୀ କାବ୍ୟର ପୁନଃ ସଂସ୍କରଣ କରାଯାଇଥିଲା । ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଡ଼ ତ୍ରିନାଥ ପଟ୍ଟନାୟକ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧକ୍ଷ ସନ୍ତୋଷ କୁମାର ମିତ୍ର, ଓ ଅନ୍ୟାନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ମଙ୍ଗଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ସଂଗ୍ରାମ ଛାଟୋଇ, ରବିନ୍ଦ୍ର ବାହିନୀପତି, କୈଳାଶ ଚନ୍ଦ୍ର ଦାଶ ଉପ ସଭାପତି ମଙ୍ଗଳା ସାହିତ୍ୟ ସଂସଦ, ବନବିହାରୀ ଗ୍ରହାଚାର୍ଯ୍ୟ ସଭାପତି - ସ୍ୱମେଶ୍ୱର ସାହିତ୍ୟ ସଂସଦ, ହରେକୃଷ୍ଣ ସ୍ୱାଇଁ ସାହିତ୍ୟିକ ଦେଶବନ୍ଧୁ ସ୍ୱାଇଁ, ଦୀପ୍ତି କୁମାରୀ ମହାନ୍ତି, ହୃଦାନନ୍ଦ ଶାସମଲ, ତ୍ରିଲୋଚନ ବିଶ୍ୱାଳ, ପ୍ରଭାତ କୁମାର ଦୀକ୍ଷିତ, ଦିବଂଗତ କବିଙ୍କ ପୁତ୍ର ଗୋପାଳ ଚନ୍ଦ୍ର ମହାନ୍ତି ଓ ତାଙ୍କ ପରିବାର ସମେତ ବହୁ ସାହିତ୍ୟନୁରାଗୀ ମାନେ ଉପସ୍ଥିତ ରହି ସ୍ୱର୍ଗତ ଅଦ୍ୱୈତ ଚରଣ ମହାନ୍ତିଙ୍କ ଓଡିଆ ସାହିତ୍ୟ ପ୍ରତି ଥିବା ଅବଦାନ ଉପରେ ଆଲୋକପାତ କରିଥିଲେ।



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଡମାଣିଟିଆ ଗ୍ରାମର ସମାଜସେବୀ ସ୍ୱର୍ଗତ ପ୍ରଭାକର ପରିଡାଙ୍କ ଦ୍ୱାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବଡମାଣିଟିଆସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକ, କିଶୋର ଚନ୍ଦ୍ର ତରାଇ, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ୭ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି, ସାନମାଣିଟିଆ ପଞ୍ଚାୟତ ସରପଞ୍ଚ ବିଭୂତିଭୂଷଣ ମଳିକ, ପୂର୍ବତନ ସରପଞ୍ଚ ଜୟ ପ୍ରକାଶ ଗିରି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ଗାଙ୍ଗପଡା ସରପଞ୍ଚ ଅଶ୍ୱିନୀ କୁମାର ପାତ୍ର, ଶିବପ୍ରସାଦ ଭଳ, ନରହରି ପାଣି, ପୂର୍ବତନ ସମିତିସଭ୍ୟ ଅକ୍ଷୟ କୁମାର ବିଶ୍ୱାଳ, ସୁବାଷ ଚନ୍ଦ୍ର ବିଶ୍ୱାଳ, କେଶବ ଚନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର କୁମାର ପରିଡା, ଗୋବିନ୍ଦ ଚନ୍ଦ୍ର ଦାସ, କୃତିବାସ ଜେନା, ବଳରାମ ପରିଡା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ପରିଡାଙ୍କ ସ୍ମୃତିଚାରଣ କରିଥିଲେ।

# କୋହଲା ପାଗକୁ ବର୍ଷା, ଉଜୁଡ଼ିଲା ସୁନାର ଫସଲ



କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ରାମଲେଙ୍କା ବଜ୍ରକୋଟ ମାଲୁଦ ବୁଦ୍ଧିବର ସିଆଳ ସିଆଣ୍ଡି ତିତିପ ଓ ବଡଝଡ଼ ପଂଚାୟତରେ ଲଘୁଚାପ ଜନିତ ଲଗାଣ ବର୍ଷାରେ ସୁନାର ଫସଲ ଉଜୁଡିଯାଇଛି । ପୁଣି ଦୁଇଦିନ ପରେ କୋହଲା ପାଗ ସାଂଗକୁ ଝିପି ଝିପି ବର୍ଷା ଆତଙ୍କିତ କରିଛି । ସେପଟେ ଉଜୁଡା ଫସଲକୁ ଦେଖି ଚାଷୀ ସର୍ବସାନ୍ତ ହୋଇପଡିଥିବା ବେଳେ ଏବେ ସରକାରୀ ସାହାଯ୍ୟକୁ ଅପେକ୍ଷା ଚରିଛନ୍ତି ଚାଷୀ । ରାମଲେଙ୍କା ପଞ୍ଚାୟତ କୁମାରପୁର ଗ୍ରାମର ଚାଷୀ ପିଙ୍କୁ ଦାସଙ୍କ ପାଚିଲା ଧାନ ବିଲରେ ଲହଡ଼ି ଭାଙ୍ଗୁଛି ବର୍ଷା ପାଣି । ଧାନ ବିଲରେ ଗାଈ ମଇଁଷି ଚରାଜମି ପାଲଟିଛି । ଚାଷୀ ମନୋବଳକୁ ଟାଣ କରି ଧାର କରଜ କରି ଅର୍ଥ କାରି ଫସଲ ଚିନାବାଦାମ କରିଥିଲା । ଏବେ ଦଇବ ଦାଉ ସାଧିଛି । ଗତ ଦୁଇଦିନ ତଳେ ହୋଇଥିବା ଲଘୁଚାପ ବର୍ଷା ପାଣୀକୁ ପମ୍ପ ସାହାଯ୍ୟରେ ଜଳନିଷ୍କାସନ କଲାପରେ ଏବେ ବର୍ଷା ପୁଣି କାଳ ହୋଇଛି । ଲଘୁଚାପ ବର୍ଷା ଚାଷୀ ମୁହଁରୁ ବର୍ଷ କର ଆହାର ଛଡ଼ାଇ ନେଇଛି । ଏଭଳି ସ୍ଥିତିରେ କିଭଳି ଚାଷୀ ତାର ପରିବାର ପ୍ରତିପୋଷଣ କରିବ ଓ ଧାର କରଜ ସୁଝିବ ଚିନ୍ତା ଘାରିଛି । ସରକାର ତୁରନ୍ତ କ୍ଷୟ କ୍ଷତି ଆକଳନ କରି ସହାୟତା ଯୋଗାଇ ଦେବାକୁ କୃଷିସଂଗଠକ ନେତା ଦିପକ କୁମାର ଜେନା, ଚାଷୀ ପିଙ୍କୁ ଦାସଙ୍କ ସମେତ କୃଷକ ମାନେ ଦାବି କରିଛନ୍ତି ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ନରେନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଗଡିଜଙ୍ଗସ୍ଥିତ କଳିଙ୍ଗ ମଡେଲ ହାଇସ୍କୁଲର ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ତ୍ରୈଲୋକ୍ୟ ଦେବତାଙ୍କର କଟକ ବଡ ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ୮୧ ବର୍ଷ ବୟଷରେ ପରଲୋକ ହୋଇଯାଇଛି। ତାଙ୍କଜ୍ୟେଷ୍ଠପୁତ୍ର ମାନସ ରଞ୍ଜନ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା କେନ୍ଦ୍ରୀୟ ଆୟକର କମିସନର ଆଶିଷ ଚନ୍ଦ୍ର ମହାନ୍ତି, ପ୍ରସନ୍ନ କୁମାର ବିଶ୍ୱାଳ, ମିଟୁ ବିଶ୍ୱାଳ, ସାମ୍ବାଦିକ ରାଜେଶ ନାୟକ, ବିମଳ ରଞ୍ଜନ ଦାସ, ନଳିନିକାନ୍ତ ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

# ପ୍ରାଥମିକ ଶିକ୍ଷକ ସଂଘର ଶପଥ ଗ୍ରହଣ ଉତ୍ସବ



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଏକ ଶପଥ ଗ୍ରହଣ ଉତ୍ସବ ତିଳକଣାସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଜନ୍ମପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆୟୋଜିତ ଉତ୍ସବରେ କଟକ ଜିଲ୍ଲା ନିଖିଳ ଉତ୍କଳ ପ୍ରାଥମିକ ସଂଘ ଫେଡେରେସନର ସଭାପତି ମନୋଜ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। କଟକ ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱମୋହନ ମିଶ୍ର, ଅବସରପ୍ରାପ୍ତ ଶିକ୍ଷାଧିକାରୀ ଅନନ୍ତ କିଶୋର ଭୂୟାଁ, ଆଇନ ପରାମର୍ଶଦାତା ତଥା ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସ ପ୍ରମୁଖ ଅତିଥିରୂପେ ଯୋଗଦାନ କରି ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟା ଓ ତାର ସମାଧାନ ଦିଗରେ କିପରି ଦୃଢ ପଦକ୍ଷେପ ନିଆଯାଇ ପାରିବ ସେ ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିମାନେ ବ୍ଲକର ନୂତନ କାର୍ଯ୍ୟକର୍ତ୍ତା ଭାବେ ନିର୍ବାଚିତ ହୋଇଥିବା ସଭାପତି ସାରଦା ପ୍ରସନ୍ନ ଆଚାର୍ଯ୍ୟ, ଉପସଭାପତି କିଶୋର ଚନ୍ଦ୍ର ନାଥ, ଉପସଭାନେତ୍ରୀ ଅମୀତା ସେଠୀ, ସମ୍ପାଦକ ଶାନ୍ତନୁକୁମାର କର, ସହସମ୍ପାଦକ ଗଗନ ବିହାରୀ ଚାନ୍ଦ, ପବିତ୍ର କୁମାର ଲେଙ୍କା, ଦିଲିପ କୁମାର ସାମଲ, ଯୁଗ୍ମ ସମ୍ପାଦକ ଦେବବ୍ରତ ସାମନ୍ତରାୟ, ସଂଯୋଜକ ଗତିକୃଷ୍ଣ ରାଉତ, କୋଷାଧ୍ୟକ୍ଷ-ସେକ ଗୋଲାମ ମେହେନ୍ଦି ହସନ ପ୍ରମୁଖଙ୍କୁ ଶପଥ ପାଠ କରାଇଥିଲେ।

# ସୁଶାସନ ସମ୍ପର୍କିତ ଆଲୋଚନାଚକ୍ର



ବଲାଙ୍ଗୀର (ଭାସ୍କର ନ୍ୟୁଜ): ବଲାଙ୍ଗିର ଭାଲେର ଛକ ସ୍ଥିତ ପ୍ରଭୁ ଆଶ୍ରମ ଠାରେ ସ୍ମାଇଲ ଫର ଅଲ ଅନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ ତମ ଜୟନ୍ତୀ ଅବସରରେ ସୁଶାସନ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସ୍ମାଇଲ ଫର ଅଲ ଫାଉଣ୍ଡେସନ ଏବଂ ନେହେରୁ ଯୁବ କେନ୍ଦ୍ର ସହାୟତାରେ ଆୟୋଜିତ ସଭାକୁ ସଂପାଦକ ସଂଜିବ କୁମାର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ଆଲୋଚକ ସୌମ୍ୟରଂଜନ ମିଶ୍ର ମୁଖ୍ୟ ଅତିଥି ଆରଏସ୍ଏସ୍ ପ୍ରବକ୍ତା, ମୁଖ୍ୟବକ୍ତା ଜୟକୃଷ୍ଣ ମିଶ୍ର, କଳା ସଂଗଠକ ତଥା ସଭାପତି ସିଦ୍ଧାଶ୍ରମ ସେବା ପ୍ରତିଷ୍ଠାନ, ମିଲୁଲତା ପଟ୍ଟନାୟକ ସମାଜସେବୀ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଭୁଦତ୍ତ ସେଠୀ, ଅଭିଷେକ ବହିଦାର, ଆକାଶ ମାହାନା, ସାହିଲ ବାଗ, ସୌଦାମିନୀ ମିଶ୍ର, ଚକ୍ରପାଣି ଦାଶ, ସୁକଦେବ ମନହିରା, ଉପଦେଷ୍ଟା ସାମସନ ମିସାଲ ପ୍ରମୁଖ ସହଯୋଗ କରିଥିଲେ ।

# କେନ୍ଦ୍ର ଗୃହମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିକ୍ଷୋଭ



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ସମ୍ବିଧାନ ପ୍ରଣେତା ଡ. ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ପ୍ରତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ରାଜ୍ୟସଭାରେ ଅସମ୍ମାନଜନକ ବକ୍ତବ୍ୟ ପ୍ରତିବାଦରେ ନିଖିଳ ଭାରତ ସମତା ସୈନିକ ଦଳ ଓଡିଶା ଶାଖା ପ୍ରତିବାଦ କରି ବିକ୍ଷୋଭ ପ୍ରଦର୍ଶନ କରିଛି । ଗୃହମନ୍ତ୍ରୀଙ୍କ ଇସ୍ତଫା ଦାବିରେ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମତା ସୈନିକ ଦଳ ଓଡିଶା ଶାଖାର ସଭାପତି ସୁଧିର କୁମାର ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ ଦଳୀୟ ସମର୍ଥକ ଓ କର୍ମୀ କେନ୍ଦ୍ରାପଡା ସହରସ୍ଥ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଗୃହମନ୍ତ୍ରୀଙ୍କ ଅଶାଳୀନ ବକ୍ତବ୍ୟର ପ୍ରତିବାଦ ପ୍ରଦର୍ଶନ କରି କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଭାରତୀୟମାନଙ୍କୁ ଏକ ଶକ୍ତ ସମାନତାଭିତ୍ତିକ ମୂଲ୍ୟବାନ୍ ସମ୍ବିଧାନ ପ୍ରଦାନ କରିଥିବା ବାବାସାହେବ ଆମ୍ବେଦକରଙ୍କ ପ୍ରତି ଗୃହମନ୍ତ୍ରୀ ଶାହାଙ୍କ ଅସମ୍ମାନ ଭାରତୀୟମାନଙ୍କ ପାଇଁ ଅସମ୍ମାନ । ସେ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସମତା ସୈନିକ ଦଳ ଦାବି କରିଛି । ଏହି ଦାବିକୁ ନେଇ ଏକ ଦାବିପତ୍ର ରାଷ୍ଟ୍ରପତି ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦଳର ରାଜ୍ୟ ସଭାପତି ଶ୍ରୀ ମଲ୍ଲିକ, ରାଜ୍ୟ ସମ୍ପାଦକ ଗୟାଧର ଦାସ, କେନ୍ଦ୍ରାପଡା ନଗର ସଭାପତି ଅପୂର୍ବ ସେଠୀ, ମହିଳା ସଭାପତି ମମତାମୟୀ ମଲ୍ଲିକ, ମନୋଜ ମଲ୍ଲିକ, ସୁରତ ମଲ୍ଲିକ, ତ୍ରିଲୋଚନ ମଲ୍ଲିକ, ସୂର୍ଯ୍ୟକାନ୍ତ ମଲ୍ଲିକ, ପ୍ରଶାନ୍ତ ମହାପାତ୍ର, ଉତ୍ତମ ମଲ୍ଲିକ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ ।

# ଧର୍ମପ୍ରାଣା ମହିଳାଙ୍କୁ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ସହରସ୍ଥ ଚାଟରାପାଟଣା ଗ୍ରାମର ପରୋପକାରୀ, କର୍ତ୍ତବ୍ୟନିଷ୍ଠ, ଧର୍ମପରାୟଣା ମହିଳା ବାସନ୍ତୀ ଲେଙ୍କାଙ୍କୁ ବିଶିଷ୍ଟ ବ୍ୟକ୍ତିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ପୁରୀ ନିଳାଚଳ ସାରସ୍ୱତ ସଂଘ ସହ ପରିଚାଳକ ଯୁଧିଷ୍ଠିର ପରିଡାଙ୍କ ସଭାପତିତ୍ୱରେ ବୁଧବାର ନୂଆ ବସ୍ଷ୍ଟାଣ୍ଡସ୍ଥିତ ଜୟଗୁରୁ ଆଶ୍ରମରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅଧ୍ୟାପକ ବଳରାମ ଲେଙ୍କା, ଗନ୍ଧର୍ବ ସାହୁ, ଦୁର୍ଗାଚରଣ ମହାନ୍ତି, ବୈଷ୍ଣବ ପରିଡା, ରମେଶ ଧଳ, ପ୍ରଫୁଲ୍ଲ ପଣ୍ଡା, ଅକ୍ଷୟ ଚୌଧୁରୀ, ଗୀତାଞ୍ଜଳି ପଣ୍ଡା, ଇତୁ ମହାନ୍ତି, ଶ୍ରୀଧର ସାମଲ, ସ୍ନିଗ୍ଧା ସାମଲ ପ୍ରମୁଖ ସ୍ୱର୍ଗତ ଲେଙ୍କାଙ୍କ ଗୁଣାବଳୀ, ଗୁରୁଭକ୍ତି ଉପରେ ଆଲୋକପାତ କରିବା ସହିତ ସଦ୍‌ଗୁରୁ ଠାକୁର ନିଗମାନନ୍ଦଙ୍କ ନିକଟରେ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ । ସମାଜସେବୀ ଅଶୋକ ଲେଙ୍କା, ଆଇନଜୀବୀ ଅରବିନ୍ଦ ଲେଙ୍କା, ଶକ୍ତିକାନ୍ତ ପାତ୍ର, ଚିତ୍ତରଞ୍ଜନ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ଅଧୀନରେ ଆବେଦନ ଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବାକୁ ପରାମର୍ଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ଓଡ଼ିଶା ସହରୀ ଗୃହ ନିର୍ମାଣ ମିଶନ ପ୍ରଧାନ ମନ୍ତ୍ରୀ ଆୱାସ ଯୋଜନା (ସହରୀ) ୨.୦ ଅଧୀନରେ ଆବେଦନ ଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବାକୁ ରାଜ୍ୟର ସମସ୍ତ ୟୁଏଲ୍ ବି ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆୱାସର ପୂର୍ବ ପର୍ଯ୍ୟାୟ ପରି, ଏହି ପର୍ଯ୍ୟାୟ ପାଇଁ ଆବେଦନଗୁଡିକ ଭାରତ ସରକାରଙ୍କ ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ବିକଶିତ ଏକ ୱେବ୍ ପୋର୍ଟାଲ୍ ମାଧ୍ୟମରେ ଅନଲାଇନରେ ଗ୍ରହଣ କରାଯିବ। ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଏକ ସୁଗମ ଆବେଦନ ପ୍ରକ୍ରିୟା ନିଶ୍ଚିତ କରିବାକୁ, ଓଡ଼ିଶା ସହରୀ ଗୃହ ନିର୍ମାଣ ମିଶନ ପରାମର୍ଶ ଦେଇଛି ଯେ ୟୁ ଏଲ୍ ବି ଗୁଡିକ ସେମାନଙ୍କ କାର୍ଯ୍ୟାଳୟରେ ହେଲ୍ପଡେସ୍କ ପ୍ରତିଷ୍ଠା କରନ୍ତୁ, ୱାର୍ଡ ମାନଙ୍କରେ ଶିବିର ଆୟୋଜନ କରନ୍ତୁ ଏବଂ ଆବେଦନକାରୀଙ୍କୁ ସାହାଯ୍ୟ କରିବା ପାଇଁ ସାଧାରଣ ସେବା କେନ୍ଦ୍ର ସହିତ ସହଯୋଗ କରନ୍ତୁ । ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ (ବିଏମସି) ଗତକାଲି ଗାଡକଣରେ ଏକ ଶିବିର ଆୟୋଜନ କରି ଏହି ପ୍ରକ୍ରିୟା ଆରମ୍ଭ କରିଛି । ଗାଡକଣ ଠାରେ ଏହି ଶିବିର ଆୟୋଜନ କରିବାର ମହତ୍ୱ ରହିଛି , କାରଣ ମାନ୍ୟବର ପ୍ରଧାନମନ୍ତ୍ରୀ ତାଙ୍କର ୭୪ ତମ ଜନ୍ମଦିନ (୧୭ ସେପ୍ଟେମ୍ବର ୨୦୨୪ ) ରେ ପରିଦର୍ଶନ କରିବା ସମୟରେ ପ୍ରଧାନମନ୍ତ୍ରୀ ଆୱାସ ଯୋଜନା ହିତାଧିକାରୀମାନଙ୍କ ସହିତ କଥା ହୋଇଥିଲେ । ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ପରାମର୍ଶ ଅନୁଯାୟୀ ପ୍ରମୁଖ ଶାସନ ସଚିବଙ୍କ ମାର୍ଗଦର୍ଶନରେ ଗାଡକଣକୁ ଏକ ମଡେଲ ଗ୍ରାମ ଭାବରେ ବିକାଶ ପାଇଁ ମନୋନୀତ ହୋଇଛି। ଓୟୁଏଚ୍ଏମ୍‌ର ସହଯୋଗରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଶିବିରରେ ଉକ୍ତ ଯୋଜନାରୁ ଲାଭ ପାଇବାକୁ ଇଚ୍ଛା କରୁଥିବା ପରିବାରଗୁଡିକ ଆବେଦନପତ୍ର ଦାଖଲ କରିବାକୁ ଆମନ୍ତ୍ରଣ କରାଯାଇ ପ୍ରକ୍ରିୟାକରଣ ପାଇଁ ଆବଶ୍ୟକ ଡକ୍ୟୁମେଣ୍ଟ ଆଣିବାକୁ ହିତାଧିକାରୀ ମାନଙ୍କୁ କୁହାଯାଇ ଥିଲା । ଏହି ପଦକ୍ଷେପ ଏକ ଉତ୍ସାହଜନକ ପ୍ରତିକ୍ରିୟା ଦେଖିଲା ଓ ୨୭ ଜଣଙ୍କ ଆବେଦନ ଗ୍ରହଣ କରାଯାଇଛି ।

# ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳଜୀଙ୍କ ଜୟନ୍ତୀ ସମାରୋହ
## ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ

କଟକ(ଭାସ୍କର ନ୍ୟୁଜ୍): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ କଟକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଶିନ୍ଦେ କହିଲେ ଯେ, ବିଶିଷ୍ଟ ଜନନାୟକ, ରାଷ୍ଟ୍ରନାୟକ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୀବନୀ ଥିଲା ନିଆରା । ରାଷ୍ଟ୍ର ଗଠନରେ ତାଙ୍କ ଚିନ୍ତାଧାରା ଓ ଆଦର୍ଶରେ ଦେଶବାସୀ ଅନୁପ୍ରାଣିତ ହୋଇ ଦେଶ ହିତରେ କାର୍ଯ୍ୟକରୁଥିବାର ପରିଲକ୍ଷିତ ହୋଇଛି । ତାଙ୍କ କାର୍ଯ୍ୟକାଳ ସମୟରେ ଦେଶର ଶାସନ ବ୍ୟବସ୍ଥାରେ ନୂତନତ୍ୱ ଦେଖିବାକୁ ମିଳିଥିବା ସହ ତାଙ୍କ ସୁରାଷ୍ଟ୍ର ଗଠନ ଚିନ୍ତାଧାରାରେ ଯେଉଁ ସରକାରୀ ଜନହିତକର ଯୋଜନା ଲାଗୁ କରାଯାଇଥିଲା ତାହାର ସଫଳ ରୂପାୟନ ନିମନ୍ତେ ସୁଶାସନ ବ୍ୟବସ୍ଥାର ମୂଳଦୁଆ ପକାଇଥିଲେ । ଶାସନ ବ୍ୟବସ୍ଥାରେ ସୁଧାର ଆଣିବା ସହ ରାଜନୈତିକ କ୍ଷେତ୍ରରେ ସମସ୍ତଙ୍କ ସହ ସୁସମ୍ପର୍କ ତାଙ୍କୁ ଜଣେ ଆଦର୍ଶବାଦୀ ରାଷ୍ଟ୍ରନୀତିଜ୍ଞ ଭାବେ ପ୍ରତିଷ୍ଠିତ କରିପାରିଥିଲା । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ବାଜପେୟୀଙ୍କ ଆଦର୍ଶବାଦୀ ଆଚରଣ ଏବଂ ଶାସନ ବ୍ୟବସ୍ଥା ସଂପର୍କରେ ଆଲୋକପାତ କରି କହିଲେ ଯେ , ତାଙ୍କ ଭଳି ଜଣେ ରାଜନୀତିଜ୍ଞ ଯେ କି ଦଳମତ ନିର୍ବିଶେଷରେ ଉର୍ଦ୍ଧ୍ୱରେ ରହି ଦେଶର ହିତ ପାଇଁ ଯେଉଁ କାର୍ଯ୍ୟ କରିଯାଇଛନ୍ତ ତାହା ଅବିସ୍ମରଣୀୟ । ଏକାଧାରରେ ଜଣେ ରାଜନୀତିଜ୍ଞ, କୂଟନୀତିଜ୍ଞ, ସାହିତ୍ୟିକ, କବି ଏବଂ ସାମ୍ବାଦିକ ଭାବରେ ବେଶ ପରିଚିତ ବୋଲି ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଜପେୟୀଙ୍କ ଜୀବନୀକୁ ଆଧାରକରି ସହରର ବିଶିଷ୍ଟ ସାହିତ୍ୟିକ ଓ କବିମାନଙ୍କ ଦ୍ୱାରା କବିତାପାଠ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ସଫଳ ଆୟୋଜନ କରିଥିଲେ । ଡଃ. ବିଭୁ ରନ ଦାସ, ଜିଲ୍ଲା ମୁଖ୍ୟ ପ୍ରାଣୀ ସଂପଦ ବିକାଶ,ଶ୍ରୀ ପ୍ରୀତିରନ ଘଡେଇ, ଜିଲ୍ଲା ଶ୍ରମ ଅଧିକାରୀ, ମନୋଜ କୁମାର ରଥ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ପ୍ରଗତି ମହାଁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସମେତ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ଏବଂ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠି ମା ମାନେ ଯୋଗଦେଇଥିଲେ ।

# ରାଜ୍ୟସ୍ତରୀୟ ଯୁବ ଉତ୍ସବ ଆୟୋଜିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଠାରେ ରାଜ୍ୟସ୍ତରୀୟ ଯୁବ ଉତ୍ସବ-୨୦୨୪ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମ ୨୪ ଡ଼ିସେମ୍ବର ଠାରୁ ଆରମ୍ଭ ହୋଇ ଆସନ୍ତା ୨୬ ଡିସେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ତିନିଦିନ ଧରି ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟର ୩୦ ଗୋଟି ଜିଲ୍ଲାରୁ ଚୟନିତ ହୋଇ ଆସିଥିବା ପ୍ରତିଯୋଗୀମାନେ ଲୋକନୃତ୍ୟ, ଲୋକସଂଗୀତ, ଗଳ୍ପ ଓ କବିତା ଲିଖନ, ଔପଚାରିକ ବକ୍ତୃତା ଏବଂ ଚିତ୍ରକଳା ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମର ଶେଷ ଦିନରେ ବିଭିନ୍ନ ପ୍ରତିଯୋଗିତାମାନଙ୍କରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଏଥିସହ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଜାତୀୟ ସ୍ତରରେ ଜାତୀୟ ଯୁବ ଉତ୍ସବ-୨୦୨୫ ପରିପ୍ରେକ୍ଷୀରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# ବର୍ଷ ବ୍ୟାପୀ ପାଳନ ହେବ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବର୍ଷ ବ୍ୟାପୀ ପାଳନ ହେବ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ । ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତାବ୍ଦୀ ସମାରୋହରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଅଭିଭାଷଣ ରଖିଛନ୍ତି । ଅଟଳ ବିହାରୀଙ୍କ ଜନ୍ମ ଶତ ବାର୍ଷିକୀ କାର୍ଯ୍ୟକ୍ରମ ବର୍ଷ ବ୍ୟାପୀ ପାଳନ କରିବ ବିଜେପି । ରାଜ୍ୟସ୍ତର ଠାରୁ ଆରମ୍ଭ କରି ବୁଥ ସ୍ତର, କଲେଜ ସ୍ତର ପର୍ଯ୍ୟନ୍ତ କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି ।

# ପ୍ରଧାନମନ୍ତ୍ରୀ, କେନ୍ଦ୍ରୀୟ ନେତୃତ୍ୱ ଚର୍ଚ୍ଚା ଆଲୋଚନା କରି ନିଷ୍ପତି ନେଇଥିବେ ପୂର୍ବତନ ରାଜ୍ୟପାଳ: ମନମୋହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ରୀୟ ସ୍ତରରେ ରାଜ୍ୟପାଳଙ୍କ ସହ ଚର୍ଚ୍ଚା ଆଲୋଚନା କରାଯାଇ, ତାଙ୍କୁ କିଛି ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ କଣ ଦାୟିତ୍ୱ ଦେବେ, ଏ ବିଷୟରେ କେନ୍ଦ୍ର ସ୍ତରରେ ଚିନ୍ତନ ହୋଇଥିବ । ସେଥିପାଇଁ ରାଜ୍ୟପାଳ ଇସ୍ତଫା ଦେଇଥିବେ ବୋଲି କହିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ । ପ୍ରଧାନମନ୍ତ୍ରୀ, କେନ୍ଦ୍ରୀୟ ନେତୃତ୍ୱ ଚର୍ଚ୍ଚା ଆଲୋଚନା କରି ନିଷ୍ପତି ନେଇଥିବେ, ତା ଉପରେ ଟିକା ଟିପ୍ପଣୀ କରିବା ଠିକ୍ ହେବ ନାହିଁ । ରାଜ୍ୟ ସରକାର ଓ ରାଜ୍ୟପାଳଙ୍କ ବିବାଦର କାରଣ ପ୍ରଶ୍ନରେ ଉତ୍ତର ରଖି ମନମୋହନ କହିଛନ୍ତି ଏ କଥାର କିଛି ମୂଲ୍ୟ ନାହିଁ । ମନଗଢା କାହାଣୀ, କପୋଳକଳ୍ପିତ କାହାଣୀ । କେବଳ ଆଲୋଚନା ଚର୍ଚ୍ଚା ବୋଲି ସେ କହିଛନ୍ତି ।

## ପ୍ରଫେସର ସଞ୍ଜୟ ଶତପଥୀଙ୍କ ଦେହାନ୍ତରେ ନବୀନଙ୍କ ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଫେସର ସଞ୍ଜୟ ଶତପଥୀଙ୍କ ଦେହାନ୍ତରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି । ଏକ୍ସ ହ୍ୟାଣ୍ଡେଲରେ ନବୀନ କହିଛନ୍ତି ଯେ, ବିଶିଷ୍ଟ ଶିକ୍ଷାବିତ ତଥା ସାହିତ୍ୟିକ ପ୍ରଫେସର ସଞ୍ଜୟ ଶତପଥୀଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଶିକ୍ଷାର ପ୍ରସାର ସହ ଭାଷା, ସାହିତ୍ୟକୁ ସମୃଦ୍ଧ କରିବାରେ ତାଙ୍କ ଅବଦାନ ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି।

## ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅଟଳ ଜନ୍ମ ଶତାବ୍ଦୀ ସମାରୋହ ପାଳିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେପିରାଜ୍ୟ କାର୍ଯ୍ୟାଳୟରେ ପାଳିତ ହୋଇଛିଅଟଳ ଜନ୍ମଶତାବ୍ଦୀ ସମାରୋହ । ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ ତମ ଜନ୍ମ ବାର୍ଷିକୀ ଅବସରରେ ୪ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଅଟଳ ସମ୍ମାନରେ ସମ୍ମାନିତ କରିଛି ବିଜେପି । ପୂର୍ବତନ ରାଜ୍ୟ ସଭାପତି ବିମ୍ବାଧର କହଁରଙ୍କୁ ଅଟଳ ସମ୍ମାନରେ ସମ୍ମାନିତ କଲା ଦଳ । ବିଶିଷ୍ଟ କବିୟତ୍ରୀ କାନନ ବଳା ପଟ୍ଟନାୟକଙ୍କୁ ମିଳିଲା ଅଟଳ ସମ୍ମାନ । ବିଶିଷ୍ଟ ସମାଜସେବୀ ତଥା ସ୍ୱାସ୍ଥ୍ୟ ସେବକ ରୁଦ୍ର ନାରାୟଣ ମହାପାତ୍ରଙ୍କୁ ଅଟଳ ସେବା ସମ୍ମାନରେ ସମ୍ମାନିତ କରାଗଲା । ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀଙ୍କୁ ଅଟଳ ସମ୍ମାନରେ ସମ୍ମାନିତ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତଙ୍କୁ ଉତ୍ତରୀୟ ଏବଂ ଉପଢୌକନ ଦେଇ ଅଟଳ ସମ୍ମାନରେ ସମ୍ମାନିତ କରିଛନ୍ତି ।

# ଅଦିନିଆ ବର୍ଷାରେ ଧାନ ଫସଲ ଓ ପନିପରିବା ଚାଷ କ୍ଷତିଗ୍ରସ୍ତ



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଅଦିନିଆ ଲଗାଣ ବର୍ଷା। ଗତ ୨ ଦିନ ହେବ ଲାଗିରହିଥିବାରୁ ଅଧିକାଂଶ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ସେହିପରି ପନିପରିବା କିଆରିରେ ପାଣି ଜମି ରହିବା ଦ୍ୱାରା ଫୁଲକୋବି, ବନ୍ଧାକୋବି, ବାଇଗଣ, ମୂଳା ଆଦି ଚାଷ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। କେତେକ ଚାଷୀ ଧାନକାଟି ବିଲରେ ପକାଇଥିଲେ। ସେଗୁଡିକ ଭିଜି ଯାଇଥିବାରୁ ପାଚଲା ଧାନ ଗଜା ବାହାରିଲାଣି। ଶୋଇ ଯାଇଥିବା ଧାନ କିଆରିରେ ପାଣି ଜମି ରହି ଧାନ କ୍ଷତିଗ୍ରସ୍ତ ହୋଇଛି। ବର୍ଷା ଛାଡି ଶୁଖିବାକୁ ବେଶ କିଛି ସମୟ ଲାଗିବା ନିଶ୍ଚିତ ହୋଇଥିବାରୁ ଧାନ ଅମଳ ହେବା ଆଶା କ୍ଷୀଣ ହୋଇଛି। ସେହିପରି ବାତ୍ୟା ଦାନା ପରେ ବିଳମ୍ବରେ ପନିପରିବା ଚାଷ ଆରମ୍ଭ କରିଥିବା ଚାଷୀମାନେ ଏବେ ବର୍ଷା ଚାଷ ନଷ୍ଟ ଯାଉଥିବା ଦେଖି ହତାଶ ହେଲେଣି। ସ୍ଥାନୀୟ ଅମଳକୁ ଦେଖି ବଜାରରେ ପନିପରିବା ଚାଷ କମିବାକୁ ଯାଉଥିବା ବେଳେ ଅଦିନିଆ ବର୍ଷା ପାଇଁ ଦରଦାମ ବୃଦ୍ଧି ପାଇଛି। ପ୍ରତିକୂଳ ପାଣିପାଗ ଯୋଗୁଁ ବାରମ୍ବାର ଚାଷ ନଷ୍ଟ ହେଉଥିବାରୁ ଚାଷୀମାନେ ଚାଷ କପରି ଚଳାଇବେ ତାହାକୁ ନେଇ ଚିନ୍ତାରେ ପଡିଛନ୍ତି।

## ପ୍ରଫେସର ସଞ୍ଜୟ ଶତପଥୀଙ୍କ ଦେହାନ୍ତରେ ଧର୍ମେନ୍ଦ୍ରଙ୍କ ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଫେସର ସଞ୍ଜୟ ଶତପଥୀଙ୍କ ଦେହାନ୍ତରେ ଶୋକ ପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ ଧର୍ମେନ୍ଦ୍ର କହିଛନ୍ତି ଯେ, କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ତଥା ଅନେକ ପ୍ରତିଭାର ଅଧିକାରୀ ପ୍ରଫେସର ସଞ୍ଜୟ ଶତପଥୀଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ରାଜ୍ୟରେ ଜଣେ ଉତ୍ତମ ଉପସ୍ଥାପକ ଭାବେ ସେ ନିଜର ଅନନ୍ୟ ପରିଚୟ ତିଆରି କରିଥିଲେ । ଶିକ୍ଷା, କଳା ଓ ସାହିତ୍ୟ ଜଗତ ସମେତ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାରରେ ତାଙ୍କର ଅତୁଳନୀୟ ଯୋଗଦାନ ଚିର ସ୍ମରଣୀୟ ହୋଇରହିବ । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି ।

### ପାଢୀ ଟ୍ୟୁଟୋରିଆଲର ମାଲିକ ଜେ.ବି. ପାଢୀଙ୍କ ଆତ୍ମହତ୍ୟା ମାମଲା
# ଅଭିଯୁକ୍ତଙ୍କ ନାମରେ ଆଉଥରେ ଏତଲା ରୁଜୁ ପାଇଁ ହାଇକୋର୍ଟଙ୍କ ଅନୁମତି

କଟକ(ଭାସ୍କର ନ୍ୟୁଜ୍): ଗତ ସାତ ବର୍ଷ ତଳେ ପାଢୀ ଟ୍ୟୁଟୋରିଆଲର ମାଲିକ ଜାନକୀ ବଲ୍ଲଭ ପାଢୀ (୫୧)ଙ୍କ ଆତ୍ମହତ୍ୟା ଘଟଣାରେ ଅଭିଯୁକ୍ତମାନଙ୍କ ନାମରେ ଆଉଥରେ ଏତଲା ରୁଜୁ କରିବା ପାଇଁ ହାଇକୋର୍ଟ ଅନୁମତି ପ୍ରଦାନ କରିଛନ୍ତି । ଆବେଦନକାରିଣୀ ସ୍ୱର୍ଗତ ଜାନକୀ ବଲ୍ଲଭ ପାଢୀଙ୍କ ପତ୍ନୀ କବିତା ମହାପାତ୍ରଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ହାଇକୋର୍ଟ ତାଙ୍କୁ ଏତଲା ରୁଜୁ ପାଇଁ ଅନୁମତି ପ୍ରଦାନ କରିଛନ୍ତି । ମାମଲାର ଶୁଣାଣିବେଳେ ଅଦାଲତଙ୍କୁ ଅବଗତ କରାଯାଇଥିଲା ଯେ ଜାନକୀ ବଲ୍ଲଭ ପାଢୀଙ୍କ ଆତ୍ମହତ୍ୟା ଘଟଣାର ସାତ ବର୍ଷ ପରେ ମଧ୍ୟ ଏହାର ତଦନ୍ତ ସରିନାହିଁ। ସୁଇସାଇଡ୍ ନୋଟରେ ସ୍ୱର୍ଗତ ପାଢୀ ୩୦ଜଣଙ୍କ ନାଁ ଲେଖି ସେମାନେ ଆତ୍ମହତ୍ୟା ପାଇଁ ଦାୟୀ ଲେଖିଥିଲେ ସୁଦ୍ଧା ସେମାନଙ୍କ ସମ୍ପର୍କରେ ସଠିକ ତଦନ୍ତ କରାଯାଇନାହିଁ ବୋଲି ମାମଲାରେ ଦର୍ଶାଇଥିଲେ । ତେଣୁ ଏହିମାନଙ୍କ ନାମରେ ଆଉ ଥରେ ଏତଲା ଦେବାକୁ ଓଡିଶା ହାଇକୋର୍ଟ ଅନୁମତି ପ୍ରଦାନ କରିଛନ୍ତି । ଏହି ଆତ୍ମହତ୍ୟା ଘଟଣାରେ ତଦନ୍ତରେ ଅବହେଳା ଦର୍ଶାଇ ପତ୍ନୀ କବିତା ମହାପାତ୍ର ଗତ ବର୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଏହି ମାମଲାର ଶୁଣାଣି କରି ବଡଗଡ ଥାନା ୟୁ.ଡି.ଜି.ଆର. କେସ୍ ନଂ ୩୦୯/୨୦୧୭ର ତଦନ୍ତ ତିନିମାସ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ପୋଲିସ୍ କୌଣସି ପଦକ୍ଷେପ ନ ନେବାରୁ କବିତା ପୁଣି ଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହି ମାମଲାର ଶୁଣାଣି ସମୟରେ ସରକାରୀ ଓକିଲ କୋର୍ଟଙ୍କୁ କହିଥିଲେ ଯେ ପୁଲିସ୍ ଜବତ କରିଥିବା ସୁଇସାଇଡ୍ ନୋଟରେ ପାଢୀଙ୍କ ସହ ଅର୍ଥ କାରବାର କରୁଥିବା ୩୦ ଜଣଙ୍କ ନାମ ରହିଛି । କିନ୍ତୁ ସେହି ସନ୍ଦିଗ୍ଧମାନଙ୍କ ବିରୋଧରେ ତଦନ୍ତ ଶେଷ ହୋଇନାହିଁ । ତେବେ ପତ୍ନୀ କବିତା ନୂଆ ତଥ୍ୟ ସହ ଏ ସମ୍ପର୍କରେ ଏତଲା ଦେଲେ, ଏହାକୁ ପୀକୃତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ନିଶିକାନ୍ତ ମିଶ୍ର ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ଅଖଣ୍ଡ, ସପନ କୁମାର ପାଲ, ବର୍ଷା ସ୍ୱାଇଁ ସହଯୋଗ କରିଥିଲେ ।



କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ବନଖଣ୍ଡରେ ଥମୁନି ହାତୀ ଆତଙ୍କ, ୩ଟି ଘର ଭାଙ୍ଗିବା ସହିତ କଲେ ବ୍ୟାପକ କ୍ଷୟକ୍ଷତି। କରଞ୍ଜିଆ ବନଖଣ୍ଡରେ ଥମୁନି ହାତୀ ଆତଙ୍କ। ପୃଥକ ପୃଥକ ସ୍ଥାନରେ ଅଛନ୍ତି ୩୬ ଟି ହାତୀ। ହାତୀ ପାଇଁ ୧୦୦ରୁ ଉର୍ଦ୍ଧ୍ୱ ଗାଁ'ରେ ଲାଗି ରହିଛି ହାତୀ ଆତଙ୍କ। ଗତକାଲି ବିଳମ୍ବିତ ରାତ୍ରରେ କରଞ୍ଜିଆ ରେଞ୍ଜ ଅନ୍ତର୍ଗତ ମିଲୁର୍ଦ୍ଦିହିଁ ଗାଁ'ର ଗୋବିନ୍ଦ ଟୁଡୁ ଓ ସାଲଖୁ ଟୁଡୁଙ୍କ ଘର ଭାଙ୍ଗିବା ସହିତ ଗୌଡ ଗାଁ ର ନନ୍ଦ ନାଏକଙ୍କ ଘର ଭାଙ୍ଗିଛନ୍ତି ହାତୀପଲ ଏପରି ପୃଥକ ପୃଥକ ସ୍ଥାନରେ ୩ଟି ଘର ଭାଙ୍ଗିବା ସହିତ ବ୍ୟାପକ ଘର ସାମଗ୍ରୀ ନଷ୍ଟ କରିଛନ୍ତି । ହାତୀ ଭୟରେ ଲୋକମାନେ ରାତିରେ ଘରେ ନ ଶୋଇ ଘର ସମ୍ମୁଖରେ ନିଆଁ ଜାଳି ଜଗି ରହୁଛନ୍ତି । ହାତୀ ଏବଂ ମନୁଷ୍ୟଙ୍କୁ ସୁରକ୍ଷା ଦେବାଲାଗି ବନ ବିଭାଗ କର୍ମଚାରୀମାନେ ମୁତୟନ ହୋଇଛନ୍ତି। ହାତୀ ରହୁଥିବା ଜଙ୍ଗଲରେ କାହାରିକୁ ନ ଯିବା ପାଇଁ ବାରଣ କରିଛି ବନ ବିଭାଗ। ହାତୀ ରହୁଥିବା ସ୍ଥାନ ଗୁଡିକରେ ହାତୀ ଦେଖିବା ପାଇଁ ଯାତ୍ରା ଭଳି ଭିଡ଼ ଦେଖିବାକୁ ମିଳୁଛି।

# ରଘୁନାଥଜିଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



କଟକ, (ଭାସ୍କର ନ୍ୟୁଜ୍): କଟକ ସ୍ଥିତ କଳାବିକାଶ କେନ୍ଦ୍ରରେ ରଘୁନାଥ ଜିଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷା ଡ.ସ୍ନେହଲତା ମିଶ୍ରଙ୍କ ଅଧକ୍ଷତାରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ସମ୍ପାଦକ ନୃସିଂହ ପାତ୍ର, ପୂର୍ବତନ ସଭାପତି ଇଁ ରଘୁନାଥ ପ୍ରସାଦ ଦାସ, ପୂର୍ବତନ ଅଧକ୍ଷା ଜୟଶ୍ରୀ ଦେ, ଅନୀମା ଜେନା, ପ୍ରଫେସର୍ ଦିପ୍ତିରଞ୍ଜନ ପଣ୍ଡା, ହାସ୍ୟ ବ୍ୟଙ୍ଗ କବି ଲକ୍ଷ୍ମୀଛଡ଼ା ଯୋଗ ଦେଇ ପିଲାମାନଙ୍କୁ ଭଲ ମଣିଷ ହେବାପାଇଁ ନିଜକୁ ସର୍ବଦା ପ୍ରସ୍ତୁତ କରି ସମାଜର ବିକାଶ କ୍ଷେତ୍ରରେ ପାରଦର୍ଶିତା ହାସଲ କରିବା ପାଇଁ କହିଥିଲେ। ଅଧ୍ୟାପିକା ତନୁଜା ରାଉତ୍ ସ୍ୱଗତ ଭାଷଣ ଦେଇଥିଲେ। ସାଂସ୍କୃତିକ କମିଟି ସଦସ୍ୟ ଧର୍ମେନ୍ଦ୍ର ମହାନ୍ତି, ସସ୍ମିତା ରଥ, ରବୀନ୍ଦ୍ର ସାମଲ, ସତ୍ୟମ୍ ନାୟକ କାର୍ଯକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଡ଼.ଲକ୍ଷ୍ମୀ ନାରାୟଣ ପଣ୍ଡା, ଅଧ୍ୟାପକ ସାରଦାକାନ୍ତ ମିଶ୍ର, ଡ଼. ହେମନ୍ତ କୁମାର ପରିଡା, ଅଧ୍ୟାପକ ପ୍ରଶାନ୍ତ ପ୍ରଧାନ, ଅଧ୍ୟାପକ ପ୍ରଦୀପ୍ତ କୁମାର ନାୟକ, ଅଧ୍ୟାପକ ଜ୍ୟୋତି ପ୍ରକାଶ ପରିଡା, ଅଧ୍ୟାପକ ରାମକୃଷ୍ଣ ଦଳେଇ, ଡ.ସଞ୍ଜୟ ରାଉତ୍, ଅଧ୍ୟାପକ ରଞ୍ଜନ କୁମାର ଜେନା ଓ ଅଧ୍ୟାପିକା ସସ୍ମିତା ବିଶ୍ୱାଳ, କୃଷ୍ଣ ପ୍ରିୟା ସାହୁ, ଏଲୋରିକକ୍ଷ ପଟ୍ଟନାୟକ ଡାଇନା ଦେ ଓ କର୍ମଚାରୀ ଅକ୍ଷୟ ସେଠୀ, ସୁବାସ ଦାସ୍, କିଶୋର ଦାସ ଆଇତା ବାହାଦୁର ପ୍ରମୁଖ ଉପସ୍ଥିତ ରହି କାର୍ଯକ୍ରମ ପରିଚାଳନା କରିଥିଲେ। କମିଟି ସଭ୍ୟ ଲେଖିକା ମୀରା ବେଉରା ସାଂସ୍କୃତିକ କାର୍ଯକ୍ରମକୁ ସଞ୍ଚାଳନ କରିଥିଲେ। ଛାତ୍ରଛାତ୍ରୀମାନେ ସୁନ୍ଦର ଭାବରେ ନୃତ୍ୟ, ସଙ୍ଗୀତ ଆଦି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପୁରସ୍କୃତ ହେବା ସହ ଅନୁଷ୍ଠିତ ହେଉଥିବା ବାର୍ଷିକ ଉତ୍ସବରେ ଯୋଗଦେଇ ଉତ୍ସବକୁ ସଫଳ କରିଥିଲେ। ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ଅଧକ୍ଷ ଡ. ସ୍ନେହଲତା ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଆନୁଷ୍ଠାନିକ ଭାବେ ଅଧ୍ୟାପିକା ସସ୍ମିତା ରଥ ଧନ୍ୟବାଦ ଦେଇଥିଲେ।

# 'ସୁଶାସନ ଦିବସ' ବକ୍ତୃତା ପ୍ରତିଯୋଗିତା

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଧରଣୀଧର ବିଶ୍ୱବିଦ୍ୟାଳୟରେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଦିନ ପାଳିତ କରାଯାଇଥିଲା। ଏହି ଅବସରରେ ସମସ୍ତ ଶିକ୍ଷାନୁଷ୍ଠାନ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ସିଟିଜି ଶିକ୍ଷାନୁଷ୍ଠାନର +୩ କଳା ବିଭାଗର ଛାତ୍ରୀ 'ସରସ୍ୱତୀ ମହାନ୍ତ' ନିଜ ଦକ୍ଷତା ବଳରେ ଧରଣୀଧର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଜିଲ୍ଲା ସ୍ତରୀୟ 'ସୁଶାସନ ଦିବସ ପାଳନ- ୨୦୨୪' କେନ୍ଦୁଝର ବକ୍ତୃତା ପ୍ରତିଯୋଗୀତାରେ



'ପ୍ରଥମ ସ୍ଥାନ' ଅଧିକାର କରିଥିବାରୁ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ରୋଟାରୀଆନ ଡ଼. ରାଜେନ୍ଦ୍ର ପଲେଇ ଖୁସିବ୍ୟକ୍ତ କରିବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ସିଟିଜି ଶିକ୍ଷାନୁଷ୍ଠାନର ପିଲାଗୁଡିକ ଶୀର୍ଷ ସ୍ଥାନରେ ପହଞ୍ଚି ପାରୁଥିବାରୁ ଡ଼. ପଲେଇ ନିଜକୁ ବହୁତ ଖୁସି ଓ ଗର୍ବିତ ମନେ କରିଛନ୍ତି।

# କଂଗ୍ରେସ ପକ୍ଷରୁ ଗୃହମନ୍ତ୍ରୀ ଅମିତ ଶାହାଙ୍କ ବିରୋଧରେ ଦାବିପତ୍ର ପ୍ରଦାନ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଠାରେ ଜାତୀୟ କଂଗ୍ରେସ ପକ୍ଷରୁ ବାବାସାହେବ ଆମ୍ବେଦକର ସମ୍ମାନ ଯାତ୍ରା ଅନୁଷ୍ଠିତ ହୋଇଥିବା ସହ ଗୃହମନ୍ତ୍ରୀ ଅମିତ ସାହାଙ୍କ ବିରୋଧରେ ପ୍ରତିବାଦ ପ୍ରଦର୍ଶନ ପୂର୍ବକ କୁଶପୁତ୍ତଳିକା ଦାହ କରାଯାଇଛି। ତେବେ 'ଆମ୍ବେଦକରଙ୍କ ୭୫ ବର୍ଷର ସମ୍ବିଧାନର ଗୌରବମୟ ଯାତ୍ରା ସମ୍ପର୍କରେ ରାଜ୍ୟସଭା ସଂସଦରେ ଗୃହମନ୍ତ୍ରୀଙ୍କ ବକ୍ତବ୍ୟରେ ସମ୍ବିଧାନ ପ୍ରଣେତାଙ୍କ ଉଦ୍ଦେଶ୍ୟରେ ଅପମାନ ଜନକ ଟିପ୍ପଣୀକୁ ପ୍ରତିବାଦ କରି ଜିଲ୍ଲା କଂଗ୍ରେସ ସଭାପତି ଭୁବନ ବିହାରୀ



ସାହୁଙ୍କ ନେତୃତ୍ୱରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ସାହାଙ୍କ ବିରୋଧରେ ପ୍ରତିବାଦ ପ୍ରଦର୍ଶନ କରି କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହା ସହ ମନ୍ତ୍ରୀ ପରିଷଦରୁ ତାଙ୍କର ବହିଷ୍କାର ଦାବି ରଖି ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ପ୍ରତିବାଦ ପ୍ରଦର୍ଶନ କାର୍ଯ୍ୟକ୍ରମରେ କରଞ୍ଜିଆ ନିର୍ବାଚନ ଯୁବ ନେତା ଲକ୍ଷ୍ମୀଧର ସିଂ, ନଗର ସଭାପତି ଲାଲନ ସିଂ, ବ୍ଲକ ସଭାପତି ନିର୍ମଳ ସେଠୀ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ କର୍ମୀ ଶାମିଲ ହୋଇଥିବା ପରିଲକ୍ଷିତ ହୋଇଛି।

# ପଞ୍ଚାୟତ କାର୍ଯ୍ୟାଳୟ ଜମି ଚିହ୍ନଟ ପ୍ରସଙ୍ଗରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଫତେପୁରର ନୂତନ ପଞ୍ଚାୟତ ଭାବେ ୮ବର୍ଷ ପୂର୍ବେ ମାନ୍ୟତା ପାଇଥିଲା। ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ଜମି ଚିହ୍ନଟ ପ୍ରକ୍ରିୟାରେ ବିବାଦ ଉପୁଜିଥିଲା। ଯାହାଫଳରେ ସେହିଦିନ ଠାରୁ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହୋଇପାରୁ ନାହିଁ। ଗତ ୧୮ତାରିଖ ଦିନ ପ୍ରଶାସନ ପକ୍ଷରୁ ଫତେପୁର ମୌଜାର ଖାତା ନଂ.୯୮୨, ପ୍ଲଟ ନଂ.୯୦୪ରେ ଥିବା ୨୫ଡେସିମିଲ ଜମି ଚିହ୍ନଟ କରାଯାଇଥିଲା। ମାତ୍ର ଏହି ଜମି ଚିହ୍ନଟକୁ ପଞ୍ଚାୟତର କେତେକ ବ୍ୟକ୍ତି ବିରୋଧ କରିଥିବା ଜଣାପଡ଼ିଛି। ପ୍ରଶାସନ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଜମି ଚିହ୍ନଟ କରିଥିବା ଅଭିଯୋଗ ହୋଇଛି। ଏହା ବିରୁଦ୍ଧରେ ପଞ୍ଚାୟତର କେତେକ ବ୍ୟକ୍ତି ପୁଣି ହାଇକୋର୍ଟରେ ଦ୍ୱାରସ୍ଥ ହେବେ ବୋଲି ମଙ୍ଗଳବାର ଏକ ଲିଖିତ ପ୍ରେସ୍ ବିବୃତ୍ତିରେ ଚେତାବନୀ ଦେଇଛନ୍ତି। ଫତେପୁର ଗ୍ରାମର ବିଦ୍ୟାଧର ଭୋଇ, ପ୍ରଶାନ୍ତ ନାୟକ, ମନ୍ଦରଧର ଭୋଇ, ପରେଶ ନାୟକ, ସ୍ମୃତିରଞ୍ଜନ ବେହେରା, ଦୟାନିଧି ସାହୁ, କବିତା ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ



ଗତ ୨୦୧୫ରେ ଫତେପୁର ନୂତନ ପଞ୍ଚାୟତର ମାନ୍ୟତା ପାଇଥିଲା। ଏହି ପଞ୍ଚାୟତର କାର୍ଯ୍ୟାଳୟ ନିର୍ମାଣ ପାଇଁ ତତ୍କାଳୀନ ତହସିଲଦାର, ବିଡିଓ, ସିଡିପିଓ, ଜିପିଇଓ ପ୍ରମୁଖଙ୍କୁ ନେଇ ଏକ କମିଟି କରାଯାଇ ପଞ୍ଚାୟତ କାର୍ଯ୍ୟାଳୟର ମଧ୍ୟସ୍ଥଳ ଗୋଳାପୋଖରୀ ମୌଜାରେ ନିର୍ମାଣ କରାଯିବାକୁ ନିଷ୍ପତ୍ତି ନେଇଥିଲେ। ସେମାନେ ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ପରେ ଜିଲାପାଳ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ, ଜିଲା ପଞ୍ଚାୟତ ଅଧିକାରୀ ପ୍ରମୁଖଙ୍କୁ ନେଇ ଏକ କମିଟି ଗଠନ କରାଯାଇ ପଞ୍ଚାୟତରାଜ ବିଭାଗ ଯୁଗ୍ମ ସଚିବଙ୍କୁ ଜଣାଇଥିଲେ। ପରବର୍ତ୍ତୀ ସମୟରେ ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇନଥିଲା। କେତେକ ପଞ୍ଚାୟତବାସୀ ଗୋଳାପୋଖରୀ ମୌଜାର ଖାତା ନଂ.୪୨୦, ପ୍ଲଟ ନଂ.୪୦୨ରେ ଥିବା ୧୬ଡେସିମିଲ ସରକାରୀ ଜାଗା ଉପରେ କାର୍ଯ୍ୟାଳୟ ନିର୍ମାଣ କରାଯିବାକୁ ତତ୍କାଳୀନ ତହସିଲଦାରଙ୍କୁ ଆବେଦନ କରିଥିଲେ। ମାତ୍ର ପଞ୍ଚାୟତର ଅନ୍ୟ ଅଞ୍ଚଳବାସୀ ଗୋଳାପୋଖରୀ ମୌଜାରେ ପଞ୍ଚାୟତ କାର୍ଯ୍ୟାଳୟ କରା ନଯାଇ ଫତେପୁର ମୌଜାର ଖାତା ନଂ.୯୮୨, ପ୍ଲଟ ନଂ.୯୦୪ରେ ଥିବା ସରକାରୀ ଜାଗାରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କରାଯିବାକୁ ତହସିଲଦାରଙ୍କୁ ଆବେଦନ କରିଥିଲେ। ଯାହା ଫଳରେ କାର୍ଯ୍ୟାଳୟ ନିର୍ମାଣକୁ ନେଇ ବିବାଦ ଉପୁଜିଥିଲା। ଗତ ୧୧.୧.୨୧ ତାରିଖରେ ତତ୍କାଳୀନ ତହସିଲଦାରଙ୍କ ତତ୍ତ୍ୱାବଧାନରେ ଫତେପୁର ମୌଜାର ଜମିକୁ ମାପଚୁପ କରାଯାଇଥିଲା। ଫତେପୁର ଓ ନିଶ୍ଚନ୍ତପୁର ମୌଜା ସୀମାରେ ଜମି ଅମେଳ ଥିବା ନେଇ ଆରଆଇ ଓ ଅମିନ ତହସିଲଦାରଙ୍କୁ ରିପୋର୍ଟ ଦେଇଥିଲେ। ତହସିଲଦାର ଗତ ୧.୩.୨୦୨୧ରେ ଚିଠି ନଂ ୫୪୪/୨୧ରେ ଜିଲାପାଳଙ୍କୁ ଏକଥା ଜଣାଇଥିଲେ। ଏହାକୁ ନେଇ ଏପରି ବିବାଦ ଉପୁଜିବାରୁ ଫତେପୁର ଗ୍ରାମର ପ୍ରଶାନ୍ତ ନାୟକ ଓ ନିଶ୍ଚନ୍ତପୁର ଗ୍ରାମର ଦିଲୀପ ବଳ ହାଇକୋର୍ଟରେ ଦ୍ୱାରସ୍ଥ ହୋଇ ଡବ୍ଲୁପିସି ୨୦୨୫୬/୨୨ ରୁଜୁ କରି ଗୋଳାପୋଖରୀ ମୌଜାରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ଉପରେ ବିଚାର କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ନହେବାରୁ ନିଶ୍ଚନ୍ତପୁର ଗ୍ରାମର ଦିଲୀପ ବଳ ପୁନର୍ବାର ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତାଙ୍କ ଆବେଦନକୁ ଗ୍ରହଣ କରି ଡବ୍ଲୁପିସି ୨୩୭୦୮/୨୪ ମକଦ୍ଦମା ରୁଜୁ କରି ଆବେଦନକାରୀଙ୍କ ସହିତ ମକଦ୍ଦମାର ପକ୍ଷ ଥିବା ଜିଲାପାଳ ଯୋଗାଯୋଗ କରି ତାଙ୍କ ଠାରୁ ଆବେଦନ ଗ୍ରହଣ କରିବାର ୩ମାସ ମଧ୍ୟରେ ଆବେଦନର ଶୁଣାଣି କରି ଫଇସଲା କରିବାକୁ ଗତ ୨୩.୯.୨୦୨୪ରେ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ପ୍ରଶାସନ ଅବମାନନା କରି କାର୍ଯ୍ୟାଳୟ ପାଇଁ ଜମି ଚିହ୍ନଟ କରିଥିବା ଆଇନ ସଂଗତ ନୁହେଁ ବୋଲି ଅଭିଯୋଗରେ ଦର୍ଶାଯାଇଛି। ତେବେ ଏ ସମ୍ପର୍କରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟଙ୍କୁ ପଚାରିବାରୁ କହିଥିଲେ, ପଞ୍ଚାୟତର ମୁଖ୍ୟ ଗ୍ରାମ ଫତେପୁରରେ କାର୍ଯ୍ୟାଳୟ ନିର୍ମାଣ କରାଯିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତି ଅନୁସାରେ ଜମି ଚିହ୍ନଟ କରାଯାଇ ଜିଲାପାଳଙ୍କ ନିକଟକୁ ରିପୋର୍ଟ ପଠାଯିବ। ପରବର୍ତ୍ତୀ ସମୟରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କେଉଁଠି ହେବ ତାହା ଜିଲ୍ଲାପାଳ ନିଷ୍ପତ୍ତି ନେବେ।

# କର୍କଟ ପୀଡ଼ିତଙ୍କ ପରଲୋକ

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଲଙ୍ଗ ଗ୍ରାମର କର୍କଟ ରୋଗରେ ପିଡ଼ିତ ମନୋଜ କୁମାର ମହାରଣା(୩୩)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ସବଲଙ୍ଗ ଗ୍ରାମର ରବିନ୍ଦ୍ର ମହାରଣାଙ୍କ ଏକମାତ୍ର ପୁଅ ମନୋଜ କିଛିଦିନ ହେବ କଟକର ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରରେ ଚିକିତ୍ସିତ ହେଉଥିଲେ । ବୁଧବାର ପୂର୍ବାହ୍ନରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ସେ ଜଣେ ସାମାଜିକ କର୍ମୀ ଭାବରେ ପଞ୍ଚାୟତର ବିଭିନ୍ନ ସମାଜସେବା କାର୍ଯ୍ୟରେ ନିୟୋଜିତ ଥିଲେ। ତାଙ୍କର ଅମାୟିକ ଓ ସାହାଯ୍ୟତାର ଗୁଣ ପାଇଁ ସେ ସମସ୍ତଙ୍କର ପ୍ରିୟଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ଶୁଭେଚ୍ଛୁ ଶେଷଦର୍ଶନ କରିବା ସହିତ ଆତ୍ମାର ସଦ୍‌ଗତି କାମନା କରିଥିଲେ । ଏକମାତ୍ର ପୁଅକୁ ହରାଇ ତାଙ୍କ ପିତାମାତା ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି।

# ପାଚିକା ଓ ସହାୟିକାଙ୍କ ଦକ୍ଷତାବୃଦ୍ଧି ତାଲିମଶିବିର



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ନିୟୋଜିତ ଥିବା ପାଚିକା ଓ ସହାୟିକାଙ୍କର ଦକ୍ଷତା ବୃଦ୍ଧି ନିମନ୍ତେ ଦୁଇଗୋଟି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧୀନ ବଜାର ସ୍ଥିତ ଦାମୋଦର ବିଦ୍ୟାପୀଠ ଓ ସନ୍ଥପୁରା ସ୍ଥିତ କୃଷ୍ଣଚନ୍ଦ୍ର ବିଦ୍ୟାପୀଠରେ ଆୟୋଜିତ ଦୁଇଗୋଟି ତାଲିମ ଶିବିରକୁ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶିବୀରର ନିରୀକ୍ଷକ ଭାବେ ମଣ୍ଡଳର ସହ-ଶିକ୍ଷା ଅଧିକାରୀ ଖଗେଶ୍ୱର ନାୟକ ଓ ଦେବଦତ ଶତପଥି ଯୋଗ ଦେଇଥିଲେ। ତାଲିମ ଦାତା ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମାମୁନି ସିଂ, କନକଲତା ପୃଷ୍ଟି, ଅମିତା ବାଇ, ସୁଜାତା ନାୟକ, ପ୍ରଦୀପ କୁମାର ମଲ୍ଲ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ । ପ୍ରତ୍ୟେକ ଶିବିରରେ ୫୦ଜଣ ଲେଖାଏ ମୋଟ ୧୦୦ଜଣ ତାଲିମ ପ୍ରାପ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ଖାଦ୍ୟ ରନ୍ଧନ ପ୍ରତିଯୋଗିତା କରାଯାଇଥିଲା। ଶିବିରରେ ପରିଷ୍କାର, ପରିଚ୍ଛନ୍ନତା, ଫଟିଫାଏଡ୍ ରାଇସ୍, ପୃଷ୍ଟି ଉଦ୍ୟାନ, ହାତଧୁଆ କୌଶଳ, ଖାଦ୍ୟର ପୋଷକତତ୍ତ୍ୱ ବିଷୟରେ ଆଲୋଚନା ମାଧ୍ୟମରେ ତାଲିମ ଦିଆଯାଇଥିଲା।

# ମାଣିକଲାଲ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକକ୍ରୀଡ଼ା



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ତାଳପଦା ପଞ୍ଚାୟତ ଅଧୀନ ମାଣିକଲାଲ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବକୁ ସମାଜସେବୀ ତଥା ପ୍ରତିଷ୍ଠାତା ତାରାକାନ୍ତ ରାୟମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସତ୍ୟବ୍ରତ ବେହେରା ଯୋଗଦେଇ କ୍ରୀଡ଼ା ଶାରୀରିକ ଓ ମାନସିକ ଅଭିବୃଦ୍ଧିରେ ସହାୟକ ହୋଇଥାଏ ବୋଲି କହିଥିଲେ। ଏହି କ୍ରୀଡ଼ା ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ୧୮୦ ଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କ୍ରୀଡ଼ା ଶିକ୍ଷକ ଅମର ନାଥ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାରେ ଅଧ୍ୟାପିକ ମଧୁସ୍ମିତା ନାୟକ, ସୁଜାତା ମହାପାତ୍ର, ଅଞ୍ଜଳି ମହାନ୍ତି, ସଞ୍ଜୀତା ଦ୍ୱିବେଦୀ, ଅନସୂୟା ଶତପଥୀ, ସୁଜାତା କୁମାରୀ ପାଢ଼ୀ, ଅଧ୍ୟାପକ ବିଜୟ କୁମାର ଦାସ, ବରିଷ୍ଠ କିରାଣୀ ନରେନ୍ଦ୍ର କୁମାର ସେନାପତି ଓ ଶିକ୍ଷା କର୍ମଚାରୀ ବ୍ରଜକିଶୋର ମଲ୍ଲିକ୍, ନାରାୟଣ ବାରିକ ପ୍ରମୁଖ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।

# ଡେଲଟା ଜୁନିୟର କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଭିତରବମ୍ଭ ସ୍ଥିତ ଡେଲଟା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଚଳିତବର୍ଷର ବାର୍ଷିକ କ୍ରୀଡ଼ା ଉତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ପକ୍ଷରୁ ତିନିଦିନ ବ୍ୟାପୀ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାର ଆଜି ଥିଲା ଉଦ୍‌ଯାପନୀ ଉତ୍ସବ । ଆଜି ଏହି ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷ ଡକ୍ଟର ବିବେକାନନ୍ଦ ମିଶ୍ର କ୍ରୀଡ଼ାପତାକା ଅବତରଣ କରି ଉତ୍ସବକୁ ଉଦ୍‌ଯାପିତ କରିଥିଲେ । ବିଦ୍ୟାଳୟର ବାଳକ ଓ ବାଳିକା ବିଭାଗରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା । କ୍ରୀଡ଼ା ଶିକ୍ଷକ ସୁରେନ୍ଦ୍ରନାଥ ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରାଯାଇଥିବା ବେଳେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।

# ବାଜପେୟୀଙ୍କ ୧୦୦ ତମ ଜୟନ୍ତୀ ପାଳିତ

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): ଆଜି ଗୋବିନ୍ଦପୁର ପଂଚାୟତ ଶକ୍ତି କେନ୍ଦ୍ର କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଆମ ସମସ୍ତଙ୍କ ମାର୍ଗଦର୍ଶକ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ଏବଂ ସୁଶାସନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଓବିସୀ ମୋର୍ଚ୍ଚା ସମ୍ପାଦକ ପ୍ରତାପ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ସମ୍ପାଦକ ଲଲାଟେନ୍ଦୁ ପ୍ରସାଦ ଦାଶ, ପଞ୍ଚାୟତ ପ୍ରମୁଖ ରବିନାରାୟଣ ମହାପାତ୍ର, ସହ ପ୍ରମୁଖ ବାବୁରାମ ଭୋଇ, ବରିଷ୍ଠ କର୍ମୀ ଗୋପାଳ କୃଷ୍ଣ ସାହୁ, ନବ କିଶୋର ପାତ୍ର, ମାଗୁଣି ପାତ୍ର, ବିଭୁତି ସ୍ୱାଇଁ, ବାଇନ ନାଥ ଏବଂ ପଞ୍ଚାୟତର ଅନାନ୍ୟା ପ୍ରମୁଖ କାର୍ଯ୍ୟକର୍ତାମାନେ ଉପସ୍ଥିତ ହୋଇ ପୂନ୍ୟାମ୍ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ବାଜପେୟୀଙ୍କ ଜୀବନ ଦର୍ଶନ, ସଂଗଠନ ନୀତି ଓ ଆଦର୍ଶ ସମ୍ବନ୍ଧରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଆଲୋକପାତ କରାଯାଇଥିଲା। ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ଶାସନ ସମୟରେ କିଭଳି ପଞ୍ଚାୟତର ସମସ୍ତ ଜନସାଧାରଣ ସରକାରଙ୍କ ବିଭିନ୍ନ ଯୋଜନାରେ ଲାଭାର୍ଥୀ ହୋଇପାରିବେ ସେଥିପାଇଁ ସମସ୍ତ କାର୍ଯ୍ୟକର୍ତ୍ତା ନିଷ୍ଠାର ସହ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ।

# ସ୍ୱର୍ଗତ ଦ୍ୱାରିକା ମୋହନ ମିଶ୍ରଙ୍କର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ପାଳିତ



ତାଳଚେର, (ଭାସ୍କର ନ୍ୟୁଜ୍): ତାଳଚେର ପ୍ରେସ୍ କ୍ଲବ୍ ପକ୍ଷରୁ ବିଶିଷ୍ଟ ଶ୍ରମିକ ନେତା ତଥା ସମାଜସେବୀ ସ୍ୱର୍ଗତ ଦ୍ୱାରିକା ମୋହନ ମିଶ୍ରଙ୍କର ଆଜି ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉତ୍ସବ ପାଳିତ ହୋଇଛି। ଶ୍ରମିକ ନେତା ସ୍ୱର୍ଗତ ମିଶ୍ର ଜଣେ ବ୍ୟକ୍ତି ନଥିଲେ ସେ ଥିଲେ ଏକ ଅନୁଷ୍ଠାନ। ତାଙ୍କର ସାଲିସ୍‌ବିହୀନ ସଂଗ୍ରାମ, ସ୍ୱଷ୍ଟବାଦିତା, ନିର୍ଭିକତା ଓ ଶ୍ରମିକଙ୍କ ସ୍ୱାର୍ଥ ହାସଲ ପାଇଁ ସେ ଅନନ୍ୟ ବ୍ୟକ୍ତି ଥିଲେ ବୋଲି ଆଜି ଅନୁଷ୍ଠିତ ଦ୍ୱିତୀୟ ବାର୍ଷିକୀ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ମତବ୍ୟକ୍ତ କରିଛନ୍ତି। ତାଳଚେରବାସୀଙ୍କର ସେ ଥିଲେ ଜଣେ ମୁରବୀ। ତାଙ୍କର ଅନୁପସ୍ଥିତି ସମଗ୍ର ସହରବାସୀ ଅଙ୍ଗେ ଲିଭାଇବା ସହିତ ସହରର ସମସ୍ୟା ସହିତ ଶ୍ରମିକମାନଙ୍କ ସ୍ୱାର୍ଥ ପାଇଁ ଆଉ ସେଭଳି କେହି ଖୋଲାଖୋଲି ଭାବେ ପ୍ରଶାସନ, ରାଜନେତା ଏବଂ ବିଭିନ୍ନ ସଂସ୍ଥାକୁ ତାଗିଦ କରିପାରୁ ନାହାନ୍ତି ବୋଲି ସାହୁ ପ୍ରକାଶ କରିଥିଲେ। ଏଥିରେ ପୂର୍ବତନ ବ୍ଲକ୍ ଅଧକ୍ଷ ଦିଗମ୍ବର ଗଡ଼ନାୟକ, ପୂର୍ବତନ ନଗରପାଳ କେଶବ ଭୂତିଆ, ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ପାତ୍ର, ଜିଲ୍ଲା ବିଜେପି ମିଡ଼ିଆ ସେଲ ଅଧକ୍ଷ ପର୍ଶୁରାମ ବାରିକ, ପୂର୍ବତନ କାଉନସିଲର ପ୍ରକାଶ ମହାରଣା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିମାନେ ପ୍ରଥମେ ସ୍ୱର୍ଗତ ମିଶ୍ରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବ୍‌ର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଅଧକ୍ଷତା କରିଥିଲା ବେଳେ ସାଧାରଣ ସମ୍ପାଦକ ଡ. ରଶ୍ମିରଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ ଏବଂ ଉପ ସଭାପତି ଦେବୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନବର୍ଗର ବ୍ୟକ୍ତିବିଶେଷ, ଶ୍ରମିକ ନେତା, ଆଇନଜୀବୀ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ବି.ଏନ ହାଇସ୍କୁଲର ପୂର୍ବତନ ଛାତ୍ରମାନଙ୍କ ବନ୍ଧୁମିଳନ




କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝରର ସର୍ବପୁରାତନ ଶିକ୍ଷାନୁଷ୍ଠାନ ବି.ଏନ୍. ହାଇସ୍କୁଲର ୧୯୭୮ ମସିହା ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରମାନଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍କୁଲ୍ ପ୍ରାଙ୍ଗଣରେ ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଇଯାଇଛି। ବି.ଏନ୍. ହାଇସ୍କୁଲର ସର୍ବାଙ୍ଗୀନ ଉନ୍ନତି ପାଇଁ ୧୯୭୮ ମସିହା ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀମାନେ କାର୍ଯ୍ୟ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଆନନ୍ଦପୁର ମହାବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବକୁ ସରସ ସୁନ୍ଦର ଓ ଆକର୍ଷଣ କରିବା ପାଇଁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଗଲା। ଆନନ୍ଦପୁର ସବଡିଭିଜନରେ ରେଲୱେ ଲାଇନ୍, ବୈତରଣୀ ନଦୀ ଆନନ୍ଦପୁର ରାଜଘାଟ ଠାରେ ଫୁଟ ବ୍ରିଜ କରିବା, ଆନନ୍ଦପୁର ସବଡିଭିଜନ ମେଡିକାଲକୁ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ଠାରେ ଦାବୀ ଉପସ୍ଥାପିତ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଗଲା। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ସର୍ବଶ୍ରୀ ସରୋଜ କୁମାର ସାହୁ, ତପନ କୁମାର ସାହୁ, ମନୋରଞ୍ଜନ ମୁଦୁଲି, ଦିଲ୍ଲୀପ କୁମାର ମହାରଣା, ପ୍ରାଣବନ୍ଧୁ ସାହୁ, କୈଳାଶ ଚନ୍ଦ୍ର ନାୟକ, କୋଶବ ଚନ୍ଦ୍ର ମିଶ୍ର, ବୃହସ୍ପତି ସାମଲ ମଧୁସୂଦନ ମହାନ୍ତି, ଧୀରେନ୍ଦ୍ର କୁମାର ଧଡା, ରବିନ୍ଦ୍ର କୁମାର ନାୟକ, କିଶୋର ଜେନା, ଉମାକାନ୍ତ ରାଉତ, ପ୍ରସନ୍ନ କୁମାର ମିଶ୍ର, ବିଜୟ କୁମାର ମିଶ୍ର, ମନୋଜ କୁମାର ମିଶ୍ର, ସୁବାସ ଚନ୍ଦ୍ର ଖଟୁଆ, ପ୍ରଦୀପ କୁମାର ହଜାରୀ, ବଲରାମ ରାମ, ହରିହର ପାତ୍ର, ଇଶ୍ୱର ଖୁଣ୍ଟିଆ, ହରିହର ରାମ, ଦାମୋଦର ଧଡା, ସୁବାଷ ଚନ୍ଦ୍ର ବେହେରା, ବିପିନ ବିହାରୀ ସେଠୀ ପ୍ରମୁଖ ସମେତ ସମସ୍ତ ପୁରାତନଛାତ୍ର ଏବଂ ସେମାନଙ୍କର ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ।

# ରାସ୍ତା ନିର୍ମାଣକୁ ନେଇ ବିଜେପି କଂଗ୍ରେସ ମୁହାଁମୁହିଁ



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହଡ଼ି ବ୍ଲକ ଭାଟପଡ଼ା ପଞ୍ଚାୟତ ଅଧୀନ ତିହିଡ଼ି ଗ୍ରାମର ୭ନଂ ୱାର୍ଡ଼ରେ ଏକ ରାସ୍ତା ନିର୍ମାଣକୁ ନେଇ ମଙ୍ଗଳବାର ସକାଳେ କଂଗ୍ରେସ ବିଜେପି ମୁହାଁମୁହିଁ ହୋଇ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ ଘଟଣା ସ୍ଥଳରେ ପହଞ୍ଚି ଉଭୟ ରାଜନୈତିକ ଦଳକୁ ବୁଝାସୁଝା କରିବା ପରେ ଉତ୍ତେଜନା ଥମିଥିଲା। ଉଚିତ୍ ସମୟରେ ପୁଲିସ ପହଞ୍ଚି ନଥିଲେ ପରିସ୍ଥିତି ଅଣାୟତ୍ତ ହୋଇପାଡ଼ିଥାନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି। ଘଟଣାରୁ ପ୍ରକାଶ ଯେ, ବାତ୍ୟା ଦାନା ସହାୟତାରେ ତିହିଡ଼ି ଗ୍ରାମର ନୁନିଆ ଦୋକାନ ଠାରୁ ରଘୁପାତ୍ର ଘର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୧ଲକ୍ଷ ୯୮ ହଜାର ଟଙ୍କା ଅନୁଦାନ ଆସିଥିଲା। ଏହି ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ହୋଇଥିଲା। ମାତ୍ର ଗ୍ରାମର କଂଗ୍ରେସ ଦଳ ପକ୍ଷରୁ କେତେକ ବ୍ୟକ୍ତି ରାସ୍ତା ନିର୍ମାଣ ପାଇଁ ଫଳକ ଲଗାଇ ସାମଗ୍ରି ଆଣି ଠୁଳ କରିଥିଲେ। ପରେ ବିଜେପି ଦଳର କିଛି ବ୍ୟକ୍ତି ମଧ୍ୟ ଅନୁରୂପ ଫଳକ ନିର୍ମାଣ କରି ସାମଗ୍ରୀ ଠୁଳ କରିଥିଲେ। ମଙ୍ଗଳବାର ଉଭୟ ରାଜନୈତିକ ଗୋଷ୍ଠୀ ରାସ୍ତା କାର୍ଯ୍ୟ ଆରମ୍ଭ କରିଥିଲେ। ଯାହାକୁ ନେଇ ଉଭୟ ରାଜନୈତିକ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ହୋଇ ଭୟାବହ ପରିସ୍ଥିତିର ରୂପ ନେବାକୁ ଯାଉଥିଲା। ଶେଷରେ ଆଇଆଇସି ନାୟକ ଉଭୟ ଦଳର ନେତୃବୃନ୍ଦଙ୍କ ସହ ଆଲୋଚନା କରି ଘଟଣାର ସମାଧାନ କରିଥିଲେ। ପରେ ପୁଲିସ ଉପସ୍ଥିତିରେ ବିଜେପି ରାସ୍ତା ନିର୍ମାଣ କାର୍ଯ୍ୟ କରିଥିଲେ।

# ନାବାଳକର ମୃତଦେହ ଉଦ୍ଧାର ମାମଲାରେ ଅଭିଯୁକ୍ତ ଗିରଫ



ଚମ୍ପୁଆ, (ଭାସ୍କର ନ୍ୟୁଜ୍): ଗତ କାଲି ଚମ୍ପୁଆ ଥାନା ଅନ୍ତର୍ଗତ ଗୋପିନାଥପୁର ଠାରେ ଘଟିଯାଇଥିବା ନାବାଳକ ହତ୍ୟା ଘଟଣାର ଅଭିଯୁକ୍ତକୁ ଗିରଫ କରିଛି ଚମ୍ପୁଆ ପୋଲିସ। ସୂଚନାଯୋଗ୍ୟ କି ମଙ୍ଗଳବାର ଦିନ ଗୋପିନାଥପୁର ଗାଁର ଗୌରାଙ୍ଗ ପାତ୍ରଙ୍କ ଘର ଅଗଣାରେ ଏକ ଅଖା ବସ୍ତା ଭିତରୁ ଏକ ୯ ବର୍ଷ ନାବାଳକର ମୃତ ଦେହ ମିଳିଥିଲା। ଘଟଣାଟି ସମ୍ବେଦଶୀଳ ହୋଇଥିବା ଯୋଗୁଁ ଚମ୍ପୁଆ ପୋଲିସ ଅତି ସତର୍କତାର ସହିତ ହତ୍ୟାକାଣ୍ଡର ତଦନ୍ତ କରିବା ସହ ହତ୍ୟାକାରୀ ଗଙ୍ଗାରାମ ମୁଣ୍ଡାକୁ ଗିରଫ କରିଛି। ଆଜି ଚମ୍ପୁଆ ପୋଲିସ ଅଭିଯୁକ୍ତ ଗଙ୍ଗାରାମ ମୁଣ୍ଡାକୁ ଗୋପିନାଥପୁର ଗାଁ'କୁ ନେଇ ଘଟଣାର ସିନରିକ୍ରିଏସନ କରିଛି । ଅଭିଯୁକ୍ତ ଜଣକ ନିଜ ଦୋଷ ସ୍ୱୀକାର କରିବା ସହ ସେ କିପରି ୯ ବର୍ଷର ନାବାଳକ ପବନା ମୁଣ୍ଡାକୁ ହତ୍ୟା କଲା ଏବଂ କେଉଁଥିରେ ହତ୍ୟା କଲା ଓ ହତ୍ୟାପରେ ବ୍ୟବହାର କରିଥିବା ଲୁହାରଡକୁ କେଉଁଠି ଫିଙ୍ଗିଥିଲା ସେନେଇ ଅଭିଯୁକ୍ତ ଦ୍ୱାରା ସିନରିକ୍ରିଏସନ କରାଯାଇଥିଲ। ହତ୍ୟାକାରୀ ଗଙ୍ଗାରାମ ମୁଣ୍ଡାର ସେହି ଗ୍ରାମର ଗୌରାଙ୍ଗ ପାତ୍ରଙ୍କ ସହିତ ପୂର୍ବରୁ ଜମି ଜମା ନେଇ ତିକ୍ତ ସମ୍ପର୍କ ରହିଥିଲା। ମୃତ ନାବାଳକ ପବନା ମୁଣ୍ଡା ବାପ ଛେଉଣ୍ଡ ଥିବା ଯୋଗୁଁ ଗୌରାଙ୍ଗ ପାତ୍ର ତାକୁ ସ୍ନେହ କରିବା ସହ ଅନେକ ସମୟରେ ତାଙ୍କ ଘରକୁ ଡାକି ଖାଇବାକୁ ଦେଉଥିଲେ। ତେଣୁ ହତ୍ୟାକାରୀ ପବନା ମୁଣ୍ଡାକୁ ହତ୍ୟା କରି ଗୌରାଙ୍ଗ ପାତ୍ରଙ୍କ ମୁଣ୍ଡରେ ଦୋଷ ଲଦିବା ଉଦ୍ଦେଶ୍ୟରେ ତାଙ୍କ ଘର ଅଗଣାରେ ଏକ ଅଖାରେ ମୃତ ଦେହକୁ ରଖି ଚାଲି ଯାଇଥିଲା ବୋଲି ସୂଚନା ମିଳିଛି। ଚମ୍ପୁଆ ପୋଲିସ ଘଟଣା ସ୍ଥଳରୁ ଲୁହାରଡକୁ ଜବତ କରିଛି। ଏହି ସିନରିକ୍ରିଏସନ ସମୟରେ ପ୍ରବେସନର ଏସପି ରାକେଶ ସାହୁ ଓ ଅତିରିକ୍ତ ଆରକ୍ଷି ଅଧିକ୍ଷକ ହରପ୍ରିୟା ନାଏକ, ଚମ୍ପୁଆ ଆଇଆଇସି ଦେବକୀ ନାଏକଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ଯାଜପୁର , (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ଯାଜପୁର ବ୍ଲକ ଅନ୍ତର୍ଗତ ରୁଦ୍ରପୁର ଗ୍ରାମର ସାରସ୍ୱତ ସାଧକ ତଥା 'ଯାଜପୁର ଜ୍ୟୋତି' ପତ୍ରିକାର ସମ୍ପାଦକ ସ୍ୱର୍ଗତ ମଧୁସୂଦନ ସାହୁଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିଚାରଣ ସଭା କବି ଭୁବନ ମୋହନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ସ୍ୱର୍ଗତ ସାହୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ସ୍ୱର୍ଗତ ସାହୁଙ୍କ ଉଦ୍ଦେଶ୍ୟରେ ଏକ ପୁସ୍ତକ 'ମଧୁ ସ୍ମୃତି' ଡକ୍ଟର ଅଜୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଉନ୍ମୋଚିତ ହୋଇଥିବା ବେଳେ ଭଜନ ସମାରୋହ କାର୍ଯ୍ୟକ୍ରମ ହୋଇଥିଲା। ଏହି ଭଜନ ସମାରୋହରେ ପୀତବାସ କରଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯାଇଥିଲା। ଏହି ସ୍ମୃତିଚାରଣ ସଭାରେ ରାହାସ ବିହାରି ସାହୁ,କାମାକ୍ଷା ପ୍ରସାଦ ସାହୁ, ସୁପ୍ରିୟା ସାହୁ, ଅନନ୍ୟା ସାହିତ୍ୟ ସଂସଦର ସମ୍ପାଦକ ସନ୍ତୋଷ କୁମାର ନନ୍ଦ, ସନ୍ଥଶ୍ରୀ ସୁବୁଦ୍ଧି କୁମାର, ମନୋଜ କୁମାର ଦାସ, ରତିକାନ୍ତ ତ୍ରିପାଠୀ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ବସନ୍ତ କୁମାର ସାହୁ, ବିପିନ କୁମାର ରାୟ, ଡଃ. ପ୍ରଭାସ କୁମାର ଜେନା, ରାଜକୁମାର ଜେନା, ନିବେଦିତା ଜେନା,ବସନ୍ତ କୁମାର ଜେନା, ଆଲୋକ ସାହୁ, ମନୋଜ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ।

# ଦେଉଳି ଡ୍ୟାମ୍‌ରେ ୧୫ ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ସମାଗମ



ଶୁଳିଆପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ୍ ଅଧିନ ଦେଉଳି ସ୍ଥିତ ଜମ୍ବିରା ଡ୍ୟାମର ରହିଛି ସ୍ୱତନ୍ତ୍ର ପରିଚୟ। ଡ୍ୟାମର ବିସ୍ତିର୍ଣ୍ଣ ମନୋରମ ଜଳରାଶି ପର୍ଯ୍ୟଟକଙ୍କୁ ନିଜ ଆଡକୁ ଆକର୍ଷିତ କରିଥାଏ। ଏହି ଡ୍ୟାମକୁ ପ୍ରତିବର୍ଷ ଓଡିଶା ସମେତ ପଡୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରୁ ଛୁଟି ଆସିଥାନ୍ତି ପର୍ଯ୍ୟଟକ। ବର୍ଷ ତମାମ ଏଠାକୁ ପର୍ଯ୍ୟଟକମାନେ ଆସୁଥିବା ବେଳେ ଶୀତଦିନେ ଭିଡ଼ ବଢ଼ିଥାଏ। ବିଶେଷ କରି ଡିସେମ୍ବର ୨୫, ଜାନୁଆରୀ ୧ ଓ ମକର ସଂକ୍ରାନ୍ତି ଭଳି ଦିନଗୁଡିକରେ ଏଠାରେ ବ୍ୟାପକ ଗହଳି ପରିଲକ୍ଷିତ ହୋଇଥାଏ। ଭୋଜି ଉଦ୍ଦେଶ୍ୟରେ ଅଧିକାଂଶ ପର୍ଯ୍ୟଟକ ଦେଉଳି ଡ୍ୟାମକୁ ବାଛିଥାନ୍ତି। ହେଲେ ସର୍ବନିମ୍ନ ବ୍ୟବସ୍ଥା ନଥିବାରୁ ପର୍ଯ୍ୟଟକମାନେ ଘୋର ଅସନ୍ତୋଷ ପ୍ରକାଶ କରିଥାନ୍ତି। ପାନୀୟ ଜଳର ବ୍ୟବସ୍ଥା ନଥିବାରୁ ରୋଷେଇ ପାଇଁ ବାହାର ପାଣି ଉପରେ ନିର୍ଭର କରିବାକୁ ପଡୁଛି। ଧୁଆଧୋଇ ପାଇଁ ମଧ ବହୁତ ସମସ୍ୟା ଦେଖାଯାଉଛି। ଡ୍ୟାମର ଉଚ୍ଚତା ବୃଦ୍ଧି କାରଣରୁ ଡ୍ୟାମ ପାଣି ବ୍ୟବହାର କରିବା ସମ୍ଭବ ହେଉନାହିଁ। ପରିବାର ସହ ଆସୁଥିବା ଲୋକମାନେ ଛୋଟ ପିଲାଙ୍କ ସହିତ ଆସୁଥିବାରୁ ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ବସାଉଠା ପାଇଁ ମଧ କୌଣସି ବ୍ୟବସ୍ଥା ନଥିବାରୁ ଲୋକମାନେ ଖରାବର୍ଷାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୌଚାଳୟ ବ୍ୟବସ୍ଥା ନଥିବାରୁ ମହିଳା ପର୍ଯ୍ୟଟକମାନେ ଅନେକ ସମୟରେ ଅସୁବିଧାରେ ପଡୁଛନ୍ତି। ଆବର୍ଜନା କୁଣ୍ଡ ନଥିବାରୁ ଏଣେ ତେଣେ ବଳକା ଖାଦ୍ୟ ଓ ଖଳିପତ୍ର ପଡ଼ି ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି। ଦିନକୁଦିନ ଏଠାକୁ ପର୍ଯ୍ୟଟକଙ୍କ ଭିଡ଼ ବଢୁଥିବାରୁ ବର୍ଷ ତମାମ ପର୍ଯ୍ୟଟନ ବିଭାଗ ତରଫରୁ ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ଦାବି ହେଉଛି। ଏ ଦିଗରେ ପ୍ରଶାସନ ସରକାର ଓ ସ୍ଥାନୀୟ ନେତୃତ୍ୱ ଦୃଷ୍ଟି ଦେବା ଅତ୍ୟନ୍ତ ଜରୁରୀ ଅଟେ। ଆଜି ଏଠାରେ ୧୫ ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ସମାଗମ ହୋଇଥିବା ଦେଖାଯାଇଥିଲା। ବହୁ ଦୋକାନବଜାର ବସିଥିଲା। ପର୍ଯ୍ୟଟକଙ୍କ ଭିଡ଼ ଦୃଷ୍ଟିରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଡ୍ୟାମ ନିକଟରେ ଚାନ୍ଦୁଆ ଥାନା ପୋଲିସ ମୁତୟନ କରାଯାଇଥିଲା। ଏହା ସହିତ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା, ଜମ୍ବିରା ଫାଣ୍ଡି କର୍ମଚାରୀ, ବନବିଭାଗ କର୍ମଚାରୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ସହରର କେଶପୁର ବଜାରରେ ଥିବା ସମୀର ଟିଭିଏସ୍‌ର ୨୮ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଡ଼କ ସୁରକ୍ଷା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ପ୍ରତ୍ୟେକ ଜନସାଧାରଣଙ୍କୁ ଗାଡ଼ି ଚଳେଇବା ବେଳେ ହେଲମେଟ୍ ପିନ୍ଧନ୍ତୁ ଏବଂ ନିଜକୁ ସୁରକ୍ଷିତ ରଖନ୍ତୁ ବୋଲି ଆହ୍ୱାନ ଦିଆଯାଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ାର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ ଓ ସମ୍ମାନୀତ ଅତିଥି ଭାବେ ଟାଉନ ଥାନାର ଭାରପ୍ରାପ୍ତ ଅଧିକାରୀ ଦିଲ୍ଲିପ କୁମାର ସାହୁ ଓ ସମୀର ଟିଭିଏସ୍ ମୁଖ୍ୟ ସମୀର କୁମାର ଚାନ୍ଦ ପ୍ରମୁଖ ଯୋଗଦେଇ ଏହି ଶୋଭାଯାତ୍ରାକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥି ମାନେ ଜନସାଧାରଣଙ୍କୁ ଦୁଇଚକିଆ ଗାଡ଼ି ଚଳେଇବା ବେଳେ ସର୍ବଦା ହେଲମେଟ୍ ପିନ୍ଧନ୍ତୁ ବୋଲି କହି ସଚେତନ କରାଇଥିଲେ। ଏହି ବାର୍ଷିକ ଉତ୍ସବରେ ୨୦ଜଣ ଗ୍ରାହକ ଓ ୨୦ଜଣ ମେକାନିକ୍‌ଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଗଜଲକ୍ଷ୍ମୀ ପୂଜା ସମୟରେ ମଧ ଲକିଡ୍ର କରାଯାଇ ବିଜେତା ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମୀର ମୋଟର୍ସର ପ୍ରୋପାଇଟର ସମୀର କୁମାର ଚାନ୍ଦ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରତ୍ୟେକ ଜନସାଧାରଣଙ୍କୁ ନିବେଦନ କରି କହିଛନ୍ତି ଯେ ଦୁଇଚକିଆ ଗାଡ଼ି ଚଳାଇବା ବେଳେ ସର୍ବଦା ହେଲ୍‌ମେଟ୍ ବ୍ୟବହାର କରନ୍ତୁ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପରିଚାଳକ ଲକ୍ଷ୍ମୀକାନ୍ତ ବେହେରା, କ୍ଷିତିଶ କୁମାର କର, ଅନିଜା ଜେନା, ସମାପ୍ତି ବେହେରା, ସୁବାଷ ଚନ୍ଦ୍ର ସ୍ୱାଇଁ, ଶୁଭ୍ରଶ୍ରୀ ନାୟକ, ଦୀପକ ସାମଲଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

# ମାଗଣା ଚକ୍ଷୁ ପରୀକ୍ଷା ଶିବିର

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭଞ୍ଜନଗର ଶାନ୍ତି ସ୍ରୋତ ଭବନରେ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରଝୋଳ ତରଫରୁ ଏକ ମାଗଣା ପରଳ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଚକ୍ଷୁ ବିଶେଷଜ୍ଞ ଡ. ହୃଷିକେଶ ରଥଙ୍କ ଉପସ୍ଥିତିରେ ୭୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ମାଗଣାପରଳ ଅସ୍ତ୍ରୋପଚାର ନିମନ୍ତେ ଛ'ଜଣଙ୍କୁ ଶଙ୍କର ଚିକିତ୍ସାଳୟକୁ ପଠାଯାଇଛି। ଏହି ଅବସରରେ ଚକ୍ଷୁ ସମସ୍ୟା ଜନିତ ବିଭିନ୍ନ ରୋଗର ପ୍ରତିକାରର ମାଧ୍ୟମ ସହଜ ରାଜଯୋଗ ବୋଲି ସେବା କେନ୍ଦ୍ରର ସଞ୍ଚାଳିକା ରାଜଯୋଗିନୀ ସନ୍ତୋଷିନୀ ଭଉଣୀ କହିଥିଲେ। ରାଜଯୋଗ ମନରେ ଏକାଗ୍ରତା ଶକ୍ତିକୁ ବୃଦ୍ଧି କରିଥାଏ। ବ୍ରହ୍ମାକୁମାର ଅକ୍ଷୟ ଭାଇ ସମେତ ଅନ୍ୟ ଭାଇଭଉଣୀ ଏଥିରେ ସହଯୋଗ କରିଥିଲେ।

# କଂଗ୍ରେସର କୁଶପୁତ୍ତଳିକା ଦାହ

ଯାଜପୁର, (ଭାସ୍କର ନ୍ୟୁଜ୍): ଭାରତ ଶାସନ ବ୍ୟବସ୍ଥା ପାଇଁ ଲେଖାଯାଇଥିବା ସମ୍ବିଧାନର ମୁଖ୍ୟ ତଥା ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କୁ ଚଳିତ ଲୋକସଭା ଗୃହରେ ଯେଉଁଭଳି ଭାବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ସାହାଙ୍କ କଟାକ୍ଷ କଲେ ଦେଶବାସୀ ଗ୍ରହଣ କରିପାରି ନାହାନ୍ତି। ଏଣୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସ୍ୱରକୁ ଦବାଇବା ପାଇଁ ଦୁଇ ଜଣ ସାଂସଦଙ୍କୁ ଠେଲିଦେବା ଭଳି ତାଙ୍କ ନାମରେ ମିଥ୍ୟା ମାମଲା କରାଯିବା ନିନ୍ଦାର ବିଷୟ। ଏହି ପ୍ରତିବାଦରେ ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ଦଳିତ ସେଲ୍‌ର ସଭାପତି ଦୁର୍ଯ୍ୟୋଧନ ବେହେରାଙ୍କ ପ୍ରତିନିଧିତ୍ୱରେ ଏକ ବିଶାଳ ଶୋଭାଯାତ୍ରା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରୁ ବାହାରି ସ୍ଥାନୀୟ ସଂସ୍କୃତିଭବନ ଠାରେ ଥିବା ଡକ୍ଟର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଠରେ ଏକଜୁଟ୍ ହୋଇ ଗୃହମନ୍ତ୍ରୀଙ୍କ ବିରୁଦ୍ଧରେ ସ୍ଲୋଗାନ ଦେବାସହିତ ତାଙ୍କର କୁଶପୁତ୍ତଳିକା ଦାହ କରିଥିଲେ। ଏହି ବିକ୍ଷୋଭରେ ମଖ୍ୟତଃ ବିଷ୍ଣୁ ରାଉତ, ସନ୍ତୋଷ ନନ୍ଦ, ସୁଦିପ୍ କୁମାର କର, ମନୋରଞ୍ଜନ ଦାସ, ଗଦାଧର ଦାସ, ଜଗନ କେତକୀ, ମାନସ କର, ମାନସ ବେହେରା, ବିଳାସ ରାଉତରାୟ, ସଂଗ୍ରାମ ସାହାଣୀ, ଅମୂଲ୍ୟ ବିଶ୍ୱାଳ, ସଂଗ୍ରାମ ଜେନା, ରବିନାରାୟଣ ସ୍ୱାଇଁ, ଅପୂର୍ବ ସାମଲ, ଅନିଲ୍ ମହାନ୍ତି, ବିଦ୍ୟାଧର ବାରିକ, ଭରତ ସାହୁ, କପିଳ ଦଳାଇ, ପରିମଳ ବିଶ୍ୱାଳ, ସନ୍ତୋଷ ସାହୁ, ଅକ୍ଷୟ ଶତପଥୀ, ଏସ୍‌କେ ସଲିମ, ବିଜୟ ମହାପାତ୍ର, ପ୍ରଣବ ବାରିକ, ସେକ୍ ରିୟାସତ୍ ଅଲ୍ଲି, ସଞ୍ଜୟ କର, ଅଶୋକ ବେହେରା, ସନ୍ତୋଷ ପରିଡ଼ା, ଚାନ୍ଦ ଖାଁ, ଅଶୋକ ରାଉତ, ମହେଶ୍ୱର ମହାପାତ୍ର, ମକର ବାରିକ, ନକୁଳଦେବ ସାହୁ, ସରୋଜ ନାୟକ, ପ୍ରକାଶ ଦାସ, ପ୍ରଶନ୍ନ ନାୟକଙ୍କ ସମେତ ଅନେକ କର୍ମୀ ଯୋଗଦାନ କରିଥିଲେ।

# ହିଙ୍ଗୁଳା ହାଇସ୍କୁଲ ୧୯୯୩ବ୍ୟାଚ୍‌ର ବନ୍ଧୁ ମିଳନ



ତାଳଚେର, (ଭାସ୍କର ନ୍ୟୁଜ୍): ତାଳଚେର ବ୍ଲକ କଳମଛୁଇଁ ପଞ୍ଚାୟତ ସ୍ଥିତ ହିଙ୍ଗୁଳା ନୋଡ଼ାଲ୍ ଉଚ୍ଚ ବିଦ୍ୟାଳୟର ୧୯୯୩ ମାଟ୍ରିକ ବ୍ୟାଚ୍‌ର ୩୧ତମ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ଦେଉଳଛକ ନିକଟସ୍ଥ କଳାପାହାଡ଼ ଯୁବକ ସଂଘ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୬ ଜଣ ପୁରାତନ ଛାତ୍ର ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ତ୍ରିନାଥ ସାହୁ ଅଧକ୍ଷତା କରିଥିଲେ। ବାଲ୍ୟବନ୍ଧୁ କରୁଣାକର ସାହୁଙ୍କ ଅକାଳ ବିୟୋଗ ହୋଇଥିବାରୁ ତାଙ୍କ ଅମରଆତ୍ମାର ସଦଗତି କାମନା କରି ପ୍ରାରମ୍ଭରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ସମସ୍ତ ବନ୍ଧୁ ଏକାଠି ହୋଇ ବିଗତ ଦିନ ସ୍ମୃତିଚାରଣ କରିବା ସହ ଆଗାମୀ ଦିନରେ ମଧ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ନିଷ୍ପତି ନିଆଯାଇଥିଲା। ଏହାପରେ ସମସ୍ତେ ଏକତ୍ରିତ ହୋଇ ସାମୂହିକ ଭୋଜନ କରିଥିଲେ। ଏହି ଉତ୍ସବକୁ ଗିରୀଶ ଚନ୍ଦ୍ର ପ୍ରଧାନ, ଘନଶ୍ୟାମ ରଣା, ସୁଧାକର ସାହୁ, ଶରତ ସ୍ୱାଇଁ, ମନୋଜ ସାହୁ, କିଶୋର ପ୍ରଧାନ, ହେମନ୍ତ ଦାସ, ଲକ୍ଷ୍ମୀଧର ମାଝୀ, ଅର୍ଜୁନ ସାହୁ, କୃଷ୍ଣଚନ୍ଦ୍ର ମହାପାତ୍ର, କବିରାଜ ସାହୁ, ସତ୍ୟାନନ୍ଦ ସାହୁ, ଶ୍ରୀକାନ୍ତ କୁମାର ସାହୁ, ତ୍ରିବେଣୀ ସାହୁଙ୍କ ସମେତ ସମସ୍ତବନ୍ଧୁ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ବିଭୂତି ଭୂଷଣ ସ୍ୱାଇଁ ପରିଚାଳନା କରିଥିବା ବେଳେ ସଞ୍ଜୀବ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବର୍ଷା ଯୋଗୁଁ ଚାଷୀକୂଳ ଚିନ୍ତିତ

କଣାସ, (ଭାସ୍କର ନ୍ୟୁଜ୍): କ୍ରମାଗତ ଭାବେ ଥରକୁଥର ଲଘୁଚାପ ଜନିତ ବର୍ଷା ଯୋଗୁଁ ପୁରୀ ଜିଲ୍ଲା କଣାସ ବ୍ଲକ୍‌ରେ ଶାରଦ ଧାନଫସଲ, ଚିନାବାଦାମ, ବିରି, ମୁଗ, ଆଛେରା ରବିଧାନ ଓ ପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ କ୍ରମାଗତ ଭାବେ ବର୍ଷା ଲାଗିରହିବା ସହିତ ଉତ୍ତରା ପବନ ଜାରି ରହିବାରୁ ପ୍ରବଳ ଥଣ୍ଡ ଅନୁଭୂତି ହେଉଛି। ଘରୁ ଲୋକେମାନେ ବାହାରକୁ ବାହାରିପାରୁ ନାହାଁନ୍ତି। ରାସ୍ତାଘାଟ, ବଜାର କିଛିଦିନ ହେଲା ଜନଶୂନ୍ୟ ହେବା ସହିତ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସରକାର କ୍ଷେତି ହୋଇଥିବା ଶାରଦ ଧାନ ଫସଲ ଆକଳନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ ଲଘୁଚାପ ଜନିତ ବର୍ଷା ଲାଗି ରହିଥିବାରୁ ସରକାରୀ କର୍ମଚାରୀମାନେ ତଦନ୍ତ କରିବା ପାଇଁ ଯାଇପାରୁ ନଥିବା ଜଣାପଡ଼ିଛି।

# ଜୈବିକ ପଦ୍ଧତିରେ ଚାଷ କରିଛି ଲାଭବାନ



ବୋଲଗଡ, (ଭାସ୍କର ନ୍ୟୁଜ୍): ବେଗୁନିଆ ବ୍ଲକ ବଡବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ସ୍ୱର୍ଗତ ଭିକାରୀଚରଣ ପୃଷ୍ଟିଙ୍କ ପୁଅ ମନୋଜ (୩୯)ଜୈବିକ ପଦ୍ଧତିରେ ଚାଷକାର୍ଯ୍ୟ କରି ବେଶ୍ ଲାଭବାନ ହୋଇପାରିଛନ୍ତି। ଆଜିକାଲିର ଉଚ୍ଚଶିକ୍ଷିତ ଯୁବକ ମାନେ ଚାଷକାର୍ଯ୍ୟ ପ୍ରତି ମୁହଁ ଫେରାଇ ଆଣୁଥିବା ବେଳେ ମନୋଜ ଯୁକ୍ତ ଦୁଇ ପାସ କରି ବାପାଙ୍କ ପ୍ରେରଣାରେ ଧାନ ଓ ମୁଗ ଆଦି ଫସଲ କରିଆସୁଛନ୍ତି। ତେବେ ଆଜିକାଲି ଚାଷ ଜମିରେ ଫସଲ ଅମଳ ପାଇବା ଆଶାରେ ଅଧିକ ପରିମାଣରେ ରାସାୟନିକ ସାର ଓ କୀଟନାଶକ ଔଷଧ ବ୍ୟବହାର କରିଚାଲିଛନ୍ତି। କିନ୍ତୁ ଯୁବ ଚାଷୀ ମନୋଜ ଏହାର ବ୍ୟତିକ୍ରମ କରି କୃଷି କାର୍ଯ୍ୟାଳୟର କ୍ଷେତ୍ରୀୟ କର୍ମଚାରୀ ବିଭୂତି ଭୂଷଣ ଦଳବେହେରାଙ୍କ ପରାମର୍ଶ କ୍ରମେ ଜୈବିକ ପଦ୍ଧତିରେ ଅଧିକଧାନ ଅମଳ କରିପାରିଛନ୍ତି। ସେ ପ୍ରଥମେ ୪ ଏକର ଜମିରେ ଧନିଚା ଚାଷ କରିବାପରେ ଧାନ ରୋଇ କମ ପରିମାଣର ରାସାୟନିକ ସାର ପ୍ରୟୋଗ କରିଥିଲେ। ଗତବର୍ଷ ଧାନ ଫସଲ ଅମଳ କମ ହୋଇଥିବା ବେଳେ ଚଳିତ ବର୍ଷ ୧୧୦ ବସ୍ତା ଧାନଅମଳ କରିଥିବାରୁ ଖୁସି ଅନୁଭବ କରିବା ସହ ଜୈବିକ ପଦ୍ଧତିରେ ଚାଷକାର୍ଯ୍ୟ କରିଥିବାରୁ ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

# ଅଟଳ ବିହାରୀ ବାଜପେୟୀଙ୍କ ୧୦୦ ତମ ଜନ୍ମ ଜୟନ୍ତୀ ପାଳିତ



ବାରିପଦା, (ଭାସ୍କର ନ୍ୟୁଜ୍): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଏକଶହ ତମ ଜନ୍ମ ଜୟନ୍ତୀ ଅବସରରେ ସ୍ଥାନୀୟ ସହିଦ ସ୍ମୃତିଭବନ ଠାରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ହେମକାନ୍ତ ସୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ପ୍ରସିଦ୍ଧ ସାହିତ୍ୟିକ ପଦ୍ମଶ୍ରୀ ଡଃ ଦମୟନ୍ତୀ ବେଶରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ବିଶିଷ୍ଟ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ ଏବଂ ସ୍ୱତନ୍ତ୍ର ଅତିଥି ତଥା କାର୍ଯ୍ୟକ୍ରମର ଆବାହକ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅନୁଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ, ସମ୍ପାଦକ ମନୋଜ ଦଳବେହେରା ପ୍ରମୁଖ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ସ୍ୱରଚିତ କବିତା ପାଠ କରିଥିଲେ। ଏଥିସହିତ, ଆୟୋଜିତ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ, ଯାହାକୁ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉ.ପ୍ରା. ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ନିଜର ନିଖୁଣ କଳାପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲେ। ନିଜ ଅଭିଭାଷଣରେ ମୁଖ୍ୟବକ୍ତା ପଦ୍ମଶ୍ରୀ ବେଶରା ଅଟଳ ଜୀଙ୍କୁ ଯୁଗନାୟକ ବୋଲି କହିଥିଲେ। ବାଜପେୟୀ ଜଣେ ରାଜନେତା ସହ ଜଣେ ଭଲ କବି ମଧ ଥିଲେ। ସଂସଦରେ ଅନେକ ଥର ସେ କବିତା ମାଧ୍ୟମରେ ନିଜ ବୟାନ ରଖିଛନ୍ତି। ତେଣୁ ତାଙ୍କୁ ଜଣେ କବି ଭାବରେ ସାରା ଦେଶ ଜାଣେ। ଅଟଳ ବିହାରୀ ବାଜପେୟୀ, ଲାଲବାହାଦୁର ଶାସ୍ତ୍ରୀଙ୍କ 'ଜୟ ଯବାନ, ଜୟ କିଷାନ' ସ୍ଲୋଗାନରେ 'ଜୟ ବିଜ୍ଞାନ' ଯୋଡ଼ି ସ୍ଲୋଗାନକୁ ଆହୁରି ଲୋକଭିମୁଖୀ କରିଥିଲେ ବୋଲି ବେଶରା କହିଥିଲେ। ନିଜ ବକ୍ତବ୍ୟରେ, ମୁଖ୍ୟ ଅତିଥି ତଥା ଜିଲ୍ଲାପାଳ ସୟ, ସୁଶାସନ ଦିବସର ମହତ୍ୱ ବଖାଣିବା ସହିତ ଶାସନ ଓ ସୁଶାସନ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ନିଜ ବକ୍ତବ୍ୟରେ ମୟୂରଭଞ୍ଜରେ ସୁଶାସନର ସମସ୍ତ ଭିତ୍ତିଭୂମିକୁ ସଶକ୍ତ କରାଯାଉଛି ଏବଂ ଏହାର ପ୍ରତିଫଳନ ଜନସାଧାରଣଙ୍କ ନିକଟରେ ପହଞ୍ଚୁଛି ବୋଲି ଜିଲ୍ଲାପାଳ କହିଥିଲେ। ଏହି ଅବସରରେ ପ୍ରଶାସନ ପକ୍ଷରୁ ଅଟଳ ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଛାତ୍ରଛାତ୍ରୀ ମାନେ ସୁଶାସନ ଦିବସ ବା 'ଗୁଡ଼ ଗଭର୍ଣ୍ଣାନ୍ସ ଡେ' ବିଷୟବସ୍ତୁ ଉପରେ ଆଧାରିତ ଚିତ୍ର ଆଙ୍କିଥିଲେ ଏବଂ ସେମାନଙ୍କୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ। ପରିଶେଷରେ ଅତିରିକ୍ତ ଜିଲ୍ଲାପାଳ ତଥା ଏହି କାର୍ଯ୍ୟକ୍ରମର ଆବାହକ ନେତ୍ରାନନ୍ଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସାହିତ୍ୟ ସଂସଦର ସଦସ୍ୟ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଡଃ ଶଶିଧର ବିଶ୍ୱାଳ ମଞ୍ଚ ସଂଯୋଜନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅନୁଭାଗର ସମସ୍ତ କର୍ମଚାରୀମାନେ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପନ୍ନ କରିବା ପାଇଁ ପରିଚାଳନାରେ ସହଯୋଗ କରିଥିଲେ।

# ଲଜ୍‌ରେ ପୋଲିସର ଚଢ଼ାଉ, ୩ ଗିରଫ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ବେଲଗୁଣ୍ଠା ସହରର ମୁଖ୍ୟ ରାସ୍ତା କଡ଼ରେ ଏକ ଲଜ୍‌ରେ ବେଲଗୁଣ୍ଠା ପୋଲିସ ଚଢ଼ାଉ କରି, ଲଜ୍ ମାଲିକ ସମେତ ୫ ଗ୍ରାହକଙ୍କୁ ଗିରଫ କରିଛି। ଏଥିରେ ସମ୍ପୃକ୍ତ ୩ ଦେହଜୀବୀଙ୍କୁ ଉଦ୍ଧାର କରାଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ଖବର ଅନୁସାରେ, ବେଲଗୁଣ୍ଠା ଥାନା ସବ୍‌ଇନ୍ସପେକ୍ଟର ନାରାୟଣ ନାୟକଙ୍କ ନେତୃତ୍ୱରେ ବେଲଗୁଣ୍ଠା ପୋଲିସ ଟିମ୍ ରାତିରେ ପେଟ୍ରୋଲିଂ କରୁଥିବା ବେଳେ, ନିଉ ଲୋକନାଥ ଭବନ ନାମକ ଏକ ଲଜ୍‌ରେ ଦେହ ବ୍ୟବସାୟ ଚାଲିଥିବା ସୂଚନା ପାଇଥିଲା। ଖବର ମିଳିବା ପରେ ଉକ୍ତ ଲଜ୍‌ରେ ରାତି ପ୍ରାୟ ୩ ଟା ସମୟରେ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ପୋଲିସ ଲଜରୁ ୩ ଜଣ ଦେହଜିବୀଙ୍କ ସହ ୫ ଗ୍ରାହକଙ୍କୁ ଧରିଥିଲା। ସମସ୍ତ କୋଠରୀରୁ କିଛି ଆପତ୍ତିଜନକ ସାମଗ୍ରୀ ଜବତ କରିଥିଲା ପୋଲିସ। ପୋଲିସର ସୂଚନା ମୁତାବକ ଉଧାର ହୋଇଥିବା ସମସ୍ତ ଦେହଜିବୀଙ୍କୁ ସ୍ୱଧାର ଗୃହକୁ ପଠାଯାଇଛି। ଏନେଇ ୫୩୩/୨୪ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ବନବିହାରୀ ପ୍ରଧାନ ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ଯୁବକ ଗୁରୁତର ଆହତ

କଣାସ, (ଭାସ୍କର ନ୍ୟୁଜ୍): ଡେଲାଙ୍ଗ ରାସ୍ତାର ଗାଣ୍ଡପଡ଼ା ଛକ ନିକଟରେ ଦୁର୍ଘଟଣା ଗ୍ରସ୍ତ ହୋଇ ଜଣେଯୁବକ ପଡ଼ି ଗୁରୁତରଭାବେ ଆହତହୋଇଥିଲେ। ସେ ଭୁବନେଶ୍ୱର ଠାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ସୂଚନାରୁ ଜଣାପଡ଼ିଛି ଡେଲାଙ୍ଗ ଥାନା, ରାଢୁଓ ଗ୍ରାମର ପ୍ରଦୀପ ବଳିୟାରସିଂହ ୩୫ବର୍ଷ ସ୍ୱେଣ୍ଡର ମଟରସାଇକେଲ ଯୋଗେ କଣାସରୁ ନିଜଗ୍ରାମକୁ ଯାଉଥିବା ବେଳେ ରାସ୍ତା ଉପରେ ପଡ଼ିଥିବା ପାଳ ଉପରେ ମଟର ସାଇକେଲ ସ୍ଲିପ କରିବାରୁ ଗୁରୁତର ଭାବେ ଆହତହୋଇ ରାସ୍ତା ଉପରେ ପଡ଼ିଯାଇଥିଲେ। ସ୍ଥାନୀୟ ଯୁବକମାନେ ତୁରନ୍ତ ସହାୟତା ପାଇଁ ୧୦୮କୁ ଫୋନ କଲେ ମଧ ଗାଡ଼ି ନଥିବା କହିଥିଲେ। ଯୁବକମାନେ କଣାସ ଥାନା ଆଇଆଇସି ପ୍ରଦୀପ କୁମାର ଜୁଝାରସିଂହଙ୍କ ଜଣାଇବାରୁ ସେ ତୁରନ୍ତ ଘଟଣାସ୍ଥଳକୁ ଆସି ଯୁବକକୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଯାଇଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଚିକିତ୍ସାପାଇଁ ଭୁବନେଶ୍ୱର ପଠାଇ ଦିଆଯାଇଛି।

# ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ



ଆଳି (ଭାସ୍କର ନ୍ୟୁଜ୍): ଆଳି ଠାରେ କେନ୍ଦ୍ରାପଡ଼ା ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ସ୍ଥାନୀୟ ନିଆଳ ହାଟସ୍ଥ ଏକ ମଣ୍ଡପ ରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଉଠା ଜଳସେଚନ ର ନିର୍ବାହୀ ଯନ୍ତ୍ରୀ ଦୁଃଶାସନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣିଷର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରାକୃତିକ ସମ୍ପଦ ଜଳର ସୁପରିଚାଳନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କୃଷି ବୈଜ୍ଞାନିକ ଅରବିନ୍ଦ ଦାସ, ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଉମେଶ ସେଠୀ, ଆଳି ତହସିଲଦାର ସାନ୍ତିସ୍ୱରୂପ ମିଶ୍ର, ଉଠାଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରବିନାରାୟଣ ମହାନ୍ତି, ସହକାରୀ ଯନ୍ତ୍ରୀ ନିମାଇଁଚରଣ ସେଠୀ, ସଞ୍ଜୟ ପଣ୍ଡା, ରମେଶଚନ୍ଦ୍ର ଉଇ, ପ୍ରଦୀପ ନାୟକ, ରବୀନ୍ଦ୍ର ମହାନ୍ତି, କନିଷ୍ଠ ଯନ୍ତ୍ରୀ ପ୍ରଜ୍ଞାପରମିତା ସାମନ୍ତରାୟ ପ୍ରମୁଖ ଯୋଗଦେଇ ଜିଲ୍ଲାରେ ୧୯୫୫ ଉଠାଜଳସେଚନ ପ୍ରକଳ୍ପ ୪୭,୬୨୬ ହେକ୍ଟର କୃଷିକ୍ଷେତ୍ର ପାଇଁ କାର୍ଯ୍ୟକାରୀ ହେଉଥିବା କହିଥିଲେ। ସମାବେଶରେ ଜିଲ୍ଲାର ପାଣି ପଞ୍ଚାୟତ କର୍ମକର୍ତ୍ତା, ପଞ୍ଚାୟତ ପ୍ରତିନିଧି, ପରିବେଶବିତ୍ ଯୋଗଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଏକ ପାଣି ପଞ୍ଚାୟତ ପକ୍ଷ ପାଳନ ସଚେତନତା ରଥ କୁ ଉଦ୍ଘାଟନ କରିଥିଲେ।

# ଜିଲ୍ଲା ସ୍ତରୀୟ 'ସୁଶାସନ ଦିବସ' ପାଳନ

ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ ଏବଂ ଜିଲ୍ଲା ସ୍ତରୀୟ 'ସୁଶାସନ ଦିବସ' ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୂଖ୍ୟ ଅତିଥି ରୂପେ ନବରଙ୍ଗପୁର ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର, ବିଶିଷ୍ଟ ଅତିଥି ରୂପେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ସମ୍ମାନୀତ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ ଏବଂ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଭେଙ୍କଟ ରମଣ ରାଓ, ମୁଖ୍ୟ ବକ୍ତା ରୂପେ ଅବସରପ୍ରାପ୍ତ ପ୍ରଧାପକ ଡଃ ବିଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ସ୍ୱାଗତ ଭାଷଣ ସହ ଜୟନ୍ତୀ ଓ ସୁଶାସନ ଦିବସ ପାଳନର ଉଦ୍ଦେଶ୍ୟ ଉପରେ ସମ୍ୟକ୍ ସୂଚନା ଦେଇଥିଲେ। ସଂଗୀତ ଗୁରୁ ଯୁଗଳ କିଶୋର ତ୍ରିପାଠୀ ଙ୍କ ଛାତ୍ର ଛାତ୍ରୀ ମାନେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ସ୍ୱରଚିତ କବିତା ଉପରେ ପର୍ଯ୍ୟବେଶିତ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଜୟନ୍ତୀ ସମାରୋହରେ ଆମନ୍ତ୍ରିତ ୨୧ଜଣ କବି ଓ କବୀୟତ୍ରି ଗଣ ସଭାକାର୍ଯ୍ୟ ପୂର୍ବରୁ ଏବଂ ମଧ୍ୟରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଙ୍କ ଜୀବନ ଦର୍ଶନ, ଦେଶପ୍ରିତି ଏବଂ ମାନବୀୟ ଜୀବନ ଦର୍ଶନର ସମ୍ବେଦନଶୀଳତା ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ମୁଖ୍ୟ ଅତିଥି ଜିଲ୍ଲାପାଳ ନିଜ ବକ୍ତବ୍ୟରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଆଦର୍ଶକୁ ଅବଧାରଣା କରିବାସହ ତାଙ୍କୁ ଜଣେ ବିଶିଷ୍ଟକବି, ସ୍ୱାଭିମାନୀ ତୁଙ୍ଗ ରାଜନୈତିକ ବ୍ୟକ୍ତି, ସାହସୀ ଓ ନିର୍ଭୀକ ବ୍ୟକ୍ତିତ୍ୱ ରୂପେ ବର୍ଣ୍ଣନା କରିଥିଲେ। ବିଶିଷ୍ଟ ଅତିଥି ନବରଙ୍ଗପୁର ବିଧାୟକ ନିଜ ବକ୍ତବ୍ୟରେ ଦେଶର ଅଖଣ୍ଡତା, ସ୍ୱାର୍ଥକୁ ସର୍ବାଗ୍ରେ ରଖି ଭାରତ ବର୍ଷର ପ୍ରଗତିକୁ ଉତଙ୍ଗ ଶିଖର ରେ ନେବା ସହ ଏକ ଜନ ମାନସର ନେତା ରୂପେ ଅଭିହିତ କରିଥିଲେ। ଏହି ଅବସରରେ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୀବନ ଦର୍ଶନ ଓ ସୁଶାସନ ଉପରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ।

# ଜରିପାଲ ତଳେ ବିତୁଛି ଜୀବନ



ଝରୀଗାଁ, (ଭାସ୍କର ନ୍ୟୁଜ୍): ବୈଶାଖ ର ତାତି ହେଉ କି ଶ୍ରାବଣର ଝଡି ଆଉ ଶୀତ ଋତୁର ଭୀଷଣ କାକର, ଘରଟିଏ ନାହିଁ ବୋଲି ଏକ ଜାରିପାଲ ଟଣା କୁଡ଼ିଆ ଭିତରେ କୋମଳମତି ଶିଶୁଙ୍କୁ ନେଇ ଜୀବନ କାଟୁଛନ୍ତି ଛଅପ୍ରାଣୀ। ଏ ହେଉଛି ଦାରିଦ୍ର୍ୟତାର ଦାରୁଣ ଦୁଃଖ, ଘର ନାହିଁ ଦ୍ୱାର ନାହିଁ କି ରୋଜଗାର ନାହିଁ, ଯେଉଁ ଜରିପାଲ ଏମାନଙ୍କ ପାଇଁ ଆଶ୍ରୟସ୍ଥଳ ଥିଲା ସେତକ ମଧ ଏ ଅଦିନିଆ ବର୍ଷାରେ ଧୋଇଗଲା ଏବେ। ଏମିତି ଏକ ପରିବାର ଯେଉଁ ପରିବାର କି ଝରୀଗାଁ ବ୍ଲକ କୂଟ୍ରିଛାପର ଗ୍ରାମପଂଚାୟତ ର କଲେଗାଁ ଗ୍ରାମର ବାସହରା ସ୍ଥାୟୀ ବାସିନ୍ଦା ଅମର ଗୌଡ଼ (୪୫) ଏବଂ ତାଙ୍କ ପରିବାର। କଲେଗାଁ ହେଉଛି କୂଟ୍ରିଛାପର ଗ୍ରାମ ପଞ୍ଚାୟତ ଠାରୁ ମାତ୍ର ଦେଢ଼ କିଲୋମିଟର ଦୂର ହେଲେ ସରକାରୀ ଯୋଜନାରୁ ଶହେ କୋଷ ଦୂରରେ, ଯାହାର ଏହି ଗରିବ ଗାଈଚରାଳି ଅମର ଗୌଡ଼ ଙ୍କ ପରିବାର ଦୁଃଖ ଏହାର ସଦ୍ୟ ପ୍ରମାଣ। ପରିବାର କହିଲେ ମୋଟ ଛଅ ଜଣ ପ୍ରାଣୀ ଚାରିଛୁଆ ପିଲାଙ୍କ ସମେତ ବାପା ମାଁ, ସକାଳ ପାହିଲେ ଗାଈ ପଲ ଧରି ଜଙ୍ଗଲମୁହାଁ ହୁଅନ୍ତି ବାପା ମା, ଯାହା ମିଳେ ସେତକ କେବଳ ଦାନା କନାକୁ ନିଅଣ୍ଟ। ସେଇ ଭଙ୍ଗା ଜରିପାଲ ଟଣା କୁଡ଼ିଆ ଏମାନଙ୍କ ଭରସା, ସମ୍ପତ୍ତି କହିଲେ ରନ୍ଧାବଡା ପାଇଁ କେଇଖଣ୍ଡ ବାସନ ଆଉ ଲୁଗାପଟା, ଏତକକୁ ଆଡୁଖା ଥିଲା ଏକ ଜରିକବାଟ, ଆଉ ତାରି ଭିତରେ କଅଁଳା ଦୁଇ ଶିଶୁ ଏବଂ କୋମଳମତି ଆଉ ଦୁଇ ପାଠୁଆ ଛୁଆଙ୍କ ଭାଗ୍ୟ ଏବଂ ଭବିଷ୍ୟତ ବନ୍ଧା ପଡିଛି। କବାଟଟିଏ ନାହିଁ ବୋଲି ବାପା ମା କାମରେ ଚାଲିଗଲେ ପାଠୁଆ ଝିଅକୁ ଘର ଜଗିବାକୁ ହୁଏ, ଏହି ଭଙ୍ଗା କୁଡ଼ିଆ ରେ ସଞ୍ଜ ହେଲେ କାଠଜାଳି ରହୁଥିବା ଏହି ପରିବାରର ପିଲାଙ୍କ ପାଠ ପଢ଼ିବାର ଆଗ୍ରହଟା ମଧ ସୂର୍ଯ୍ୟାଲୋକ ସରିଗଲେ ଅନ୍ଧାର ମଧ୍ୟରେ ସିମିତ ହୋଇ ରହିଯାଉଛି, ଖରା ବର୍ଷା ଆଉ ଶୀତ କାକରରେ ଏହି ଜାରିପାଲ ତଳେ ଜୀବନ କାଟି ଆସୁଥିଲେ ଅମର ଗୌଡ଼ ଙ୍କ ପରିବାର,ହେଲେ ଏବେ ସେତକ କୁ ଅଦିନିଆ ବର୍ଷା ଧୋଇନେଲା,ନିଜର ଦୁଃଖକୁ ପ୍ରକାଶ କରିବା ପାଇଁ ବାରମ୍ବାର ସରକାରୀ ଦପ୍ତରକୁ ଯାଇ ନିରାଶ ହେବା ପରେ ତତ୍କାଳୀନ ସରକାରକୁ ଆଉ ଭରସା ନକରି ପୁଣି ନିଜ ପରିବାର ପାଇଁ ଦାନା ଯୋଗାଡ଼ କରିବାରେ ଲାଗିପଡିଛନ୍ତି। ଅମର ଆବାସ ଯୋଜନାରେ ଯୋଗ୍ୟ ଥାଇ ବି ତତ୍କାଳୀନ ସରକାର ରେ ଅନେକ ହିତାଧିକାରୀ ଘର ପାଇନଥିବା ତ ଜାଣିଛୁ କିନ୍ତୁ ଏହି ଅମର ଗୌଡ଼ଙ୍କ ଭଙ୍ଗା କୁଡ଼ିଆଟା ଫନି ବାତ୍ୟା ବେଳେ ଭାଙ୍ଗିଭୁଶୁଡି ପଡ଼ିଥିଲା ହେଲେ ସେ ବେଳର ନେତା କୁହନ୍ତୁ କି ଅଧିକାରୀ କାହାରି ଆଖିକୁ ଏମାନଙ୍କ ଦୁଃଖ ଦେଖାଯାଇ ନଥିଲା କି ଜାଣିଶୁଣି ଅସହାୟ ପରିବାରକୁ ଅଣଦେଖା କରାଯାଇଥିଲା ଯାହାର ପରିଣାମ ଏଯାବତ ଏହି ଶିଶୁ ମାନଙ୍କୁ ଭୋଗିବାକୁ ପଡୁଛି, ଆଜକୁ ଦୁଇ ଦୁଇ ଥର ଜରିପାଲ ସିନା ମିଳିଗଲା ହେଲେ ଆବାସ ସାତ ସପନ ହୋଇପଡ଼ିଛି ଏହି ପରିବାର ପାଇଁ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



କର୍ଲାମୁଣ୍ଡା (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଏଥିରେ ଅତିଥି ଭାବରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କହଁର, କର୍ଲାମୁଣ୍ଡା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ମେହେର, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କଳ୍ପଲତା ତ୍ରିପାଠୀ, କର୍ଲାମୁଣ୍ଡା ସରପଞ୍ଚ ସଙ୍ଘ ସଭାପତି ବରୁଣ ଛତ୍ରିଆ ପ୍ରମୁଖ ମଞ୍ଚାସିନ ଥିଲେ ଓ ଶିବିରରେ ୧୨ ଗୋଟି ପଞ୍ଚାୟତରୁ ଆସିଥିବା ୩୬୮ ଜଣ ଭିନ୍ନକ୍ଷମ ପଞ୍ଜିକୃତ କରିଥିଲେ ଓ ସେଥି ମଧ୍ୟରୁ ୧୦୭ ଜଣଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ସ୍ୱିକୃତ ହୋଇଥିଲା ଓ ସେହିପରି ଜଣେ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ ଓ ଭିନ୍ନକ୍ଷମର ପ୍ରତ୍ୟେକ ବିଭାଗର ଡ଼ ଅରୁଣ କୁମାର ଗିରି, ଡ଼ ନିବେଦିତା ମହାରଣା, ଡ଼ ରିଷିକା କେତନ, ଡ଼ ପ୍ରବୀଣ ସାହୁ ଉପସ୍ଥିତ ରହି ପଞ୍ଜିକରଣ ଭିନ୍ନକ୍ଷମ ମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପରାମର୍ଶ ଦେଇଥିଲେ ଓ ଏହି ଶିବିରରେ ବ୍ଲକର ବିଭାଗୀୟ ଅଧିକାରୀ ପ୍ରଦୀପ ମାଝୀ, ଯଶୋବନ୍ତି ରଣା,ବସନ୍ତ ମିଶ୍ର, ଅପରାଜିତା ଫଗୁଣ ପଲ୍ଲବୀ ସମତେ ସମସ୍ତ ବ୍ଲକ କର୍ମଚାରି ସହଯୋଗ କରିଥିଲେ।

## ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ ହେଲେ ବିନ୍ଦୁ ମହାନନ୍ଦ

ଧର୍ମଗଡ଼ (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷଙ୍କୁ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନଠାରେ ଓଡିଶା ସାମ୍ବାଦିକ ୟୁନିଅନ୍ (ଓୟୁଜେ) ରାଜ୍ୟ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସମ୍ମାନିତ ଅତିଥି ଭାବରେ ପୂର୍ତ୍ତ, ଆଇନ ଓ ଅବକରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଉପଢ଼କନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦ ନିଜ ବ୍ଲକକୁ ଫେରିବା ପରେ ବ୍ଲକ ଅଧ୍ୟକ୍ଷଙ୍କ ସମର୍ଥନ ମାନେ ହଜାର ହଜାର ସଂଖ୍ୟାରେ ଯୋଗଦେଇ ସ୍ୱାଗତ କରିଥିଲେ । ଗୋଲାମୁଣ୍ଡା ବ୍ଲକ ଖଳିଆକାନି ଛକ ଠାରୁ ଗୋଲାମୁଣ୍ଡା ସ୍ଥିତ ଶିବାଜୀ ଷ୍ଟାଡିୟମ ପର୍ଯ୍ୟନ୍ତ ଦୀର୍ଘ ୮କିମି ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରାରେ ବାହାରି ପହଞ୍ଚିଥିଲେ । ଶିବାଜୀ ଷ୍ଟାଡିୟମଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସମ୍ବର୍ଦ୍ଧନା ସଭାରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଦଶପୁର ସମିତି ସଭ୍ୟ ଦୁର୍ଗେଶ୍ୱର ସାହୁ, ଗୋଲାମୁଣ୍ଡା ସରପଞ୍ଚ ପୁରୁଷୋତ୍ତମ ରାଉତ, ଖଳିଆପାଲି ସରପଞ୍ଚ ଜିମୁତ ହରପାଳ, ବରିଷ୍ଠ ନେତା ବୃଷଭ ନାଏକ, ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ,ବରିଷ୍ଠ ସାମ୍ବାଦିକ ସୁଧୀର ପ୍ରସାଦ ସାହୁ, ଆଇନଜୀବୀ ଜୟଦ୍ରଥ ମହାନନ୍ଦ, ମାନଝରୀ ସରପଞ୍ଚ ଜଗଜୀବନ ଅଘରିଆ, ଜୟନ୍ତ ସିଂ, ନାରାୟଣ ଅଘରିଆ, ଦିଗାମ୍ବର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।



## ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତିଙ୍କ ପରଲୋକ



ଭବାନୀପାଟଣା (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ପ୍ରଫେସର ସଞ୍ଜୟ ଶତପଥୀଙ୍କ ବୁଧବାର ସକାଳ ୮ ଘଣ୍ଟା ସମୟରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। କିଛି ଦିନ ତଳେ ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେ କର୍କଟ ରୋଗରେ ଆକ୍ରାନ୍ତ ଥିବାବେଳେ ତାଙ୍କୁ ବ୍ରେନ୍‌ଷ୍ଟ୍ରୋକ୍ ମଧ୍ୟ ହୋଇଥିବା ଜଣାପଡିଥିଲା। ଗତ ଅକ୍ଟୋବର ମାସ ଠାରୁ ତାଙ୍କ ଦେହ ଅସୁସ୍ଥ ଥିବା ନେଇ ସେ ବିଶ୍ୱବିଦ୍ୟାଳୟରୁ ଛୁଟି ନେଇ ରାଜଧାନୀରେ ଚିକିତ୍ସିତ ହେଉଥିଲେ। ତାଙ୍କ ପରଲୋକ ଖବର ଶୁଣି

### ସାରା ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହ ଲୋକଙ୍କ ମଧ୍ୟରେ ଶୋକର ଛାୟା

ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ କର୍ତ୍ତୃପକ୍ଷ, ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଗଭୀର ଶୋକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୧ ଏପ୍ରିଲ ୧୬ ତାରିଖ ଦିନ ସ୍ୱର୍ଗତ ଶତପଥୀ କଳାହାଣ୍ଡିର ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ପ୍ରଥମ ନିୟମିତ କୁଳପତି ଭାବେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ସେ ବହୁ ଉନ୍ନୟନ ମୂଳକ କାର୍ଯ୍ୟପନ୍ଥା ହାତକୁ ନେଇଥିଲେ। ସେ ଏକାଧାରରେ ଜଣେ ଶିକ୍ଷାବିତ୍, ପ୍ରବଚକ, ସାହିତ୍ୟିକ, ସର୍ବୋପରି ଜଣେ ବିଶିଷ୍ଟ ପ୍ରାବନ୍ଧିକ ଭାବରେ ବେଶ୍ ଜଣାଶୁଣା ଥିଲେ। ରାଜ୍ୟର ବିଭିନ୍ନ ଧର୍ମାନୁଷ୍ଠାନ ସହ ସେ ଦୀର୍ଘବର୍ଷ ହେଲା ଜଡ଼ିତ ରହିବା ସହ ବିଭିନ୍ନ ଘରୋଇ ବୈଦ୍ୟୁତିକ ଗଣମାଧ୍ୟମ ଚ୍ୟାନେଲରେ ଧାର୍ମିକ ପ୍ରବଚକ ଭାବେ ଲୋକପ୍ରିୟତା ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଘୁମୁରା ୨୦୨୫ ଲୋଗୋ ଉନ୍ମୋଚିତ



କେସିଙ୍ଗା (ଭାସ୍କର ନ୍ୟୁଜ୍): ୨୭ତମ କଳାହାଣ୍ଡି ଉତ୍ସବ ପାଳନ ପାଇଁ କେସିଙ୍ଗା ବ୍ଲକର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳି ଗୁର୍ଜିମୁଣ୍ଡା ସ୍ଥିତ ପ୍ରସିଦ୍ଧ ମା' ଯୋଗମାୟା ପୀଠରେ ପଞ୍ଚାୟତ ସ୍ତରୀୟ କଳାହାଣ୍ଡି ଉତ୍ସବର ଉଦ୍‌ଘାଟନୀ ଉତ୍ସବ ଓ ଉତ୍ସବର ପ୍ରତୀକ (ଲୋଗୋ) ଉନ୍ମୋଚନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ । ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ଉପ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଲୋକ ସମ୍ପର୍କ ସୂଚନା ଅଧିକାରୀ ହଳଧର ନିଆଲ, କଳାହାଣ୍ଡି ଉତ୍ସବ ପ୍ରଚାର ପ୍ରସାର କମିଟିର ସଭାପତି ବରିଷ୍ଠ ସାମ୍ବାଦିକ ଶାନ୍ତନୁ ବେହେରା, ହରଜିନ୍ଦ୍ର ସିଂ, ଦେବେନ୍ଦ୍ର ବିଶୀ, କମ୍ବୁପାଣି ମିଶ୍ର, ମନ ପ୍ରଧାନ, କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, କେସିଙ୍ଗା ବିଡ଼ିଓ ପଦ୍ମନାଭ ପୁରୋହିତ, କୁଣ୍ଡାବନ୍ଧ ସରପଞ୍ଚ ରୋଜି ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ସମସ୍ତ ଅତିଥି ବୃନ୍ଦ ମା' ଯୋଗମାୟାଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଆରମ୍ଭ ହେବା ସହିତ ୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫କୁ ଆଧିକାରିକ ଭାବରେ ଉଦ୍‌ଘାଟନ ଓ ଉତ୍ସବର ପ୍ରତୀକ (ଲୋଗୋ) ଉନ୍ମୋଚିତ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ମହୋଦୟ ଜିଲ୍ଲାର ଐତିହ୍ୟ କଳା ସଂସ୍କୃତି ଓ ପରମ୍ପରାର ସଙ୍ଗମ କଳାହାଣ୍ଡି ଉତ୍ସବ ଘୁମୁରା ବୋଲି କହି ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କେସିଙ୍ଗା ବ୍ଲକ ପ୍ରଶାସନ ପକ୍ଷରୁ ବିଡ଼ିଓଙ୍କ ନେତୃତ୍ୱରେ ସମସ୍ତ ଆନୁସାଙ୍ଗିକ ବ୍ୟବସ୍ଥା ସହିତ ୩ଟି ଷ୍ଟଲ କରାଯାଇ ମେଡିକାଲ ବିଭାଗ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବିଭାଗ ଓ କୃଷି ବିଭାଗ ବିଷୟରେ ଯାବତୀୟ ସୂଚନା ଉପସ୍ଥିତ ଜନସାଧାରଣଙ୍କୁ ଦିଆଯାଉଥିଲା । ଏହି ଉପଲକ୍ଷେ ବ୍ଲକ ପକ୍ଷରୁ ଚାରିଟି ଷ୍ଟଲ୍ ଯଥା ଚିକିତ୍ସାଳୟ, ଗ୍ରାମୀଣ ଗୃହ, ସ୍ୱଚ୍ଛ ଭାରତ ମିଶନ ଆଦି ଷ୍ଟଲ୍ ଖୋଲା ଯାଇଥିଲା। ପରିଶେଷରେ ଘୁମୁରା, ସମ୍ବଲପୁରୀ, ନାଚ, ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେସିଙ୍ଗା ବିଡ଼ିଓଙ୍କ ଦ୍ୱାରା ଅତିଥି ପରିଚୟ ଓ ଧନ୍ୟବାଦ୍ ଅର୍ପଣ କାର୍ଯ୍ୟ ସମାପନ ହୋଇଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଜ୍ଞାନେନ୍ଦ୍ର ଭୋଇ । ଏଥିରେ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ମା' ଯୋଗମାୟା ପୀଠ ମନ୍ଦିର କମିଟି ପକ୍ଷରୁ ମୋତି ବଗର୍ତ୍ତି, ଆଶ୍ୱିନ ବିଶ୍ୱାଳ ଓ ଯଯାତି କେଶରୀ ଦେଓ, ଜିଲ୍ଲା ପ୍ରଶାସନ ଓ କେସିଙ୍ଗା ବ୍ଲକ ପ୍ରଶାସନକୁ ମା' ଯୋଗମାୟା ପୀଠ ପକ୍ଷରୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଗଞ୍ଜେଇ ଚୋରା ଚାଲାଣ, ମହିଳା ଗିରଫ

ଧର୍ମଗଡ଼ (ଭାସ୍କର ନ୍ୟୁଜ) : ଦୈନନ୍ଦିନ ଗଞ୍ଜେଇ ଚୋରା ଚାଲାଣ ଅଞ୍ଚଳରେ ବୃଦ୍ଧି ପାଉଛି। ଏଥିରେ ସ୍ଥାନୀୟ ଲୋକ ସମ୍ପୃକ୍ତି ଥିବା ବେଳେ ବାହାର ରାଜ୍ୟକୁ ଚୋରା ଚାଲାଣ ହେଉଥିବା ଅନେକ ସମୟରେ ଦେଖା ଯାଏ। ହେଲେ କିଛି ସ୍ଥାନରେ ପୋଲିସ ସମ୍ପୃକ୍ତି ଲୋକଙ୍କୁ ଠାବ କରି ଗିରଫ କରି କୋର୍ଟ ଚାଲାଣ କରିବାରେ ସକ୍ଷମ ହୋଇଥାଏ ତ, ଅନେକ ସ୍ଥାନରେ ବିଫଳ ହୋଇଥାଏ। ଜୁନାଗଡ ଅଞ୍ଚଳରେ ଗଞ୍ଜେଇ ଚୋରା ଚାଲାଣ ବେଳେ ଅବକାରୀ ବିଭାଗ ହାତରେ ଜଣେ ମହିଳା ଧରା ପଡିବା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଜୁନାଗଡ଼ ଥାନା ଅନ୍ତର୍ଗତ ତଳମଲା ଗ୍ରାମର ନିର୍ମଳା ଦାସ (୪୬)ଙ୍କୁ ମଙ୍ଗଳବାର ଦିନ ଅବକାରୀ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଅବକାରୀ ବିଭାଗ ତାଙ୍କ ପାଖରୁ ୬ଶହ ଗ୍ରାମ ଗଞ୍ଜେଇ ଜବତ କରିଥିବା ଅବକାରୀ ଥାନା ଅଧିକାରୀ ଲକ୍ଷ୍ମୀପ୍ରିୟା ମଲ୍ଲିକ ପ୍ରକାଶ କରିଛନ୍ତି।

## ଗୃହମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଶୋଭାଯାତ୍ରା



ଭବାନୀପାଟଣା, (ଭାସ୍କର ନ୍ୟୁଜ): ସମ୍ବିଧାନ ନିର୍ମାତା ବାବା ସାହେବ ଡକ୍ଟର ଆମ୍ବେଦକରଙ୍କ ପ୍ରତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ସଂସଦରେ ଦେଇଥିବା ଅପମାନ ଜନକ ମନ୍ତବ୍ୟକୁ ବିରୋଧ କରି ଭବାନୀପାଟଣା ଠାରେ ଭାରତୀୟ ଜାତୀୟ କଂଗ୍ରେସ କଳାହାଣ୍ଡି ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା। କଳାହାଣ୍ଡି ଜିଲ୍ଲା କଂଗ୍ରେସ କମିଟି ସଭାପତି ଭାରତ ଭୂଷଣ ବେମାଲଙ୍କ ନେତୃତ୍ୱରେ ଅୟୋଜିତ ଏହି ବିରାଟ ଶୋଭାଯାତ୍ରାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ ଓ ସଦର ବିଧାୟକ ସାଗର ଚରଣ ଦାସଙ୍କ ସହ କଂଗ୍ରେସ ଦଳର ବହୁ ନେତା ସାମିଲ ହୋଇଥିଲେ। ସ୍ଥାନୀୟ ଭବାନୀପାଟଣା ରେଳ ଷ୍ଟେସନ ନିକଟସ୍ଥ ବାବା ସାହେବ ଡକ୍ଟର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଠାରେ ପୁଷ୍ପଗୁଚ୍ଛ ପ୍ରଦାନ କରି ସେଠାରୁ ଏହି ଶୋଭାଯାତ୍ରା ସହର ପରିକ୍ରମା କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲାପାଳଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ। ଏହି ଦାବୀ ପତ୍ରରେ ଉଲ୍ଲେଖ ଅଛି ଯେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ବାବା ସାହେବଙ୍କୁ ଅପମାନିତ କରିଥିବାରୁ ସେ କ୍ଷମା ପ୍ରାର୍ଥନା କରନ୍ତୁ ନଚେତ୍ ମନ୍ତ୍ରୀ ପଦରୁ ଇସ୍ତଫା ଦିଅନ୍ତୁ। ଯଦି ମନ୍ତ୍ରୀ ଇସ୍ତଫା ନ ଦିଅନ୍ତି ତା'ହେଲେ କଂଗ୍ରେସ ଦଳ ପକ୍ଷରୁ ଏକ ବିରାଟ ଜନଆନ୍ଦୋଳନ କରାଯିବ। ଏହି କାର୍ଯ୍ୟକ୍ରମରେ ଜିଲା ଉପ ସଭାପତି ଉଛବ ସାହୁ, ଇନ୍ଦ୍ରଜିତ୍ ମହାକୁଡ, ଦ୍ରୌପଦୀ ମାଝୀ, ସୁବାଶ ଚନ୍ଦ୍ର ପ୍ରଧାନ, ଜଳନ୍ଧର ନାୟକ, ପ୍ରେମଲାଲ ସାଗର, ରାମ ଜୈନ, ସରୋଜ ବାଗ, ରାହସ ସାହୁ, ସଚିନ ନାୟକ, ସୁଶାନ୍ତ ପ୍ରଧାନୀ, ସୁକାନ୍ତି ସରାଫ, ମାଣିକ୍ୟ ସୁନା, ରୋଜି ନାୟକ, ସନ୍ତୋଷ ପ୍ରଧାନ, ସିଦ୍ଧାର୍ଥ ନାୟକଙ୍କ ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ସହସ୍ରାଧିକ କଂଗ୍ରେସ ପ୍ରେମୀ ଯୋଗ ଦେଇଥିଲେ।

## ପଲିଥିନ ଭିତରେ ହଜାର ହଜାର କ୍ୟୁଣ୍ଟାଲ ଧାନର ଭବିଷ୍ୟତ



ଧର୍ମଗଡ଼ (ଭାସ୍କର ନ୍ୟୁଜ) : ଚାଷୀ ସମସ୍ୟା ଥମିବାର ନା ନେଉନି। ମଣିଷ କୃତ ଠାରୁ ଏବେ ବଳି ଯାଇଛି ପ୍ରାକୃତିକ ଦୁର୍ଭିପାକ। ମଙ୍ଗଳବାର ଦିନ ଠାରୁ କଳାହାଣ୍ଡି ଜିଲ୍ଲାରେ ଝିପି ଝିପି ବର୍ଷା ଲାଗି ରହିଛି। ବିଳମ୍ବିତ ରାତି ଠାରୁ ବର୍ଷା ପରିମାଣ ବଢିଛି। ତୁହା କୁ ତୁହା ବର୍ଷା ଲଗାତର ଭାବେ ଲାଗି ରହିଛି। ଏପଟେ ଚାଷୀ ନିଜ ଧାନ କ୍ରୟ ପାଇଁ ମଣ୍ଡିରେ ପକାଇଛି। ଧର୍ମଗଡ଼ ଉପଖଣ୍ଡ ବିଭିନ୍ନ ମଣ୍ଡି ଖୋଲା ଆକାଶ ତଳେ ରହିଛି। ନା ଅଛି ଭିତ୍ତିଭୂମି ବ୍ୟବସ୍ଥା ନା ପ୍ରଶାସନ ପକ୍ଷରୁ କରାଯାଇଛି ସୁରକ୍ଷା ବ୍ୟବସ୍ଥା। ଏଭଳି ଖୋଲା ଆକାଶ ତଳେ ଚାଷୀ ଧାନ ପକେଇ ଭାଗ୍ୟକୁ ଆଦରି ଚିନ୍ତାରେ ପଡି ରହିଛି। ତମାମ ରାତି ସାରା ନିଜ ଧାନ ସୁରକ୍ଷାରେ ଲାଗି ରହିଛି। କେଉଁଠି ଧାନ ମଣ୍ଡିରେ ଆଣ୍ଠୁଏ ପାଣି ତ କେଉଁଠି ଧାନ ଉପରେ ପାଣି ଜମି ରହିଛି। ଏଭଳି ଦୃଶ୍ୟ ସାରା ଜିଲ୍ଲା ମଣ୍ଡିରେ ଦେଖା ଯାଉଥିବା ବେଳେ ଧର୍ମଗଡ଼ ବ୍ଲକ ଅଧିକାଂଶ ମଣ୍ଡି ଏବେ ବେହାଲ ହୋଇ ପଡିଛି। ବେହେରା, ଛନ୍‌ଟାଣ ବାହେଲି, ପର୍ଲା, ଘୁମର, ଗଡ଼ିଆଯୋର, ବୋଡ଼େନ ତରାପୁର, ମିର୍ଜାପୁର, କାଂକେରି, ନନ୍ଦଗା, ଖଇରପଦର, ଧର୍ମଗଡ଼ ଆଦି ଧାନ ମଣ୍ଡିରେ ଚାଷୀଙ୍କ ହଜାର ହଜାର କୁଇଣ୍ଟାଲ ଧାନ ଭିଜି ଯାଇଥିବା ଆଶଙ୍କା କରାଯାଉଛି। ଏଥିପାଇଁ ଆରଏମ୍‌ସି ତଥା ଫ୍ୟାକ୍ ଦାୟୀ ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି। ଧାନ ସୁରକ୍ଷା ଦୃଷ୍ଟିକୋଣରୁ ଆଗତୁରା ଆର୍‌ଏମ୍‌ସି ପଲିଥିନ ବ୍ୟବସ୍ଥା କରିବା ଦାୟିତ୍ୱ ଥିଲେ ହିଁ ଏଥିପ୍ରତି ଅବହେଳା କରାଯାଇଛି। ପାଣି ପାଗ ବିଭାଗ ପକ୍ଷରୁ ପୂର୍ବରୁ ବର୍ଷା ହେବା ସୂଚନା ଦେଇଥିଲେ ହିଁ ଧାନ ମଣ୍ଡି ସୁରକ୍ଷା ନେଇ ପ୍ରଶାସନ କୌଣସି ସୁରକ୍ଷା ବ୍ୟବସ୍ଥା କରି ନାହିଁ। ଚାଷୀଙ୍କ ଠାରୁ କୋଟି କୋଟି ଟଙ୍କା ଟିକସ ପାଉଥିଲେ ବି ଭିତ୍ତିଭୂମି ସୁଧାରିବାକୁ ବିଭାଗ କୌଣସି ଉଦ୍ୟମ ନ କରିବା ବଡ଼ ବିଡ଼ମ୍ବନା ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ସହଜେ ମଣ୍ଡି ମାନଙ୍କରେ ଏଫ୍‌ଏକ୍ୟୁ ଆଳରେ ଚାଷୀଙ୍କୁ ଶୋଷଣ କରାଯାଉଥିବା ବେଳେ ଏବେ ପୁଣି ବର୍ଷା ଭିଜା ଧାନ କ୍ରୟକୁ ନେଇ ଚିନ୍ତାରେ ଚାଷୀ। ୫-୭ କେଜି ସାଧାରଣ ଭାବେ କଟଣୀ ଛଟଣୀରେ ସବୁ ମଣ୍ଡିରୁ ଧାନ ଉଠୁଛି। ବର୍ଷା ଭିଜା ଧାନର ଭବିଷ୍ୟତ ଅନିଶ୍ଚିତ ଭିତରେ ଥିବା ଚାଷୀ ଅଧିକରୁ ଅଧିକ ଶୋଷଣର ଶିକାର ସାଜିବ ଏଥିରେ ଦ୍ୱିମତ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଏବେଠୁ ଚର୍ଚ୍ଚା ହେଲାଣି। ଯଦି ଏଭଳି ପାଗ ଜାରି ରହିଥାଏ ତାହେଲେ ଧାନ ମଧ୍ୟ ନଷ୍ଟ ହେବା ଆଶଙ୍କା ଥିବା ବିଷୟ ଏଡାଇ ଦିଆଯାଇ ନ ପାରେ।

## ଖୋଲା ଆକାଶ ତଳେ ଶିଶୁଙ୍କ ଭବିଷ୍ୟତ



କୋକସରା, (ଭାସ୍କର ନ୍ୟୁଜ୍) : ସରକାରଙ୍କ ଅନୁଦାନରୁ ଲକ୍ଷ ଲକ୍ଷ ଟଙ୍କା ମିଳୁଥିଲେ ବି ଗ୍ରାମାଞ୍ଚଳରେ ଅବଧି ପୂର୍ବରୁ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ଶେଷ ହୋଇପାରୁନି। ଯାହା ଫଳରେ କେଉଁଠି ଗଛ ମୂଳେ, ଖୋଲା ଆକାଶ ତଳେ ଚାଲିଛି ତ' ଆଉ କେଉଁଠି କର୍ମୀଙ୍କ ସହାୟିକା ଘରେ ଚାଲୁଛି ଅଙ୍ଗନବାଡ଼ି କେନ୍ଦ୍ର। ଫଳରେ ଆରମ୍ଭରୁ ହିଁ ଅନ୍ଧକାର ଭିତରେ ଠେଲି ହୋଇଯାଉଛି ଶିଶୁଙ୍କ ଭବିଷ୍ୟତ। କୋକସରା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିନରେ ଥିବା ଚୋର୍ନିଦୁଆର ଅଙ୍ଗନବାଡ଼ି କେନ୍ଦ୍ରରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଦିର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ ହୋଇପାରୁ ନଥିବାରୁ କର୍ମୀଙ୍କ ସହାୟିକା ଘର ବାରଣ୍ଡାରେ ଖୋଲା ଆକାଶ ତଳେ କେନ୍ଦ୍ର ଚାଲୁଛି। ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ମୋଟ ୩୯ ଜଣ ପ୍ରାକ୍ ବିଦ୍ୟାଳୟର ଶିଶୁ ରହିଛନ୍ତି, ଏବଂ ୫ ଜଣ ପ୍ରସୂତୀ ମହିଳା, ୫ଜଣ ଗର୍ଭବତୀ ଓ ୬ ମାସରୁ ୩ ବର୍ଷର ଶିଶୁ ୩୩ ଜଣ ରହିଛନ୍ତି। ଏହି କେନ୍ଦ୍ର ଉପରେ କନକପୁର ଓ ଚୋର୍ନିଦୁଆର ଗ୍ରାମର ଲୋକେ ନିର୍ଭର କରନ୍ତି। ତେବେ ଦିର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ମନରେଗା ଯୋଜନାରେ ୫ଲକ୍ଷ ଟଙ୍କା ଓ ବିଭିନ୍ନ ଅନୁଦାନରୁ ପ୍ରାୟ ୨ ଲକ୍ଷ ଟଙ୍କାରେ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ଆରମ୍ଭ ହୋଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ ହୋଇ ନପାରି ଅଧାପନ୍ତରିଆ ଭାବେ ପଡ଼ିରହିଛି। ଯାହା ଫଳରେ ଅନେକ ଦିନଧରି ଗଛମୂଳ, ଖୋଲା ଆକାଶ ତଳେ କେନ୍ଦ୍ର ଚାଲି ଆସୁଥିଲା। ତେଣୁ ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ଏବେ ଅଙ୍ଗନବାଡ଼ି କର୍ମୀଙ୍କ ସହାୟିକା ଘରେ କେନ୍ଦ୍ର ଚାଲୁଛି। ସହାୟିକାଙ୍କ ଘରେ ମଧ୍ୟ ଉପଯୁକ୍ତ ସ୍ଥାନ ହେଉନାହିଁ। ଫଳରେ ଖାଦ୍ୟ ବଣ୍ଟନ ସମୟରେ ହେଉ କିମ୍ବା ଭିଏଚ୍‌ଏନ୍‌ଡି ସମୟରେ ହେଉ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କାର୍ଯ୍ୟ ନିମନ୍ତେ ଅନେକ ସମୟରେ ଅନୁଦାନ ଆସିବା ସତ୍ତ୍ୱେ ବର୍ଷ ବର୍ଷ ଧରି ସମ୍ପୂର୍ଣ ହୋଇପାରୁ ନାହିଁ। ଯାହାକୁ ନେଇ ବାରମ୍ବାର ଗ୍ରାମବାସୀମାନେ ସିଡ଼ିପିଓଙ୍କ ଠାରୁ ଆରମ୍ଭ କରି ବିଡ଼ିଓ ଏମିତି ଜିଲ୍ଲାପାଳ ଓ ବିଧାୟକଙ୍କୁ ଜଣାଇ ଆସିଥିଲେ ମଧ୍ୟ କାହାରି ଦୃଷ୍ଟି ପଡି ନଥିବା ସେମାନେ ଅଭିଯୋଗ କରିଛନ୍ତି। ଆଗକୁ ଯଦି ଶୀଘ୍ର କେନ୍ଦ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ ନ ହୁଏ ତେବେ ଆନ୍ଦୋଳନ କରିବାକୁ ଚୋର୍ନିଦୁଆର ଗ୍ରାମର ଗ୍ରାମବାସୀ ମାନେ ଚେତାବନୀ ଦେଇଛନ୍ତି। ଏନେଇ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିମାଞ୍ଚଳ ମାଝୀ ଏବଂ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ମତାମତ ନେବାରୁ ପଞ୍ଚାୟତରୁ ବର୍ତ୍ତମାନ ଅତିରିକ୍ତ ଏକ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇ ସାରିଛି, ଖୁବଶୀଘ୍ର ଅଙ୍ଗନବାଡ଼ି କେନ୍ଦ୍ର ସମ୍ପୂର୍ଣ କରାଯିବା ଦିଗରେ ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।

## ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍ ଓଡିଶା

କେସିଙ୍ଗା (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ବଗାଡ ଫୁଟବଲ୍ ଆସୋସିଏସନ୍ ପକ୍ଷରୁ ୯ତମ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ବଗାଡ ଫୁଟ୍‌ବଲ ଖେଳ ପଡ଼ିଆରେ ଉଦ୍‌ଘାଟିତ ଏହି ପ୍ରତିଯୋଗିତାରେ ସର୍ବମୋଟ ୮ଟି ଦଳ ଭାଗ ନେଇଥିବା ବେଳେ ପ୍ରତିଯୋଗିତାର ଫାଇନାଲ ଖେଳ ୩୧ ତାରିଖ ଦିନ ଅନୁଷ୍ଠିତ ହେବ। ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ କେସିଙ୍ଗା ନଗରପାଳ ନୃପ ରାଜ ଯାଦବ। ପ୍ରଥମ ମ୍ୟାଚ୍‌ରେ ଉତ୍କଳକୁ ୪ ଗୋଲରେ ହରାଇ ସୀରୋଲ ଦଳ ବିଜୟୀ ହୋଇଥିଲା।




## ରାଶିଫଳ


**ଗୁରୁବାର, ୨୬ ଡିସେମ୍ବର ୨୦୨୪**



**ମେଷ:** ଆଜିର ଦିନଟି ଶୁଭ ହେବ। ପ୍ରିୟଜନ, ଆତ୍ମନିର୍ଭରଶୀଳତା ଏବଂ ସାଙ୍ଗମାନଙ୍କ ସହିତ ସାମାଜିକ କାର୍ଯ୍ୟ କରିବାରେ ପୁରା ଦିନ ଅତିବାହିତ ହେବ। ବନ୍ଧୁମାନେ ଉପକୃତ ହେବେ ଏବଂ ସେମାନଙ୍କ ପାଇଁ ଟଙ୍କା ମଧ୍ୟ ଖର୍ଚ୍ଚ କରିବାକୁ ପଡିବ।




**ବୃଷ:** ନୂତନ କାର୍ଯ୍ୟଗୁଡ଼ିକର ଆୟୋଜନ କରିବେ। ଅମଲାତନ୍ତ୍ର ଏବଂ ବ୍ୟବସାୟୀଙ୍କ ପାଇଁ ଆଜି ଏକ ଭଲ ଦିନ। ଉଚ୍ଚ ପଦାଧିକାରୀଙ୍କ ଉଚ୍ଚ ପ୍ରୋଫାଇଲ୍ ରହିବ। ପୁରୁଣା ଅସମ୍ପୂର୍ଣ୍ଣ କାର୍ଯ୍ୟ ସମାପ୍ତ ହେବ। ପଦୋନ୍ନତି ଅର୍ଥନୈତିକ ଲାଭ ଆଣିପାରେ।




**ମିଥୁନ:** ଆଜି ଆପଣଙ୍କ ପାଇଁ ମାନସିକ ଦ୍ୱନ୍ଦ୍ୱ ଏବଂ ଜଟିଳତାର ଦିନ। ସମସ୍ତଙ୍କ ଶରୀର, ମନ ଏବଂ ଧନରେ ବାଧା ଆସିବ। ପ୍ରତିଯୋଗୀମାନଙ୍କ ସହିତ କୌଣସି ପ୍ରକାର ଆଲୋଚନାରୁ ଦୂରେଇ ରୁହନ୍ତୁ।




**କର୍କଟ:** ଆଜି, ଆପଣଙ୍କର ଦିନ ପ୍ରତିକୂଳ ପରିସ୍ଥିତିରେ ପରିପୂର୍ଣ୍ଣ। ପରାମର୍ଶ ଦିଆଯାଇଛି ଯେ ଆପଣ କୌଣସି ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ ଏବଂ ଆଜି ଚିକିତ୍ସା ଏବଂ ଅସ୍ତ୍ରୋପଚାରରୁ ମଧ୍ୟ ଦୂରେଇ ରୁହନ୍ତୁ। କ୍ରୋଧରୁ ଦୂରରେ ରୁହନ୍ତୁ। ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେବ।



**ସିଂହ:** ଆଜି ଆପଣଙ୍କ ଦିନ ମଧ୍ୟମ ଫଳପ୍ରଦ। ଘରୋଇ ବ୍ୟବସାୟରେ ସାବଧାନ ରୁହନ୍ତୁ। ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ। ବରିଷ୍ଠ ଏବଂ ପ୍ରିୟଜନଙ୍କ ପାରସ୍ପରିକ କ୍ରିୟା ବୃଦ୍ଧି ପାଇବ। ଏକ ସୁନ୍ଦର ସ୍ଥାନକୁ ଯାତ୍ରା କରିପାରନ୍ତି।



**କନ୍ୟା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ। ଘରେ ସୁଖ ଏବଂ ଶାନ୍ତିର ପରିବେଶ ରହିବ ଏବଂ ମନ ମଧ୍ୟ ଖୁସି ହେବ। ଏକ ସୁଖଦ ବ୍ୟାପାର ହେବ। ରୋଗରେ ପୀଡିତଙ୍କ ଅବସ୍ଥା ସୁଧୁରିବା ସହିତ ସନ୍ତୁଷ୍ଟ ହେବାର ଭାବନା ରହିବ।



**ତୁଳା:** ଆଜି ଆପଣ ଦିନଟି ଖୁସିରେ ବିତିବ। ବୌଦ୍ଧିକ ଧାରା ଏବଂ ଆଲୋଚନା ପାଇଁ ଦିନଟି ଭଲ। ଆଜି, ଆପଣ କଳ୍ପନାର ସର୍ବୋତ୍ତମ ଉପଯୋଗ କରିବେ। ପିଲାମାନଙ୍କଠାରୁ ଭଲ ଖବର ପାଇ ହୃଦୟ ଖୁସି ହେବ।



**ବିଛା:** ଆଜି ଏକ ଶାନ୍ତିପୂର୍ଣ୍ଣ ଦିନ ହେବ। ମନ ଚିନ୍ତିତ ରହିବ ଏବଂ ବ୍ୟକ୍ତିଗତ ସମ୍ପର୍କ ମଧ୍ୟରେ ପାର୍ଥକ୍ୟ ଅଛି, ତଥାପି କୌଣସି କ୍ଷତି ହେବ ନାହିଁ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ, ଟଙ୍କା କ୍ଷତି ହୋଇପାରେ।



**ଧନୁ:** ଯଦି ଆପଣ ଆଜି ନୂତନ କାର୍ଯ୍ୟ ଆରମ୍ଭ କରନ୍ତି, ତେବେ ଆପଣ ନିଶ୍ଚିତ ଭାବରେ ସଫଳତା ପାଇବେ। ଏହା ସାଙ୍ଗ ଏବଂ ପ୍ରିୟଜନଙ୍କ ମିଶ୍ରଣରେ ହେବ। ଶୁଭଫଳ ମିଳିବ ଏବଂ ସାମାଜିକ ସମ୍ମାନ ମଧ୍ୟ ଉପଲବ୍ଧ ହେବ।




**ମକର:-** ଆଜି ଆପଣଙ୍କର କଣ୍ଟିଜେନ୍ସି ଟଙ୍କା ମିଳିପାରେ। ପରିବାର ସଦସ୍ୟଙ୍କ ସହ ବିବାଦ ହେବାର ସମ୍ଭାବନା ଅଛି ଯାହା ଘରକୁ ବିଶୃଙ୍ଖଳିତ କରିପାରେ। ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ। ନକାରାତ୍ମକ ଚିନ୍ତାଧାରାକୁ ରୋକନ୍ତୁ। ଦୁଃସାହସିକ ଧାରା ପାଇଁ ଦିନଟି ଉପଯୁକ୍ତ ଅଟେ।



**କୁମ୍ଭ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଉତ୍ସାହିତ ହେବେ। ଦିନଟି ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ଅଟେ। ଆଧାତ୍ମିକତା ଏବଂ ଚିନ୍ତାଧାରା ଭଲ ରହିବ। ସାଙ୍ଗ ଏବଂ ସମ୍ପର୍କୀୟଙ୍କଠାରୁ ଉପହାର ପାଇବାର ସମ୍ଭାବନା ଅଛି।



**ମୀନ:** ଆଜି ଆପଣଙ୍କର ଏକାଗ୍ରତା ଅଭାବ ହେବ। ଧାର୍ମିକ କାର୍ଯ୍ୟରେ ଟଙ୍କା ଖର୍ଚ୍ଚ ହେବ। ପୁଞ୍ଜି ବିନିଯୋଗ ନିର୍ଦ୍ଦିଷ୍ଟ ଧ୍ୟାନ ଆବଶ୍ୟକ କରେ। ସମ୍ପର୍କୀୟଙ୍କଠାରୁ ଦୂରରେ ରୁହନ୍ତୁ କାରଣ ସେମାନେ ଅଲଗା ହୋଇପାରନ୍ତି। କୋର୍ଟ କାର୍ଯ୍ୟରେ ସତର୍କତା ଅବଲମ୍ବନ କରନ୍ତୁ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯